# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୪/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, July 4/2024 | Page 16 | ₹ 7.00

୫୦ଶ ଭାଗ ୨୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 220 | ମୂଲ୍ୟ ₹୭/-





**ହାର୍ଦ୍ଦିକ୍ ନମ୍ବର ୱାନ**
ପ୍ରଥମ ଭାରତୀୟଭାବେ ଟି୨୦ ଅଲରାଉଣ୍ଡର ର୍‍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ ସ୍ଥାନ ହାସଲ କରିଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା। ୧୪

୦୭ **ଅଜୟଙ୍କ ପିଲାଦିନ ରହସ୍ୟ ଖୋଲିଲେ ତବୁ**
ଅଭିନେତା ଅଜୟ ଦେବଗନ ପିଲାଦିନେ ଜଣେ ଫିଲ୍ମ ନିର୍ଦ୍ଦେଶକ ହେବାକୁ ଚାହୁଁଥିଲେ ବୋଲି ଏକ ସାକ୍ଷାତ୍କାରରେ ଅଭିନେତ୍ରୀ ତବୁ କହିଛନ୍ତି।




## ଚମ୍ପେଇଙ୍କ ଇସ୍ତଫା, ହେମନ୍ତ ହେବେ ମୁଖ୍ୟମନ୍ତ୍ରୀ

**ରାଞ୍ଚି,୩।୭**

ସଦ୍ୟ ଜେଲରୁ ଫେରିଥିବା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ନେତା ହେମନ୍ତ ସୋରେନ୍ ପୁଣି ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହାର ୫ ମାସ ପୂର୍ବରୁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ଚମ୍ପେଇ ସୋରେନ୍ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଚମ୍ପେଇ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ହେମନ୍ତ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇଥିଲେ। ରାଜ୍ୟପାଳ ସରକାର ଗଢ଼ିବାକୁ ଆମନ୍ତ୍ରଣ କରିବା ସହ ହେମନ୍ତଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ରୂପେ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତ ଜାନୁଆରୀ ୩୧ରେ ଏକ ଜମି ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଝାଡ଼ଖଣ୍ଡର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଜେରା ପରେ ଗିରଫ କରିଥିଲା। ଗିରଫ ହେବାର କିଛି ଘଣ୍ଟା ପୂର୍ବରୁ ହେମନ୍ତ ରାଜ୍ୟପାଳଙ୍କୁ ☞ପୃଷ୍ଠା-୪

## ରତ୍ନଭଣ୍ଡାର ଖୋଲାଯିବାର ଆବଶ୍ୟକତା ରହିଛି: ଗଜପତି ମହାରାଜା

**ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)**

ଆସନ୍ତା ରଥଯାତ୍ରା ସମୟରେ ଅର୍ଥାତ୍ ଜୁଲାଇ ୮ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ରତ୍ନଭଣ୍ଡାର ତଦାରଖ କମିଟିର ଅଧକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ୪ ତାରିଖରେ ପୁରୀ ଆସୁଥିବା ଓ ୫ ତାରିଖରେ ତାଙ୍କ ଅଧକ୍ଷତାରେ କମିଟିର ବୈଠକ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ୮ରୁ ୨୭ତାରିଖ ପର୍ଯ୍ୟନ୍ତ ଅର୍ଥାତ ୨୦ ଦିନ ଧରି ରତ୍ନଭଣ୍ଡାର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ଫ୍ରାନ୍ସ ନିର୍ବାଚନ ଓ ମାକ୍ରଁ





ବସ୍‌ରେ ଲାଗିଥିବା ନିଆଁକୁ ଲିଭାଯାଉଛି।

# ଚଳନ୍ତା ବସ୍‌ରେ ନିଆଁ

**କଟକ,୩।୭ (କାର୍ତ୍ତିକ ସାହୁ)**

କଟକ ଖାନ୍‌ନଗର ମଲାଚଣ୍ଡିଆ ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ ଡିକିରେ ନିଆଁ ଲାଗିଯାଇଥିଲା। ଏହା ଜାଣିବା ପରେ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ସୌଭାଗ୍ୟବଶତଃ ବସ୍ କର୍ମଚାରୀଙ୍କ ସମୟୋପଯୋଗୀ ତଥା ଉପସ୍ଥିତ ବୁଦ୍ଧି ଓ ଅଗ୍ନିଶମ କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଏକ ବଡ଼ ଧରଣର ଅଘଟଣକୁ ରୋକାଯାଇପାରିଛି। ଯଦ୍ୱାରା ବସ୍‌ରେ ଥିବା ୨୨ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ସୂଚନା ଅନୁସାରେ, କଟକ ନେତାଜୀ ବସ୍ ଟର୍ମିନାଲରୁ ଜଗନ୍ନାଥ ନାମକ ଯାତ୍ରୀବାହୀ ବସ୍ (ଓଡି୦୫ଡି-୯୯୨୧) ପାଲଲହଡ଼ା ଅଭିମୁଖେ ବାହାରିଥିଲା। ଅପରାହ୍ନ ପ୍ରାୟ ସାଢେ ୨ଟାରେ ମଲାଚଣ୍ଡିଆ ଛକ ପାଖାପାଖି ହୋଇଥିଲାବେଳେ ହଠାତ୍ ବସ୍ ପଛପାର୍ଶ୍ୱ ଡିକିରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ରାସ୍ତାରେ ଯାଉଥିବା ଲୋକେ ଏନେଇ ବସ୍ ଚାଳକଙ୍କୁ ଜଣାଇଥିଲେ। ତୁରନ୍ତ ଚାଳକ ବସ୍ ଅଟକାଇ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦେଇଥିଲେ। ଚାଳକ ଓ ହେଲ୍‌ପର ବସ୍ ଡିକିରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖିଥିଲେ। ସେମାନେ ସଙ୍ଗେସଙ୍ଗେ ଡିକି ଖୋଲି ଭିତରୁ ଲଗେଜ ଓ ଅନ୍ୟାନ୍ୟ ଜିନିଷପତ୍ର ବାହାରକୁ ବାହାର କରିଦେଇଥିଲେ। କେତେଜଣ ଲୋକ ନିକଟରୁ ବାଲ୍‌ଟିରେ ପାଣି ଆଣି ଡିକି ଭିତରକୁ ଫିଙ୍ଗିଥିଲେ। ମାତ୍ର ନିଆଁ ଲିଭିବା ପରିବର୍ତ୍ତେ ଜୋର୍‌ରେ ଜଳି ଉଠିଥିଲା। ଖବରପାଇ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବୈଦ୍ୟୁତିକ ତ୍ରୁଟି କାରଣରୁ ନିଆଁ ଲାଗିଥିବା ଜାଣି ଅଗ୍ନିଶମ କର୍ମଚାରୀମାନେ ଏକପ୍ରକାର ସ୍ପ୍ରେ ବ୍ୟବହାର କରିଥିଲେ। କିଛି ସମୟ ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା। ତେବେ ଭଲ ଭାବେ ଯାଞ୍ଚ କରାଯିବା ପରେ ବସ୍ ଷ୍ଟାର୍ଟ ହୋଇଥିଲା। ପାଖାପାଖି ୨୦ ମିନିଟ୍ ଧରି ବସ୍‌କୁ ଷ୍ଟାର୍ଟ ଅବସ୍ଥାରେ ରଖାଗଲା। ମଝିରେ ମଝିରେ ବନ୍ଦ କରି ପୁଣିଥରେ ଷ୍ଟାର୍ଟ କରାଯାଇଥିଲା। ☞ପୃଷ୍ଠା-୪

# ଲକ୍ଷେ ଟଙ୍କାରେ ଶିଶୁ ବିକ୍ରି

## ନବଜାତକଙ୍କୁ ପାରାଦୀପରୁ ଆନ୍ଧ୍ର ନେଇଗଲେ

**ପାରାଦୀପ,୩।୭(ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପରେ ୩ ଦିନର ନବଜାତ ଶିଶୁପୁତ୍ରକୁ ୧ ଲକ୍ଷ ଟଙ୍କାରେ ଜଣେ ଅସହାୟ ମହିଳା ବିକ୍ରିକରି ଦେଇଛନ୍ତି। ଏନେଇ ପୋଲିସ ବୁଧବାର ତଦନ୍ତ କରିଛି। ଏହି ଘଟଣା ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଘଟିଛି। ଜୁନ ୨୯ (ଶନିବାର) ରାତିରେ ବିଜୁ ମେମୋରିଆଲ ହସ୍ପିଟାଲରେ ନବଜାତ ଶିଶୁପୁତ୍ର ଜନ୍ମ ହୋଇଥିଲା। ପରେ ମା' ଓ ନବଜାତକ ପୁତ୍ର ନୂଆବଜାର ନୋଳିଆସାହି ବସ୍ତିରେ ଜଣେ ବ୍ୟକ୍ତିଙ୍କ ଘରେ ଆସି ରହିଥିଲେ। ସେଠାରେ ମହିଳା ଜଣକ ୬ ମାସ ହେଲା ରହିଆସୁଥିବାବେଳେ ତାଙ୍କର ସମସ୍ତ ଖର୍ଚ୍ଚ ଆଶ୍ରୟ ଦେଇଥିବା ବ୍ୟକ୍ତି ଜଣକ ବହନ କରିଆସୁଥିଲେ। ଉକ୍ତ ବ୍ୟକ୍ତି ଜଣକ ଘରେ ନ ଥିବାବେଳେ ଶିଶୁପତ୍ରକୁ ତାଙ୍କ ମା' ସୋମବାର ଅନ୍ୟଜଣଙ୍କୁ ବିକ୍ରି କରିଦେଇଥିବା ଜଣାପଡ଼ିଛି। ତେବେ ଆଶ୍ରୟ ଦେଇଥିବା ବ୍ୟକ୍ତି ଜଣକ ଘରକୁ ଫେରିବା ପରେ ଶିଶୁବିକ୍ରି ଘଟଣା ପ୍ରଘଟ ହୋଇଛି। ନବଜାତକ ଏବେ ଆନ୍ଧ୍ରପ୍ରଦେଶରେ ଥିବା କୁହାଯାଉଥିବାବେଳେ ପୋଲିସ ଏନେଇ ନୀରବ ରହିଛି।

ନୂଆବଜାର ଆଶାକର୍ମୀ ପୁଷ୍ପଲତା ହାଜିରା ଓ ଷଣ୍ଢକୁଦ ବସ୍ତିର ଆଶାକର୍ମୀ ମିନତି ବେହେରା କହିଛନ୍ତି, ଜଣେ ୨୪ ବର୍ଷୀୟ ସ୍ୱାମୀ ପରିତ୍ୟକ୍ତା ଅନୁସୂଚିତ ଜନଜାତି ବର୍ଗର ମହିଳା ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ରହୁଥିଲେ। ଦିନ ମଜୁରିଆ ଭାବେ କାମ କରିବା ଏବଂ ସନ୍ଧ୍ୟା ହେଲେ ନିଶାଗ୍ରସ୍ତ ରହିବା ମଧ୍ୟରେ କିଛି ଭୁଲ୍ କରିଥିଲେ। ଏହାଦ୍ୱାରା ସେ ଗର୍ଭବତୀ ହୋଇଥିଲେ। ଗର୍ଭ ନଷ୍ଟ କରିବା ପାଇଁ କର୍ମକ୍ଷେତ୍ରରେ ଥିବା ଜଣେ ନୋଳିଆ ସମ୍ପ୍ରଦାୟର ଲୋକଙ୍କ ସହିତ ପରାମର୍ଶ କରିଥିଲେ। କିନ୍ତୁ ନୋଳିଆ ବ୍ୟକ୍ତି ଜଣକ ଗର୍ଭ ନଷ୍ଟ କରନି, ଯେଉଁ ପିଲା ହେବ ମୋତେ ଦେଇଦେବ ବୋଲି କହିଥିଲେ। ଏହି କଥାରେ ମହିଳା ଜଣକ ସମ୍ମତି ଜଣାଇବା ସହ ସେହି ଲୋକଙ୍କ ଘରେ ରହିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା, ଔଷଧ ଓ ଖାଦ୍ୟପେୟ ଖର୍ଚ୍ଚ ବ୍ୟକ୍ତି ଜଣକ ବହନ କରୁଥିଲେ। ଆଶାକର୍ମୀଙ୍କ ସରକାରୀ ରେକର୍ଡରେ ଉକ୍ତ ମହିଳାଙ୍କ ନାମ ପଞ୍ଜୀକରଣ କରାଯାଇଛି। ଗତ ସପ୍ତାହରେ ନୋଳିଆ ବ୍ୟକ୍ତି ଜଣକ ତାଙ୍କ ପାରିବାରିକ କାମରେ ଆନ୍ଧ୍ରପ୍ରଦେଶ ଯାଇଥିଲେ। ସେ ନ ଥିଲା ବେଳେ ମହିଳା ଜଣଙ୍କ ପ୍ରସବ ବେଦନା ପାଇବାରୁ ଗତ ଶନିବାର ଆଶାକର୍ମୀ ମିନତି ତାଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାଭାବିକ ଭାବେ ପୁତ୍ର ସନ୍ତାନ ଜନ୍ମ ☞ପୃଷ୍ଠା-୪

# ଆହୁରି ୨୦ ବର୍ଷ ଶାସନ କରିବୁ: ମୋଦି

## ବିଜେଡି ବାହାରିଲା, ୱାଇଏସ୍ଆର୍‌ସିପି ରହିଲା

**ନୂଆଦିଲ୍ଲୀ,୩।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ ୧୦ ବର୍ଷ ଶାସନ କରିସାରିଥିବାବେଳେ ଆହୁରି ୨୦ ବର୍ଷ ସରକାର ଚଳାଇବା ନେଇ ବୁଧବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ରାଜ୍ୟ ସଭାରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ବିବୃତି ରଖି ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ ଟାର୍ଗେଟ କରିଛନ୍ତି।

ଲୋକ ସଭାରେ କଂଗ୍ରେସ ସମେତ ବିରୋଧୀ ଇଣ୍ଡିଆ ମେଣ୍ଟକୁ ସମାଲୋଚନା କରିବାର ଦିନକ ପରେ ରାଜ୍ୟ ସଭାରେ କହିଛନ୍ତି, ସେ କଂଗ୍ରେସର କେତେଜଣ ସହଯୋଗୀଙ୍କୁ କୃତଜ୍ଞତା ଜଣାଉଛନ୍ତି। ଜଣେ ସହଯୋଗୀଙ୍କୁ ତାଙ୍କ ଦଳ କଂଗ୍ରେସ ସମର୍ଥନ କଲାନାହିଁ। ଏହାସତ୍ତ୍ୱେ ସେ ନିଜ ଦଳର ପତାକା ଧରିଥିଲେ। ସହଯୋଗୀ ଜଣକ ବାରମ୍ବାର କହୁଥିଲେ, ୧/୩ ସରକାର। ଏହାଠୁ ବଡ଼ ସତ୍ୟ କ'ଣ ହୋଇପାରେ? ଆମେ ୧୦ ବର୍ଷ ଶାସନ କରିସାରିଲୁଣି। ଆହୁରି ୨୦ ବର୍ଷ ବାକି ଅଛି। ଏକତୃତୀୟାଂଶ ଶାସନ ଶେଷ ହୋଇଥିବାବେଳେ ଆହୁରି ଦୁଇ-ତୃତୀୟାଂଶ ଶାସନ ଅବଧି ପୂରଣ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ରାଜ୍ୟ ସଭାରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗରେ ମତବ୍ୟକ୍ତ କରିଥିଲେ। ଏହି ସମୟରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ହସ୍ତକ୍ଷେପ କରିବାକୁ ବାରମ୍ବାର ଚାହିଁଥିଲେ ମଧ ତାଙ୍କୁ ସୁଯୋଗ ଦିଆଯାଇ ନ ଥିଲା। ଏହାର ପ୍ରତିବାଦରେ ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ କରିବା ସହ କକ୍ଷତ୍ୟାଗ କରିଥିଲେ। ରାଜ୍ୟ ସଭାର ୨୬୪ତମ ଅଧିବେଶନରେ ମୋଦି ୩.୦କୁ ବିଜୁ ଜନତା ଦଳ (ବିଜେଡି) ଅନ୍ୟ ବିରୋଧୀଙ୍କ ସହ ମିଶି ବିକ୍ଷୋଭରେ ସାମିଲ ହୋଇଥିବାବେଳେ ଶାସକ ପକ୍ଷକୁ ଆନ୍ଧ୍ରପ୍ରଦେଶର ୱାଇଏସ୍ଆର୍‌ସିପିର ସମର୍ଥନ ମିଳିଛି। ବିଜେଡି ଏବଂ ୱାଇଏସ୍ଆର୍‌ସିପି ପୂର୍ବରୁ କେନ୍ଦ୍ରର ଭାଜପା ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମର୍ଥନ ଦେଇଆସିଥିଲେ। ☞ପୃଷ୍ଠା-୪

## ଗଲେ ନାହିଁ, କହୁଛନ୍ତି ହିଂସା କମୁଛି

**ନୂଆଦିଲ୍ଲୀ,୩।୭**

ଜାତିଆଣ ହିଂସା ପ୍ରଭାବିତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରୁଟିଏ ବି ଗଲେ ନାହିଁ। ଓଲଟା ମଣିପୁରରେ ହିଂସା କମୁଥିବା କଥା କହୁଛନ୍ତି ବୋଲି ବୁଧବାର ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ରାଜ୍ୟ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ମଣିପୁରର ଅଧିକାଂଶ ଭାଗରେ ହିଂସା କମିଗଲାଣି। ଉପତ୍ୟକାରେ ସମ୍ପୂର୍ଣ୍ଣ ଭାବେ ଶାନ୍ତି ଫେରାଇ ଆଣିବା ପାଇଁ ସବୁ ପ୍ରକାର ଉଦ୍ୟମ ଚାଲିଛି। ସେହିପିର ମଣିପୁର ବନ୍ୟାର ମୁକାବିଲା ପାଇଁ କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍‌ଗୁଡ଼ିକୁ ପଠାଇଛି ବୋଲି ଗୃହକୁ ଅବଗତ କରାଇଥିଲେ। ଏହା ଉପରେ କଂଗ୍ରେସ ସଦସ୍ୟ ଜୟରାମ ରମେଶ କହିଥିଲେ, ଅନେକ ମାସର ହିଂସା ପରେ ରାଜ୍ୟ ସଭାରେ ମଣିପୁର ଉପରେ ପ୍ରଧାନମନ୍ତ୍ରୀ ମୁହଁ ଖୋଲିଛନ୍ତି। କିନ୍ତୁ ମଣିପୁର ସ୍ଥିତିକୁ ନେଇ ତାଙ୍କ ମିଛ ସମସ୍ତଙ୍କୁ ବିସ୍ମିତ କରିଛି। ପ୍ରକାଶ ଯେ, ଗତବର୍ଷ ମେ'ରେ ଆରମ୍ଭ ହୋଇଥିବା ଜାତିଆଣ ହିଂସାରେ ୨୦୦ରୁ ଊର୍ଦ୍ଧ୍ୱ ମଣିପୁରୀଙ୍କ ମୃତ୍ୟୁ ଘଟିଲାଣି। ଏଥିସହ ସଂଘର୍ଷ ଯୋଗୁ ଅନେକ ହଜାର ଲୋକ ବାସହରା ହୋଇଯାଇଛନ୍ତି। କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ କହିଛନ୍ତି, ଯୁଦ୍ଧ ଭଳି ସ୍ଥିତି ଲାଗି ରହିଥିବା ମଣିପୁରକୁ ପ୍ରଧାନମନ୍ତ୍ରୀ କେବେ ଥରୁଟିଏ ହେଲେ ଗଲେ ନାହିଁ। ଏପରି କି ମଣିପୁର ସମସ୍ୟାର ସମାଧାନ ପାଇଁ ସେ ପାର୍ଲାମେଣ୍ଟରେ ଗୋଟିଏ ହେଲେ ଶବ୍ଦ କହିଲେ ନାହିଁ। ନିଜ ସରକାରଙ୍କ ଦୁର୍ବଳତା ଲୁଚାଇବା ପାଇଁ ମୋଦି ଏପରି କରିଥିବା କଂଗ୍ରେସ ସମାଲୋଚନା କରିଛି।

# ଋଣ ଚାପ: ବାପାଙ୍କୁ ହତ୍ୟାକଲେ ପ୍ରଫେସର ପୁଅ

**ଭୁବନେଶ୍ୱର,୩।୭(ସତ୍ୟଜିତ୍ ରାଉତ)**

ବାପା ପାଠ ପଢ଼ାଇ ପୁଅକୁ ରୋଜଗାରକ୍ଷମ କରାଇଲେ। ହେଲେ ପୁଅ ଟଙ୍କା ପାଇଁ ବାପାଙ୍କ ଜୀବନ ନେଇଗଲେ। ଏଭଳି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ଋଣଚାପରେ ମାନସିକ ଭାରସାମ୍ୟ ହରାଇ ପ୍ରଫେସର ପୁଅ ବୃଦ୍ଧ ବାପାଙ୍କୁ ହତ୍ୟା କରିବାକୁ ପଛାଇନାହାନ୍ତି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆସ୍ଥିତ ଏକ ଆପାର୍ଟମେଣ୍ଟରେ ମା'ଙ୍କ ସମ୍ମୁଖରେ ବାପା ସୁନୀଲ ଚୌଧୁରୀ(୬୮)ଙ୍କୁ ପୁଅ



ସୁନୀଲ ଚୌଧୁରୀ



ଅଭିଯୁକ୍ତ ଅନିରୁଦ୍ଧ ଚୌଧୁରୀ

ଅନିରୁଦ୍ଧ ଚୌଧୁରୀ ଫଳକଟା ଛୁରିରେ ହତ୍ୟା କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ପୋଲିସ ଓ ପରିବାର ଲୋକ ଗୁରୁତର ସୁନୀଲଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ସୁନୀଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରୁ ଅଭିଯୁକ୍ତ ପୁଅ ଅନିରୁଦ୍ଧ ଚୌଧୁରୀ(୩୮)ଙ୍କୁ ଗିରଫ କରିଛି। ଏହି ଘଟଣାରେ ପୋଲିସ ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ହତ୍ୟା ଦଫା ୧୦୩ରେ ଏକ ମାମଲା (ନଂ.୩୪୨/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଘଟଣାସ୍ଥଳରୁ ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଓ ରକ୍ତଲଗା କପଡ଼ା ଜବତ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ଘରଭିତରେ ଫିଙ୍ଗର ପ୍ରିଣ୍ଟ ଓ ରକ୍ତ ନମୁନା ଆଦି ପ୍ରମାଣ ସଂଗ୍ରହ କରିଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ସୁନୀଲଙ୍କ ମୃତଦେହକୁ ☞ପୃଷ୍ଠା-୪

# ବିଦାୟ ନେଲା 'କୁ'



**ନୂଆଦିଲ୍ଲୀ,୩।୭ :** ଏକଦା ଟୁଇଟର (ଏକ୍ସ)କୁ ଟକ୍କର ଦେଇ ନିଜକୁ ଏହାର ବିକଳ୍ପ ଦର୍ଶାଇଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'କୁ' ବିଦାୟ ନେଇଛି। ଏହାର 'କୁନି ହଳଦିଆ ପକ୍ଷୀ' ସାମାଜିକ ଗଣମାଧ୍ୟମକୁ ଗୁଡ୍‌ବାଏ କହିଛି। 'କୁ' ସହପ୍ରତିଷ୍ଠାତା ଅପ୍ରେମୟ ରାଧାକ୍ରିଷ୍ଣନ୍ ଓ ମୟଙ୍କ ବିଦୱାକ୍ତ ବୁଧବାର ଲିଙ୍କେଡ୍‌ଇନ୍‌ରେ ଏନେଇ ଘୋଷଣା କରିଛନ୍ତି। ଅନେକ ବୃହତ୍ ଇଣ୍ଟରନେଟ୍ କମ୍ପାନୀ, ଶିଳ୍ପ ଗୋଷ୍ଠୀ ଓ ଗଣମାଧ୍ୟମ ସଂସ୍ଥା ସହିତ ସହଭାଗିତା ପାଇଁ ହୋଇଥିବା ଆଲୋଚନା ଫଳପ୍ରଦ ନ ହେବାରୁ କୁ ଲୋକଙ୍କୁ ଆଉ ସେବା ପ୍ରଦାନ କରିପାରିବ ନାହିଁ ବୋଲି ଉଭୟ କୋ-ଫାଉଣ୍ଡର ଏଥିରେ ଉଲ୍ଲେଖ କରିଛନ୍ତି। ସୋସିଆଲ ମିଡିଆ ଆପ୍ ଚାଲୁ ରଖିବା ପାଇଁ ଆବଶ୍ୟକ ବୈଷୟିକ ସେବା ବ୍ୟୟବହୁଳ ହୋଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା ଉଭୟେ ଦର୍ଶାଇଛନ୍ତି। ଗୋଟିଏ ସମୟରେ କୁ'ର ୨.୧ ନିୟୁତ ଦୈନିକ ସକ୍ରିୟ ସଦସ୍ୟ ରହିଥିଲେ। ଏହାର ମାସିକ ସକ୍ରିୟ ୟୁଜର୍ସଙ୍କ ସଂଖ୍ୟା ୧୦ ନିୟୁତରୁ ଊର୍ଦ୍ଧ୍ୱ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଭିନ୍ନ କ୍ଷେତ୍ରର ୯,୦୦୦ରୁ ଊର୍ଦ୍ଧ୍ୱ ଭିଆଇପି ମଧ୍ୟ ଏହାକୁ ଆପଣାଇଥିଲେ। ୨୦୨୨ରେ ଭାରତୀୟ ବଜାରରେ ଟୁଇଟରକୁ ପଛରେ ପକାଇ ଉଡ଼ିବା ପାଇଁ 'କୁ' ଉଦ୍ୟମ କରିଥିଲା। ତେବେ ପାଣ୍ଠି ଅଭାବ ଯୋଗୁ ସବୁ ଯୋଜନା ଫସର ଫାଟିଥିଲା। ଶେଷରେ ଏହି ସ୍ୱଦେଶୀ ପ୍ଲାଟ୍‌ଫର୍ମକୁ ବନ୍ଦ କରିବାକୁ ବାଧ ହେଉଛୁ ବୋଲି ଉକ୍ତ ପୋଷ୍ଟରେ ରାଧାକ୍ରିଷ୍ଣନ୍ କହିଛନ୍ତି। ଆଲୋଚନା ହେଉଛି ଯେ, ୨୦୨୧-୨୨ରେ ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ସରକାର ବିରୋଧରେ ଟୁଇଟରରେ ମତ ପ୍ରକାଶ ପାଇବାରେ ଲାଗିଥିଲା। ସେତେବେଳେ ଏହାର ମୁକାବିଲା ପାଇଁ 'କୁ' ଆଗେଇ ଆସିଥିଲା। ଏଥିଯୋଗୁ ଭାରତ ସରକାର 'କୁ'କୁ ସହଯୋଗ ଏବଂ ପ୍ରୋତ୍ସାହନ ଦେଇଥିଲେ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।

# ୫ ମହାନଗର ପାଇଁ ଆସିବ ୪୦୦ ଇ-ବସ୍

**ଭୁବନେଶ୍ୱର,୩।୭ (ଅନିଲ ଦାସ)**

ପ୍ରଧାନମନ୍ତ୍ରୀ ଇ-ବସ୍‌ସେବା ଯୋଜନାରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପାଇଁ ୪୦୦ ଇ-ବସ୍ ଅଣାଯିବ। ଭୁବନେଶ୍ୱର, କଟକ ଓ ରାଉରକେଲା ସହର ପାଇଁ ୧୦୦ ଲେଖାଏ ଏବଂ ସମ୍ବଲପୁର ଓ ବ୍ରହ୍ମପୁର ସହର ପାଇଁ ୫୦ଟି ଇ-ବସ୍ ଯୋଗାଇ ଦିଆଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ଗତ ୬ ବର୍ଷ ମଧ୍ୟରେ କ୍ରୁଟ୍ ମୋ ବସ୍ ସେବା ଯୋଗାଇବାରେ ଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛି। ଚଳାଚଳ କରୁଥିବା ସମୁଦାୟ ବସ୍ ମଧ୍ୟରୁ ୬୩ଟି ଇ-ବସ୍ ଚାଲୁଛି।

ମନ୍ତ୍ରୀ ବୁଧବାର ପୂର୍ବାହ୍ନରେ ମାଷ୍ଟରକ୍ୟାଣ୍ଟିନରୁ ମୋ ବସ୍‌ରେ ଯାତ୍ରା କରି ଗାଡ଼କଣ ଡିପୋରେ ପହଞ୍ଚିଥିଲେ। ସେଠାରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ତାଙ୍କୁ ସ୍ୱାଗତ କରିଥିଲେ। ଗାଡ଼କଣ ଇ-ବସ୍ ଡିପୋ ପରିଦର୍ଶନ କରି ବିଭିନ୍ନ ସ୍ଥିତି ବିଷୟରେ ପଚାରି ବୁଝିବା ସହିତ କ୍ରୁଟ୍ ପରିଚାଳନା ଟିମ୍ ସହିତ ଏକ ସମୀକ୍ଷା ବୈଠକ କରିଥିଲେ। ବସ୍ ଚଳାଚଳ ସମ୍ପର୍କିତ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଧିକ ଯାତ୍ରୀ ଯାଉଥିବା ରୁଟ୍‌ଗୁଡ଼ିକରେ ବସ୍ ସଂଖ୍ୟା ବଢ଼ାଇବା ନେଇ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ଇ-ବସ୍ ଚଳାଚଳ କରିବା ଉପରେ ସରକାର ବିଚାର କରୁଛନ୍ତି।

ମୋ ବସ୍‌ରେ ଯାତ୍ରା ସମୟରେ ସାଧାରଣ ଯାତ୍ରୀଙ୍କ ଭଳି ☞ପୃଷ୍ଠା-୪

**ମୋ ବସ୍ ହୋଇପାରେ ଆମ ବସ୍**




ମୋ ବସ୍‌ରେ ଯାତ୍ରା କରୁଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

**ଆସାମରେ ବନ୍ୟାରେ ୧୧ ଲକ୍ଷ ପ୍ରଭାବିତ**

ଲଗାଣ ବର୍ଷା ଯୋଗୁ ଆସାମର ବ୍ରହ୍ମପୁତ୍ର ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟାରେ ୨୩ ଜିଲାର ୧୧.୫୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା, ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ବଢ଼ି ୪୮ରେ ପହଞ୍ଚିଛି। କାଜିରଙ୍ଗା ଜାତୀୟ ଉଦ୍ୟାନର ଏକ ବଡ଼ ଅଞ୍ଚଳ ଜଳମଗ୍ନ ହୋଇଯାଇଛି।

## ସଂକ୍ଷେପରେ

### ୮ କ୍ୟାବିନେଟ୍ କମିଟି ଗଢ଼ିଲେ ସରକାର

**ନୂଆଦିଲ୍ଲୀ,୩।୭**

କେନ୍ଦ୍ରର ମୋଦି ସରକାର ବୁଧବାର ସୁରକ୍ଷା, ଅର୍ଥନୀତି ଓ ରାଜନୈତିକ ବ୍ୟାପାର ସମ୍ପର୍କିତ କମିଟି ଗଠନ କରିଛନ୍ତି। ଏକ ସରକାରୀ ବିଜ୍ଞପ୍ତି ଅନୁସାରେ ଦେଶର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ୮ କମିଟି ଗଠନ କରାଯାଇଛି। ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରହିଛନ୍ତି। ସେହିପରି ଅର୍ଥନୈତିକ ବ୍ୟାପାର କମିଟିରେ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ଅର୍ଥମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ, କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ଭାରିଶିଳ୍ପ ଓ ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସାମିଲ ଅଛନ୍ତି। ଏହି କମିଟିରେ ଥିବା ଅନ୍ୟମାନେ ହେଲେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ଓ ମତ୍ସ୍ୟ ସମ୍ପଦ ମନ୍ତ୍ରୀ ରାଜୀବ ରଞ୍ଜନ (ଲଲନ) ସିଂ। ସଂସଦୀୟ ବ୍ୟାପାର କମିଟିରେ ପ୍ରତିରକ୍ଷା ମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ଅର୍ଥମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ , ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ସାମାଜିକ ନ୍ୟାୟ ମନ୍ତ୍ରୀ ବୀରେନ୍ଦ୍ର କୁମାର, ଆଦିବାସୀ ବ୍ୟାପାରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଅଛନ୍ତି।

### ଆଡ଼ଭାନୀ ପୁଣି ହସ୍ପିଟାଲରେ

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ଭେଟେରାନ ଭାଜପା ନେତା ତଥା ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀ(୯୬) ବୁଧବାର ରାତିରେ ଦିଲ୍ଲୀର ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ତାଙ୍କୁ ନ୍ୟୁରୋଲୋଜି ବିଭାଗରେ ଭର୍ତ୍ତି କରାଯାଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ସ୍ନାୟୁ ବିଜ୍ଞାନୀ ଡା. ବିନୀତ ସୁରିଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଛି। ଗତ ଜୁନ୍ ୨୭ରେ ବାର୍ଦ୍ଧକ୍ୟ'ଜନିତ ସମସ୍ୟା ଯୋଗୁ ଆଡଭାନୀଙ୍କୁ ଦିଲ୍ଲୀସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଏହାର ଦିନକ ପରେ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ।

### କଙ୍ଗନାଙ୍କୁ ଚାପୁଡ଼ା, କର୍ନାଟକକୁ ବଦଳି



**ନୂଆଦିଲ୍ଲୀ, ୩।୭**

ହିମାଚଳ ପ୍ରଦେଶର ମଣ୍ଡିରୁ ନବ ନିର୍ବାଚିତ ଭାଜପା ଏମ୍ପି କଙ୍ଗନା ରାଣାଓ୍ୱତଙ୍କୁ ଜୁନ୍ ୬ରେ ଚଣ୍ଡିଗଡ଼ ଏୟାରପୋର୍ଟରେ ସିଆଏସ୍‌ଏଫ୍ କନ୍‌ଷ୍ଟେବଲ କୁଲୱିନ୍ଦର କୌର ଚାପୁଡ଼ା ମାରିଥିଲେ। ଏହାପରେ ସିଆଏସ୍‌ଏଫ୍ ତାଙ୍କୁ ନିଲମ୍ବନ କରିଥିଲା। ବୁଧବାର କୁଲୱିନ୍ଦରଙ୍କୁ ବେଙ୍ଗାଲୁରୁର ଦଶମ ରିଜର୍ଭ ବାଟାଲିୟନକୁ ବଦଳି କରାଯାଇଥିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କୁଲୱିନ୍ଦର ଏବେ ମଧ୍ୟ ନିଲମ୍ବିତ ଅଛନ୍ତି ଓ ତାଙ୍କ ବିରୋଧରେ ଶୃଙ୍ଖଳାଗତ ତଦନ୍ତ ଜାରି ରହିଥିବା ନେଇ ସିଆଏସ୍‌ଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜଣେ ବରିଷ୍ଠ କମାଣ୍ଡାଣ୍ଟ ର୍‍ୟାଙ୍କ ଅଧିକାରୀ ଏହି ମାମଲାର ତଦନ୍ତ କରି କୁଲୱିନ୍ଦର, ଏୟାରପୋର୍ଟରେ ତାଙ୍କ ସହକର୍ମୀ ଓ ବିଭିନ୍ନ ଅଧିକାରୀଙ୍କ ବୟାନ ରେକର୍ଡ କରିଛନ୍ତି।

### କେଜ୍‌ରିୱାଲଙ୍କ ହାଜତ ମିଆଦ ୧୨କୁ ବଢ଼ିଲା

**ନୂଆଦିଲ୍ଲୀ, ୩।୭**

ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ହାଜତ ମିଆଦକୁ ଆସନ୍ତା ୧୨ ପର୍ଯ୍ୟନ୍ତ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ବୃଦ୍ଧି କରିଛନ୍ତି। ବୁଧବାର ଜଷ୍ଟିସ୍ କାବେରୀ ବାବେଜାଙ୍କ ଖଣ୍ଡପୀଠ ସମ୍ମୁଖରେ କେଜ୍‌ରିୱାଲ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର ହୋଇଥିଲେ। ତେବେ ତାଙ୍କ ମେଡିକାଲ ଚେକ୍‌ଅପ୍ ବେଳେ ସ୍ତ୍ରୀ ସୁନୀତା ଉପସ୍ଥିତ ରହିବା ପାଇଁ ହୋଇଥିବା ଆବେଦନ ସମ୍ପର୍କିତ ରାୟକୁ କୋର୍ଟ ସଂରକ୍ଷିତ ରଖିଛନ୍ତି।

# ୨.୫ ଲକ୍ଷ ଲୋକ, ଗୋଟିଏ ବାଟ

## ହାଥରସ୍ ଦଳାଚକଟା ମୃତ୍ୟୁ ୧୨୧



ହାଥରସ୍ ଦଳଚକଟାରେ ଜଣେ ମୃତକଙ୍କ ସହ ଶୋକସନ୍ତପ୍ତ ପରିବାରବର୍ଗ।

**ହାଥରସ/ନୂଆଦିଲ୍ଲୀ,୩।୭**

ଉତ୍ତର ପ୍ରଦେଶର ହାଥରସ୍‌ରେ ମଙ୍ଗଳବାର ଅପରାହ୍ନ ୩ଟାରେ ସ୍ଥାନୀୟ ଆଧ୍ୟାତ୍ମିକ ଗୁରୁ ଭୋଲେ ବାବାଙ୍କ ସତ୍‌ସଙ୍ଗ ବେଳେ ଘଟିଥିବା ଦଳାଚକଟା ମୃତ୍ୟୁସଂଖ୍ୟା ୧୨୧ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ୧୧୬ ମହିଳା ଓ ୭ ଶିଶୁ ଥିବା ଜଣାପଡ଼ିଛି। ୨.୫ ଲକ୍ଷ ଲୋକଙ୍କ ସମାଗମ ହୋଇଥିବାବେଳେ ସେମାନଙ୍କ ଯିବାଆସିବା ପାଇଁ ଗୋଟିଏ ମାତ୍ର ପ୍ରବେଶ ପଥ ରହିଥିଲା। ଏହି କାରଣରୁ ଲୋକେ ଅଣନିଃଶ୍ୱାସୀ ହୋଇ ସେଠାରୁ ବାହାରିପାରି ନ ଥିଲେ। ଫଳରେ ଏତେ ଲୋକଙ୍କ ମୃତ୍ୟୁ ଘଟିଲା ବୋଲି ପ୍ରଶାସନ ପକ୍ଷରୁ ଦାଏର ଏତଲାରେ ଉଲ୍ଲେଖ କରାଯାଇଛି।

ହାଥରସ୍ ଫୁଲରିଆ ଗ୍ରାମରେ ଦଳାଚକଟା ଘଟଣାରେ ୟୁପି ପୋଲିସ ବୁଧବାର ସତ୍‌ସଙ୍ଗ ଆୟୋଜକ ସୁରଜପାଲ ସିଂ (ଆତ୍ମଘୋଷିତ ବାବା ନାରାୟଣ ସାକାର ହିରି)ଙ୍କ ବିରୋଧରେ ଏଫ୍‌ଆଇଆର୍ କରିଛି। କିନ୍ତୁ ପୋଲିସ ଏଯାଏ ତାଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଭୋଲେବାବାଙ୍କୁ ଗିରଫ କରାଯିବ କି ନାହିଁ ବୋଲି ପ୍ରଶ୍ନ ଉଠିଥିବାବେଳେ ୟୁପି ପୋଲିସ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଏହାର ଉତ୍ତର ଦେବାକୁ ଏଡ଼ାଇଯାଇଛନ୍ତି। ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହାଥ୍‌ରସ ଗସ୍ତ କରି ହସ୍ପିଟାଲରେ ଆହତଙ୍କୁ ଭେଟିଛନ୍ତି। ଏଥିସହ ସର୍କିଟ ହାଉସ୍‌ରେ ଏକ ଉଚ୍ଚସ୍ତରୀୟ ବୈଠକ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଡିଜି ଆଗ୍ରା ଏବଂ ଆଲିଗଡ଼ ଡିଭିଜନାଲ କମିଶନରଙ୍କୁ ନେଇ ଘଟଣାର ତଦନ୍ତ ପାଇଁ କମିଟି ଗଠନ କରାଯାଇଛି।

ଇତିମଧ୍ୟରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ନିର୍ଦ୍ଦେଶ ପାଇଁ ୫ ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ କମିଟି ଗଠନ ଲାଗି ସର୍ବୋଚ୍ଚ ଅଦାଲତରେ ଏକ ପିଟିଶନ ଦାଖଲ କରାଯାଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏହାର ତଦନ୍ତ କରାଯିବା ପାଇଁ ଆଲ୍ଲାହାବାଦ ହାଇକୋର୍ଟରେ ମଧ୍ୟ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି।

### ଷଡ଼ଯନ୍ତ୍ରରୁ ଦଳାଚକଟା: ଭୋଲେ ବାବାଙ୍କ ଓକିଲ



ଆଇନଜୀବୀ ଏ.ପି. ସିଂ

ହାଥରସ୍ ଦଳାଚକଟା ପଛରେ ଅସାମାଜିକ ତତ୍ତ୍ୱଙ୍କ ହାତ ରହିଛି ବୋଲି ଭୋଲେ ବାବାଙ୍କ ଓକିଲ ଏ.ପି. ସିଂ ଅଭିଯୋଗ ଆଣିଛନ୍ତି। ସତ୍‌ସଙ୍ଗ ବେଳେ ଭୋଲେ ବାବାଙ୍କ ପାଦ ଛୁଇଁବାକୁ ନେଇ ଅନୁଗାମୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରୁ ଏଭଳି ସ୍ଥିତି ଉପୁଜିଥିବା ବିଷୟକୁ ସେ ଖଣ୍ଡନ କରିଛନ୍ତି। ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ସିଂ କହିଛନ୍ତି, କେତେଜଣ ଅସାମାଜିକ ବ୍ୟକ୍ତି ଏହି ଷଡ଼ଯନ୍ତ୍ର ରଚିଥିଲେ। ବାବା ସ୍ଥାନ ଛାଡ଼ି ନିଜ ଗାଡ଼ି ନିକଟକୁ ଯିବାବେଳେ ଆମ ସ୍ୱେଚ୍ଛାସେବୀ ଓ ଅନୁଗାମୀମାନେ ଷଡ଼ଯନ୍ତ୍ର ବିଷୟରେ ଜାଣିପାରି ନ ଥିଲେ। ଭୋଲେ ବାବା ତଦନ୍ତରେ ସହଯୋଗ କରିବାକୁ ପ୍ରସ୍ତୁତ ଥିବା ସେ ଏକ ସାକ୍ଷାତ୍‌କାରରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ ଦିଲ୍ଲୀ ନିର୍ଭୟା ଗଣବଳାତ୍କାର ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟରେ ଦୋଷୀମାନଙ୍କ ପାଇଁ ଲଢ଼ି ଏ.ପି. ସିଂ ଚର୍ଚ୍ଚାକୁ ଆସିଥିଲେ।

> " ଉତ୍ତର ପ୍ରଦେଶ ସରକାରଙ୍କ ଅବହେଳା ଓ ଅବ୍ୟବସ୍ଥା ଯୋଗୁ ଏତେ ବଡ଼ ଅଘଟଣ ଘଟିଗଲା। ସତ୍‌ସଙ୍ଗ ବେଳେ ଦଳାଚକଟା ପାଇଁ ରାଜ୍ୟ ସରକାର ଦାୟୀ। ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇ ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି।
>
> - ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ

> " ଯୋଗୀ ସରକାର ଦଳାଚକଟା ଘଟଣାରେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ପରିବର୍ତ୍ତେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। କାରଣ ଯେତିକି ଲୋକଙ୍କ ପାଇଁ ଅନୁମତି ଦିଆଯାଇଥିଲା, ତା'ର ୩ ଗୁଣା ଲୋକ ସତ୍‌ସଙ୍ଗକୁ ଯାଇଥିଲେ। ଘଟଣା ପରେ ମଧ୍ୟ ସରକାର ଆମ୍ବୁଲାନ୍ସ ଓ ଡାକ୍ତର ସୁବିଧା କଲେନାହିଁ। ଏହି ଘଟଣା ପାଇଁ ଦାୟୀ କିଏ?
>
> -ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ



କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଓ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କକ୍ଷତ୍ୟାଗ କରି ଗୃହରୁ ବାହାରୁଛନ୍ତି।

### ରାଜ୍ୟ ସଭାରେ ଖାର୍ଗେ ଉଠାଇଲେ ହାଥରସ୍ ପ୍ରସଙ୍ଗ

ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର ଗୃହରେ ହାଥରସ୍ ପ୍ରସଙ୍ଗ ଉଠାଇଛନ୍ତି। ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କୁ ସଂସଦର ଉଚ୍ଚ ସଦନରେ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ଅଧ୍ୟକ୍ଷ ଜଗଦୀପ ଧନକର କହିଥିଲେ, ଭବିଷ୍ୟତରେ ଏହାର ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ରାଜ୍ୟ ସଭା ଚିନ୍ତା କରିବା ଉଚିତ। ପରବର୍ତ୍ତୀ ଅଧିବେଶନରେ ଗୃହରେ ଏହା ଉପରେ ଆଲୋଚନା କରିବ ବୋଲି ଧନକର କହିଛନ୍ତି।

### ଶୋକବ୍ୟକ୍ତ କଲେ ପୁଟିନ୍, କିଶିଦା

ହାଥରସ୍ ଦଳାଚକଟାରେ ୧୨୧ ଜଣଙ୍କ ମୃତ୍ୟୁ ଘଟିବାକୁ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ବୁଧବାର ଶୋକବ୍ୟକ୍ତ କରିଛନ୍ତି। ପୁଟିନ୍‌ଙ୍କ ଶୋକବାର୍ତ୍ତାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ୍ସ' ଯୋଗେ ରୁଷୀୟ ଦୂତାବାସ ପହଞ୍ଚାଇଛି। ଜାପାନ ପ୍ରଧାନମନ୍ତ୍ରୀ କିଶିଦା କହିଛନ୍ତି, ୟୁପିର ହାଥରସ୍‌ରେ ଏତେ ଲୋକଙ୍କ ମୃତ୍ୟୁ ଘଟିବା ତାଙ୍କୁ ବ୍ୟଥିତ କରିଛି। ଜାପାନ ସରକାରଙ୍କ ପକ୍ଷରୁ ସେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ନ୍ୟାୟିକ ତଦନ୍ତ କମିଶନ ଗଢ଼ିଲେ ରାଜ୍ୟପାଳ

ହାଥରସ୍ ଦଳାଚକଟା ଘଟଣାର ଦିନକ ପରେ ଏହାର ତଦନ୍ତ ପାଇଁ ଉତ୍ତର ପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ବୁଧବାର ୩ ଜଣିଆ ନ୍ୟାୟିକ କମିଶନ ଗଠନ କରିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ବ୍ରଜେଶ କୁମାର ଶ୍ରୀବାସ୍ତବ ଉକ୍ତ କମିଶନରେ ଅଧ୍ୟକ୍ଷତା କରିବେ। ଆଇଏଏସ୍ ଅଧିକାରୀ ହେମନ୍ତ ରାଓ ଏବଂ ଆଇପିଏସ୍ ଅଫିସର ଭବେଶ କୁମାରଙ୍କୁ ଏଥିରେ ସଦସ୍ୟ ରଖାଯାଇଛି। ଉକ୍ତ କମିଶନ ୨ ମାସ ମଧ୍ୟରେ ତଦନ୍ତ ଶେଷକରି ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ଘଟେ ସେଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସୁପାରିସ କରିବେ।

### ୧୦୦ ମୃତଦେହ ଦେଖିଲି, ଭଉଣୀଙ୍କୁ ପାଇଲି ନାହିଁ

ଜଣେ ବ୍ୟକ୍ତି ହାଥରସ୍ ଦଳାଚକଟାରେ ପ୍ରାଣ ହରାଇଥିବା ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତଦେହ ଯାଞ୍ଚ କରିସାରିଲେଣି। କିନ୍ତୁ ନିଜ ଭଉଣୀଙ୍କୁ ପାଉନାହାନ୍ତି ବୋଲି ବୁଧବାର କ୍ଷୋଭ ପ୍ରକାଶ କରିଛନ୍ତି। ରାକେଶ କୁମାର(୪୬) କହିଛନ୍ତି, ଦଳାଚକଟା ପରଠୁ ତାଙ୍କ ୫୦ ବର୍ଷୀୟା ବଡ଼ଭଉଣୀ ହରବେଜି ଦେବୀ ନିଖୋଜ ହୋଇଯାଇଛନ୍ତି। ଇଟାହ ଓ ଆଲିଗଡ଼ରେ ବ୍ୟବଚ୍ଛେଦ ଚାଲିଥିବାବେଳେ ସେଠାକୁ ଯାଇ ଶତାଧିକ ମୃତଦେହ ଯାଞ୍ଚ କଲେଣି। କିନ୍ତୁ ମୃତକମାନଙ୍କ ମଧ୍ୟରେ ଭଉଣୀଙ୍କୁ ପାଇ ନ ଥିବା ସେ କହିଛନ୍ତି।

## କ୍ରିଷ୍ଟଲ, କରନଙ୍କୁ ଇଡି ଜେରା



କରନ ୱାହି



କ୍ରିଷ୍ଟଲ ଡିସୁଜା

**ମୁମ୍ବାଇ, ୩।୭ (ପି.ଟି.)**

ଟଙ୍କା ବଦଳରେ ଅନ୍‌ଲାଇନ ଫରେକ୍ସ ଟ୍ରେଡିଂ ଆପ୍ 'ଅକ୍ଟାଏଫ୍‌ଏକ୍ସ' ପାଇଁ ପ୍ରଚାର ଅଭିଯୋଗରେ ଟେଲି ଷ୍ଟାର୍ କ୍ରିଷ୍ଟଲ ଡିସୁଜା ଓ କରନ ୱାହିଙ୍କୁ ଇଡି ବୁଧବାର ପଚରାଉଚରା କରିଛି। ଜେରାରେ ବେଆଇନ ଅନ୍‌ଲାଇଲ ବିଦେଶୀ ଟ୍ରେଡିଂ ମାମଲାରେ ଉଭୟ କଳାକାରଙ୍କୁ ପ୍ରଶ୍ନ କରାଯିବା ସହ ପିଏମ୍‌ଏଲ୍‌ଏ ମାମଲାରେ ସେମାନଙ୍କର ବୟାନ ରେକର୍ଡ ହୋଇଛି। ଟିଭି ଅଭିନେତ୍ରୀ ତଥା ମଡେଲ ନିଆ ଶର୍ମାଙ୍କୁ ମଧ୍ୟ ଇଡି ସମନ ଜାରି କରିଛି। 'ଅକ୍ଟାଏଫଏକ୍ସ' ଆପ୍ ଉଚ୍ଚ ରିଟର୍ନର ପ୍ରଲୋଭନ ଦେଖାଇ ଅନେକ ନିବେଶକଙ୍କୁ ଠକିଥିବା ନେଇ ପୂର୍ବରୁ ପୁଣେର ଶିବାଜୀନଗର ଥାନାରେ ଏହାର ପ୍ରମୋଟରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

### ପାରୋଲ ମିଳିଲା, ଶପଥ ନେବେ ଅମ୍ରିତପାଲ

**ଚଣ୍ଡିଗଡ଼, ୩।୭**

ପଞ୍ଜାବର ଖଡୁର ସାହିବ ଆସନରୁ ନବ ନିର୍ବାଚିତ ଏମ୍ପି ତଥା କଠୋରପନ୍ଥୀ ଶିଖ୍ ପ୍ରଚାରକ ଅମ୍ରିତପାଲ ସିଂଙ୍କୁ ୪ ଦିନିଆ ପାରୋଲର ଅନୁମତି ମିଳିଛି। ଲୋକ ସଭାରେ ଏମ୍ପି ଭାବେ ଶପଥ ନେବା ପାଇଁ ଅମ୍ରିତପାଲଙ୍କୁ ଏହି ପାରୋଲ ମିଳିଛି। ସେ ଶୁକ୍ରବାର ଲୋକ ସଭା ଏମ୍ପି ଭାବେ ଶପଥଗ୍ରହଣ କରିବାର ସମ୍ଭାବନା ରହିଛି। 'ୱାରିସ୍ ପଞ୍ଜାବ ଦେ' ସଂଗଠନର ମୁଖ୍ୟ ଅମ୍ରିତମାଲ ଓ ତାଙ୍କର ୯ ଜଣ ସହଯୋଗୀ 'ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ' ଅନୁଯାୟୀ ଆସାମର ଡିବ୍ରୁଗଡ଼ ଜେଲ୍‌ରେ ସଜା କାଟୁଛନ୍ତି। ସୂଚନାଯୋଗ୍ୟ, ୨୦୨୪ ଲୋକ ସଭା ନିର୍ବାଚନରେ ଖଡୁର ସାହିବ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଅମ୍ରିତପାଲ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର କୁଲବିର ସିଂ ଜିରାଙ୍କୁ ପରାସ୍ତ କରିଥିଲେ।

## ଏନ୍‌ଆଇଏକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ୟୁଏପିଏ ମାମଲା ତଦନ୍ତରେ ବିଳମ୍ବ**

**ନୂଆଦିଲ୍ଲୀ,୩।୭**

ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ), ୧୯୬୭ ବଳରେ ରୁଜୁ ଏକ ମାମଲାର ତଦନ୍ତରେ ବିଳମ୍ବ ପାଇଁ ବୁଧବାର ସୁପ୍ରିମକୋର୍ଟ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଭର୍ତ୍ସନା କରିଛନ୍ତି। ଅଭିଯୁକ୍ତଙ୍କର ମଧ୍ୟ ତ୍ୱରିତ ଶୁଣାଣି ଅଧିକାର ରହିଛି ବୋଲି ୨ ଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

୨୦୨୦ ଫେବୃଆରୀ ୯ରେ ମୁମ୍ବାଇ ପୋଲିସ ଜାଭେଦ ଗୁଲାମନବୀ ଶେଖଙ୍କୁ ଗୁପ୍ତ ସୂଚନା ଆଧାରରେ ଗିରଫ କରିଥିଲା। ତାଙ୍କଠାରୁ ଜାଲ୍ ନୋଟ୍ ଜବତ ହୋଇଥିଲା। ତେବେ ସେହି ନୋଟ୍‌ଗୁଡ଼ିକ ପାକିସ୍ତାନରେ ତିଆରି ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଜାଭେଦ ୟୁଏପିଏ ବଳରେ ନିଜ ଗିରଫଦାରୀକୁ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଦେବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଜେ.ବି. ପର୍ଦିୱାଲା ଏବଂ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନେ ଜାମିନରେ ମୁକୁଳିସାରିଲେଣି। ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ଜାଭେଦ ମଧ୍ୟ ତ୍ୱରିତ ଶୁଣାଣି ପାଇଁ ହକ୍‌ଦାର। ବିନା ତଦନ୍ତରେ ଅଭିଯୁକ୍ତ ୪ ବର୍ଷ ଜେଲରେ ରହିଲେଣି। ନ୍ୟାୟ ବ୍ୟବସ୍ଥାକୁ ନେଇ ଏନ୍‌ଆଇଏ ଉପହାସ କରିବା ଅନୁଚିତ।

### ଜିକା ଭାଇରସ୍: କେନ୍ଦ୍ର ଜାରିକଲା ଆଡଭାଇଜରି

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ଗତ କିଛି ଦିନ ମଧ୍ୟରେ ମହାରାଷ୍ଟ୍ରରେ ବର୍ଦ୍ଧିତ ଜିକା ଭାଇରସ୍ ମାମଲାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବୁଧବାର ସମସ୍ତ ରାଜ୍ୟ ପାଇଁ ହେଲ୍‌ଥ୍ ଆଡଭାଇଜରି ଜାରି କରିଛି। ସମସ୍ତ ଚିକିତ୍ସାଳୟକୁ ଏଡିସ ମଶାଠାରୁ ମୁକ୍ତ କରିବାକୁ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ଏହି ଆଡଭାଇଜରିରେ କୁହାଯାଇଛି। ସେହିପରି ଜିକା ଭୂତାଣୁକୁ ଦୃଷ୍ଟିରେ ରଖି ଗର୍ଭବତୀ ମହିଳାଙ୍କର ସ୍କ୍ରିନିଂକୁ ଫୋକସ୍ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ମହାରାଷ୍ଟ୍ରରେ ବର୍ତ୍ତମାନ ସୁଦ୍ଧା ଜିକା ଭାଇରସ୍‌ର ୮ଟି ମାମଲା ସାମ୍ନାକୁ ଆସିଥିବାବେଳେ ଏଥିପ୍ରତି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆଲର୍ଟ ଜାରି କରିଛନ୍ତି।

## ବିଦେଶ ଯାତ୍ରା ଯୋଗୁ ଖରାପ ପ୍ରଦର୍ଶନ

**ୱାଶିଂଟନ, ୩।୭**



ଜୋ ବାଇଡେନ୍

ଚଳିତ ବର୍ଷ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଗତ ଜୁନ୍ ୨୯ରେ ପ୍ରଥମ ପ୍ରେସିଡେନ୍ସିଆଲ ଡିବେଟ ଅନୁଷ୍ଠିତ ହୋଇଥିଲା। ଏହି ଡିବେଟ୍‌ରେ ଖରାପ ପ୍ରଦର୍ଶନ ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଜର ବିଦେଶ ଯାତ୍ରାକୁ ଦାୟୀ କରିଛନ୍ତି। ୱାଶିଂଟନ ଡିସିର ଭର୍ଜିନିଆ ଉପନଗରରେ ଡେମୋକ୍ରାଟିକ ପାର୍ଟି ପାଇଁ ଏକ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗଦେଇ ବାଇଡେନ ଏହା କହିଛନ୍ତି। ଡିବେଟର କିଛି ଦିନ ପୂର୍ବରୁ ସେ ବିଶ୍ୱବ୍ୟାପୀ ଅନେକ ଦେଶ ଭ୍ରମଣ କରିଥିଲେ। ତେଣୁ ଡିବେଟ୍ ସମୟରେ ହାଲିଆ ଓ ଅଙ୍କାପଣ ଯୋଗୁ ସେ ଭଲ ପ୍ରଦର୍ଶନ କରି ନ ଥିଲେ। ରିପବ୍ଲିକାନ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଏହି ଡିବେଟ୍‌ରେ ତାଙ୍କ ପ୍ରଦର୍ଶନ ଅପେକ୍ଷାକୃତ ଖରାପ ଥିବା କହି ବାଇଡେନ୍ ଦୁଃଖ ପ୍ରକାଶ କରିଛନ୍ତି। ଏହି ଫଣ୍ଡରାଇଜର କାର୍ଯ୍ୟକ୍ରମରେ ବାଇଡେନ୍ ମାତ୍ର ୬ ମିନିଟ୍‌ର ଭାଷଣ ରଖିଥିଲେ।

## ବିହାରରେ ଭୁଶୁଡୁଛି ବ୍ରିଜ୍

**୧୫ ଦିନରେ ୭**

**ସିୱାନ, ୩।୭**

ବିହାରର ସିୱାନ ଜିଲାରେ ଗଣ୍ଡକୀ ନଦୀ ଦେଇ ଯାଇଥିବା ଏକ ବ୍ରିଜ୍‌ର ଗୋଟିଏ ପାର୍ଶ୍ୱ ବୁଧବାର ସକାଳେ ଭୁଶୁଡ଼ି ପଡ଼ିଛି। ଏହାସହ ରାଜ୍ୟରେ ଗତ ୧୫ ଦିନ ମଧ୍ୟରେ ସପ୍ତମ ଥର ପାଇଁ କୌଣସି ବ୍ରିଜ୍ ଭୁଶୁଡ଼ିବା ଘଟଣା ସାମ୍ନାକୁ ଆସିଛି। ଏହି ବ୍ରିଜ ଯୋଗେ ମହାରାଜଗଞ୍ଜ ସହର ସହ ଦେବରିଆ ବ୍ଲକର ଅନେକ ଗ୍ରାମ ସଂଯୋଗ କରୁଥିଲା। ତେବେ ଏହି ବ୍ରିଜ୍ ଭୁଶୁଡ଼ିବା ଘଟଣାକୁ ନେଇ ତଦନ୍ତ ଚାଲିଥିବାବେଳେ ଏଥିରେ କେହି ମୃତାହାତ ହୋଇ ନ ଥିବା ବିହାର ସରକାରଙ୍କ ଉପ ଉନ୍ନୟନ କମିଶନର ମୁକେଶ କୁମାର କହିଛନ୍ତି। ତେବେ ଏହି ବ୍ରିଜ୍ ଭୁଶୁଡ଼ିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗତ କିଛିଦିନ ଧରି ସିୱାନ ଜିଲାରେ ପ୍ରବଳ ବର୍ଷା ହୋଇଥିବା ଯୋଗୁ ଏହି ବ୍ରିଜ୍ ଭୁଶୁଡ଼ିଥାଇପାରେ ବୋଲି ସେମାନେ ଅନୁମାନ କରିଛନ୍ତି। ୧୧ ଦିନ ତଳେ ମଧ୍ୟ ସିୱାନ ଜିଲାର ଦାରୋଦା ଆଉ ଏକ ବ୍ରିଜ୍ ଭୁଶୁଡ଼ିଥିଲା। ସେହିପରି ଗତ ୧୫ ଦିନ ମଧ୍ୟରେ ବିହାରର ମଧୁବନୀ, ଅରରିଆ, ପୂର୍ବ ଚମ୍ପାରଣ, କିଶନଗଞ୍ଜ ଆଦି ଜିଲାରେ ବ୍ରିଜ୍ ଭୁଶୁଡ଼ିବା ଘଟଣା ସାମ୍ନାକୁ ଆସିଥିଲା।



ବିହାରର ସିୱାନ ଜିଲାରେ ଗଣ୍ଡକୀ ନଦୀ ଦେଇ ଯାଇଥିବା ଏକ ବ୍ରିଜ୍ ବୁଧବାର ଭୁଶୁଡ଼ି ପଡ଼ିଛି।




# ଭିଜିଲାନ୍ସ ଜାଲରେ ଖଣ୍ଡପଡ଼ା ତହସିଲଦାର

ଭୁବନେଶ୍ୱର,୩।୭ (ସୂର୍ଯ୍ୟକାନ୍ତ ବେହେରା)

**ମୋରମ ବୋଝେଇ ଟ୍ରକ ମାଲିକଙ୍କଠାରୁ ୨୦ ହଜାର ଲାଞ୍ଚ ନେଉଥିଲେ**

ନୟାଗଡ଼ ଜିଲା ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ ଓ ତାଙ୍କ ମୋହରିର(ପ୍ରାଇଭେଟ ପର୍ସନ) ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ମୋରମ ବୋଝେଇ ଟ୍ରକ୍ ଛାଡ଼ିବା ପାଇଁ ଗାଡ଼ି ମାଲିକ ତଥା ଅଭିଯୋଗକାରୀଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ଗିରଫ କରିଛି। ସମସ୍ତ ଲାଞ୍ଚ ଟଙ୍କା ମୋହରିର ପ୍ରସନ୍ନ ସାହୁଙ୍କଠାରୁ ଜବତ ହୋଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଦଫା ୭ ଏବଂ ୧୨ରେ ଏକ ମାମଲା ନଂ. ୧୧ ରେ ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସ୍ଥାନୀୟ ଭିଜିଲାନ୍ସ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଲାଞ୍ଚ ଟଙ୍କା ଜବତ ପରେ ଭିଜିଲାନ୍ସ ଟିମ୍ ତହସିଲଦାର ଧୋବେଇଙ୍କ ଭାପୁରସ୍ଥିତ ଘର ଏବଂ ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳରେ ଥିବା ଘରେ ଚଢ଼ାଉ କରି ଅଧିକ ଛାନ୍‌ଭିନ୍ ଜାରି ରଖିଛି।


ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ

ସୂଚନାନୁସାରେ ଅଭିଯୋଗକାରୀ ଚନ୍ଦନ କୁମାର ଜେନାଙ୍କ ଟ୍ରକ୍ କୌଣସି ଜାଗାରୁ ମୋରମ ନେଇ ଯାଉଥିବା ବେଳେ ଖଣ୍ଡପଡ଼ା ତହସିଲଦାର ଧୋବେଇ ଅଟକ ରଖିଥିଲେ। ଗାଡ଼ି ଛାଡ଼ିବା ପାଇଁ ତହସିଲଦାର ଗାଡ଼ି ମାଲିକଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଚନ୍ଦନ ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବରୁ ତହସିଲଦାରଙ୍କ ନାଁରେ ଇଟାଭାଟି ମାଲିକ, ଟ୍ରକ୍ ମାଲିକ ସମାନ ଧରଣର ଏକାଧିକ ଅଭିଯୋଗ ଆଣିଥିବାରୁ ଭିଜିଲାନ୍ସ ଟିମ୍ ଧରିବା ପାଇଁ ଯୋଜନା କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ତହସିଲଦାର ତାଙ୍କ ପ୍ରାଇଭେଟ ପର୍ସନ ପ୍ରସନ୍ନଙ୍କ ମାଧ୍ୟମରେ ଗାଡ଼ି ମାଲିକଙ୍କଠାରୁ ଟଙ୍କା ନେଉଥିବାବେଳେ ନୟାଗଡ଼ ଭିଜିଲାନ୍ସ ଟିମ୍ ପ୍ରସନ୍ନଙ୍କୁ ଧରିଥିଲା। ପ୍ରସନ୍ନ ତହସିଲଦାରଙ୍କ ପାଇଁ ଟଙ୍କା ନେଉଥିବା ସ୍ୱୀକାର କରିବା ପରେ ଭିଜିଲାନ୍ସ ଟିମ୍ ଧୋବେଇଙ୍କୁ ପଚରାଉଚରା କରିଥିଲା। ପ୍ରାଥମିକ ପ୍ରମାଣ ପାଇବା ପରେ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିଥିଲା।

# ୮ ତାରିଖ ସମସ୍ତ ସରକାରୀ ଅଫିସ ଛୁଟି

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

ଚଳିତ ଥର ୨ଦିନିଆ ରଥଯାତ୍ରା ଅନୁଷ୍ଠିତ ହେବ। ଏହା ଆସନ୍ତା ୭ ଓ ୮ ତାରିଖରେ ପଡୁଛି। ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ୨ଦିନ ପାଇଁ ସରକାରୀ ଛୁଟି ଘୋଷଣା କରିବା ସହିତ ଏଥିଲାଗି ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ କହିଥିଲେ। ସେହି କ୍ରମରେ ଆସନ୍ତା ୭ ତାରିଖ ରବିବାର ପଡୁଥିବାରୁ ସେହିଦିନକୁ ଛୁଟି ଘୋଷଣା କରିବାର ଆବଶ୍ୟକତା ନାହିଁ। ଆସନ୍ତା ୮ ତାରିଖକୁ ଛୁଟିଦିନ ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହିଦିନ ବ୍ୟାଙ୍କ, କୋର୍ଟ ମଧ୍ୟ ଛୁଟି ରହିବ। ଛୁଟି ସମ୍ପର୍କିତ ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ୩ ଗୁରୁତର

ନୂଆପଡ଼ା,୩।୭(ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ବେଲଚୁକୁରି ଥାନା ବିଶୋରା ପଞ୍ଚାୟତ ଶରଧାପୁର ବିଦ୍ୟୁତ୍ ସବ୍‌ଷ୍ଟେଶନ ନିକଟରେ ବୁଧବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଶରଧାପୁର ଗାଁର ତୁଳାରାମ ପାଣ୍ଡେ (୪୦) ଓ ବରଗଡ ଜିଲା ଝାରବନ୍ଧ ଥାନା ବିଳାସପୁର ଗାଁର ଦିଲୀପ ଭୋଇ (୩୫)। ଦୁର୍ଘଟଣାରେ ଶରଧାପୁର ଗାଁର ଭୂତ କୁମାରୀ ପାଣ୍ଡେ (୩୫), ରାହୁଲ ପାଣ୍ଡେ (୩୫) ଓ ଅନ୍ୟ ଜଣେ ୩ ବର୍ଷର ଶିଶୁ ସୋମନାଥ ପାଣ୍ଡେ ଆହତ ହୋଇଛନ୍ତି। ସୂଚନା ମୁତାବକ ଅପରାହ୍ନ ପ୍ରାୟ ୪ଟାରେ ଓଡି୨୬-୮୦୯୬ନଂ. ବାଇକ୍ ଯୋଗେ ଶରଧାପୁର ଗାଁର ଗୋଟିଏ ପରିବାରର ୪ ଜଣ ଖରିଆର ରୋଡ ପଟେ ଆସୁଥିଲେ। ଏହି ସମୟରେ ବିପରୀତ ପଟୁ ଓଡି୧୭ ଏବି-୩୩୯୨ନଂ. ବାଇକ୍‌ରେ ବରଗଡ ଜିଲା ବିଳାସପୁର ଗାଁର ଦିଲୀପ ଭୋଇ ଯାଉଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତୁଳାରାମ ଓ ଦିଲୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଥିବାବେଳେ ୩ଜଣ ଗୁରୁତର ହୋଇଥିଲେ। ଏମାନଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଓ ଦୁଇ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ବେଲଚୁକୁରି ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସ ସୂଚନା ଦେଇଛନ୍ତି।

# ଗାଡ଼ି ଧକ୍କା: ଚାଷୀ ଦମ୍ପତି ମୃତ


ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ।

ମୁରିବାହାଲ,୩।୭ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ପତ୍ରାପାଲି (ଖ) ଗ୍ରାମ ଓଭରବ୍ରିଜ ନିକଟ ୫୯ ନମ୍ବର ଜାତୀୟ ରାଜପଥରେ ବୁଧବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗମ୍ଭୀର ରଣା(୬୪) ଓ ତାଙ୍କ ସ୍ତ୍ରୀ ଭୂମିସୁତା ରଣା ଓରଫ ଗୀତା (୬୦)। ଏହି ଦୁର୍ଘଟଣାକୁ କେନ୍ଦ୍ରକରି ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ୫ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିବା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ପ୍ରକାଶ ଯେ, ବୁଧବାର ସକାଳ ୫ଟାରେ ଜମିରେ ଧାନ ବୁଣିବାକୁ ଏହି ଦମ୍ପତି ହଳ, ନଙ୍ଗଳ ଓ ଧାନ ଧରି ଯାଉଥିଲେ। ଏହି ସମୟରେ ହଳଦୀ-ଟିଟିଲାଗଡ଼ ରାସ୍ତାରେ ଏକ ଅଜଣା ଗାଡ଼ି ଉଭୟଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ଗ୍ରାମବାସୀ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମି, କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ, ମୁରିବାହାଲ ଥାନା ଅଧିକାରୀ ସୁପ୍ରିୟା ସୁରିୟା ଲୁଗୁନ୍ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଟିଟିଲାଗଡ଼ ଉପ ଜିଲାପାଳ ରିହାନ ଖେତ୍ରୀଙ୍କ ସହ ଯୋଗାଯୋଗ କରି ରେଡ୍‌କ୍ରସ ଫାଣ୍ଡିରୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ, ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡ଼ି ଜବତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ମୁରିବାହାଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଟିଟିଲାଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଟ୍ରେଲର ପଛରେ ପିଟିହେଲା କାର୍, ୨ ମୃତ

ଗୋପାଳପୁର,୩।୭ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଗୋପାଳପୁର ଓଭରବ୍ରିଜ୍ ନିକଟରେ ବୁଧବାର ଟ୍ରେଲର୍ ପଛରେ କାର ପିଟି ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ କନ୍ଧମାଳ ଜିଲା ଜି. ଉଦୟଗିରିର ରାଜୁ ପ୍ରଧାନ ଓ ଛତ୍ରପୁର ଅଞ୍ଚଳର ଏ ଲୋକେଶ ରେଡ୍ଡୀ। ଗୁରୁତର ଆହତ ଶମ୍ଭୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ପ୍ରକାଶ ଯେ, ବୁଧବାର ଅପରାହ୍ନରେ ହୁମ୍ମା ଅଞ୍ଚଳରୁ ରାଜୁ, ଲୋକେଶ ଓ ଶମ୍ଭୁ ଏକ କାର୍‌ରେ ବ୍ରହ୍ମପୁର ଅଭିମୁଖେ ଆସୁଥିଲେ। ଦ୍ରୁତ ଗତିରେ ଥିବା କାର୍‌ଟି ଗୋପାଳପୁର ଓଭରବ୍ରିଜ ନିକଟରେ ଏକ ଚଳନ୍ତା ଟ୍ରେଲର ପଛରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ରାଜୁ ଓ ଲୋକେଶଙ୍କ ମୃତ୍ୟୁ ଘଟିଥିଲା। ଶମ୍ଭୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପୋଲିସ ମୃତଦେହ ୨ଟି ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଟ୍ରେଲର ଚାଳକ ଚମ୍ପଟ ମାରିଛନ୍ତି।


ଦୁର୍ଘଟଣାଗ୍ରସ୍ତ କାର୍।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ପାଟଣା, ୩।୭(ବୀର କିଶୋର ଦାଶ)

**କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

କେନ୍ଦୁଝର ଜିଲା ଦେଇ ଯାଇଥିବା ମୁମ୍ବାଇ-କୋଲକାତା ୪୯ ନଂ. ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ଅଧୀନ ଚେମେଣା ନର୍ସରୀ ଛକରେ ବୁଧବାର ରାତିରେ ଏକ ଟ୍ରକ୍ ଧକ୍କାରେ ୨ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

# ର' ଷ୍ଟେଟ ହେଡ୍ ପରିଚୟ ଦେଇ ଠକେଇ


ସତ୍ୟନାରାୟଣ ନାୟକ

ବାଲେଶ୍ୱର(ମାନସ ବିଶ୍ୱାଳ)/ରେମୁଣା (ରବୀନ୍ଦ୍ର ମହାକୁଡ), ୩।୭

ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳର ସତ୍ୟନାରାୟଣ ନାୟକ ନାମକ ଜଣେ ବ୍ୟକ୍ତି ନିଜକୁ ର' (ରିସର୍ଚ୍ଚ ଆନାଲିସିସ୍ ଉଇଙ୍ଗ୍) ଏଜେଣ୍ଟର ଷ୍ଟେଟ ହେଡ୍ ବୋଲି ପରିଚୟ ଦେଇ ରାଜ୍ୟର ବିଭିନ୍ନ ଜିଲାରେ ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟା ଅଙ୍କର ଟଙ୍କା ଠକୁଥିବା ଅଭିଯୋଗ ହୋଇଥିଲା। ବୁଧବାର ସକାଳେ ରେମୁଣା ପୋଲିସ ତାଙ୍କ ଘରେ ଚଢାଉ କରି ଗିରଫ କରିଛି।

ସୂଚନା ଅନୁସାରେ ମଙ୍ଗଳବାର ସମ୍ବଲପୁର ଜିଲା ହୀରାକୁଦ ଅଞ୍ଚଳର ଗୋଟିଏ ମଦ ଦୋକାନ ଉପରେ ସତ୍ୟନାରାୟଣ ନାୟକ ଚଢ଼ାଉ କରିଥିଲେ। ତାଙ୍କର ବ୍ୟବହାର ଓ ଚାଲିଚଳଣ ଉପରେ ସ୍ଥାନୀୟ ପୋଲିସ ସନ୍ଦେହ କରି ଉକ୍ତ ଯୁବକ ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲା। ସେ ରେମୁଣା ଅଞ୍ଚଳର ଜାଣିବା ପରେ ସ୍ଥାନୀୟ ପୋଲିସକୁ ଖବର ଦେଇ ସହଯୋଗ ମାଗିଥିଲେ। ନିଜକୁ ର' ଏଜେଣ୍ଟର ଷ୍ଟେଟ ହେଡ୍ କହି ଆଗରୁ କେବେ ଓ କେଉଁ କେଉଁ ସ୍ଥାନରୁ ଠକିଛନ୍ତି ତାହା ପୋଲିସ ତଦନ୍ତ କରୁଛି।


ODISHA ADARSHA VIDYALAYA SANGATHAN
SCHOOL & MASS EDUCATION DEPARTMENT
GOVT. OF ODISHA

No. DSPL-35

ADMISSION OF STUDENTS IN CLASS XI IN OAVs, 2024-25

Odisha Adarsha Vidyalaya Sangathan (OAVS), under the School & Mass Education Department, Govt. of Odisha invites applications from the prospective candidates to take admission in Class XI (Science) or Class XI (Commerce) in various OAVs. Interested students are encouraged to contact with nearby OAV Principal for further information. Interested students are requested to visit www.oav.edu.in for further information.

FACILITIES

- Number of OAVs with Senior Secondary Classes – 214
- Intake Capacity – 80 (each in Science & Commerce)
- CBSE Curriculum
- Functional Laboratories
- Well experienced faculties
- 131 Functional girls' hostels
- Free Education

ELIGIBILTY

| Stream | UR/ OBC/ SEBC | SC/ ST |
|---|---|---|
| Science | Minimum 55% marks in aggregate in Class X and minimum 50% marks in Science & Mathematics combinedly (CBSE or any other Board) | Minimum 50% marks in aggregate in Class X and minimum 45% marks in Science & Mathematics combinedly (CBSE or any other Board) |
| Commerce | All Class X Pass students (CBSE or any other Board) | All Class X Pass students (CBSE or any other Board) |

IMPORTANT DATES

| | |
|---|---|
| Start of receipt of Application | 27.06.2024 |
| Last date for receipt of application | 12.07.2024 |
| Notification of selection list | 15.07.2024 |
| Admission from selection list | 16.07.2024 – 21.07.2024 |
| Notification of waiting list | 22.07.2024 |
| Admission from waiting list | 23.07.2024 – 30.07.2024 |
| Completion of admission process | 31.07.2024 |

Sd/-
State Project Director,
OAVS

OIPR-27029/13/0008/2425





**ଆଜିର ମନ୍ତବ୍ୟ**

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତର ବେଳେ ବିରୋଧୀ କକ୍ଷତ୍ୟାଗ କରିବା ଦୁର୍ଭାଗ୍ୟଜନକ। ଏହି ବିପଜ୍ଜନକ କାର୍ଯ୍ୟପନ୍ଥା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନ୍ୟୂନ କରିଦେଉଛି। **–ଜଗଦୀପ ଧନକର, ରାଜ୍ୟସଭା ଅଧ୍ୟକ୍ଷ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ୱାମୀ ବିବେକାନନ୍ଦଙ୍କ ୧୨୨ତମ ପୁଣ୍ୟତିଥି, ସ୍ଥାନ: କଳିଙ୍ଗ ଷ୍ଟାଡିୟମ ପାର୍ଶ୍ୱସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ରସଶାସ୍ତ୍ର ଓ ଭେଷଜ କଳ୍ପନା ବିଭାଗ ପକ୍ଷରୁ ସେମିନାର, ସ୍ଥାନ: ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ନରାଜ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଜାପତି ବ୍ରହ୍ମ କୁମାରିଜ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ଲଟ ନଂ. ୬୪, ଫରେଷ୍ଟ ପାର୍କ, ୟୁନିଟ୍–୧,ସମୟ: ଅପରାହ୍ନ ୪ଟା।
- ନାଟକ 'କଳିଯୁଗେ ଜଗନ୍ନାଥ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟଗୁରୁ ଡ. ମନୋଜ କୁମାର ବେହେରାଙ୍କ ଲିଖିତ 'ଜୀବନତୀର୍ଥ' ପୁସ୍ତକ ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ଓ ସମାଜ'ର ମିଳିତ ସହଯୋଗରେ ଓଡ଼ିଆ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ସୁଧାସୁଆର ଦ୍ୱାରା ମହାପ୍ରଭୁଙ୍କ ନିମନ୍ତେ ଖଳି ପ୍ରସାଦ ବିଜେ, ସ୍ଥାନ: ପୁରୀ ଦୋଳମଣ୍ଡପ ସାହି, ସମୟ: ପୂର୍ବାହ୍ନ ୧୦ଟା
- ରଥଯାତ୍ରା ମକ୍ ଡ୍ରିଲ, ସ୍ଥାନ: ଟାଉନଥାନା ପରିସର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ଏଫ୍‌ଆଇ ପକ୍ଷରୁ ବିକ୍ଷୋଭ ଓ ଧାରଣା, ସ୍ଥାନ: ସାମନ୍ତଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା

## କଟକ

- ମା' ଦୁଲ୍ଲାଦେବୀ ନୂତନ ବିଗ୍ରହଙ୍କ ମନ୍ଦିର ପ୍ରବେଶ ଅବସରରେ ପ୍ରବଚନ, ସ୍ଥାନ: ଦୁଲ୍ଲାଦେବୀ ମନ୍ଦିର ପ୍ରାଙ୍ଗଣ, ଅନ୍ଦରପୁର, କଟକ,ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ରେମୁଣା ଭାଜପା ଯୁବମୋର୍ଚ୍ଚା ତରଫରୁ ରକ୍ତ ଦାନ ଶିବିର, ସ୍ଥାନ: ରେମୁଣା ମନ୍ଦିର ଛକ, ହାଡ଼ିଆପାଳ(ହନୁମାନ)କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଆଇଡିଏସ୍‌ଓ ପକ୍ଷରୁ ନିଟ୍ ସ୍କାମ ବିରୋଧରେ ପ୍ରତିବାଦ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୁଆଁରପୁର ବିଦ୍ୟାଳୟ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ବିସ୍ମୟ ବିନ୍ଧାଣୀ ଓ ମୁହୂର୍ତ୍ତର ସ୍ୱର ପୁସ୍ତକ ଦ୍ୱୟର ପାଠକାର୍ପଣ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର , ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଡିଡିଆର୍‌ସି କ୍ୟାମ୍ପସ୍, ବାରିପଦା ଟିବି ହସ୍ପିଟାଲ, ସମୟ: ସକାଳ ୮ଟା।
- ପଞ୍ଚାୟତ ହାଟ ନିଲାମ ପ୍ରକ୍ରିୟା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟ।

## ଭଦ୍ରକ

- ଆର୍‌ଏସ୍‌ଏସ୍‌ର ଗୁରୁପୂର୍ଣ୍ଣିମା ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ଆଗରପଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରୋଟାରୀ କ୍ଲବର ବାର୍ଷିକୋତ୍ସବ, ସ୍ଥାନ:କେନ୍ଦୁଝର ରୋଟାରୀ ଭବନ,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ପ୍ରଜାପତା ବ୍ରହ୍ମାକୁମାରୀ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ,ସ୍ଥାନ: ପ୍ରହଲ୍ଲାଦ ନଗର, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ମେଗା ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ଟାଉନ ହଲ, ସମୟ: ସକାଳ ୯ଟା।
- ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ବୁଗୁଡ଼ା ବ୍ଲକ ବାଘୁଆ, ସମୟ: ସକାଳ ୯ଟା ୩୦।
- ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ଭଞ୍ଜନଗର ଆଇଟିଆଇ, ସମୟ: ପୂର୍ବାହ୍ନ ୧୧ଟା।
- ବନ ମହୋତ୍ସବ ପାଳନ, ସ୍ଥାନ: ଆସିକା ବ୍ଲକ ଗୁଣ୍ଡପଡ଼ା ଜଗଦଳପୁର ହାଇସ୍କୁଲ, ସମୟ: ଅପରାହ୍ନ ୨ଟା।
- ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭାଗୃହ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ମା' ଦକ୍ଷିଣ କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ପିଆନପଡା, ଫୁଲବାଣୀ, ସମୟ: ସକାଳ ୮ଟା।
- ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କଳାକୃତି କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜି ଉଦୟଗିରି, ସମୟ: ସକାଳ ୯ଟା।

## ରାୟଗଡ଼ା

- ସାମାଜିକ, ଲିଙ୍ଗ ଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ପାଇଁ ଜିଲାସ୍ତରୀୟ ସାଧନ କର୍ମୀଙ୍କୁ ପ୍ରଶିକ୍ଷଣ, ସ୍ଥାନ: ଜିସିଡି ହାଇସ୍କୁଲ, ରାୟଗଡା, ସମୟ: ସକାଳ ୯ ଟା ।
- ଜିଆଇଇଟି ବିଶ୍ୱ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ, ସ୍ଥାନ: ଗୁଣପୁର ଜିଆଇଇଟି କ୍ୟାମ୍ପସ, ସମୟ :ସକାଳ ୯ଟା।
- ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ୫୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ

- କୋରାପୁଟ ଆକାଂକ୍ଷା ଜିଲା ସମ୍ପୂର୍ଣ୍ଣତା ଅଭିଯାନ ଅବସରରେ ଶୋଭାଯାତ୍ରା, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଦାମନଯୋଡ଼ି ପ୍ରକୃତି ବନ୍ଧୁ ସଂଘ ପକ୍ଷରୁ ବନମହୋତ୍ସବ, ସ୍ଥାନ: ମାଥାଲପୁଟ ହାଟପଦା, ହନୁମାନ ବାଟିକା ପାହାଡ଼, ସମୟ: ସକାଳ ୯ଟା।
- କୋରାପୁଟ ଆକାଂକ୍ଷା ଜିଲା ସମ୍ପୂର୍ଣ୍ଣତା ଅଭିଯାନ ଅବସରରେ ସଭା, ସ୍ଥାନ: କୋରାପୁଟ ସାଂସ୍କୃତିକ ପରିଷଦ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ୱାର୍ଡ ମେମ୍ବରମାନଙ୍କ ତାଲିମ ଶିବିର, ସ୍ଥାନ: ଜିଲା ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ପୋଲିସର ରଥଯାତ୍ରା ପ୍ରସ୍ତୁତି ବୈଠକ,ସ୍ଥାନ: ଓରକେଲ ଥାନା, ସମୟ: ପୂର୍ବାହ୍ନ ୧୦ଟା।
- ୭୫ତମ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବନାଞ୍ଚଳସ୍ତରୀୟ ବନ ମହୋତ୍ସବ, ସ୍ଥାନ:ଯୁଯୋମୁରା ସଦର ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଇ ଶିକ୍ଷା ପରିଷଦର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀ କାର୍ଯ୍ୟାଳୟ, ସମୟ:ସନ୍ଧ୍ୟା ୬ଟା।
- ସମ୍ବଲପୁରୀ ଦିନ ପାଇଁ ସଫେଇ ଅଭିଯାନ, ସ୍ଥାନ: ଗୁରୁ ସତ୍ୟନାରାୟଣ ସ୍ମୃତି ଉଦ୍ୟାନ, ସମୟ:ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ସମ୍ପୂର୍ଣ୍ଣତା ଅଭିଯାନ ଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ,ବଲାଙ୍ଗୀର, ସମୟ: ସକାଳ ୭ଟା।
- ସମ୍ପୂର୍ଣ୍ଣତା ଅଭିଯାନ ଉତ୍ସବ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୧ଟା
- କିଶନ ସବୁଜ ସପ୍ତାହ ପାଳନ, ସ୍ଥାନ: ତାଲଝରନ୍, ସମୟ: ଅପରାହ୍ନ ୨ଟା।

## ରାଉରକେଲା

- ଏନ୍‌ସିସି ଶିବିର ଉଦ୍‌ଯାପନ, ସ୍ଥାନ: ଏନଆଇଟି କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷୟିତ୍ରୀଙ୍କୁ ବିଦ୍ୟାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଟାଉନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ସାହିତ୍ୟ ସୃଜନୀ), ସ୍ଥାନ: ତାଲପାଲି ଉଚ୍ଚ ବିଦ୍ୟାଳୟ, ଗାଇସିଲେଟ୍। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଅମଠି, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜୁନାଗଡ଼ ବନବିଭାଗ ରେଞ୍ଜ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କଲମପୁର ବ୍ଲକ କୋଟାଗାଁ ଅପଗ୍ରେଡ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବନ ମହୋତ୍ସବ ପାଳନ, ସ୍ଥାନ: ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ ଲୁଣିବାହାଲ, ହରଭଙ୍ଗା, ସମୟ: ସକାଳ ୯ଟା।
- ଘଣ୍ଟାପଡା ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା କମିଟିର ବାର୍ଷିକ ସଭା, ସ୍ଥାନ: ଘଣ୍ଟାପଡା ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହ, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ଯୋଗ ଶିବିର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ସକାଳ ୫।
- ଧାନ ଚାଷରେ ରୋଗପୋକ ପରିଚାଳନା ସମ୍ପର୍କିତ କୃଷକ ବୈଜ୍ଞାନିକ ମତବିନିମୟ କାର୍ଯ୍ୟକ୍ରମ, ସ୍ଥାନ: କୃଷି କାର୍ଯ୍ୟାଳୟ କନଫରେନ୍ସ ହଲ ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବନମହୋତ୍ସବ ସପ୍ତାହ ପାଳନ, ମା'ଙ୍କ ନାମରେ ଗଛ ଟିଏ, ସ୍ଥାନ: ରିଆମାଳ ବ୍ଲକ ବନାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ନାଗରିକ କମିଟି ପକ୍ଷରୁ ବୈଠକ, ସ୍ଥାନ: ସେଣ୍ଟର ଫର କଲଚର୍ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଜିଲା ଟି.ବି ଫୋରମର ୭ମ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସାମୂହିକ ଚାରା ରୋପଣ, ସ୍ଥାନ: କମିରା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା ।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିର, ସମୟ: ପ୍ରାତଃ ୫ଟା ୩୦।

## ଢେଙ୍କାନାଳ

- ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନିହଲ ପ୍ରସାଦ, ଗଁଦିଆ ବ୍ଲକ, ସମୟ: ସକାଳ ୬ଟା।

## ଅନୁଗୋଳ

- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ବେଦ ଭବନ ଶୈଳ ଶ୍ରୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣ ଅନୁଗୋଳ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ନୟାଗଡ଼

- ବନମହୋତ୍ସବ, ସ୍ଥାନ: ନୟାଗଡ଼ ବ୍ଲକର ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟ , ସମୟ: ସକାଳ ୮ଟା।
- ବନ ମହୋତ୍ସବ, ସ୍ଥାନ: ନୟାଗଡ଼ ଜିଲା ଜଜ କୋର୍ଟ , ସମୟ: ସକାଳ ୯ଟା।
- ବନ ମହୋତ୍ସବ, ସ୍ଥାନ: ଭାପୁର ବ୍ଲକର କାଳିଆପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବନମହୋତ୍ସବ, ସ୍ଥାନ: ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା୩୦।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ରାଉଳିଆଡିହା, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ : ଯଖପୁରା ରାମମନ୍ଦିର ପଡିଆ, ସମୟ : ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ସୁଖଭାବରେ ଚନ୍ଦ୍ର ଓ ବୃହସ୍ପତି ସୁମିଷ୍ଟଭୋଜନ, ଆଦରସମ୍ମାନ ସହ ବନ୍ଧୁମିଳନରୁ ଖୁସି ରହିବେ। କଳେବଳେ କୌଶଳେ ଅନ୍ୟମାନଙ୍କ ସାହାଯ୍ୟ ନେଇ କାମ ହାସଲ କରିବାରେ ସମର୍ଥ ହେବେ। ଷଷ୍ଠସ୍ଥ କେତୁ ଦୂରଯାତ୍ରା, ଋଣ ପରିଶୋଧର ଚିନ୍ତା ଉଦ୍ରେକ କରିପାରେ। କିଣାବିକା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ବୃଷ**: ରବିଙ୍କ ସ୍ଥିତିରୁ ପାରିବାରିକ ସମସ୍ୟା ପ୍ରତିହତ କରି ଏକପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି। କର୍ମାରମ୍ଭ, ଆନୁଷ୍ଠାନିକ କାମ ପାଇଁ ଯୋଜନା କରିପାରନ୍ତି। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ପାଇଁ ପରିବାରରୁ ବରାଦ ଆସିପାରେ। ପ୍ରଶାସନିକସ୍ତରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ମିଥୁନ**: ଶତ୍ରୁ କ୍ଷେତ୍ରସ୍ଥ ବୁଧ କାରଣରୁ ଶାରୀରିକ ଅସୁସ୍ଥତା, ଜମିଜମା ବିବାଦଜନିତ ଅଶାନ୍ତ ରହିପାରନ୍ତି। ବ୍ୟବସାୟ, ପରିବହନ କ୍ଷେତ୍ରରେ ସୁଫଳ ପାଇବେ। ଆବଶ୍ୟକ ମନେକରୁଥିବା ଅର୍ଥ ଯଥା ସମୟରେ ପାଇବା ହେତୁ ଖୁସି ହେବେ। ଦୂରଯାତ୍ରା କ୍ଷେତ୍ରରେ ଜଣେ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇପାରନ୍ତି।

**କର୍କଟ**: କର୍ମାଧିପ ମଙ୍ଗଳ ସ୍ୱଗୃହସ୍ଥ ହେତୁ କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧିଜନିତ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଅନୁରୋଧକ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପ୍ରବାସରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ପାରିବାରିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ସିଂହ**: ଲାଭ ଭାବରେ ରବି ଓ ଶୁକ୍ର ଇଚ୍ଛା ଏବଂ କାମନା ପୂରଣରେ ସମର୍ଥ ହେବେ। ଆନୁଷ୍ଠାନିକ ପରିବେଶରେ ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପ୍ରଶାସନିକ କ୍ଷେତ୍ରରେ ସମନ୍ୱୟର ଅଭାବ ହେତୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ପାରିବାରିକ କ୍ଷେତ୍ର ପୂର୍ବପରି ବଳବତ୍ତର ରହିଥିବାରୁ ବିଶେଷ କିଛି ଅସୁବିଧା ହେବନାହିଁ।

**କନ୍ୟା**: ଭାଗ୍ୟ ଭାବରେ ଚନ୍ଦ୍ର ଓ ବୃହସ୍ପତି ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରିବେ। ଚିତ୍ରା ପାଇଁ ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସାଙ୍ଗକୁ ମନାନ୍ତରଜନିତ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ସାମାଜିକ, ଧାର୍ମିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତ ହେବେ।

**ତୁଳା**: ସ୍ୱରାଶିସ୍ଥ କର୍ମାଧିପତି ଚନ୍ଦ୍ର ହେତୁ ଅଟକି ରହିଥିବା କାମ ଆଜି ପୂର୍ଣ୍ଣାଙ୍ଗ କରିବେ। ଭାବପ୍ରବଣତାରେ ନିଜକୁ ନ ହଜାଇ ସାମାଜିକସ୍ତରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି କାମ ବିଗାଡ଼ିବାର ଅପଚେଷ୍ଟା କରିପାରନ୍ତି। ମହିଳାମାନେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**ବିଛା**: କର୍ମଭାବରେ ଭାଗ୍ୟାଧିପତି ଆପଣଙ୍କ ଉଦ୍ୟମକୁ ସଫଳ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ପଦାଧିକାରୀଙ୍କ ଅନୁକମ୍ପାରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ବାଣିଜ୍ୟ, ପରିବହନରେ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟ, ପ୍ରତିଯୋଗିତା ଓ ପ୍ରଶାସନିକ କ୍ଷେତ୍ର ପ୍ରଶସ୍ତ ରହିବ।

**ଧନୁ**: ରାଶ୍ୟାଧିପ ରୋଗ ସ୍ଥାନରେ ରହିଥିବାରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ପୂର୍ବ ଯୋଜନାକୁ ସାକାର କରିବା ପାଇଁ ପରିବାରରୁ ସହଯୋଗ ପାଇବେ। ଜମିଜମା କାରବାର, ପ୍ରଶାସନ, ରାଜନୀତିରେ ଚାପର ସମ୍ମୁଖୀନ ହୋଇପାରନ୍ତି। ଆଜି ବନ୍ଧୁମାନଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର**: ବୁଧ ସପ୍ତମସ୍ଥ ଯୋଗୁ ପରିବାରରେ ପ୍ରତିରୋଧ ମଧ୍ୟରେ ଆଗକୁ ବଢ଼ିବା କଷ୍ଟକର ହେବ। ସ୍ୱାସ୍ଥ୍ୟ ଭଲ ରହିବ, ଜମି କିମ୍ବା ଯାନ କ୍ରୟ କରିବେ, ଆର୍ଥିକ ସ୍ଥିତି ଉନ୍ନତ ରହିବ। ବ୍ୟବସାୟ, କଚେରି ମାମଲା ଏବଂ ଆନୁଷ୍ଠାନିକ କାମରେ ସନ୍ତୁଷ୍ଟ ରହିପାରନ୍ତି। ବନ୍ଧୁଙ୍କ ନିଃସ୍ୱାର୍ଥପର କାର୍ଯ୍ୟର ଭୂୟସୀ ପ୍ରଶଂସାରେ ଶତମୁଖ ହୋଇପାରନ୍ତି।

**କୁମ୍ଭ**: ଆରୋଗ୍ୟଲାଭ ସାଙ୍ଗକୁ ହିତାକାଂକ୍ଷୀଙ୍କ ସହାନୁଭୂତି ମନୋବଳ ବୃଦ୍ଧି କରିବାରେ ସହାୟକ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ଥଗିତ କାମଗୁଡ଼ିକର ଅଗ୍ରଗତି ସାଙ୍ଗକୁ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଆଜି ଦିନଟି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ବହୁତ ଭଲ।

**ମୀନ**: ବିଶେଷ ଅସୁବିଧା ନ ଥିଲେ ମଧ୍ୟ ରାହୁଙ୍କ ପ୍ରଭାବରେ ଅସ୍ଥିରତା ଅନୁଭବ କରିବେ। ପରିସ୍ଥିତିର ତାଡ଼ନାରେ କଠୋର ପରିଶ୍ରମ ସାଙ୍ଗକୁ ଅତ୍ୟଧିକ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଏକାଧିକ କାମରେ ହାତଦେଇ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ଉପରିସ୍ଥଙ୍କ ଆଦେଶ ମୁତାବକ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଜୁଲାଇ ୪ ତାରିଖ, ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ, ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶ୍ରୀମନ୍ଦିରରେ ଘଣାଲାଗି ଓ ଚକା ଅପସର, ରାଶି ନକ୍ଷତ୍ର– ମୃଗଶିରା/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୬ମି. ଗତେ ଘ.୦୬।୦୮ମି. ମଧ୍ୟେ, ଘ.୦୯।୩୯ମି. ଗତେ ଘ.୧୧।୨୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୦୧।୨୯ମି. ଗତେ ଘ.୦୩।୦୮ମି. ମଧ୍ୟେ ରାହୁକାଳ॥

# ପ୍ରଥମ ପୃଷ୍ଠାରୁ...

## ଲକ୍ଷେ ଟଙ୍କାରେ ...

ହେବା ପରେ ମହିଳା ଜଣକ ନୋଳିଆ ବ୍ୟକ୍ତିଙ୍କ ଘରକୁ ଫେରିଥିଲେ। ସୋମବାର ସେହି ଅଞ୍ଚଳରେ ରହୁଥିବା ସତିଶ୍ ନାମକ ଜଣେ ବ୍ୟକ୍ତି ଉକ୍ତ ମହିଳାଙ୍କୁ ପ୍ରଲୋଭିତ କରିବାରେ ସଫଳ ହୋଇଥିଲେ। ତାଙ୍କଠାରୁ ଏକ ଲକ୍ଷ ଟଙ୍କା ନେଇ ମହିଳା ଜଣକ ଶିଶୁପତ୍ରକୁ ବିକ୍ରିକରି ଦେଇଥିଲେ ବୋଲି ଆଶାକର୍ମୀ ମିନତି କହିଛନ୍ତି। ମଙ୍ଗଳବାର ନୋଳିଆ ବ୍ୟକ୍ତି ଜଣକ ଆସି ପାରାଦୀପରେ ପହଞ୍ଚିବା ପରେ ସବୁ ଶୁଣି ମହିଳାଙ୍କୁ ତାଗିଦ କରିଥିଲେ। ଫଳରେ ଝଗଡ଼ା ହୋଇ କଥା ପ୍ରଘଟ ହୋଇଥିଲା। ୧୬ ନଂ. ୱାର୍ଡ କାଉନସିଲର ମନୋଜ କୁମାର ନାୟକ ପହଞ୍ଚି ବୁଝାଶୁଝା କରିଥିଲେ। ଏବେ ମହିଳା ଜଣକ ନୋଳିଆ ବ୍ୟକ୍ତିଙ୍କ ଘର ଛାଡ଼ି ପୂର୍ବ ସ୍ଥାନକୁ ପଳାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କଠାରୁ ସୂଚନା ସଂଗ୍ରହ କରିଛି। ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ତଥାପି ଆମେ ନିଜ ଆଡୁ ତଦନ୍ତ କରୁଛୁ। କାଉନସିଲର ନାୟକ ଘଟଣାକୁ ସ୍ୱୀକାର କରିଛନ୍ତି। ଜଗତ୍‌ସିଂହପୁର ଜିଲା ଶିଶୁ ମଙ୍ଗଳ ଅଧିକାରୀ କାହ୍ନୁ ଚରଣ ରାଉତଙ୍କୁ ପଚାରିବାରେ ଗୁରୁବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି। ଏହି ଘଟଣାକୁ ନୋଳିଆ ବ୍ୟକ୍ତି ଜଣକ ମଧ୍ୟ ସ୍ୱୀକାର କରିଛନ୍ତି।

## ଚମ୍ପେଇଙ୍କ ଇସ୍ତଫା, ...

ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏଥିସହ ଜେଏମ୍‌ଏମ୍ ମୁଖ୍ୟ ଶିବୁ ସୋରେନ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ମନ୍ତ୍ରୀ ଥିବା ଚମ୍ପେଇ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ଇତିମଧ୍ୟରେ ହେମନ୍ତ ନିଜ ଗିରଫଦାରିକୁ ବେଆଇନ ଦର୍ଶାଇ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମି ଦୁର୍ନୀତି ମାମଲାରେ ହେମନ୍ତଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିର ପ୍ରମାଣ ନ ଥିବା ଦର୍ଶାଇ ହାଇକୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଥିଲେ। ହେମନ୍ତ ବିର୍ସା ମୁଣ୍ଡା ମୁକ୍ତିଲିବା ପରେ ରବିବାର ସାରା ଦେଶରେ ସାମନ୍ତବାଦୀ ତତ୍ତ୍ୱଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ। ୧୮୫୫ରେ ବ୍ରିଟିଶ ବିରୋଧରେ ସାନ୍ତାଳଙ୍କ ବିଦ୍ରୋହର ବର୍ଷପୂର୍ତ୍ତି ଅବସରରେ 'ହୁଲ୍ ଦିବସ' ପାଳନ ବେଳେ ହେମନ୍ତ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ତାଙ୍କୁ ଏକ ମିଥ୍ୟା ମାମଲାରେ ଫସାଇ ଦିଆଯାଇଥିଲା। କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଲୋକଙ୍କ ପଛରେ ସରକାର ନିଜ ଏଜେନ୍ସିଗୁଡ଼ିକୁ ଲଗାଉଛନ୍ତି। ଭାଜପାର ବଡ଼ ନେତାମାନେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଛନ୍ତି। ଜେଲ୍, ଲାଠି କିମ୍ବା ମୃତ୍ୟୁଦଣ୍ଡକୁ ଆମେ ଭୟ କରୁନାହୁଁ। ହୁଲ୍ ବିଦ୍ରୋହ ଭାଜପାକୁ ଦେଶରୁ ମୂଳପୋଛ କରିଦେବ ବୋଲି ହେମନ୍ତ କହିଥିଲେ। ବୁଧବାର ଚମ୍ପାଇଙ୍କ ରାଞ୍ଚି ବାସଭବନରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହେମନ୍ତଙ୍କୁ ସର୍ବସମ୍ମତିକ୍ରମେ ବିଧାୟକ ଦଳ ନେତା ଚୟନ କରାଯାଇଥିଲା। ଜେଏମ୍‌ଏମ୍ ନେତୃତ୍ୱାଧୀନ ଶାସକ ମେଣ୍ଟର ନିଷ୍ପତ୍ତିକ୍ରମେ ଚମ୍ପେଇ ରାଜଭବନକୁ ଯାଇ ରାଜ୍ୟପାଳଙ୍କୁ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ହେମନ୍ତଙ୍କ ସହ ଯାହା ସବୁ ଘଟିଛି ତାହା ସମସ୍ତଙ୍କୁ ଜଣା। ବର୍ତ୍ତମାନ କଂଗ୍ରେସ ସମେତ ଜେଏମ୍‌ଏମ୍‌ର ସହଯୋଗୀଗୁଡ଼ିକ ହେମନ୍ତଙ୍କ ସପକ୍ଷରେ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷେ ଜେଏମ୍‌ଏମ୍ ଏବଂ କଂଗ୍ରେସର ଏଭଳି ନିଷ୍ପତ୍ତିକୁ ଅତି ଦୁର୍ଭାଗ୍ୟଜନକ ବୋଲି ଆସାମ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ହିମନ୍ତ ବିଶ୍ୱଶର୍ମା ସମାଲୋଚନା କରିଛନ୍ତି। ଚମ୍ପେଇଙ୍କ ଭଳି ଜଣେ ବରିଷ୍ଠ ଆଦିବାସୀ ନେତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇଦେବା ଦୁଃଖଦାୟକ ବୋଲି ହିମନ୍ତ ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

## ରତ୍ନଭଣ୍ଡାର ଖୋଲାଯିବାର ...

ଖୋଲାଯାଇ ରତ୍ନ ଅଳଙ୍କାର ଗଣତି ହେବା ନେଇ ଚର୍ଚ୍ଚା ଚାଲିଛି। ଏହିପରିପ୍ରେକ୍ଷୀରେ ବୁଧବାର ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି, ରତ୍ନଭଣ୍ଡାର ଖୋଲାଯିବା ଏକ ଆନନ୍ଦର ବିଷୟ। ଅନେକ ବର୍ଷ ଧରି ରତ୍ନଭଣ୍ଡାର ଖୋଲିବା ନେଇ ବିଭିନ୍ନ କମିଟି ବୈଠକରେ ଦାବି ହୋଇଆସୁଥିଲା। ୪୫ ବର୍ଷ ହେଲା ଭିତର ରତ୍ନଭଣ୍ଡାର ବନ୍ଦ ରହିଛି। ୨୦୧୮ ମସିହାରେ ଭିତର ରତ୍ନଭଣ୍ଡାର ଖୋଲିବା ନେଇ ଉଦ୍ୟମ ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ଏଏସ୍‌ଆଇର ଏକ୍ସପର୍ଟ ଟିମ୍ ପକ୍ଷରୁ ଅନୁଧ୍ୟାନ ଓ ସ୍କାନିଂ କରାଯାଇ କୁହାଯାଇଛି ଯେ, ଭିତର ରତ୍ନଭଣ୍ଡାର ମରାମତି ନିତାନ୍ତ ଆବଶ୍ୟକ। କାରଣ ସ୍ଥିତି ଭଲ ନାହିଁ। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟିରେ ନିବେଦନ କରାଯାଇଥିଲା। ଯାହାହେଉ ଆନନ୍ଦର କଥା, ବର୍ତ୍ତମାନ ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବାକୁ ଯାଉଛନ୍ତି। ଭିତର ଓ ବାହାର ରତ୍ନଭଣ୍ଡାରର ମରାମତି ଦାୟିତ୍ୱ ହେଉଛି ଏଏସ୍‌ଆଇର। ସେହିପରି ରତ୍ନଭଣ୍ଡାରରେ ଥିବା ଅଳଙ୍କାରଗୁଡିକର ଗଣତି କରାଯିବା ଉଚିତ। ଅତୀତରେ ପରିଚାଳନା କମିଟି ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯିବା ସହ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତତ୍କାଳୀନ ରାଜ୍ୟ ସରକାର ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ରତ୍ନଭଣ୍ଡାର କମିଟି ଗଠନ କରିଥିଲେ। ଜଷ୍ଟିସ୍ ପଶାୟତଙ୍କ ଅଧ୍ୟକ୍ଷତାରେ ପୂର୍ବରୁ କେତୋଟି ବୈଠକ ହୋଇସାରିଛି। ଆସନ୍ତା ୫ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଥିବା ଶୁଣିବାକୁ ମିଳୁଛି। ଆଶା କରାଯାଉଛି ଯେ, ରତ୍ନଭଣ୍ଡାର ଖୋଲିବା ପରେ ଅଳଙ୍କାର ଗଣତି ହେବ। ଉଚ୍ଚସ୍ତରୀୟ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଉତ୍ତମ ଭାବେ କରାଯିବ ବୋଲି ଆଶା ରହିଛି। ରତ୍ନଭଣ୍ଡାର ଖୋଲାଯାଇ ମରାମତି ଓ ରତ୍ନ ଅଳଙ୍କାରଗୁଡ଼ିକର ଗଣତି ହେବାର ଆବଶ୍ୟକତା ରହିଥିଲା। ମହାପ୍ରଭୁଙ୍କ ଆଶୀର୍ବାଦରୁ ଭଲରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଗଜପତି ମହାରାଜା ଆଶା ପ୍ରକାଶ କରିଛନ୍ତି।

## ଚଳନ୍ତା ବସ୍‌ରେ ...

କୌଣସି ଅସୁବିଧା ନ ଥିବା ହୃଦ୍‌ବୋଧ ହେବା ପରେ ବସ୍‌ଟି ଗନ୍ତବ୍ୟ ପଥରେ ଯାତ୍ରୀଙ୍କୁ ନେଇ ଯାଇଥିଲା। ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ସୂଚନା ଅନୁଯାୟୀ, ବସ୍ ଡିକି ଭିତର ଦେଇ ଯାଇଥିବା ୱାୟାରିଂ ତାରଗୁଡ଼ିକ ତରଳି ଯାଇଥିବା ଦେଖିବାକୁ ମିଳିଛି। ସମ୍ଭବତଃ ଅତ୍ୟଧିକ ଗରମ କାରଣରୁ ବସ୍‌ରେ ଚାଲୁଥିବା ଏସିରେ ଓଭର ହିଟିଂରୁ ଶର୍ଟସର୍କିଟ ହୋଇଛି। ଫଳରେ ଏଭଳି ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ତେବେ ବାଟରେ କୌଣସି ଅଘଟଣ ଘଟିବା ଆଶଙ୍କାରେ ବସ୍‌କୁ ଭଲ ଭାବେ ଯାଞ୍ଚ କରାଯାଇଥିଲା ବୋଲି ସେ କହିଛନ୍ତି।

## ଋଣ ଚାପ: ବାପାଙ୍କୁ ...

ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ ଅଭିଯୁକ୍ତ ସୁନୀଲଙ୍କ ଏକମାତ୍ର ପୁତ୍ର ଅନିରୁଦ୍ଧ ଜବାହରଲାଲ୍ ନେହେରୁ ବିଶ୍ୱ ବିଦ୍ୟାଳୟରେ ଆଇନ ବିଭାଗରେ ଡିଗ୍ରୀ ହାସଲ କରିବା ପରେ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଆଇନ ବିଭାଗରେ ପ୍ରଫେସର ଭାବେ ଚାକିରି କରୁଥିଲେ। ସୁନୀଲ 'ନାଲ୍‌କୋ'ର ଜଣେ ଅଧିକାରୀ ଥିବାବେଳେ ଅବସର ପରେ ପରିବାର ସହ ରଙ୍ଗମାଟିଆସ୍ଥିତ ଏକ ଆପାର୍ଟମେଣ୍ଟର ପ୍ରଥମ ମହଲା ୧୦୮ନଂ ଫ୍ଲାଟରେ ରହୁଥିଲେ। ଅନିରୁଦ୍ଧ ବାପାଙ୍କଠାରୁ ଅଲଗା ହୋଇ ସ୍ତ୍ରୀଙ୍କ ସହ ସ୍ଥାନୀୟ ଅଞ୍ଚଳର ଅନ୍ୟ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ଇତିମଧ୍ୟରେ ଅନିରୁଦ୍ଧ ଅତ୍ୟଧିକ ଋଣଭାରରେ ପଡ଼ିଥିବାରୁ ମାନସିକ ଚିନ୍ତାରେ ରହୁଥିଲେ। ଏହି କାରଣ ପାଇଁ ଦମ୍ପତିଙ୍କ ମଧ୍ୟରେ ଝଗଡା ହେବାରୁ କିଛିଦିନ ତଳେ ସ୍ତ୍ରୀ ମଧ୍ୟ ତାଙ୍କୁ ଛାଡ଼ି ବାପଘରକୁ ଚାଲିଯାଇଥିଲେ। ଏହାପରେ କିଛିଦିନ ହେଲା ବାପାଙ୍କ ଫ୍ଲାଟକୁ ଆସି ଅନିରୁଦ୍ଧ ରହୁଥିଲେ। ଋଣ ଶୁଝିବାକୁ ପ୍ରାୟ ୨୫ ଲକ୍ଷ ଟଙ୍କା ଦେବା ପାଇଁ ବାପାଙ୍କ ଉପରେ ଅନିରୁଦ୍ଧ ଚାପ ପକାଉଥିଲେ। ହେଲେ ସୁନୀଲ ଟଙ୍କା ଦେବାକୁ ଅରାଜି ହେଉଥିଲେ। ଏପରିକି ଜମି ବିକ୍ରି କରି ତାଙ୍କୁ ଟଙ୍କା ଦେବାକୁ ଅନିରୁଦ୍ଧ ବାରମ୍ବାର କହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଏହି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡା ହୋଇଥିଲା। ଅନିରୁଦ୍ଧ ରାଗିଯାଇ ଟେବୁଲ ଉପରେ ଥୁଆ ହୋଇଥିବା ଛୁରିରେ ବାପାଙ୍କୁ ଭୁସି ଚାଲିଥିଲେ। ମା' ସୁନୀତା ଏସବୁ ଦେଖି ହତବାକ୍ ହୋଇଯାଇଥିଲେ। ସୁନୀଲ ରକ୍ତଜୁଡୁବୁଡୁ ଅବସ୍ଥାରେ ଖଟ ଉପରେ ଅଚେତ ହୋଇ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସୁନୀତା ସ୍ଥାନୀୟ ଅଞ୍ଚଳରେ ରହୁଥିବା ସମ୍ପର୍କୀୟ ଆଲୋକ ବେହେରାଙ୍କୁ କଲ୍ କରି ଘଟଣା ବିଷୟରେ ଜଣାଇଥିଲେ। ଏହାପରେ ଆପାର୍ଟମେଣ୍ଟର ପଡ଼ୋଶୀ ଲୋକମାନେ ରୁଣ୍ଡ ହୋଇଯାଇଥିବାବେଳେ ପୋଲିସକୁ କଲ୍ କରିଥିଲେ। ତେବେ ପୋଲିସ ଅଭିଯୁକ୍ତ ଅନିରୁଦ୍ଧଙ୍କୁ ପଚରାଉଚରା କରୁଥିବାବେଳେ ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

## ଆହୁରି ୨୦ ବର୍ଷ ...

ଏପରିକି ନିକଟରେ ସମାପ୍ତ ହୋଇଥିବା ଲୋକ ସଭା ନିର୍ବାଚନରେ ଏହି ଦୁଇ ଦଳ ବିରୋଧୀ ଇଣ୍ଡିଆ ମେଣ୍ଟରେ ସାମିଲ ନ ହୋଇ ଏକାକୀ ଲଢ଼ିଥିଲେ। ଜୁନ୍ ୪ରେ ଉଭୟ ରାଜ୍ୟର ବିଧାନସଭା ନିର୍ବାଚନ ଫଳ ଘୋଷଣା ପରେ ବିଜେଡି ଏବଂ ୱାଇଏସ୍‌ଆର୍‌ସିପି କ୍ଷମତାଚ୍ୟୁତ ହୋଇଛନ୍ତି। ଏହାପରେ ବିଜେଡି କେନ୍ଦ୍ରରେ ଭାଜପା ସରକାର ବିରୋଧରେ ସ୍ୱର ଉଠାଉଛି। କିନ୍ତୁ ୱାଇଏସ୍‌ଆର୍‌ସିପି ପୂର୍ବଭଳି ସମର୍ଥନ ଜାରି ରଖିଛି। ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ବେଳେ ବାଧା ସୃଷ୍ଟି କରୁଥିବା ବିରୋଧୀଙ୍କୁ ୱାଇଏସ୍‌ଆର୍‌ସିପି ନିନ୍ଦା କରିଛି। ମୋଦି ତାଙ୍କ ବକ୍ତବ୍ୟରେ କହିଥିଲେ, ଦୁର୍ନୀତି ଓ କଳାଧନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ସେ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଏଜେନ୍ସିଗୁଡ଼ିକ କାହାକୁ ବି ଛାଡ଼ିବେ ନାହିଁ। ଦିଲ୍ଲୀର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିରୋଧରେ ଦୁର୍ନୀତିର ଗମ୍ଭୀର ଅଭିଯୋଗ ଆସିଥିବାବେଳେ ଏହା ସହ କଂଗ୍ରେସ ମେଣ୍ଟ କରି ଲୋକ ସଭା ନିର୍ବାଚନ ଲଢ଼ିଥିଲା। କିନ୍ତୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ନିର୍ବାଚନରେ ଲାଭ ପାଇଁ ନୁହେଁ, ବରଂ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ମିଶନରେ ବାହାରିଛି। କଂଗ୍ରେସ ହେଉଛି ସମ୍ବିଧାନର ସବୁଠି ବଡ଼ ବିରୋଧୀ। ଏହି ଦଳ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଅପପ୍ରଚାର କରୁଛି। ସେହିପରି ପଶ୍ଚିମବଙ୍ଗର ଉତ୍ତର ଦିନାଜପୁର ଜିଲାରେ ଜଣେ ଟିଏମ୍‌ସି ବିଧାୟକଙ୍କ ସହଯୋଗୀ ଏକ ପ୍ରେମୀ ଯୁଗଳଙ୍କୁ ମାଡ଼ ମାରୁଥିବାବେଳର ଭିଡିଓ ଭାଇରାଲ ଘଟଣାକୁ ମଧ୍ୟ ମୋଦି ନିନ୍ଦା କରିଥିଲେ। ଜମ୍ମୁ–କଶ୍ମୀର ପ୍ରସଙ୍ଗରେ ମୋଦି କହିଥିଲେ, ଉପତ୍ୟକାରେ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସରକାର ବିଭିନ୍ନ କ୍ଷେତ୍ରରେ ରଣନୀତି ପ୍ରସ୍ତୁତ କରି ସେଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି। ତେଣୁ କେନ୍ଦ୍ରଶାସିତ ଅଞ୍ଚଳରେ ଗତ ୧୦ ବର୍ଷରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆତଙ୍କବାଦୀଙ୍କ ଅବଶିଷ୍ଟ ନେଟ୍‌ୱର୍କକୁ ଧ୍ୱଂସ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ମୋଦି କହିଥିଲେ। ମୋଦିଙ୍କ ବକ୍ତବ୍ୟବେଳେ ବିରୋଧୀ ଦଳ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରି ଗୃହରୁ ବାହାରି ଯାଇଥିଲେ। ବିରୋଧୀ ସଦସ୍ୟଙ୍କ କକ୍ଷତ୍ୟାଗକୁ ନେଇ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ଗୃହର ଅଧ୍ୟକ୍ଷ ଜଗଦୀପ ଧନକର ମୁହାଁମୁହିଁ ହୋଇଥିଲେ। ପ୍ରଧାନମନ୍ତ୍ରୀ କହୁଥିବାବେଳେ ବିରୋଧୀଙ୍କ କାକ୍ଷତ୍ୟାଗ ଦୁର୍ଭାଗ୍ୟଜନକ ବୋଲି ଧନକର କହିଥିଲେ। ଏହି ଅବସରରେ ଖାର୍ଗେ ଭାଜପା ଏବଂ ଏହାର ବୈଚାରିକ ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ସମ୍ବିଧାନ ବିରୋଧୀ କହି ସମାଲୋଚନା କରିଥିଲେ। ଇତିମଧ୍ୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଗୃହରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ରାଜ୍ୟ ସଭା ଅଧ୍ୟକ୍ଷ ଧନକର ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବ୍ରୀ ଘୋଷଣା କରିଥିଲେ।

## ୫ ମହାନଗର ପାଇ ...

ମନ୍ତ୍ରୀ ଟିକେଟ୍ କାଟିଥିଲେ। ବସ୍‌ରେ ଥିବା ଯାତ୍ରୀଙ୍କଠାରୁ ମୋ ବସ୍ ବିଷୟରେ ପଚାରି ବୁଝିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ମୋ ବସ୍ ସେବା ନାଗରିକଙ୍କୁ ସୁବିଧାଜନକ, ସ୍ଥାୟୀ ଓ ନିରାପଦ ଯାତାୟାତ ବିକଳ୍ପ ଯୋଗାଉଛି। ବସ୍‌ରେ ନିୟମିତ ଯାତ୍ରୀମାନଙ୍କ ସହିତ ବିସ୍ତୃତ ଆଲୋଚନା ହେବ। ନାଗରିକଙ୍କ ଆବଶ୍ୟକତାକୁ ଆଧାର କରି ବସ୍ ସଂଖ୍ୟା ବୃଦ୍ଧି କରାଯିବ। ଆମେ ବିଭିନ୍ନ ସମୟରେ ପରିସ୍ଥିତିକୁ ଅନୁଧ୍ୟାନ କରୁଛୁ। ଆବଶ୍ୟକ ସ୍ଥଳେ ଅଧିକ ବସ୍ ସେବା ଯୋଗାଇ ଦିଆଯିବ। ମୋ ବସ୍ ନାଁ ବଦଳାଇବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କୁ ବସ୍ ସେବା ଯୋଗାଇ ଦେବା ସରକାରଙ୍କ ପ୍ରାଥମିକତା। ନାଁରୁ କିଛି ମିଳିବ ନାହିଁ। ତେବେ ମୋ ବସ୍ କହିଲେ ନିଜ ଭିତରେ ଅହଂ ଭାବନା ସୃଷ୍ଟି କରିଥାଏ। ଏହାକୁ ପରବର୍ତ୍ତୀ ସମୟରେ ଆମ ବସ୍ ନାମରେ ନାମିତ କରାଯାଇପାରେ ବୋଲି ମନ୍ତ୍ରୀ କହିଛନ୍ତି। ୨୦୧୮ରେ ବିଜେଡି ସରକାର ଅମଳରେ ମୋ ବସ୍ ସେବା ଆରମ୍ଭ କରାଯାଇଥିଲା। କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା ଭଳି ପ୍ରମୁଖ ୬ ସହରର ୯୫ ରୁଟ୍‌ରେ ମୋ ବସ୍ ଚଳାଚଳ କରୁଛି। ଦୈନିକ ୨.୫ ଲକ୍ଷ ଯାତ୍ରୀ ଏହା ଉପରେ ନିର୍ଭର କରୁଛନ୍ତି।

# ଦୃଢ଼ହେବ ବନ୍ୟପ୍ରାଣୀ ଅପରାଧ ମାମଲା

**ଆରସିସିଏଫ୍, ନନ୍ଦନକାନନ ନିର୍ଦ୍ଦେଶକଙ୍କୁ ୱାଇଲ୍ଡଲାଇଫ୍ ୱାର୍ଡେନ କ୍ଷମତା**

ଭୁବନେଶ୍ୱର, ୩।୭(ଅସମାପିକା ସାହୁ)

ଦେଶରେ ନୂଆ ଆପରାଧିକ ଆଇନ ଲାଗୁ ହୋଇଛି। ତେବେ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନରେ ସେପରି ପରିବର୍ତ୍ତନ ହୋଇ ନ ଥିଲେ ମଧ୍ୟ ଓଡ଼ିଶା ବନ ବିଭାଗ ରାଜ୍ୟରେ ବନ୍ୟପ୍ରାଣୀ ଶିକାର, ଚୋରା ଚାଲାଣ ସହ ବିଭିନ୍ନ ଅପରାଧ ରୋକିବାକୁ ନୂଆ ନିୟମ ଲାଗୁ କରିଛି। ପୂର୍ବରୁ ବହୁ ବନ୍ୟପ୍ରାଣୀ ଅପରାଧ ମାମଲା କୋର୍ଟରେ ପହଞ୍ଚିଥାଏ, କିନ୍ତୁ ବନ ବିଭାଗର ଉପଯୁକ୍ତ ଅଧିକାରୀଙ୍କ ପକ୍ଷରୁ ଆବଶ୍ୟକ ତଥ୍ୟ ଓ ପ୍ରମାଣ ଦାଖଲ ହୋଇପାରୁ ନ ଥିବାରୁ ତାହା ଖାରଜ ହୋଇଯାଏ। ଫଳରେ ଅପରାଧୀ ବାରମ୍ବାର ଅପରାଧ ଘଟାଇବାକୁ ସୁଯୋଗ ପାଆନ୍ତି। ତେଣୁ ଏହି ମାମଲା କିପରି ଦୃଢ଼ ହେବ ଓ କୋର୍ଟରେ ଦୃଢ଼ ପ୍ରମାଣ ଦାଖଲ କରାଯିବ ସେଥିପାଇଁ ବନ ବିଭାଗ ରାଜ୍ୟର ସବୁ ଟେରିଟୋରିଆଲ ଡିଭିଜନ ଓ ବନ୍ୟପ୍ରାଣୀ ଡିଭିଜନ ମୁଖ୍ୟଙ୍କ ସମେତ ୭ ସର୍କଲର ଆର୍‌ସିସିଏଫ୍, ଶିମିଳିପାଳ ଉପନିର୍ଦ୍ଦେଶକ ଓ ନନ୍ଦନକାନନ ନିର୍ଦ୍ଦେଶକଙ୍କୁ ୱାଇଲ୍ଡଲାଇଫ ୱାର୍ଡେନ ବା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କ୍ଷମତା ପ୍ରଦାନ କରିଛି। ଏନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ୨୦୦୪ ମସିହା ଜାନୁଆରୀ ୨୮ରେ ପ୍ରକାଶିତ ଏ ସଂକ୍ରାନ୍ତ ଗେଜେଟ ନୋଟିଫିକେଶନକୁ ମଧ୍ୟ ରଦ୍ଦ କରାଯାଇଛି। ଏଥିସହ ବନ୍ୟପ୍ରାଣୀ ଅପରାଧର ମାସିକ ସମୀକ୍ଷା ବୈଠକକୁ ଗୁରୁତ୍ୱ ଦିଆଯାଉଛି। ଫଳରେ ଏଣିକି କ୍ଷମତାପ୍ରାପ୍ତ ଅଧିକାରୀମାନେ ଅନଧିକୃତ ଅଧିକାରୀଙ୍କୁ ଆଉ ମାମଲାର ଦାୟିତ୍ୱ ଦେଇପାରିବେ ନାହିଁ ଏବଂ ବନ୍ୟପ୍ରାଣୀ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇପାରିବ ବୋଲି କୁହାଯାଉଛି।

## ଆଇନ ଉଲ୍ଲଂଘନ କରୁଥିଲେ ଡିଏଫ୍ଓ

ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୩ରେ କେବଳ ୱାଇଲ୍ଡଲାଇଫ୍ ୱାର୍ଡେନ ବା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ କୋର୍ଟକୁ ମାମଲା ପଠାଇବାର ପ୍ରାବଧାନ ରହିଛି। ସେହି ଅନୁସାରେ, ୨୦୦୪ରେ କେବଳ ଡିଏଫ୍ଓଙ୍କୁ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କ୍ଷମତା ଦିଆଯାଇଥିଲା। କିନ୍ତୁ ସ୍ଥଳ ବିଶେଷରେ ଅପରାଧ ଘଟିଲେ ଡିଏଫ୍ଓ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିଜ ଦସ୍ତଖତରେ କୋର୍ଟଙ୍କ ପାଖକୁ ମାମଲା ନ ପଠାଇ ରେଞ୍ଜରମାନଙ୍କୁ ଏଥିପାଇଁ ବାଧ୍ୟ କରୁଥିଲେ। ଯଦିଓ ପ୍ରଥମେ କୋର୍ଟ ଜାମିନ ନାମଞ୍ଜୁର କରି ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଅନ୍ତି, କିନ୍ତୁ ଏହି କାରଣରୁ ବିଚାର ସମୟରେ କୋର୍ଟରେ ମାମଲା ଦୁର୍ବଳ ହୋଇଯାଏ। କାରଣ ବନ୍ୟପ୍ରାଣୀ ଆଇନର ଦଫା ୫୫(COGNIZANCE OF OFFENCES)ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, କେବଳ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଦ୍ୱାରା ଅଧିକୃତ ବ୍ୟକ୍ତି କୋର୍ଟଙ୍କ ନିକଟରେ ମାମଲା ଉପସ୍ଥାପନା କଲେ, ତାହା ଗ୍ରହଣୀୟ ହେବ। ଯଦିଓ ରାଜ୍ୟରେ କେତେଜଣ ଡିଏଫ୍ଓ ନିଜେ ଦସ୍ତଖତ କରି ମାମଲା କୋର୍ଟକୁ ପଠାଇଥାନ୍ତି, କିନ୍ତୁ ଅନେକ ଡିଏଫ୍ଓ ଏହି ନିୟମକୁ ଗୁରୁତ୍ୱ ଦିଅନ୍ତି ନାହିଁ। ସେହିପରି ଅଧିକାଂଶ ଡିଏଫ୍ଓ ଆଇନ ଉଲ୍ଲଂଘନ କରି ନିଜ କାନ୍ଧରୁ ଦାୟିତ୍ୱ ଖସାଇ ରେଞ୍ଜରଙ୍କ କାନ୍ଧରେ ଲଦିଦେଉଥିବାରୁ ସେମାନେ ମଧ୍ୟ ନିଜ କାର୍ଯ୍ୟରେ ମନମାନି କରୁଥିବା ନଜିର ରହିଛି। ଯେନତେନ ପ୍ରକାରେ ନଥି ଓ ପ୍ରମାଣପତ୍ର ପ୍ରସ୍ତୁତ କରି କୋର୍ଟଙ୍କ ନିକଟକୁ ପଠାଇଥାନ୍ତି। ତେଣୁ କୋର୍ଟ ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ଦେଖି ବନ ବିଭାଗ ପରିଚାଳିତ ମାମଲାରେ ସେପରି ଦଣ୍ଡବିଧାନ କରିପାରନ୍ତି ନାହିଁ। ଫଳରେ ରାଜ୍ୟ ବନ ବିଭାଗ ଇତିହାସରେ ଅପରାଧୀଙ୍କ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି।



## ଜବାନବନ୍ଦୀ ରେକର୍ଡ କରୁଥିଲେ ଫରେଷ୍ଟ ଗାର୍ଡ

ବନ୍ୟପ୍ରାଣୀ ଆଇନର ଧାରା ୫୦ରେ ଉଲ୍ଲେଖ ରହିଛି ଯେ, ଏସିଏଫ୍‌ଙ୍କ ତଳ ପାହ୍ୟାରୁ କେହି ମଧ୍ୟ ଜବାନବନ୍ଦୀ ରେକର୍ଡ କରି ପାରିବେ ନାହିଁ। କିନ୍ତୁ ଡିଏଫ୍ଓଙ୍କ କାର୍ଯ୍ୟକୁ ଦେଖି କେତେଜଣ ଏସିଏଫ୍ ମଧ୍ୟ ନିଜେ ଅଭିଯୁକ୍ତ ଏବଂ ସାକ୍ଷୀଙ୍କ ଜବାନବନ୍ଦୀ ରେକର୍ଡ ନ କରି ଫରେଷ୍ଟରଙ୍କୁ ଦାୟିତ୍ୱ ଧରାଇଦିଅନ୍ତି। ଫଳରେ ମାମଲା ଖାରଜ ହେବାର ଏହା ଆଉଏକ କାରଣ କୁହାଯାଇପାରେ ବୋଲି ଖୋର୍ଦ୍ଧା ଜିଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ସେ କୁହନ୍ତି, ମୁଁ ବହୁ ଦସ୍ତାବିଜ ଦେଖିଛି, ଯେଉଁଥିରେ ଫରେଷ୍ଟର କିମ୍ବା ଫରେଷ୍ଟ ଗାର୍ଡ ଅଭିଯୁକ୍ତଙ୍କ ଜବାନବନ୍ଦୀ ନେଇଛନ୍ତି ଏବଂ ରେଞ୍ଜର ନିଜ ଦସ୍ତଖତରେ ମାମଲା କୋର୍ଟ ପଠାଇଛନ୍ତି।

## ଆଇନଗତ ସମସ୍ୟା ଦୂର ହେବ: ବନ୍ୟପ୍ରାଣୀ ପିସିସିଏଫ୍

ବନ୍ୟପ୍ରାଣୀ ପିସିସିଏଫ୍ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦ କହିଛନ୍ତି, ୨୦୦୪ ନୋଟିଫିକେଶନରେ ଶିମିଳିପାଳ ଉପନିର୍ଦ୍ଦେଶକ ଓ ନନ୍ଦନକାନନ ନିର୍ଦ୍ଦେଶକ ପ୍ରମୁଖଙ୍କୁ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ମାନ୍ୟତା ମିଳି ନ ଥିଲା। ସେମାନଙ୍କୁ ନୂଆ ନୋଟିଫିକେଶନ ବଳରେ କ୍ଷମତା ପ୍ରଦାନ କରାଗଲା। ଯେହେତୁ କେବଳ ବନ୍ୟପ୍ରାଣୀ ତତ୍ତ୍ୱାବଧାରକମାନେ ହିଁ କୋର୍ଟଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିବା ନିମନ୍ତେ ପ୍ରାବଧାନ ରହିଛି। ତେଣୁ ଆଗକୁ ଆଇନଗତ ସମସ୍ୟା ନ ରହିବା ପାଇଁ ଆମେ ଏହି ନୂଆ ନୋଟିଫିକେଶନ ଜାରି କରିଛୁ ବୋଲି ପିସିସିଏଫ୍ ନନ୍ଦ କହିଛନ୍ତି।

# ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି

କଟକ,୩।୭ (କାର୍ତ୍ତିକ ସାହୁ)



ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ

ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି। କେନ୍ଦ୍ର ଆଇନ ଓ ନ୍ୟାୟିକ ମନ୍ତ୍ରଣାଳୟର ସୁପାରିସକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ବିଚାରପତି ଡ. ଷଡ଼ଙ୍ଗୀ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ ପାଣ୍ଡିଖରିଶାସନରେ ୧୯୬୨ ଜୁଲାଇ ୨୦ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ସ୍ୱର୍ଗତ ବାଞ୍ଛାନିଧି ଷଡ଼ଙ୍ଗୀ ଓଡ଼ିଶା ଅର୍ଥନୈତିକ ସେବାରେ ରାଜ୍ୟ ସରକାରଙ୍କ ଅର୍ଥନୈତିକ ଉପଦେଷ୍ଟା ଥିଲେ। ତାଙ୍କ ମା' ସ୍ୱର୍ଗତା ଶୈଳବାଳା ଷଡ଼ଙ୍ଗୀ ଜଣେ ଗୃହିଣୀ ଥିଲେ। ଜଷ୍ଟିସ ଷଡ଼ଙ୍ଗୀ ମାଟ୍ରିକ୍ ପାସ୍ କରିବା ପରେ ବିଜେବି କଲେଜରୁ ବାଣିଜ୍ୟରେ ସ୍ନାତକ ପାସ୍ କରିଥିଲେ। ଏହାପରେ ସେ ତତ୍କାଳୀନ ମଧୁସୂଦନ ଆଇନ୍ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଓ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ଶେଷ କରିଥିଲେ। ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ଡିଗ୍ରୀ ହାସଲ କରିଥିଲେ। ସେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ୧୯୮୫ରେ ଆଇନଜୀବୀ ଭାବେ ନାମ ପଞ୍ଜୀକରଣ କରି ସ୍ୱର୍ଗତ ଗଙ୍ଗାଧର ରଥଙ୍କ ଅଧୀନରେ ଆଇନପେସାରେ ଯୋଗଦେଇଥିଲେ। ଦୀର୍ଘ ୨୭ ବର୍ଷର ଓକିଲାତି ପରେ ୨୦୧୩ ଜୁନ୍ ୨୦ରେ ସେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ସେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କଲାବେଳେ ରେକର୍ଡ ସଂଖ୍ୟକ ୧,୫୨,୦୦୦ ମାମଲାର ଫଇସଲା ସହ ୧୫୦୦ ରିପୋର୍ଟେଡ ରାୟ ପ୍ରଦାନ କରିଛନ୍ତି। ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ଅବସର ପରେ ଡ. ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ଆର୍‌ଡିଏର ଆଇନ ସହାୟକ ଚାକିରିରୁ ବରଖାସ୍ତ

**ଦୁର୍ନୀତି ଅଭିଯୋଗ**

ରାଉରକେଲା,୩।୭(ସଙ୍ଗୀତା ଜେନା )

ରାଉରକେଲା ବିକାଶ ପ୍ରାଧିକରଣ (ଆର୍‌ଡିଏ)ର ଆଇନ ସହାୟକ ମନୋଜ ଦାଶ ଭିଜିଲାନ୍ସ ଦୁର୍ନୀତି ଅଭିଯୋଗରେ ଚାକିରିରୁ ବରଖାସ୍ତ ହୋଇଛନ୍ତି। ଏଥିସହ ୨ ବର୍ଷ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜରିମାନା ପାଇଁ ଆଦେଶ ହୋଇଛି। ଜରିମାନା ଅନାଦାୟ ହେଲେ ୩ ମାସ ଅଧିକ କାରାଦଣ୍ଡ ପାଇଁ କୁହାଯାଇଛି। ସମ୍ବଲପୁରରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଚାର୍ଜ କରାଯାଇଥିବା ଦୁର୍ନୀତି ନିବାରଣ ଆଇନ ୧୯୮୮/୧୦୯ର ଭିଜିଲାନ୍ସ ମାମଲା (୧୩୯୨) ଆର୍‌ଡବ୍ଲ୍ୟୁ,୧୩(୧)(ଡି) ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦାଶଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏ ନେଇ ଗତ ମାସ ୨୬ରେ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟ ବିଚାରପତି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

# କେଜିବିଭିରେ ମିଳିବ ଆଇସିଟି ଲାବ୍, ସ୍ମାର୍ଟ କ୍ଲାସ୍‌ରୁମ୍ ସୁବିଧା

ଭୁବନେଶ୍ୱର, ୩।୭(ଅସମାପିକା ସାହୁ)

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ କାର୍ଯ୍ୟକ୍ଷମ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି) ଏବଂ ହଷ୍ଟେଲରେ ଆଇସିଟି (ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି) ଲାବ୍ ଏବଂ ସ୍ମାର୍ଟ କ୍ଲାସ୍‌ରୁମ ସୁବିଧା ଯୋଗାଇ ଦିଆଯିବ। ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଛାତ୍ରୀମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ଡିଜିଟାଲ କ୍ଷେତ୍ରରେ ସୁଦୃଢ଼ କରିବା ଏବଂ ସେମାନଙ୍କ ଶିକ୍ଷଣ ଫଳାଫଳ ବୃଦ୍ଧି କରିବା ପାଇଁ ଏହି ନିଷ୍ପତ୍ତି ନେଇଛି। ସମଗ୍ର ଶିକ୍ଷା ନିୟମ ଅନୁଯାୟୀ ଆଇସିଟି ଲାବ୍ ଏବଂ ସ୍ମାର୍ଟ କ୍ଲାସରୁମ୍‌ର ବ୍ୟବସ୍ଥା କରାଯିବ। ଏହି ପଦକ୍ଷେପ ଦ୍ୱାରା ପ୍ରାୟ ୨୯୦ କୋଟି ଟଙ୍କା ବ୍ୟୟ ଅଟକଳରେ କେଜିବିଭିର ୭ ଲକ୍ଷ ଝିଅ ଉପକୃତ ହେବେ। ବର୍ତ୍ତମାନ ଦେଶର ୩୦ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ୫,୧୧୬ କେଜିବିଭି କାର୍ଯ୍ୟ କରୁଛି।

# କେନାଲରୁ ହାତୀ ଛୁଆ ଉଦ୍ଧାର



କେନାଲରେ ଫସିରହିଥିବା ଛୁଆ ହାତୀକୁ ଜଗି ରହିଥିବା ଦନ୍ତା।

- ୩ ଘଣ୍ଟା କସରତ କଲା ବନ ବିଭାଗ
- ଉଦ୍ଧାର ବେଳେ ଜେସିବି ମେଶିନ ଉପରେ ୨ ଦନ୍ତା ହାତୀଙ୍କ ଆକ୍ରମଣ ଉଦ୍ୟମ

ମୋରଡ଼ା, ୩।୭(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ରେଞ୍ଜ ଅଧୀନ ଦୁର୍ଗାପୁର ପଞ୍ଚାୟତର ଅସନବଣି ଗ୍ରାମ ଦେଇଯାଇଥିବା ସୁବର୍ଣ୍ଣରେଖା ଶାଖା କେନାଲରେ ଖସିପଡ଼ିଥିବା ଏକ ହାତୀ ଛୁଆକୁ ବନ ବିଭାଗ ଉଦ୍ଧାର କରିଛି। ଏଥିପାଇଁ ବନ କର୍ମଚାରୀଙ୍କୁ ୩ ଘଣ୍ଟା କାଳ କସରତ କରିବାକୁ ପଡ଼ିଥିଲା। ଜେସିବି ମେଶିନ ସାହାଯ୍ୟରେ କେନାଲରେ ମାଟି ଭର୍ତ୍ତି କରି ହାତୀ ଛୁଆକୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ସମୟରେ ହାତୀ ଛୁଆକୁ ଜଗି ରହିଥିବା ୨ ଦନ୍ତା ହାତୀ ଜେସିବି ମେଶିନ ଉପରେ ଆକ୍ରମଣ ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା। ପରେ ଉଦ୍ଧାର ହାତୀଛୁଆ ହାତୀପଲ ସହ ନିକଟସ୍ଥ ଅସନବଣି ଜଙ୍ଗଲକୁ ଚାଲିଯାଇଥିବା ବନ ବିଭାଗ ସୂଚନା ଦେଇଛି।

# ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ିଙ୍କ ପରଲୋକ

**ମୁଖ୍ୟମନ୍ତ୍ରୀଙ୍କ ଶୋକ**

ଭୁବନେଶ୍ୱର(ଅନିଲ ଦାସ)/ ମାଲକାନଗିରି(ଦୁର୍ଯ୍ୟୋଧନ ପାତ୍ର), ୩।୭



ଆଦିତ୍ୟ ମାଢ଼ି

ମାଲକାନଗିରିର ପୂର୍ବତନ ଭାଜପା ବିଧାୟକ ଆଦିତ୍ୟ ମାଢ଼ିଙ୍କର ବୁଧବାର ଅପରାହ୍ଣ ୫ଟାରେ ପରଲୋକ ହୋଇଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଦୀର୍ଘଦିନ ଧରି ସେ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କର ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଥିଲା। ଦୁଇ ବର୍ଷ ପୂର୍ବେ ତାଙ୍କର କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା।

ସେ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୪୯ ବର୍ଷ ବୟସ ହୋଇଥିଲା। ତାଙ୍କ ଅକାଳ ବିୟୋଗରେ ମାଲକାନଗିରି ଜିଲାରେ ଶୋକରଛାୟା ଖେଳିଯାଇଛି।

ଆଦିତ୍ୟ ମାଢ଼ିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାଲକାନଗିରିର ବିକାଶରେ ବିଧାୟକ ଭାବେ ଆଦିତ୍ୟଙ୍କ ବଳିଷ୍ଠ ଅବଦାନ ରହିଥିଲା। ଏଥିସହିତ ମାଲକାନଗିରି ଜିଲାରେ ଦଳକୁ ମଜଭୁତ କରିବାରେ ମଧ୍ୟ ସେ ପ୍ରମୁଖ ଭୂମିକା ତୁଲାଇଥିଲେ। ଜଣେ ଲୋକପ୍ରିୟ ରାଜନେତା ଭାବେ ଜିଲାବାସୀଙ୍କ ନିକଟରେ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ। ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଆଦିତ୍ୟ ମାଢ଼ିଙ୍କ ମୃତ୍ୟୁରେ ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡ଼କାମୀ, ଚିତ୍ରକୋଣ୍ଡାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ପୂର୍ବତନ ଜିଲାପରିଷଦ ଅଧକ୍ଷ ଗଙ୍ଗାଧର ବୁରୁଦା ଶୋକପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମୀର ଦାଶଙ୍କୁ ମିଳିଲା ନିଯୁକ୍ତି

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

ଓଏଏସ୍ ଅଫିସର ତଥା ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗର ଅଣ୍ଡର ସେକ୍ରେଟାରି ସମୀର ଦାଶ ଯିଏ କି ପୂର୍ବରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସରରେ ନିଯୁକ୍ତି ପାଇଥିଲେ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନୂଆ ଦାୟିତ୍ୱ ଦିଆଯାଇଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଙ୍ଗାଏ ମାହାର୍ଦ୍ଦ ଛୁଇଁଲେ ଯାହା**
**କଣିକାଏ ନିର୍ମାଲ୍ୟ ଛୁଇଁଲେ ତାହା।**

ଅଙ୍ଗାଏ ମାହାର୍ଦ୍ଦ ବା ମହାପ୍ରସାଦ ଯାହା କଣିକାଏ ନିର୍ମାଲ୍ୟ ତାହା। ସ୍ଥଳବିଶେଷରେ ଏ ସବୁ ଏକା କଥା। ମହାପ୍ରସାଦରେ ଅଳ୍ପ ବହୁତ ଭେଦ ବିଚାର୍ଯ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅନ୍ଧ ଦେଶକୁ ଗଲି ଦର୍ପଣ ବିକି**
**କନ୍ଧ ହାତକୁ ଦେଲି ଗୋଦାନ ଟେକି।**

ଅଯୋଗ୍ୟକୁ ଯୋଗ୍ୟ ଆସନରେ ବସାଇବା ଅର୍ଥ ଯୋଗ୍ୟତାର ପଦକୁ ଅମର୍ଯ୍ୟାଦା କରିବା ସଙ୍ଗେ ସମାନ। ଅଯୋଗ୍ୟ ଯେତେ ଗର୍ବ ବହିଲେ ମଧ୍ୟ ତାକୁ ଯୋଗ୍ୟ ପଦରେ ବସାଇଲେ ଉପହସିତ ହେବା ହିଁ ସାର ହୋଇଥାଏ। ସେହିପରି ଯୋଗ୍ୟକୁ ଅନୁପଯୁକ୍ତ ଆସନରେ ବସାଇଲେ ଯୋଗ୍ୟତାକୁ ଅସମ୍ମାନ କରାହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଅଭିଯୋଗକାରୀଙ୍କୁ ଥାନାରୁ ଫେରାଇଦେଇଥିବା ୩ ପୋଲିସ କର୍ମଚାରୀ ନିଲମ୍ବିତ

**ଗୋଳଗୋଳା ଗାଁରୁ ସିରିଜ୍ ଚୋରି ଘଟଣା**

- କର୍ତ୍ତବ୍ୟରେ ଅବହେଳା ମହଙ୍ଗା ପଡ଼ିଲା
- ନିଲମ୍ବନ ଏଏସ୍‌ଆଇଙ୍କୁ ଉଠାଇ ଆଣିଲା ପୋଲିସ

ନୟାଗଡ଼,୩।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଳଗୋଳା ଗାଁର ସିରିଜ୍ ଚୋରି ଘଟଣାକୁ ଅଣଦେଖା,ଅଭିଯୋଗକାରୀଙ୍କୁ ଥାନାରୁ ଫେରାଇଦେବା ପରି କର୍ତ୍ତବ୍ୟରେ ଅବହେଳା କରିଥିବା ନୟାଗଡ଼ ସଦର ଥାନାର ୩ ପୋଲିସ କର୍ମଚାରୀଙ୍କୁ ଏସ୍‌ପି ରାହୁଲ ଜୈନ ବୁଧବାର ନିଲମ୍ବନ କରିଛନ୍ତି। ସମ୍ପୃକ୍ତ ପୋଲିସ କର୍ମଚାରୀମାନେ ହେଲେ ଏସ୍‌ଆଇ ହାସିନା ପ୍ରଧାନ, ଏଏସ୍‌ଆଇ ରାଜେଶ୍ୱରୀ ନାୟକ ଓ କନ୍‌ଷ୍ଟେବଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ଅନ୍ୟପକ୍ଷେ ନିଲମ୍ବିତ ଏଏସ୍‌ଆଇ ନାୟକଙ୍କ ବିରୋଧରେ ଅନ୍ୟ କୌଣସି ଅଭିଯୋଗ ଥିବାରୁ ପୋଲିସ ତାଙ୍କୁ ନୟାଗଡ଼ ସହର ମଧୁସୂଦନ ନଗର ଭଡ଼ା ଘରୁ ଥାନାକୁ ଆଣି ତଦନ୍ତ କରୁଛି। ତାଙ୍କ ସହିତ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବି ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଏହି ଘଟଣା ନୟାଗଡ଼ରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗତ ୩୦ ତାରିଖ ରାତିରେ ଗୋଳଗୋଳା ଗାଁର ୪ଜଣଙ୍କ ଘରୁ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଏବଂ ନଗଦ ପ୍ରାୟ ୧ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣା ଜଣାପଡିବା ପରେ ରାତି ପ୍ରାୟ ୩ଟା ବେଳେ ମଞ୍ଜୁବାଳା ଦାସ ନାମ୍ନୀ ଜଣେ ମହିଳା ଅଭିଯୋଗ କରିବାକୁ ଥାନାକୁ ଯାଇଥିଲେ। ହେଲେ ଥାନାର ଫାଟକ ବନ୍ଦ ଥିଲା। ୧୦ ମିନିଟ୍ ଧରି ଡାକିଥିଲେ ମଧ୍ୟ କେହି ଶୁଣି ନ ଥିଲେ କି ଫାଟକ ଖୋଲି ନ ଥିଲେ। ବାହାରେ ଲେଖାଥିବା ଫୋନ୍ ନଂ.କୁ ଯୋଗାଯୋଗ ପରେ ଜଣେ ମାଡାମ ଫୋନ୍ ଉଠାଇଥିଲେ। ତାଙ୍କୁ ଚୋରି ସମ୍ପର୍କରେ ମଞ୍ଜୁବାଳା କହିଥିଲେ। ହେଲେ ମାଡାମ କହିଥିଲେ ଏବେ ରାତି ଅଛି, ସକାଳେ ଆସି ଅଭିଯୋଗ କର। ପରେ ଅନ୍ୟ ଷ୍ଟାଫ୍‌ମାନେ ଆସିଥିଲେ। ମଞ୍ଜୁବାଳା ନେଇଥିବା ଭିଡିଓ ତାଙ୍କୁ ଦେଖାଇଥିଲେ। ଏହାପରେ ବି କୌଣସି ସହଯୋଗ ମିଳି ନ ଥିଲା। ମଞ୍ଜୁବାଳା ଥାନାରୁ ଫେରିବା ସମୟରେ ସେମାନେ ତାଙ୍କ ନାମ ଓ ଫୋନ ନମ୍ବର ପଚାରି ଟିପି ରଖିଥିଲେ। ଜୁଲାଇ ୧ ତାରିଖ ପୂର୍ବାହ୍ନ ୮ଟା ସୁଦ୍ଧା ବି ପୋଲିସ ଗାଁରେ ପହଞ୍ଚି ନ ଥିଲା। ପୋଲିସର ତଦନ୍ତରେ ବିଳମ୍ବ ଯୋଗୁ ଚୋରି ଓ ଚୋରର ଟେର ମିଳି ନ ଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ଘଟଣା ପରେ ଏସ୍‌ପି ସେହି ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

ଏ ସଂକ୍ରାନ୍ତରେ ଏସ୍‌ପି ରାହୁଲ ଜୈନ କୁହନ୍ତି, କର୍ତ୍ତବ୍ୟରେ ଅବହେଳା ଯୋଗୁ ଥାନାର ୩ଜଣ ପୋଲିସଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ନିଲମ୍ବିତ ଏଏସ୍‌ଆଇ ରାଜେଶ୍ୱରୀ ନାୟକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚାଲିଥିବା କଥାକୁ ମଧ୍ୟ ସେ ସ୍ୱୀକାର କରିଛନ୍ତି।

# ଭିଜିଲାନ୍ସ ଜାଲରେ ବିଞ୍ଝାରପୁର ଥାନା ଏସ୍‌ଆଇ

ବିଞ୍ଝାରପୁର/ରାଜକନିକା,୩।୭ (ରାମକୃଷ୍ଣ ଦାସ/ସଞ୍ଜୟ କୁମାର ଦାଶ)



ଏସ୍‌ଆଇ କେଶବ ଚନ୍ଦ୍ର ଦାଶ

ଜଣେ ମୃତବ୍ୟକ୍ତିଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ସାହାଯ୍ୟ କରିବାକୁ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ବୁଧବାର ଯାଜପୁର ଜିଲାର ବିଞ୍ଝାରପୁର ଥାନା ଏସ୍‌ଆଇ କେଶବ ଚନ୍ଦ୍ର ଦାଶ ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି।

ଗତ ମେ' ୨୦ରେ ସିଂହପୁର ଅଞ୍ଚଳର ଶରତ ପତି ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଜୁନ୍ ୧୬ରେ ଶରତଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଶରତଙ୍କ ପୁଅ ଅବିନାଶ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ.୩୬୬/୨୪ରେ ଏକ ମାମଲା ରୁଜୁହୋଇଥିଲା। ମାମଲାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ଦାଶଙ୍କୁ ଦିଆଯାଇଥିଲା। ତେବେ ତଦନ୍ତ ସମୟରେ ବୀମା ପଇସା ପାଇବାକୁ ହେଲେ ସେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ସାହାଯ୍ୟ କରିବେ ବୋଲି କହିବା ସହ ଏଥିପାଇଁ ୫,୦୦୦ ଟଙ୍କା ଦାବି କରିଥିଲେ। ତାଙ୍କ ଏଭଳି ମନୋଭାବରେ ନିରାଶ ହୋଇ ଅବିନାଶ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏସ୍‌ଆଇ ଦାଶ ତାଙ୍କ ସରକାରୀ ବାସଭବନରେ ଟଙ୍କା ନେଉଥିବାବେଳେ ଯାଜପୁର ଭିଜିଲାନ୍ସ ଡିଏସ୍‌ପି ସୁଶୀଲ ଏକ୍କା ଏସ୍‌ଆଇଙ୍କୁ ମାଡ଼ି ବସିବା ସହ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଥିଲେ। ଭିଜିଲାନ୍ସ ଏସ୍‌ଆଇ ଦାଶଙ୍କୁ ଗିରଫକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏଥିସହ ତାଙ୍କର କେନ୍ଦ୍ରାପଡ଼ା ଜିଲା ରାଜକନିକା ନିକଟ କଣ୍ଟପଡ଼ା ପଞ୍ଚାୟତ ପୋରଳସ୍ଥିତ ବାସଭବନରେ ଭିଜିଲାନ୍ସର ଏକ ଟିମ୍ ଚଢ଼ାଉ କରିଛି। ସେହିପରି କଟକରେ ଥିବା ତାଙ୍କ ଘରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ କରିଛି। ଅତୀତରେ ବିଞ୍ଝାରପୁର ଥାନାର ପ୍ରଫୁଲ୍ଲ ସାହୁ, ଗୁମାନ ସିଂହ ସମେତ ୪ରୁ ଅଧିକ ପୋଲିସ ଅଧିକାରୀ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ଏହିଘଟଣା ପରେ ପୁଣି ବିଞ୍ଝାରପୁର ପୋଲିସ ଚର୍ଚ୍ଚାକୁ ଆସିଛି।

# ଫ୍ରାନ୍ସ ନିର୍ବାଚନ ଓ ମାକ୍ରଁ



ଜନ ୱେର୍ନର ମୁଲେର

ୟୁରୋପୀୟ ସଂସଦ ନିର୍ବାଚନରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ପାର୍ଟି ଦକ୍ଷିଣପନ୍ଥୀ ନ୍ୟାଶନାଲ ରାଲିଠାରୁ ପରାଜୟ ବରଣ କଲା ପରେ ସେ ନ୍ୟାଶନାଲ ଆସେମ୍ବ୍ଲି ଭାଙ୍ଗି ତ୍ୱରିତ ନିର୍ବାଚନ କରାଇବା ସମସ୍ତଙ୍କୁ ଚକିତ କରିଥିଲା। ଏକ ନିର୍ବାଚନ ରାଜନୈତିକ ପରିସ୍ଥିତିକୁ ସ୍ପଷ୍ଟ କରିବ ବୋଲି ଦାବିକରି ସେ ତାଙ୍କ ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇଛନ୍ତି, କିନ୍ତୁ ତାଙ୍କ ଦେଶବାସୀ ଏହି ମତ ସହ ଏକମତ ନୁହନ୍ତି। ଏପରିକି ମାକ୍ରଁଙ୍କ ବିପଜ୍ଜନକ ପଦକ୍ଷେପ ଚରମ ଦକ୍ଷିଣପନ୍ଥୀଙ୍କୁ କ୍ଷମତାକୁ ଆଣିବ ବୋଲି ଯେଉଁମାନେ ଭାବୁଛନ୍ତି ସେମାନେ ଏଥିପାଇଁ ଭୟଭୀତ ନୁହନ୍ତି, ବରଂ ସୃଷ୍ଟି ହେବାକୁ ଥିବା ବିଶୃଙ୍ଖଳା ପାଇଁ ଚିନ୍ତିତ। ମାକ୍ରଁଙ୍କ ବିଶ୍ୱସ୍ତ ପ୍ରଧାନମନ୍ତ୍ରୀ ଏଡୁଆର୍ଡ ଫିଲିପେ (୨୦୧୭-୨୦୨୦) କହିଛନ୍ତି ଯେ ରାଷ୍ଟ୍ରପତି ଅନାବଶ୍ୟକ ଭାବରେ ତାଙ୍କ ସଂଖ୍ୟାଗରିଷ୍ଠତାକୁ ଶେଷ କରିଛନ୍ତି। ଏକ ଝୁଲା ସଂସଦର ବୃହତ୍ ଦଳ ଭାବରେ ନ୍ୟାଶନାଲ ରାଲି ବର୍ତ୍ତମାନ ଭଲ ଫଳାଫଳ ପାଇବାର ସମ୍ଭାବନା ଅଧିକ ବୋଲି ବିବେଚନା କରାଯାଉଛି। ଏପର୍ଯ୍ୟନ୍ତ ମାକ୍ରଁଙ୍କ ନିଷ୍ପତ୍ତି ଗୋଟିଏ ବିଷୟ ସ୍ପଷ୍ଟ କରିଛି ଯେ ଫ୍ରାନ୍ସରେ ଏକ ଶକ୍ତିଶାଳୀ ସେଣ୍ଟ୍ରିଜିମ୍ (ଏକ ଉଦାରବାଦ ବ୍ୟବସ୍ଥା ଯାହା ବାମପନ୍ଥୀ ଓ ଦକ୍ଷିଣପନ୍ଥୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରେ କିମ୍ବା ସେମାନଙ୍କଠାରୁ ଦୂରେଇ ରହେ) ସୃଷ୍ଟି କରିବାରେ ତାଙ୍କର ରଣନୀତି ବିଫଳ ହୋଇଛି । ଅନ୍ୟ ୟୁରୋପୀୟ ନେତାମାନେ ଏହା ଧ୍ୟାନ ଦେବା ସହ ଏଥିରୁ ଶିକ୍ଷା ପାଇବା ଦରକାର।

ନେପୋଲିଅନ ଜଣେ ସୈନିକଙ୍କ ବିଷୟରେ ପଚାରିଥିବା ପ୍ରଶ୍ନକୁ ନେଇ ଏକ ଲୋକକଥା ରହିଛି। ପ୍ରଥମ ପ୍ରଶ୍ନଟି ସୈନିକ ଜଣକ ଦକ୍ଷ କି ନୁହେଁ, ତା' ଉପରେ ନ ଥିଲା, ବରଂ ସେ କ'ଣ ଭାଗ୍ୟବାନ୍ ଥିଲେ କି ପଚାରିଥିଲେ ? ଯେତେବେଳେ ମାକ୍ରଁ ୨୦୧୭ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଥିଲେ, ସେତେବେଳେ ସେ ବହୁତ ଭାଗ୍ୟବାନ୍ ଥିଲେ। ସେତେବେଳେ କାର୍ଯ୍ୟରତ ରାଷ୍ଟ୍ରପତି ଏତେ ଲୋକପ୍ରିୟ ନ ଥିଲେ। ଏଣୁ ସେ ଦ୍ୱିତୀୟ ଥର ପାଇଁ ନିର୍ବାଚନ ଲଢିବାକୁ ବ୍ୟଗ୍ର ହୋଇ ନ ଥିଲେ ଏବଂ ସେ ଏକ ଦୁର୍ନୀତିରେ ସମ୍ପୃକ୍ତ ଥିଲେ। ମାକ୍ରଁ ଏହି ସ୍ଥିତିରୁ ପୂରା ଲାଭ ଉଠାଇଥିଲେ। ୧୯୯୭ରେ କ୍ଷମତାକୁ ଆସିଥିବା ବ୍ରିଟିଶ ଲେବର ପାର୍ଟି ନେତା ଟନି ବ୍ଲେୟାରଙ୍କ ପରି ମାକ୍ରଁ କହିଥିଲେ ଯେ ବାମ ଓ ଦକ୍ଷିଣପନ୍ଥୀର ପୁରୁଣା ବୈଚାରିକ ବିଭାଜନ ଘଟିଛି ଏବଂ ନରମପନ୍ଥୀମାନେ କେବଳ ଭଲ କାମ କରିବା ଭଳି ନୀତି ବାଛିବା ଉଚିତ।

ମାକ୍ରଁଙ୍କ ଧାରଣ ଥିଲା ସବୁ ଉତ୍ତମ ବିଚାରଧାରାର ବ୍ୟକ୍ତିମାନେ ଉଦାରବାଦୀ ମଧ୍ୟରେ ଖୁସିରେ ଏକାଠି ହୋଇପାରିବେ। ଏଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନାଜି ବିରୋଧୀ ଅଭିଯାନରେ ଫ୍ରାନ୍ସକୁ ସମର୍ଥନ କରିଥିବା ଉଭୟ ସମାଜବାଦୀ ତଥା ରକ୍ଷଣଶୀଳଙ୍କୁ ସେ ନିବେଦନ କରିଥିଲେ। ଏଭଳି ଆମନ୍ତ୍ରଣକୁ ଯେଉଁମାନେ ଅଗ୍ରାହ୍ୟ କରିଥିଲେ ସେମାନଙ୍କୁ ଅଧିକ ଚରମପନ୍ଥୀ ଭାବେ ନାମିତ କରାଯାଇଥିଲା। କିଛି ସମୟ ପାଇଁ ଏହି ଦୃଷ୍ଟିକୋଣ ବିବାଦୀୟ ଥିଲା, କାରଣ ମାକ୍ରଁଙ୍କ ବିସ୍ତାରିତ ଉଦାରବାଦ ଚରମ ଦକ୍ଷିଣପନ୍ଥୀଙ୍କୁ ନେଇ ଗଠିତ ମରିନ ଲି ପେନଙ୍କ ନ୍ୟାଶନାଲ ଫ୍ରଣ୍ଟ (ବର୍ତ୍ତମାନ ନ୍ୟାଶନାଲ ରାଲି) ଏବଂ କଟର ବାମପନ୍ଥୀଙ୍କୁ ନେଇ ଗଠିତ ଫାୟାରବ୍ରାଣ୍ଡ ଲିଡର ଜିନ ଲୁକ



ମେଲେଞ୍ଚୋନଙ୍କ ଫ୍ରାନ୍ସ ଅନବୋଡ୍ ଘେରରେ ରହିଥିଲା। କିନ୍ତୁ ବୈଷୟିକ ବିଶେଷଜ୍ଞଙ୍କ ନୀତି ଆଧାରିତ ଆଭିମୁଖ୍ୟ ଥିଲା- ଯଦି ଆପଣ ଆମ ସହିତ ନାହାନ୍ତି, ତେବେ ଆପଣ ଠିକ୍ ଲୋକ ନୁହନ୍ତି। ଶେଷରେ ଏହି ଆଭିମୁଖ୍ୟ ରାଜନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରିବାରେ ବିଫଳ ହେଲା।

ଫ୍ରାନ୍ସର ରାଷ୍ଟ୍ରପତି ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଚରମ ଦକ୍ଷିଣପନ୍ଥୀ, ଚରମ ବାମପନ୍ଥୀ, ସେଣ୍ଟର ଲେଫ୍ଟ ଓ ସେଣ୍ଟର ରାଇଟ ପ୍ରତ୍ୟେକ ଅତିକମ୍‌ରେ ହାରାହାରି ଏକ ପଞ୍ଚମାଂଶ ଭୋଟ ଜିତିବାକୁ ଆଗ୍ରହୀ ଅଛନ୍ତି। କିନ୍ତୁ ସେଣ୍ଟର ରାଇଟ ରିପବ୍ଲିକାନ୍‌ମାନେ ନ୍ୟାଶନାଲ ରାଲିର ଭୋଟ ନଷ୍ଟ କରିଆସୁଛନ୍ତି। ଦଳର ନେତା ଏରିକ ସିଓଟି ଦକ୍ଷିଣପନ୍ଥୀ ସହିତ ଏକ ମେଣ୍ଟକୁ ସମର୍ଥନ କରିବାକୁ ଉତ୍ସାହିତ କରୁଛନ୍ତି। ଏହା ଗୁରୁତ୍ୱପୂର୍ଣ୍ଣ, କାରଣ ୨୦୧୭ ଏବଂ ୨୦୨୨ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଲି ପେନ୍‌ଙ୍କ ସହ ମୁହାଁମୁହିଁ ପରିସ୍ଥିତିରେ ମାକରୋଁଙ୍କ ଅତ୍ୟଧିକ ସମର୍ଥନ ଥିଲା । ମୁଖ୍ୟତଃ ଭୋଟରଙ୍କର ଦକ୍ଷିଣପନ୍ଥୀଙ୍କ ସହ ଶତ୍ରୁତା ଯୋଗୁ ଏହା ହୋଇଥିଲା, ହେଲେ ମାକ୍ରଁ ଟେକ୍ନୋକ୍ରାସି(ଯେଉଁଠି ବୈଷୟିକ ବିଶେଷଜ୍ଞମାନେ ନୀତି ନିର୍ଦ୍ଧାରକ ଭାବେ କାର୍ଯ୍ୟ କରିଥାନ୍ତି) ଶାସନ ପ୍ରତି ଉତ୍ସାହିତ ହୋଇ ନୁହେଁ। ଅପରପକ୍ଷେ, ଟେକ୍ନୋକ୍ରାସି ଏକ ନକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିବାକୁ ଚାହେଁ, କାରଣ ଏହା ପପୁଲିଷ୍ଟମାନଙ୍କ (ସାଧାରଣ ଲୋକଙ୍କୁ ପ୍ରଭାବିତ କରିପାରୁଥିବା ନେତା) ପାଇଁ ଯୁକ୍ତି ବାଢିବାର ଏକ ସୁଯୋଗ ସୃଷ୍ଟି କରେ। ଏହା ଯୁକ୍ତିଯୁକ୍ତ ଯେ, ଏଥିରେ ଜଟିଳ ସମସ୍ୟାର କୌଣସି ସମାଧାନ ନ ଥାଏ। କିନ୍ତୁ ଗଣତନ୍ତ୍ର ପସନ୍ଦ ଏବଂ ଲୋକଙ୍କ ଭାଗୀଦାରିକୁ ପ୍ରତିପାଦିତ କରେ, ଆଭିଜାତ୍ୟ ଗୋଷ୍ଠୀଙ୍କ ନିଷ୍ପତ୍ତି ନୁହେଁ।

୨୦୧୭ରେ ମାକରୋଁଙ୍କ ଅହଙ୍କାରୀ ଶୈଳୀ ପ୍ରକାଶ ପାଇଥିଲା ଏବଂ ସେ ସର୍ବେସର୍ବାଙ୍କ ପରି ଶାସନ କରିବାକୁ ଚାହୁଁଛନ୍ତି ବୋଲି ଜଣାଇଦେଇଥିଲେ। ନିଶ୍ଚିତ ଯେ, ଏହା ତାଙ୍କୁ ସାହାଯ୍ୟ କରି ନ ଥିଲା। ବରଂ ଏହା ତାଙ୍କୁ ଏକ ଘୃଣ୍ୟ ରାଜନୈତିକ ବ୍ୟକ୍ତି କରିଦେଇଛି। କିନ୍ତୁ ବ୍ୟକ୍ତିଗତ ବିଫଳତା ବ୍ୟତୀତ ଯିଏ ନିଜକୁ ଜଣେ ଶ୍ରେଷ୍ଠ ଦାର୍ଶନିକ ବୋଲି ଭାବନ୍ତି, ବାମପନ୍ଥୀ ଏବଂ ଦକ୍ଷିଣପନ୍ଥୀଙ୍କୁ ଲକ୍ଷ୍ୟ କରି ଜଣେ ଉଦାରବାଦୀ ରାଜନୈତିକ ବିଚାରଧାରା ଓ ନୀତିର ବ୍ୟକ୍ତି ଭାବେ ନିଜକୁ ଉପସ୍ଥାପିତ କରିବାକୁ ଚାହିଁଥିଲେ। ଏହା ବିବାଦୀୟ କାର୍ଯ୍ୟସୂଚୀକୁ ସୁସଙ୍ଗତ କରିବା ବଦଳରେ ଉଭୟ ଚିନ୍ତାଧାରାରୁ ଦୂରେଇ ଯିବାର ଅଧିକ ସମ୍ଭାବନା ସୃଷ୍ଟି କରିଥିଲା।

ଥରେ ୨୦୨୨ରେ ମାକ୍ରଁ ନ୍ୟାଶନାଲ ଆସେମ୍ବ୍ଲିରେ ନିୟନ୍ତ୍ରଣ ହରାଇବା ପରେ ତାଙ୍କର ପ୍ରଧାନମନ୍ତ୍ରୀ ଏଲିଜାବେଥ ବୋର୍ନ ସାହସର ସହିତ ରାଷ୍ଟ୍ରପତିଙ୍କ ଏଜେଣ୍ଡାକୁ ଆଗକୁ ବଢ଼ାଇବାକୁ ଚେଷ୍ଟା କରିଥିଲେ। ଅଧିକ ସମର୍ଥନ ନ ଥିଲେ ମଧ୍ୟ ୨୦ରୁ ଅଧିକ ଥର ସେ ସାମ୍ବିଧାନିକ ସହଜ ଉପାୟ ପ୍ରୟୋଗ କରି ବିରୋଧୀ ଏକତାକୁ ଧରାଶାୟୀ କରିଥିଲେ। ମାକ୍ରଁଙ୍କ ସେଣ୍ଟ୍ରିଜିମ୍ କେବଳ ଅଧିକ ଏକଛତ୍ରବାଦୀ ଜଣା ପଡୁ ନ ଥିଲା, ବରଂ ଏହା ଦକ୍ଷିଣପନ୍ଥୀ ଆଡକୁ ଢଳିଥିଲା। ତେଣୁ ତାଙ୍କ ସରକାରରେ ଥିବା ଜଣେ କଠୋରପନ୍ଥୀ ମନ୍ତ୍ରୀ ଇସଲାମ ଧର୍ମ ପ୍ରତି ଲି ପେନ୍‌ଙ୍କର କୋହଳ ମନୋଭାବ ଥିଲା ବୋଲି ଅଭିଯୋଗ କରିବାକୁ ପଛାଇ ନ ଥିଲେ। ବୋର୍ନ ଏକ ପ୍ରବାସୀ ଆଇନ ପ୍ରଣୟନ କରିଥିଲେ, ଯାହା ଉପରେ ଦକ୍ଷିଣପନ୍ଥୀମାନେ ସବୁବେଳେ କହି ଆସୁଥିଲେ, ତାହାକୁ ଯୁକ୍ତିଯୁକ୍ତ ଦର୍ଶାଇବା ଜଣାପଡ଼ିଥିଲା।

ଯଦି ଆପଣ କ୍ରମାଗତ ଭାବରେ ଦକ୍ଷିଣପନ୍ଥୀଙ୍କ ସହ ଯୋଡ଼ି ହୋଇ ରହୁଛନ୍ତି, ତେବେ ଆପଣ ଶେଷରେ ଏକ ସ୍ଥିତିରେ ପହଞ୍ଚିବେ ଯେଉଁଠି ତୁମେ ଆଉ ଚରମ ଦକ୍ଷିଣପନ୍ଥୀ ବିରୋଧୀ ଏବଂ ଗଣତନ୍ତ୍ରର ଶୀର୍ଷରେ ଠିଆ ହୋଇଥିବା ଯୁକ୍ତି ଦର୍ଶାଇ ଭୋଟରଙ୍କୁ ଠକିପାରିବେ ନାହିଁ।

କେତେକ ସମୀକ୍ଷକ ଅନୁମାନ କରନ୍ତି ଯେ, ମାକ୍ରଁ ଚାହୁଁଛନ୍ତି ନ୍ୟାଶନାଲ ରାଲି ୨୦୨୭ ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ଶାସନ କରୁ, ଯେଉଁଥିରେ ତାହା ନିଜକୁ ଅକ୍ଷମ ବୋଲି ନିଜକୁ ପ୍ରମାଣ କରିବେ ଏବଂ ଶାସନକୁ ଫେରିବାକୁ ଏକ ବିଜୟର ସ୍ଥିତି ସୃଷ୍ଟି କରିବେ। ଅନେକ କାରଣରୁ ଏଭଳି ବିଚାର ଭୁଲ ମାର୍ଗରେ ରହିଛି ବୋଲି କୁହାଯାଇପାରେ। ସମସ୍ତ ଚରମ ଦକ୍ଷିଣପନ୍ଥୀ ନେତାମାନେ ଅତ୍ୟଧିକ ସରଳବାଦୀ ନୀତି ଧାରଣା କରନ୍ତି ନାହିଁ କିମ୍ବା ଉତ୍ସାହୀ ପ୍ରଶାସକ ନୁହନ୍ତି। ଏପରିକି ଯେଉଁ କ୍ଷେତ୍ରରେ ସେମାନେ ନିଜକୁ ଅଯୋଗ୍ୟ ବୋଲି ଦର୍ଶାନ୍ତି, ସେ କ୍ଷେତ୍ରରେ ସେମାନଙ୍କ ଭାଗ୍ୟ ସେମାନଙ୍କୁ ସହାୟ ହୁଏ। ଯେତେବେଳେ ଅଷ୍ଟ୍ରିଆର ମାଚିଆଭେଲିଆନ ଖ୍ରୀଷ୍ଟିଆନ ଡେମୋକ୍ରାଟିକ ଚାନସେଲର ୱଲଫଗାଙ୍ଗ ଶୁସେଲ ୨୦୦୦ରେ ଜର୍ଗ ହାଇଦରଙ୍କ ଦକ୍ଷିଣପନ୍ଥୀ ଫ୍ରିଡମ୍ ପାର୍ଟିକୁ ସରକାରରେ ଆଣିଥିଲେ, ସେତେବେଳେ ପପୁଲିଷ୍ଟମାନେ ଅନ୍ତର୍ବିବାଦରେ ମଜ୍ଜିଗଲେ ଓ ସେମାନଙ୍କର ଅକ୍ଷମତା ପ୍ରକାଶ କରିଥିଲେ ଏବଂ ଦୁର୍ନୀତିରେ ବୁଡ଼ିଗଲେ। କିନ୍ତୁ ବିଭାଜିତ ହୋଇ ଏହାର କ୍ଷତିକୁ ଭରଣା କରି ଫ୍ରିଡମ୍ ପାର୍ଟି ଗତ ମାସର ୟୁରୋପୀୟ ନିର୍ବାଚନରେ ବିଜୟ ହେଲା।

ତେବେ ଯେହେତୁ ଫ୍ରାନ୍ସ ବ୍ୟବସ୍ଥା 'ସହାବସ୍ଥାନ' ପାଇଁ ଅନୁମତି ଦିଏ। ଯେତେବେଳେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ବିରୋଧୀ ଦଳର ରହିଥାନ୍ତି ସେତେବେଳେ ଅକ୍ଷମ ଜଣାପଡୁଥିବା ଏକ ଶାସକ ଦଳ ସହଜରେ ଅନ୍ୟ ପକ୍ଷକୁ ଦୋଷ ଦେଇପାରେ। ଫ୍ରାନ୍ସର ରାଷ୍ଟ୍ରପତିଙ୍କ ଅସାଧାରଣ କ୍ଷମତା ବ୍ୟବହାର କରି ମାକ୍ରଁ ଅନ୍ତର୍ଜାତୀୟ ସ୍ତରରେ ଏକ ଆଉଟଲେଟ ପାଇବେ ଏହା ନିଃସନ୍ଦେହ। କିନ୍ତୁ ଏହା ଦେଖିବା ଅତ୍ୟନ୍ତ ଦୁଃଖଦାୟକ ଯେ ତାଙ୍କର ୨୦୧୭ ବୈପ୍ଳବିକ ଦୃଷ୍ଟିକୋଣ ୨୦୨୨ରେ 'ନବୀକରଣ'କୁ ହ୍ରାସ ପାଇ ଏବେ ବି ତାହା ଜାରି ରହିଛି। ମାକ୍ରଁ ଆରମ୍ଭ କରିଥିବା ଆନ୍ଦୋଳନକୁ ଏକ ଉପଯୁକ୍ତ ରାଜନୈତିକ ଦଳରେ ପରିଣତ କରିବାରେ ବିଫଳ ହୋଇଥିଲେ। ତାଙ୍କ ଆକର୍ଷଣ ଚାଲିଯାଇଛି, ୨୦୨୭ ପାଇଁ ଉଦାରବାଦ ତଥା ଶାସନର ସମ୍ଭାବନା ପ୍ରକୃତରେ କମ୍ ଦେଖାଯାଉଛି।

**ପ୍ରଫେସର ଅଫ୍ ପଲିଟିକ୍ସ, ପ୍ରିନଷ୍ଟନ ୟୁନିଭର୍ସିଟି**

## ଏଇ ଭାରତରେ

ପାଞ୍ଚ ଦିନର ପ୍ରଶିକ୍ଷଣ ପରେ ସଫଳତା ଆକାଶଛୁଆଁ। ଏକଥା ବିଶ୍ୱାସ କରି ହେଉ ନ ଥିଲେ ବି ସତ। ରାଜସ୍ଥାନର ଗୌରବ ପଚୌରି ମୁକ୍ତା ଚାଷ ସମ୍ପର୍କରେ ୫ ଦିନ ପ୍ରଶିକ୍ଷଣ ନେବା ପରେ ୨୧ ମାସରେ ୫୫ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି। ଗୌରବ ରାଜସ୍ଥାନ ଭରତପୁରରେ ମଧୁରଜଳ ମୁକ୍ତା ଚାଷ କରୁଛନ୍ତି। ସେ ମେକାନିକାଲ ଇଞ୍ଜିନିୟରିଂରେ ଶିକ୍ଷା ଶେଷ କରି ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେଉଥିଲେ। ସେଥିରେ ବିଫଳ ହେବା ପରେ ମୁକ୍ତା ଚାଷକୁ ଅପଣାଇଥିଲେ। ୨୦୨୨ରେ ସେ ନିଜ ପରିବାରକୁ ମୁକ୍ତା ଚାଷ କରିବା ସମ୍ପର୍କରେ ଅବଗତ କରିବା ସହ ଏଥିପାଇଁ ଆଗେଇ ଆସିଥିଲେ। ସେ ପ୍ରଥମେ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ଯାଇ ଏହି ଚାଷ ଦେଖିଥିଲେ। ପରେ ସେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଫ୍ରେଶୱାଟର ଆକ୍ୱାକଲଚର(ସିଆଇଏଫ୍‌ଏ), ଓଡ଼ିଶାରେ ୫ ଦିନିଆ ପ୍ରଶିକ୍ଷଣ ନେଇଥିଲେ। ସେପ୍ଟେମ୍ବର ୨୦୨୨ରେ ସେ ନିଜ ଗାଁ ଭରତପୁରରେ ୧୫୦ଫୁଟରେ ୮୦ ଫୁଟର ଏକ ପୋଖରୀ ନିର୍ମାଣ କରି ଦେଢ ଲକ୍ଷ ଶାମୁକା ସେଥିରେ ଛାଡ଼ିଥିଲେ। ଏଥିରେ ସେ ୨୧ ଲକ୍ଷ ଟଙ୍କା ନିବେଶ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୪ ଜୁଲାଇ ୧୯୭୫**

- ପାକିସ୍ତାନ ଅଧିକୃତ କଶ୍ମୀର ପାଇଁ ଏକ ଚାରିଜଣିଆ ମନ୍ତ୍ରିମଣ୍ଡଳ ଘୋଷିତ।
- ଆଫଗାନିସ୍ତାନକୁ ଭାରତୀୟ ଚଳଚ୍ଚିତ୍ର ରପ୍ତାନି ସମ୍ପର୍କରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ରାଷ୍ଟ୍ରୀୟ ଉଦ୍ୟୋଗ ଭାରତ ଗୋଲ୍ଡମାଇନ୍ସ ଲିମିଟେଡ୍ କମ୍ପାନୀ ପକ୍ଷରୁ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲା ରାମଗିରି ଅଞ୍ଚଳରେ ନୂତନ ସୁନା ଖଣିର ସନ୍ଧାନ କାର୍ଯ୍ୟ ଆରମ୍ଭ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | 7 | | | |
| | | | | | | 2 | 8 | |
| | | 2 | | 4 | | | | |
| 9 | | | | | | | 4 | |
| | | 8 | 5 | | 6 | | | |
| | 5 | 1 | | | | | | |
| | 1 | | | | | | | 9 |
| 3 | | | | | | 8 | 1 | 6 |
| | | 5 | | 2 | 9 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 1 | 4 | 2 | 7 | 5 | 6 | 3 |
| 4 | 7 | 6 | 5 | 9 | 3 | 2 | 8 | 1 |
| 2 | 5 | 3 | 8 | 1 | 6 | 9 | 4 | 7 |
| 5 | 4 | 8 | 7 | 3 | 1 | 6 | 9 | 2 |
| 1 | 2 | 9 | 6 | 8 | 5 | 3 | 7 | 4 |
| 3 | 6 | 7 | 2 | 4 | 9 | 8 | 1 | 5 |
| 8 | 9 | 5 | 3 | 7 | 4 | 1 | 2 | 6 |
| 7 | 3 | 2 | 1 | 6 | 8 | 4 | 5 | 9 |
| 6 | 1 | 4 | 9 | 5 | 2 | 7 | 3 | 8 |

ଗତକାଲିର ଉତ୍ତର

# ଭକ୍ତ ପାଇବେ ସୁରକ୍ଷା



ଡ. ଗୌରୀଶଙ୍କର ସାହୁ

"ମହାପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରିବାବେଳେ ଅନୁଭବ ହୁଏ, ସେ ଗରିବଙ୍କ ଠାକୁର।" ନବନିର୍ମିତ ସେଣ୍ଟ୍ରାଲ ହଲ୍‌ରେ ନବନିର୍ବାଚିତ ସାଂସଦମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଇକଥା କହିଥିଲେ। ଏଥର ଜୟଶ୍ରୀରାମ ନୁହେଁ ବରଂ ଜୟଜଗନ୍ନାଥ ଉଚ୍ଚାରଣ କରିଛନ୍ତି। ଗତ ସାଧାରଣ ନିର୍ବାଚନ -୨୦୨୪ରେ '୪୦୦ ପାର୍'ର ଯୋଜନାକୁ ଅନାୟାସରେ ହାସଲ କରିବାକୁ ଭାବିଥିବା ଭାଜପା ୨୪୦ଟି ଲୋକ ସଭା ଆସନରେ ଜିତିଛି; ଯାହା ସରକାର ଗଠନ ମ୍ୟାଜିକ୍ ନମ୍ବରଠାରୁ ୩୨ଟି ଆସନ କମ୍ ଓ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୨୯୩ଟି ଆସନ ଲାଭ କରିଛି; ଯାହା ପୂର୍ଣ୍ଣ ବହୁମତଠାରୁ ୨୧ଟି ଆସନ ଅଧିକ। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଏକାକୀ ୩୦୩ଟି ଆସନରେ ବିଜୟ ଲାଭ କରିଥିଲା ଓ ଏନ୍‌ଡିଏର ଥିଲା ୩୫୩ଟି ଆସନ। ଓଡ଼ିଶାର ୨୧ଟି ଆସନରୁ ଭାଜପା ଜିତିଥିଲା ୮ଟିରେ। ହେଲେ ଏଥର ଓଡ଼ିଶାରୁ ୨୦ ଜଣ ସାଂସଦ ଭାଜପା ଟିକଟରେ ଜିତିଛନ୍ତି।

ଏଠାରେ ଉଲ୍ଲେଖନୀୟ ପରିସଂଖ୍ୟାନ ହେଲା, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ଓଡ଼ିଶାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା ୨୯୭ (୩୫ ପ୍ରତିଶତ ଆସନ)ଟି ଜିଲା ପରିଷଦ ଆସନ ଜିତିଥିବାବେଳେ, ବିଜେଡି ଜିତିଥିଲା ୪୭୩ (୫୬ ପ୍ରତିଶତ ଆସନ)ଟି ଆସନ। ୨୦୨୪ ପୂର୍ବରୁ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା ୪୨(୫ପ୍ରତିଶତ ଆସନ)ଟି ଆସନ ଜିତିଥିବାବେଳେ ବିଜେଡି ଜିତିଲା ୭୬୬(୯୦ପ୍ରତିଶତ) ଜିଲାପରିଷଦ ଆସନ। ତେଣୁ ରାଜନୈତିକ ସମୀକ୍ଷକମାନେ ଏଥର କି ଫଳାଫଳ ଆଶା କରୁଥିଲେ ସ୍ୱୟଂ ଅନୁମେୟ। ତେଣୁ ବିଜୟ ସୁନିଶ୍ଚିତ ଭାବି ବିଜେଡି ବରିଷ୍ଠ ନେତାମାନଙ୍କୁ ନିର୍ବାଚନ ପ୍ରଚାରରେ ଅଣଦେଖା କଲା । ହେଲେ ସବୁ ଆକଳନକୁ ଭୁଲ୍ ପ୍ରମାଣିତ କରି ଭାଜପା ଓଡ଼ିଶାରୁ ଲୋକସଭାରେ ୨୦ଟି ଆସନ ଜିତିବା ଦ୍ୱାରା (ଏନ୍‌ଡିଏ ଏଥର ବହୁମତଠାରୁ ମାତ୍ର ୨୧ଟି ଆସନ ଆଗରେ ଅଛି।) ସତ କହିବାକୁ ଗଲେ ଓଡ଼ିଶାରେ ବିପୁଳ ବିଜୟ ଯାହା ସମସ୍ତଙ୍କ ପାଇଁ ଅପ୍ରତ୍ୟାଶିତ ଥିଲା। କେନ୍ଦ୍ରରେ ଏକ ମେଣ୍ଟ ସରକାରର ନେତୃତ୍ୱ ନେଇଛନ୍ତି ପୁଣିଥରେ ନରେନ୍ଦ୍ର ମୋଦି ।

ଏଥର ବିଧାନସଭା ନିର୍ବାଚନରେ ୪୦.୨୨ ପ୍ରତିଶତ ଭୋଟ ପାଇ ବିଜେଡି କ୍ଷମତାଠାରୁ ବେଶ୍ ଦୂରରେ, ହେଲେ ୪୦.୦୭ ପ୍ରତିଶତ (୦.୧୫ ପ୍ରତିଶତ କମ୍) ଭୋଟ ପାଇ ଭାଜପା ମୁଣ୍ଡରେ କ୍ଷମତାର ଶିରପା! ୧୪୭ରୁ ୭୮ଟି ଆସନ ଜିତିଛି ଭାଜପା (ଯାହା ପୂର୍ଣ୍ଣ ବହୁମତଠାରୁ ୪ଟି ଆସନ ଅଧିକ)। ନ ହବା କଥା ହେଲା କେମିତି? ଗତ କିଛିବର୍ଷ ହେଲା ଓ ବିଶେଷକରି ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଚାକଚକ୍ୟ ନାଁରେ ଶ୍ରୀକ୍ଷେତ୍ରରେ ବିଭ୍ରାଟ ସୃଷ୍ଟି କରାଗଲା। ପରିକ୍ରମା ପ୍ରକଳ୍ପ ଆଳରେ ଭକ୍ତଙ୍କୁ, ତୀର୍ଥଯାତ୍ରୀଙ୍କୁ ନାନା



ହଇରାଣ ହରକତ କରାଗଲା। ଦେଉଳ ଭିତରେ ଫାଙ୍କ, ଭିତର କାଠ ଖୋଲା ହେଲେ ଏପଟେ ଶତାଧିକ ଲୋକଙ୍କୁ ପୋଲିସ ଛକିଛି ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସାମ୍ନାରେ, ଧାଡ଼ି ଆରମ୍ଭରେ। ଅରୁଣ ସ୍ତମ୍ଭ ପାଖରେ ପହଞ୍ଚିଲାବେଳକୁ ପୋଲିସର ତିନୋଟି ଛକରେ ଛେକ! ଘଣ୍ଟା ଘଣ୍ଟା ଅଯଥାରେ ବାରିକେଡ୍ ଅବା ଷ୍ଟେନ୍‌ଲେସ୍ ଷ୍ଟିଲ୍ ବାଡ଼ ଭିତରେ ଦୀର୍ଘ ଅପେକ୍ଷାରେ ଯନ୍ତ୍ରଣା ଜର୍ଜରିତ ଭକତେ। ସିଂହଦ୍ୱାର ମୋକ୍ଷର ଦ୍ୱାର। ବାକି ପଶ୍ଚିମ, ଉତ୍ତର, ଦକ୍ଷିଣଦ୍ୱାର ବି ତ ଧର୍ମ, କାମ, ଅର୍ଥର ଦରଜା। ଠାକୁରରାଜା ଗଜପତି, ନେପାଳ ନରେଶ ସବୁବେଳେ ଦକ୍ଷିଣଦ୍ୱାର ଦେଇ ଦେଉଳରେ ପ୍ରବେଶ କରନ୍ତି, ଯାହା ଅର୍ଥର ସିନ୍ଦୁକ ଖୋଲେ ଏବଂ ଅର୍ଥ ରାଜ୍ୟ ଶାସନର ମହତ୍ତ୍ୱପୂର୍ଣ୍ଣ ଆଧାର। ଏପଟେ ପରିକ୍ରମା ପ୍ରକଳ୍ପ ଆରମ୍ଭ ନ ହେଉଣୁ, ସେପଟେ ପଶ୍ଚିମ, ଉତ୍ତର, ଦକ୍ଷିଣଦ୍ୱାର ଦେଇ ୨୪×୭ ପ୍ରବେଶ ନିଷେଧ ଭକ୍ତମାନଙ୍କ ପାଇଁ। ପହଡ଼ ପରେ ଦ୍ୱାର ଅଧା ଖୋଲା ରହିବା ରୀତି। କ୍ଷମତାର କ୍ଷତ୍ରୀମାନେ ପହଡ଼ ନ ହେଉଣୁ ଦ୍ୱାର ସବୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆରମ୍ଭ କଲେ। ପ୍ରତିହାରୀ ସେବକ ନିରୁପାୟ। ଲୋକଙ୍କୁ ବୁଝାଇବା ପାଇଁ ପ୍ରଚାରତନ୍ତ୍ର ଲାଗିଲା- ଭିଡ଼ରୁ ବଞ୍ଚାଇବା ପାଇଁ ଏ ବ୍ୟବସ୍ଥା। ପରିକ୍ରମା କରି ମନଲୋଭା ଚିତ୍ର, ଚରିତ୍ର, ପ୍ରଦର୍ଶନୀ, କାରୁକାର୍ଯ୍ୟ ଉପଭୋଗ କରିବା ପାଇଁ ଏ ବ୍ୟବସ୍ଥା।

ଭକ୍ତ ପୁରୀ ପାଦରେ ଚାଲି ଚାଲି ଆସିବାରେ ଅଭ୍ୟସ୍ତ, ଦର୍ଶନ ପରେ ମଠରେ ଗାମୁଛା ପାରି ଥକ୍କା ମେଣ୍ଟାଇବାରେ, ଅମୂଲ୍ୟ ବହିସବୁ ପଢ଼ିବାରେ ଅନିସନ୍ଧିତ୍ସୁମାନେ ଆନନ୍ଦଲାଭ କରନ୍ତି। ହେଲେ ବୁଲ୍‌ଡୋଜର ଶାସନ ଐତିହ୍ୟସମ୍ପନ୍ନ ମଠଗୁଡ଼ିକୁ ମାଟିରେ ମିଶାଇଦେଲା କଳ, ବଳ, କୌଶଳ ପ୍ରୟୋଗ କରି। ଭାଙ୍ଗିଦେଲା ଗରିବ ଲୋକ, ଦୁଃଖୀ ଓ ସେବାୟତର ବାସଯୋଗ୍ୟ ଘର। ବଡ଼ଠାକୁର ସବୁ ସହିବେ, ତାଙ୍କୁ ଗାଳି ଗୁଲଜ କଲେ ମଧ୍ୟ କିଛି କହିବେ ନାହିଁ। ହେଲେ ଭକ୍ତକୁ ଦୁଃଖ ଦେଲେ, କଷ୍ଟଦେଲେ ସହିପାରିବେ ନାହିଁ। କ୍ଷମତା, ଯଶ, ଧନର ପାହାଡ଼ ଉପରେ ଦଣ୍ଡାୟମାନ ହୋଇ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରି ସାଜିଥିଲା, ତା' ପ୍ରିୟ ରାଜନୀତିର ଖେଳରେ ସେ ଆଜି ଭାଙ୍ଗି ଚୂର୍ମାର। ୨୦୨୪ ନିର୍ବାଚନ ଏହାର ମୂକସାକ୍ଷୀ।

"କୌଣସି ଲୋକ ଠାକୁରଙ୍କ ସମ୍ପତ୍ତି ହଡ଼ପ କରି ଠାକୁରଙ୍କ କୋପଦୃଷ୍ଟିରୁ ରକ୍ଷା ପାଇପାରିବ ନାହିଁ।" (ନ୍ୟାୟମୂର୍ତ୍ତି ଶ୍ରୀଗୋପାଳବଲ୍ଲଭ ପଟ୍ଟନାୟକଙ୍କ ଆତ୍ମଜୀବନୀ 'ମନେଅଛି ଯେତିକି'ର ପୃଷ୍ଠା ୧୫) ବଡଠାକୁର ତ ସବୁ ସମ୍ପତ୍ତିର ମାଲିକ ହୋଇ ସେ ସବୁରୁ ନିର୍ଲିପ୍ତ, ହେଲେ ଭିତର ରତ୍ନଭଣ୍ଡାର ଯେଉଁଠି ୯୦ ପ୍ରତିଶତ ପାଖାପାଖି ଗହଣାଗାଣ୍ଠି ରହିଛି ବୋଲି ପୁରୀର ସେବାୟତମାନେ କହନ୍ତି, ତା' ଚାବି କୁଆଡ଼େ ହଜିଲା, ଆଜିଯାଏ କେହି କହିପାରୁ ନାହାନ୍ତି। ଏ କଥା ଭକତେ ସହିବେ କେମିତି? ମୋଦି ସରକାର ଆସିଲେ ରତ୍ନଭଣ୍ଡାର ଖୋଲାଯିବାର ସମସ୍ତ ସମ୍ଭବ ପ୍ରଚେଷ୍ଟା କରାଯିବ କହିଦେଲା ମାତ୍ରେ ବିଜୁଳି ବେଗରେ ଚରିଗଲା ଏ ଖବର ବାଲେଶ୍ୱରରୁ ବଲାଙ୍ଗୀର, ବରଗଡ଼ରୁ ବ୍ରହ୍ମପୁର ପର୍ଯ୍ୟନ୍ତ। ହୋ ଭଗତେ, ଦେଖିପାରିଲେ ନାହିଁ କେହି, ତମେ ରଚିଗଲ ଅଲିଭା ଇତିହାସ।

**ମୋ: ୭୯୭୮୪୨୧୮୩୫**

# ପୁଣ୍ୟର କରାମତି



ଡ. ପ୍ରମୋଦ କୁମାର ପଣ୍ଡା

ଜୀବନକାଳ ମଧ୍ୟରେ ଆମେ ସତ୍ କିମ୍ବା ଅସତ୍ ଉପାୟରେ ପ୍ରଚୁର ଧନ ସମ୍ପତ୍ତି ଠୁଳ କରିଛୁ। ତେବେ ଅର୍ଜିତ ଧନ ସମ୍ପତ୍ତିର କିଛି ଭାଗ କିପରି ମୃତ୍ୟୁପରେ ସାଙ୍ଗରେ ନେଇ ଯିବା, ଏହା ଏକ ଅସମାହିତ ପ୍ରଶ୍ନ?

ଥରେ ଜଣେ ପ୍ରସିଦ୍ଧ ଶିଳ୍ପପତିଙ୍କ ମୁଣ୍ଡକୁ ଏ ପ୍ରଶ୍ନ ଜୁଟିଲା। ପାଠପଢୁଆ ଉଚ୍ଚ ଶିକ୍ଷିତ ଯୁବକ। ନିଜ ପରିଶ୍ରମ ବଳରେ ବାଣିଜ୍ୟର ସାମ୍ରାଜ୍ୟ ଠିଆ କରାଇଛନ୍ତି। ଥରେ ଏକଥା ସେ ତାଙ୍କ ସ୍ତ୍ରୀଙ୍କ ସହିତ ଆଲୋଚନା କଲେ। ତାଙ୍କ ଧର୍ମପତ୍ନୀ ବି ଉଚ୍ଚ ଶିକ୍ଷିତା ଓ ଅଧ୍ୟବସାୟୀ। ସେ ସ୍ୱାମୀଙ୍କୁ କହିଲେ, ତୁମେ ତ ଆମେରିକାର ସିଲିକନ ଭ୍ୟାଲି ଯାଉଛ? ତୁମେ ତ ନାସା ମଧ୍ୟ ଯାଉଛ। ବିଶ୍ୱର ବିଭିନ୍ନ ଦେଶର ବୈଜ୍ଞାନିକ ସଙ୍ଗଠନ ସହିତ ତୁମର ସମ୍ପର୍କ ଅଛି। ତେଣୁ ସେମାନଙ୍କୁ ଏ ବିଷୟରେ ପଚାରୁନ କାହିଁକି? ଆବଶ୍ୟକ ପଡ଼ିଲେ ଗବେଷଣା ପାଇଁ କିଛି ଅର୍ଥ ପ୍ରୋଜେକ୍ଟ ମାଧ୍ୟମରେ ଦେବା। ତେଣୁ ଶିଳ୍ପପତି ଜଣଙ୍କ ମନକୁ ଏ କଥା ପାଇଲା। ତେଣୁ ସେ ମନସ୍ଥ କଲେ ଯେ, ବିଶ୍ୱର ବିଭିନ୍ନ କାମ ପୁଣି ବ୍ୟକ୍ତି ଓ ସଙ୍ଗଠନରୁ ଏହାର ସମାଧାନ ବାହାର କରିବେ। ସେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପଚରାଉଚୁରା କଲେ। ମାତ୍ର କେହି ତାଙ୍କୁ ଠିକ୍ ଭାବେ କିଛି କହିପାରିଲେ ନାହିଁ। ମାତ୍ର ଶିଳ୍ପପତି ଜଣକ ଦୃଢ଼ ନିଶ୍ଚିତ ଥିଲେ ଯେ ସବୁ ପ୍ରଶ୍ନର ଏ ସଂସାରରେ କିଛି ନା କିଛି ଉତ୍ତର ନିଶ୍ଚିତ ଅଛି। ତେଣୁ ସେ ଏ ବିଷୟରେ ସମସ୍ତଙ୍କ ସହିତ ଆଲୋଚନା କରୁଥିଲେ, ମାତ୍ର କିଛି ଫଳ ମିଳିଲାନି। ତେଣୁ ବାଧ୍ୟ ହୋଇ ସେ ଘୋଷଣା କଲେ ଯେ, ଯେକୌଣସି ବ୍ୟକ୍ତି ଏ ପ୍ରଶ୍ନର ସମାଧାନ କରିଦେବ, ତାକୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ। ଟଙ୍କା ଲୋଭରେ ନାନା ଲୋକ ଆସିଲେ ଓ ନାନା କଥା କହିଲେ। ମାତ୍ର ଶିଳ୍ପପତିଙ୍କ ମନକୁ କାହା କଥା ପାଇଲା ନାହିଁ। ଥରେ ଜଣେ ଅବସରପ୍ରାପ୍ତ ପ୍ରଫେସର ସାଇକେଲରେ ସେ ବାଟ ଦେଇ ଯାଉଥିଲେ। ଥକି ପଡ଼ିବାରୁ ସେ ଏକ ବରଗଛ ମୂଳେ କ୍ଷଣିକ ବିଶ୍ରାମ ନେଲେ। ସେଠାରେ ପୂର୍ବରୁ ବସିଥିବା କିଛି ବ୍ୟକ୍ତି ଶିଳ୍ପପତିଙ୍କ ଏହି ପ୍ରଶ୍ନ ଉପରେ ଆଲୋଚନା କରୁଥିଲେ। ପ୍ରଫେସରଙ୍କ କାନରେ ଏ କଥା ପଡ଼ିଲା। ସେ ପଚାରିଲେ, କିଏ ସେହି ଶିଳ୍ପପତି? ଲୋକମାନେ ତାଙ୍କୁ ଶିଳ୍ପପତିଙ୍କ ଠିକଣା ବିଷୟରେ କହିଲେ। ସେ ଶିଳ୍ପପତିଙ୍କ ନିକଟକୁ ଗଲେ। ଶିଳ୍ପପତି ପଚାରିଲେ, ଆପଣ କ'ଣ କରୁଛନ୍ତି? ସେ ଉତ୍ତରଦେଲେ, ମୁଁ ନିଜେ ବଞ୍ଚିବା ପାଇଁ ଓ ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ ଚାଷବାସ କରୁଛି। ପୁଣି ପଚାରିଲେ, କେତେ ବର୍ଷ ହେବ କରୁଛନ୍ତି ? ସେ ଉତ୍ତର ଦେଲେ, ୧୦ ବର୍ଷ ହେବ। ଶିଳ୍ପପତି ପଚାରିଲେ, ଏହା ପୂର୍ବରୁ କ'ଣ କରୁଥିଲେ? ସେ କହିଲେ, ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀରେ ଥିଲି। ପ୍ରଫେସର ଶିଳ୍ପପତିଙ୍କୁ ପଚାରିଲେ, ଆପଣ କେତେ ଦେଶ ବୁଲିଛନ୍ତି? ଶିଳ୍ପପତି କହିଲେ, ପ୍ରାୟ ୫୦ଟି ଦେଶ । ପ୍ରଫେସର ପଚାରିଲେ, ଆପଣ ବିଦେଶ ଗଲାବେଳେ ସବୁ ଦେଶକୁ ଆମର ଭାରତୀୟ ମୁଦ୍ରା ନେଇଯାଆନ୍ତି? ଶିଳ୍ପପତି କହିଲେ ନା, ଯେଉଁ ଦେଶ ଯାଏ, ତା'ର ମୁଦ୍ରା ବ୍ୟାଙ୍କରୁ ନେଇ ଯାତ୍ରା କରେ। ପୁଣି ପଚାରିଲେ, କାହିଁକି? ଶିଳ୍ପପତି କହିଲେ, ସେ ଦେଶରେ ଆମ ଦେଶ ମୁଦ୍ରା ଚଳେନାହିଁ। ପ୍ରଫେସର କହିଲେ, ସ୍ୱର୍ଗଦେଶ ମଧ୍ୟ ଏକ ନୂଆ ଦେଶ। ମୃତ୍ୟୁପରେ ଯେତେବେଳେ ଆପଣ ସେଠିକି ଯିବେ, ସେତେବେଳେ ସ୍ୱର୍ଗଲୋକର ମୁଦ୍ରା ନେଇ ଯିବାକୁ ପଡ଼ିଥାଏ। ସ୍ୱର୍ଗଲୋକର ମୁଦ୍ରା ହେଉଛି ପୁଣ୍ୟ। ଆପଣ ଜାଣନ୍ତି ସ୍ୱର୍ଗଲୋକକୁ ସିଧା ଯାଇ ହୁଏ ନାହିଁ। ସ୍ଥୂଳ ଶରୀରକୁ ମର୍ତ୍ତ୍ୟରେ ଛାଡ଼ି କେବଳ ଆତ୍ମା ହିଁ ସ୍ୱର୍ଗଲୋକ ଯାଏ । ଆତ୍ମା ସ୍ଥୂଳ ଶରୀର ହୋଇ ନ ଥିବାରୁ ସ୍ଥୂଳ ପଦାର୍ଥ ନେଇପାରେ ନାହିଁ। ମାତ୍ର ମର୍ତ୍ତ୍ୟରେ ଆତ୍ମା ତା'ର ଜମାଖାତାରେ ସ୍ୱର୍ଗର ମୁଦ୍ରା ପୁଣ୍ୟ ଜମାକଲେ ହିଁ ସ୍ୱର୍ଗଲୋକ ଯାଇଥାଏ। ତେଣୁ ଜଣେ ରୋଜଗାର କରିଥିବା ଧନକୁ ଗରିବ, ଅସହାୟ, ଅକର୍ମଣ୍ୟ ପ୍ରଭୃତି ବ୍ୟକ୍ତି, ପଶୁପକ୍ଷୀଙ୍କ ହିତ ସାଧନରେ ଲଗାଇଲେ ସେଥିରୁ ସ୍ୱର୍ଗର ମୁଦ୍ରା ପୁଣ୍ୟ ମିଳିବ। ସେହି ପୁଣ୍ୟ ସିଧାସଳଖ ବ୍ୟକ୍ତିର ସ୍ୱର୍ଗରେ ଥିବା ଆତ୍ମାଖାତାରେ ଜମାହୁଏ ଓ ତାକୁ ସହାୟକ ହୋଇଥାଏ। ମାତ୍ର ଯଦି କୌଣସି କାରଣରୁ ଆତ୍ମା ମର୍ତ୍ତ୍ୟରେ ପୁନର୍ଜନ୍ମ ଲାଭକରେ, ତାହା ଭାଗ୍ୟ ରୂପରେ ପୁଣି ସେହି ବ୍ୟକ୍ତି ପାଖରେ ପ୍ରକଟ ହୁଏ। ସେ ବ୍ୟକ୍ତି ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନଯାପନ କରେ। ଏହା ତାଙ୍କ ଆତ୍ମାଖାତାରେ ଜମା ହୋଇଥିବା ପୁଣ୍ୟର କରାମତି। ଏଥର ଶିଳ୍ପପତି ଜଣକ ବୁଝିପାରିଲେ ଯେ କଷ୍ଟ ଅର୍ଜିତ ଧନ ସମ୍ପତ୍ତିକୁ ମୃତ୍ୟୁ ସମୟରେ ସାଙ୍ଗରେ ନେବାକୁ ହେଲେ ପ୍ରଥମେ ସେଗୁଡ଼ିକୁ ପୁଣ୍ୟକୁ ବଦଳାଇବାକୁ ହେବ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ,**
**ଭୁବନେଶ୍ୱର, ମୋ: ୮୯୧୭୪୨୬୪୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ବାଲି ପାଇଁ ଦୁର୍ଘଟଣା

ମହାଶୟ,

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ପ୍ରତିଦିନ କିଛି ନା କିଛି ଗାଡ଼ି ଦୁର୍ଘଟଣାର ଶିକାର ହେଉଛି। ଆଉ ଏହି ଦୁର୍ଘଟଣା ହେଉଛି ରାସ୍ତାରେ ଜମି ରହିଥିବା ବାଲି ପାଇଁ। ବାଲି ବୋଝେଇ ଟ୍ରକ୍‌ରୁ ବାଲି ପଡ଼ି ରାସ୍ତାରେ ଗଦାହୋଇ ରହୁଛି। ଏହି ବାଲିଗାଡ଼ି ଉପରେ ପୋଲିସର କିଛି ନିୟନ୍ତ୍ରଣ ନ ଥିବା ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତାରୁ ନିୟମ ଅନୁସାରେ ଟ୍ରକ୍‌ରେ ଶୁଖିଲା ବାଲି ପରିବହନ କରିହେବ। ତାହା ପୁଣି ପୂରାମାତ୍ରାରେ ପାଲ ଘୋଡ଼ାଇ ନିଆଯିବ, ଯେମିତି ବାଲି ଟ୍ରକ୍‌ରୁ ଗଳୁ ନ ଥିବ କିମ୍ବା ଉଡୁ ନ ଥିବ। ହେଲେ ରାତି ୧୦ରୁ ସକାଳ ପର୍ଯ୍ୟନ୍ତ ଚାଲୁଥିବା ଟ୍ରକରେ ଶୁଖିଲା ବାଲି ବଦଳରେ ପାଣିମିଶା ବାଲି ପରିବହନ ହେଉଛି। ଫଳରେ ରାସ୍ତାତମାମ ପାଣିମିଶା ବାଲି ପଡ଼ି ରାସ୍ତାରେ ଗଦା ହେଉଛି। ଏସବୁ ଟ୍ରକ୍ ଉପରେ ପୋଲିସର ବିଲ୍‌କୁଲ ଅଙ୍କୁଶ ନାହିଁ। ଫଳରେ ପ୍ରତିଦିନ ବାଲି ପଡ଼ି ରାସ୍ତାରେ ଗଦା ହୋଇ ଯାଉଛି। ବାଲି ସଫା କରିବା ଦାୟିତ୍ୱ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କର ହୋଇଥିଲେ ବି ତାହା କରାଯାଉନି। ମାସରେ ଥରେ କି ଦୁଇଥର ବାଲି ସଫା ହେଉଛି। ଯାହା ସମସ୍ୟାର ସମାଧାନ ହୋଇପାରୁନି। ପୋଲିସ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନ ନେବା ସାଧାରଣରେ ଅସନ୍ତୋଷ ବଢ଼ାଇଛି।

**-ପୁଷ୍ପମିତ୍ର ମହାପାତ୍ର , ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

## ଚିରନ୍ତନୀ

ଶତ ଯୁଦ୍ଧେ ଜୟା ଯେହୁ ବୃଷ୍ଟି ବିନ୍ଦୁସମ
ଗଡ଼ାଇଛି ନରମୁଣ୍ଡ ଗଣି ନାହିଁ ଭୟ ଅବା ଶ୍ରମ।
ଲୌହର କପାଟ ସମ ଅଭେଦ୍ୟ ଅଟଳ
ହୃଦୟ ବଳ, ଏହି ଦୃଷ୍ଟି ତଳେ ସବୁ
ପଡ଼ିଛି ତରଳି ତୁଟିଅଛି ଲୁହାର ଶିକୁଳି!
-(ଚକ୍ରବାକ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଲେଜରେ ଅଧ୍ୟକ୍ଷଙ୍କୁ ଅଧ୍ୟାପକଙ୍କ ଆକ୍ରମଣ

**ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ)**



**ପଦକୁ ନେଇ ଟଣାଓଟରା**
- ଥାନାରେ ପୃଥକ ମାମଲା ରୁଜୁ
- ସିସିଟିଭି ଅନୁଧାନ କରୁଛି ପୋଲିସ

ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ଥିବା ହଳଦିଆ ମହାବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପଦବୀକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଇତିହାସ ଅଧ୍ୟାପକ ଓ ପରିଚାଳନା କମିଟି ସଭାପତି ସ୍ଥାନୀୟ ୪ଜଣ ଯୁବକଙ୍କ ସହ କଲେଜ ଅଧ୍ୟକ୍ଷଙ୍କୁ ଆକ୍ରମଣ କରିଥିବା ନେଇ ବୁଧବାର ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପଟେ ସମ୍ପୃକ୍ତ ଅଧ୍ୟାପକ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ଅଧ୍ୟାପକଙ୍କ ଅଭିଯୋଗ କ୍ରମେ ଥାନାରେ କେସ୍ ନଂ. ୧୫୧/୨୪ ଏବଂ ଅଧ୍ୟକ୍ଷଙ୍କ ଅଭିଯୋଗ ଭିତ୍ତିରେ କେସ୍ ନଂ. ୧୫୨/୨୪ ରୁଜୁ କରାଯାଇଛି। ପୋଲିସ ସିସିଟିଭି ଫୁଟେଜ ଅନୁଧାନ କରିବା ସହ ତଦନ୍ତ ଜାରି ରଖିଛି।

କଲେଜ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ସକାଳ ସାଢେ ୮ଟାରେ ଇତିହାସ ବିଭାଗ ଅଧ୍ୟାପକ ବିଜୟ କୁମାର ଭଞ୍ଜ, ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ଭଞ୍ଜ ଏବଂ ଗ୍ରାମର ରବିନାରାୟଣ ଭଞ୍ଜ ସାମନ୍ତ ଓରଫ ରବି, ପ୍ରଦୀପ୍ତ କୁମାର ଭଞ୍ଜ ଓରଫ ନିର, ଭବାନୀ ପଟ୍ଟନାୟକ ଓରଫ ଶିବୁନୁ ଏବଂ ଶ୍ରୀକାନ୍ତ କୁମାର ଭଞ୍ଜ ଓରଫ ଗୁଲୁ ହଠାତ୍ ଅଧ୍ୟକ୍ଷଙ୍କ ଚାମ୍ବରକୁ ପଶି ଆସି ତାଙ୍କୁ ଅଧ୍ୟକ୍ଷ ପଦବୀ ଛାଡ଼ିବା ସହ କ୍ୟାମ୍ପସରୁ ଚାଲିଯିବାକୁ ଧମକାଇଥିଲେ। ଆଇନ ଅନୁଯାୟୀ ଏ ସମ୍ପର୍କରେ ଆଲୋଚନା ପାଇଁ ପରିଚାଳନା କମିଟି ସଭାପତିଙ୍କୁ ଉମାକାନ୍ତ ଅନୁରୋଧ କରିଥିବା ବେଳେ ସଭାପତି ଏବଂ ଅଧ୍ୟାପକ ବିଜୟ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ତାଙ୍କ ତଣ୍ଟି ଚିପି ଗଳା ଧକ୍କା ମାରି ଚାମ୍ବରରୁ ବାହାର କରିଦେଇଥିଲେ। ଏହି ସମୟରେ ସେଠାରେ କଲେଜ ପିଅନ ଏବଂ ରାତ୍ରି ଜଗୁଆଳି ମଧ୍ୟ ଉପସ୍ଥିତ ଥିଲେ। ତାଙ୍କ ଜୀବନ ପ୍ରତି ବିପଦ ଥିବା ଉମାକାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି।

ଅନ୍ୟପଟେ ଅଧ୍ୟାପକ ବିଜୟ ଏବଂ ପରିଚାଳନା କମିଟି ସଭାପତି ରଞ୍ଜନ ଆଣିଥିବା ସେମାନଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ନଂ.୧୫୭୨୫/୦୨.୦୭.୨୪ ଅନୁଯାୟୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ହସ୍ତାନ୍ତର ପାଇଁ ସକାଳ ୮ଟା ୧୫ରେ ଅଧ୍ୟକ୍ଷଙ୍କ ଚାମ୍ବରକୁ ଯାଇଥିଲୁ। ହାଇକୋର୍ଟଙ୍କ ଆଦେଶ ପ୍ରକାରେ କାର୍ଯ୍ୟାଳୟ ଖାଲି କରିବାକୁ କହିବାବେଳେ ଉମାକାନ୍ତ କୋର୍ଟ କପି ହାତରୁ ଛଡ଼ାଇନେଇ ଚିରି ଦେଇଥିଲେ। ଏଥିସହ ଉଭୟଙ୍କୁ ଗାଳିଗୁଲଜ କରିଥିଲେ। ସେଠାରେ ଉପସ୍ଥିତ ଥିବା ବିଭୂଭୂଷଣ ସାହୁଙ୍କ ପୁଅ ବିକାଶ ମଧ୍ୟ ଗାଳିଗୁଲଜ କରିଥିଲେ। ସେମାନଙ୍କୁ ବନ୍ଧୁକରେ ଉଠାଇଦେବାକୁ ଉଭୟ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି।

ଗତ ଜୁନ ୩୦ ତାରିଖରେ ଉମାକାନ୍ତଙ୍କ କଲେଜ ଅଧ୍ୟକ୍ଷ ପଦବୀ ବେଆଇନ ବୋଲି ଦର୍ଶାଇ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିବା ବିଜୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଉମାକାନ୍ତ ପରିଚାଳନା କମିଟି ସଭାପତିଙ୍କ ବିନା ଅନୁମତିରେ ଗତ ୩୦ ତାରିଖରେ କେତେଜଣ କର୍ମଚାରୀ, ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଫିସ ଗୃହ ତାଲା ଭାଙ୍ଗି ନିୟମିତ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ଚିଠି ନଂ. ୪୫୭୩/୨.୬.୨୪ ନିର୍ଦ୍ଦେଶ ଅନୁଯାୟୀ ଓ ସଭାପତିଙ୍କ ଚିଠି ନଂ. ୧୮/୧୯.୬.୨୪ କ୍ରମେ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦରୁ ଉମାକାନ୍ତଙ୍କୁ ଅବ୍ୟାହତି ଦିଆଯାଇଥିଲା। ତେବେ ତା' ପରଦିନ ସଭାପତିଙ୍କ ଚିଠି ନଂ. ୨୪/୨୦.୬.୨୪ରେ ବିଜୟଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିଲା। ଜୁଲାଇ ୧ରୁ ଯୁକ୍ତ୩ ପରୀକ୍ଷା ଥିବାରୁ ପରୀକ୍ଷାରେ ବ୍ୟାହତ ସୃଷ୍ଟି ହେବା ଆଶଙ୍କାରେ ପୋଲିସକୁ ଲିଖିତ ଭାବେ ଅଭିଯୋଗ କରିଥିବା ବିଜୟ କହିଛନ୍ତି। ତେବେ ଏ ସମ୍ପର୍କରେ ଉମାକାନ୍ତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ଥାନା ଭାରପ୍ରାପ୍ତ ଅଧିକାରୀ ତାରିକ ଅହମ୍ମଦ କହିଛନ୍ତି, ଉଭୟଙ୍କ ଅଭିଯୋଗ କ୍ରମେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ସିସିଟିଭି ଫୁଟେଜକୁ ଅନୁଧାନ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅଲାରନାଥ ପୀଠକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ମିଳୁ : ସୁରେନ୍ଦ୍ର ମିଶ୍ର



ଆଲୋଚନାଚକ୍ରରେ ଡ. ସୁରେନ୍ଦ୍ର ମିଶ୍ର ଏବଂ ଅନ୍ୟ ଅତିଥିମାନେ।

**ବ୍ରହ୍ମଗିରି,୩।୭ (ସ୍ୱାଧିନ ଚମ୍ପତିରାୟ)**

ଯେଉଁଠି ଶ୍ରୀ ବିରାଜମାନ କରନ୍ତି, ତାକୁ ଶ୍ରୀକ୍ଷେତ୍ର ବୋଲି କୁହାଯାଏ। ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ କରିଥିବାରୁ ସେହି କ୍ଷେତ୍ରକୁ ଶ୍ରୀକ୍ଷେତ୍ର ବୋଲି କୁହାଯାଏ । ସେହିପରି ବ୍ରହ୍ମଗିରିରେ ୧୪ ଦିନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଲାରନାଥ ରୂପେ ଦର୍ଶନ ଦେଉଛନ୍ତି । ସେଠାରେ ବିରାଜମାନ କରୁଥିବାରୁ ଏହି ପୀଠ ଆଉ ଏକ ଶ୍ରୀକ୍ଷେତ୍ର ବା ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଥାଏ। ଏଣୁ ରାଜ୍ୟ ସରକାର ଏହି ପୀଠକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଦେବାକୁ ବୁଧବାର ଅଲାରନାଥ ପୀଠରେ ବ୍ରହ୍ମଗିରି ଐତିହ୍ୟ ପରିଷଦ ତରଫରୁ ଆୟୋଜିତ 'ଅନବସର ଏବଂ ଶ୍ରୀ ଅଲାରନାଥ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ଯୋଗଦେଇ ମତ ରଖିଛନ୍ତି। ଆଲୋଚନାଚକ୍ରରେ ବ୍ରହ୍ମଗିରିକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ମାନ୍ୟତା ଦେବାକୁ ବହୁ ଐତିହ୍ୟ ଗବେଷକ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅଲାରନାଥ ମନ୍ଦିର ସେବକ ନୀଳମଣି ସୁଆର, ବିଭୂତି ପଟ୍ଟନାୟକ, ବ୍ରହ୍ମଗିରି ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ବ୍ରହ୍ମଗିରି ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଦେବଦତ୍ତ ମିଶ୍ର, କାଶୀନାଥ ନାୟକ, ପ୍ରିୟପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରେନ୍‌ର ରୁଟ୍ ଚାର୍ଟ

**ଭୁବନେଶ୍ୱର,୩।୭ (ଅନୁରାଧା ମହାରଣା)**

ପବିତ୍ର ରଥ ଯାତ୍ରା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସମେତ ପଡ଼ୋଶୀ ରାଜ୍ୟରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୬ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ପାରାଦୀପ -ପୁରୀ -ପାରାଦୀପ ସ୍ୱତନ୍ତ୍ର ଟ୍ରେନ କେନ୍ଦ୍ରାପଡ଼ା ଓ ହରିଦାସପୁର ଦେଇ ଯାତାୟାତ କରିବ। ଅନ୍ୟ ଏକ ସ୍ୱତନ୍ତ୍ର ଟ୍ରେନ ପାରାଦୀପ -ପୁରୀ -ପାରାଦୀପ ରାହାମା ଦେଇ ଯାତାୟାତ କରିବ। ସେହିପରି ଅନୁଗୋଳ -ପୁରୀ - ଅନୁଗୋଳ ସ୍ୱତନ୍ତ୍ର ଟ୍ରେନ ଅନୁଗୋଳରୁ ନରାଜ ମାର୍ଥାପୁର ଦେଇ ଯିବାଆସିବା କରିବ। ସେହିପରି ଭଦ୍ରକ-ପୁରୀ- ଭଦ୍ରକ ସ୍ୱତନ୍ତ୍ର ଟ୍ରେନ ଶାଳଗାଁ-ନରାଜ ମାର୍ଥାପୁର ଦେଇ ପୁରୀରେ ପହଞ୍ଚିବ। ଏହାସହ ଭଦ୍ରକ -ପୁରୀ -ଭଦ୍ରକ ସ୍ୱତନ୍ତ୍ର ଟ୍ରେନ କଟକ ଦେଇ ଯିବାଆସିବା କରିବ। ଦଶପଲ୍ଲା-ପୁରୀ-ଦଶପଲ୍ଲା ସ୍ୱତନ୍ତ୍ର ଟ୍ରେନ ମଧ୍ୟ ଉଭୟ ପାର୍ଶ୍ୱରୁ ଯାତାୟାତ କରିବ। ଏସମ୍ପର୍କିତ ବିସ୍ତୃତ ସୂଚନା ରେଳ ୱେବସାଇଟରୁ ଯାତ୍ରୀ ପାଇପାରିବେ। ଯାତ୍ରୀଙ୍କ ପାଇଁ ଚଳାଚଳ କରିବାକୁ ଥିବା ଅନ୍ୟାନ୍ୟ ଟ୍ରେନ ମଧ୍ୟରେ ୨ଯୋଡ଼ା କେନ୍ଦୁଝରଗଡ଼-ପୁରୀ-କେନ୍ଦୁଝରଗଡ଼, ୨ଯୋଡ଼ା ପଲାସା -ପୁରୀ -ପଲାସା ସ୍ୱତନ୍ତ୍ର ଟ୍ରେନ, ସୋମ୍‌ପେଟା -ପୁରୀ -ସୋମ୍‌ପେଟା, ଗୁଣୁପୁର -ପୁରୀ - ଗୁଣୁପୁର, ବିଶାଖାପାଟନମ୍-ପୁରୀ-ବିଶାଖାପାଟନାମ, ଜଗଦଲପୁର -ପୁରୀ - ଜଗଦଲପୁର, ଜୁନାଗଡ଼ ରୋଡ-ପୁରୀ- ଜୁନାଗଡ ରୋଡ, ସମ୍ବଲପୁର -ପୁରୀ -ସମ୍ବଲପୁର, ସୋନପୁର -ପୁରୀ - ସୋନପୁର, ବାଦାମପାହାଡ଼ -ପୁରୀ -ବାଦାମପାହାଡ଼, ବାଙ୍ଗିରିପୋଷି-ପୁରୀ-ବାଙ୍ଗିରିପୋଷି, ବାଲେଶ୍ୱର -ପୁରୀ -ବାଲେଶ୍ୱର ଆଦି ସ୍ୱତନ୍ତ୍ର ଟ୍ରେନ ମଧ୍ୟ ରହିଛି। ରାଉରକେଲା -ପୁରୀ -ରାଉରକେଲା ସ୍ୱତନ୍ତ୍ର ଟ୍ରେନ ଓ ଝାରସୁଗୁଡା -ସମ୍ବଲପୁର - ଅନୁଗୋଳ ଦେଇ ଗତି କରିବ। ଅନ୍ୟ ଏକ ଟ୍ରେନ୍ ରାଉରକେଲା -ପୁରୀ -ରାଉରକେଲା ଏବଂ ଚକ୍ରଧରପୁର- ବାଂଶପାଣି- କେନ୍ଦୁଝରଗଡ଼ -ଯଖପୁରା ଦେଇ ଗତି କରିବ। ରାଇପୁର -ପୁରୀ - ରାଇପୁର, ମାଲଦା ଟାଉନ -ମାଲତୀପାଟପୁର -ମାଲଦା ଟାଉନ ସ୍ୱତନ୍ତ୍ର ଟ୍ରେନ, ସିଆଲ୍‌ଦାହ -ଖୋର୍ଦ୍ଧା ରୋଡ -ସିଆଲ୍‌ଦାହ ଟ୍ରେନ ମଧ୍ୟ ଯାତ୍ରୀଙ୍କୁ ରଥଯାତ୍ରା ସମୟରେ ସେବା ପ୍ରଦାନ କରିବ। ଏଆଇ ଆଧାରିତ ଟ୍ରେନ ପରିଚାଳନା ଯାତ୍ରୀଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ ବୋଲି ପୂର୍ବତଟ ରେଳପଥ ଆଶା ରଖିଛି।

# ପୋଷ୍ଟମ୍ୟାନ୍ ପଦବୀ ଖାଲି, ଚିଠି ବଣ୍ଟନରେ ସମସ୍ୟା

**କଟକ ସଦର,୩।୭ (ସୁଶାନ୍ତ କୁମାର ଜେନା)**

**ବିରିବାଟି ଉପ ଡାକଘର**

କଟକ ସହର ଡାକମଣ୍ଡଳ ଅନ୍ତର୍ଗତ ବିରିବାଟି ଉପ ଡାକଘରେ ପୋଷ୍ଟମ୍ୟାନ୍ ପଦବୀ ପ୍ରାୟ ୧୦ ବର୍ଷ ହେବ ଖାଲିପଡ଼ିଛି। ଏହି ସ୍ଥାନରେ ନିୟମିତ ପୋଷ୍ଟମ୍ୟାନ୍ ଦିଆ ନ ଯାଇ ଗ୍ରାମୀଣ ଡାକ ସେବକମାନଙ୍କୁ ନିୟୋଜିତ କରାଯାଉଛି। ତୁରନ୍ତ ଏଠାରେ ସ୍ଥାୟୀ ନିଯୁକ୍ତି ପାଇଁ ସ୍ଥାନୀୟ ବାସିନ୍ଦା ଭୁବନେଶ୍ୱରସ୍ଥିତ ମହାଡାକପାଳଙ୍କୁ ବୁଧବାର ଅବଗତ କରିଛନ୍ତି। ଉକ୍ତ ଡାକଘର ବ୍ରିଟିଶ ଅମଳର ହୋଇଥିବାରୁ ସ୍ଥାୟୀ ପୋଷ୍ଟମ୍ୟାନ୍ ନିଯୁକ୍ତି ଦିଆଯିବାର ଆବଶ୍ୟକତା ରହିଛି। ଏହାଛଡା ଗ୍ରାମୀଣ ଡାକ ସେବକଙ୍କୁ ଚିଠି ବାଣ୍ଟିବା କାର୍ଯ୍ୟରେ ରଖାଯାଉଥିବାବେଳେ ସେମାନଙ୍କୁ ୨/୩ ମାସ ଅନ୍ତରାଳରେ ଅନ୍ୟତ୍ର ବଦଳି କରି ଦିଆଯାଉଛି। ସେଥିପାଇଁ ଚିଠି ବଣ୍ଟନରେ ଅସୁବିଧା ହେଉଛି। ନୂଆ ଲୋକ ଆସି ଅଞ୍ଚଳ ଓ ଲୋକଙ୍କ ସହିତ ପରିଚିତ ହେବା ପାଇଁ ଅତିକମ୍‌ରେ ୬ ମାସ ଲାଗିଯାଉଛି। କିନ୍ତୁ ଦୁଃଖର ବିଷୟ ଉକ୍ତ ବ୍ୟକ୍ତି ଅଞ୍ଚଳ ସହିତ ପରିଚିତ ହେବା ପରେ ତାଙ୍କୁ ପୁଣି ଅନ୍ୟତ୍ର ବଦଳି କରାଯାଉଛି। ୮ ମାସ ତଳେ ଏଠାରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ହଠାତ୍ ଗୋପାଳପୁର ଉପ ଡାକଘରକୁ ବଦଳି କରି ଦିଆଯାଇଛି। ଏବେ ଏହି ସ୍ଥାନରେ ଜଣେ ନୂଆ ଲୋକଙ୍କୁ ନୂଆବଜାର ଉପ ଡାକଘରୁ ଅଣାଯାଇଛି। ଏଭଳି ବଦଳିକୁ ସ୍ଥାନୀୟ ଲୋକମାନେ ବିରୋଧ କରିଛନ୍ତି। ସ୍ମାରକପତ୍ର ପାଇବା ପରେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ମହାଡାକପାଳଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ଆଶ୍ୱାସନା ଦେଇଥିବା ବିରିବାଟି ଅଞ୍ଚଳର ଜନସାଧାରଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି।



କଟକ ସାରଳା ଭବନରେ ବୁଧବାର ଅନୁଷ୍ଠିତ ଚେଲିତୋଳ କଲ୍‌ଚରାଲ୍ ଏକାଡେମୀର ୩୩ତମ ବାର୍ଷିକ ଉତ୍ସବରେ ଆଇନଜ୍ଞ ପୀତାମ୍ବର ଆଚାର୍ଯ୍ୟଙ୍କୁ ଚେଲିତୋଳ ପୁରସ୍କାର ପ୍ରଦାନ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ସେବାୟତ

## ସାକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଆସିବେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷୀଗୋପାଳ ମନ୍ଦିରର ସେବାୟତମାନେ ଭେଟୁଛନ୍ତି। ନିକଟରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଉପସ୍ଥିତ ଅଛନ୍ତି।

**ସାକ୍ଷୀଗୋପାଳ,୩।୭ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁବ୍‌ଶୀଘ୍ର ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନରେ ଆସିବେ। ବୁଧବାର ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷୀଗୋପାଳ ମନ୍ଦିରର ସେବାୟତମାନେ ଭେଟି ନିମନ୍ତ୍ରଣ ଦେବା ଅବସରରେ ସେ ଏହି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବାହ୍ନରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ସହିତ ସେବାୟତ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ, ତୁଳସୀ, ଭୋଗ, ଖଣ୍ଡୁଆପାଟ ଓ ଫୁଲମାଳ ଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ। ରାଜ୍ୟ ସରକାର ବିକାଶମୁଖୀ କାର୍ଯ୍ୟକ୍ରମରେ ପୁରାତନ ସାକ୍ଷୀଗୋପାଳ ମନ୍ଦିରକୁ ଆକର୍ଷଣୀୟ କରିବା ଲାଗି ଗୁରୁତ୍ୱ ଦେବା ପାଇଁ ସେମାନେ ଅନୁରୋଧ କରିବା ସହ ଏନେଇ ଏକ ପତ୍ର ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ ପାଇଁ ସେବାୟତ ପ୍ରତିନିଧିମାନେ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ। ସାକ୍ଷୀଗୋପାଳ ମନ୍ଦିରକୁ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ଗମନାଗମନ ସମେତ ଶ୍ରଦ୍ଧାଳୁଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଏବଂ ସୁବ୍ୟବସ୍ଥିତ ମନ୍ଦିର ପରିଚାଳନା ନିମନ୍ତେ ସେବାୟତ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଆଲୋଚନା ଅବସରରେ ଅନେକ ଦିନ ତଳେ ସେ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିଥିବା ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ଏକ ପବିତ୍ର ଧାର୍ମିକ ସ୍ଥଳ ଭାବେ ଖୁବଶୀଘ୍ର ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନରେ ସେ ଆସିବେ ବୋଲି ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ନିମନ୍ତେ ସେବାୟତମାନେ ସତ୍ୟବାଦୀ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବିଧାୟକ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ଯୋଗାଯୋଗ କରି ସାକ୍ଷାତ ସମୟ ସ୍ଥିର କରିବା ପରେ ସେବାୟତମାନଙ୍କୁ ସାଙ୍ଗରେ ନେଇ ଭୁବନେଶ୍ୱର ଯାଇଥିଲେ। ଏହି ଆଲୋଚନା ଓ ସାକ୍ଷାତ ସମୟରେ ସତ୍ୟବାଦୀ ବିଧାୟକଙ୍କ ସମେତ ସେବାୟତ ବିଶନାଥ ମହାପାତ୍ର, ରାମଚନ୍ଦ୍ର ନନ୍ଦ, ପ୍ରତାପ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ନନ୍ଦ, ଶ୍ୟାମସୁନ୍ଦର ମହାପାତ୍ର, ରାଜକିଶୋର ମହାପାତ୍ର, ରବିନାରାୟଣ ପତ୍ରୀ, ପ୍ରଭାକର ମେକାପ, ସୂର୍ଯ୍ୟକାନ୍ତ ଖୁଣ୍ଟିଆ, ପୁରାଣ ପଣ୍ଡିତ ବାଳକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ ମୃତ ବିଦେଶାଗତ ପକ୍ଷୀ ଜବତ, ୨ ଶିକାରୀ ଗିରଫ

**ଟାଙ୍ଗୀ-ଖୋର୍ଦ୍ଧା/କଣାସ,୩।୭ (ରଘୁନାଥ ସାହୁ/ବିଭୂତି ଭୂଷଣ ତ୍ରିପାଠୀ)**

ବନ୍ୟପ୍ରାଣୀ ବିଭାଗ ଚଢ଼ାଉ କରି ୧୪ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ୨ଜଣ ପକ୍ଷୀ ଶିକାରୀଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ଅଧୀନ ଦେଇପୁର ଗ୍ରାମର ସନ୍ତୋଷ କୁମାର ପଲେଇ(୨୪) ଓ ଗଡ଼ଖାରଦ ଗ୍ରାମର ଟୁଲୁ ପଲେଇ(୨୭)। ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଶିକାରୀମାନେ ବିଷ ପ୍ରୟୋଗ କରି ପକ୍ଷୀଙ୍କୁ ଧରୁଥିବା ରେଞ୍ଜର ବିରାଜ ଦାଶ ସୂଚନା ଦେଇଛନ୍ତି। ମୃତ ପକ୍ଷୀଙ୍କ ନମୁନା ପରୀକ୍ଷଣ ନିମିତ ଫରେନସିକ୍ ଲାବରେଟୋରିକୁ ପଠାଯାଇଛି। ଏ ସମ୍ପର୍କରେ ଓଆର୍ ୭/୨୦୨୪-୨୫ରେ ଏକ ମକଦ୍ଦମା ହୋଇଥିବା ଜଣାପଡ଼ିଛି।

# ଉତ୍ତରପ୍ରଦେଶ ଦଳାଚକଟା ମୃତକଙ୍କ ପାଇଁ ପ୍ରଦୀପ ପ୍ରଜ୍ୱଳନ




**ପୁରୁଣା ଭୁବନେଶ୍ୱର, ୪।୭ (ସୁବାସଚନ୍ଦ୍ର ପ୍ରଧାନ)**

ଉତ୍ତର ପ୍ରଦେଶର ହାଥରସ୍‌ଠାରେ ଭୋଲେବାବାଙ୍କ ସତ୍‌ସଙ୍ଗରେ ହୋଇଥିବା ଦଳାଚକଟାରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିରେ ଅଧିକାଂଶ ହେଉଛନ୍ତି ମହିଳା ଓ ଶିଶୁ। ଏହି ଘଟଣାକୁ ନେଇ ପୂରା ଦେଶ ସ୍ତବ୍ଧ ହୋଇଯାଇଥିବାବେଳେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛି ଏକାମ୍ର ଜନଜାଗରଣ ମଞ୍ଚ। ଏହି ପରିପ୍ରେକ୍ଷୀରେ ମଞ୍ଚ କର୍ମକର୍ତ୍ତାମାନେ ବୁଧବାର ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ସେମାନଙ୍କ ପରିବାରକୁ ସାହସ ଓ ଶକ୍ତି ପ୍ରଦାନ କରିବା ପାଇଁ ପ୍ରାର୍ଥନା କରିଥିଲେ। ଏଥିସହିତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ କରିବାକୁ ମଞ୍ଚ ଦାବି କରିଛି। ଅନ୍ୟପକ୍ଷରେ ଆଗକୁ ଓଡ଼ିଶାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ରହିଛି। ବିଶେଷକରି ଏଥିପାଇଁ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟି ରଖି ଲୋକଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ସୁବନ୍ଦୋବସ୍ତ କରାଯାଉ ବୋଲି ମଞ୍ଚ ଦାବି କରିଛି।

# ଓଏସ୍‌ଏସ୍‌ସି ପରୀକ୍ଷାର୍ଥୀଙ୍କୁ ଅପହରଣ ପରେ ଲୁଟ୍

**କଟକ,୩।୭ (କାର୍ତ୍ତିକ ସାହୁ)**



ଜବତ ଟଙ୍କା, ମୋବାଇଲ ଓ ଅନ୍ୟ ସାମଗ୍ରୀ।

**୨ ଗିରଫ, ଟଙ୍କା ଓ ମୋବାଇଲ ଜବତ**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ୍ (ଓଏସ୍‌ଏସ୍‌ସି) ପରୀକ୍ଷା ଦେବାକୁ ଆସିଥିବା କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଜାମୁଦା ଅଞ୍ଚଳର ନିଲେଶ ମହାନ୍ତି ଲୁଟ୍‌ର ଶୀକାର ହୋଇଛନ୍ତି। ଏନେଇ ସିଡିଏ ଫେଜ୍-୨ ଥାନାରେ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ୨ ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ କଟକ ଲାଲ୍‌ବାଗ ଥାନା ଅନ୍ତର୍ଗତ ଜଗନ୍ନାଥବଲ୍ଲଭ ଅଞ୍ଚଳର ସୋହେବ ଖାଁ(୨୪) ଏବଂ ରୋହିତ୍ ଖାଁ(୧୯)। ସେମାନଙ୍କ ନିକଟରୁ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଜବତ ହୋଇଛି।

ସୂଚନା ଅନୁଯାୟୀ, ଫୁଲନଖରାର ଏକ ପରୀକ୍ଷା କେନ୍ଦ୍ରରେ ଷ୍ଟାଫ୍ ସିଲେକ୍ସନ କମିଶନର ସିଏଚ୍‌ଏସ୍‌ଏଲ୍ ପରୀକ୍ଷା ଦେବା ପାଇଁ ନିଲେଶ ଜଣେ ବନ୍ଧୁଙ୍କ ସହିତ ଟ୍ରେନ୍‌ରେ ଆସି ସୋମବାର ରାତି ୧୨ଟାରେ କଟକ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ରାତି ହୋଇଯାଇଥିବାରୁ ସେମାନେ ସେଠାରେ ରହିଥିଲେ। ମଙ୍ଗଳବାର ଭୋର ୫ଟାରେ ସେ ଷ୍ଟେଶନରୁ ଚାଲିଚାଲି ମୁଖ୍ୟ ରାସ୍ତାକୁ ଆସିଥିଲେ। ଫୁଲନଖରା ଯିବା ପାଇଁ ଗାଡ଼ିକୁ ଅପେକ୍ଷା କରିଥିବାବେଳେ ସୋହେବ ଓ ରୋହିତ୍ ସେଠାରେ ଏକ ବାଇକ୍‌ରେ ପହଞ୍ଚିଥିଲେ। ନିଲେଶଙ୍କୁ କୁଆଡ଼େ ଯିବେ ବୋଲି ପଚାରିଥିଲେ। ସେ ସେମାନଙ୍କୁ ଫୁଲନଖରା ଯିବାକୁ ବୋଲି କହିବାରୁ ସେମାନେ ଫୁଲନଖରା ଯାଉଥିବା କହି ସାଙ୍ଗରେ ଯିବାକୁ ଡାକିଥିଲେ। ଦୁହେଁ ନିଲେଶଙ୍କୁ ଫୁଲନଖରା ନେବା ବଦଳରେ ପ୍ରଥମେ ସିଡିଏ ସେକ୍ଟର-୧୦ ଅଞ୍ଚଳରେ ଥିବା ଏକ ଏଟିଏମ୍ କାଉଣ୍ଟରକୁ ନେଇ ତାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଟଙ୍କା ମଗାଇବାକୁ ଧମକାଇଥିଲେ। ନିଲେଶ ଭୟଭୀତ ହୋଇ ବାପାଙ୍କୁ ଫୋନ୍ କରି ତାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାକୁ କହିଥିଲେ। ବାପା ଟଙ୍କା ଜମା କରିବା ପରେ ଦୁଇ ଲୁଟେରା ତାଙ୍କୁ ଧରି ସେକ୍ଟର-୧୧ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ଏଟିଏମ୍‌କୁ ଯାଇଥିଲେ। ସେଠାରେ ତାଙ୍କ ଆକାଉଣ୍ଟରୁ ସେମାନେ ୧୦ ହଜାର ଟଙ୍କା ଉଠାଇଥିଲେ। ପୁଣି ନିକଟରେ ଥିବା ଆଉ ଏକ ଏଟିଏମ୍ କାଉଣ୍ଟରକୁ ନେଇଥିଲେ। ସେଠାରେ ଥିବା ସୁରକ୍ଷାକର୍ମୀଙ୍କ ସନ୍ଦେହ ହେବା ଆଶଙ୍କା କରି ଲୁଟେରାଦ୍ୱୟ ସେଠାରୁ ପଳାଇ ଆସିଥିଲେ। ସେମାନେ ନିଲେଶଙ୍କ ନିକଟରୁ ୧୦ ହଜାର ଟଙ୍କା, ହାତଘଣ୍ଟା, ମୋବାଇଲ ଫୋନ୍ ଛଡ଼ାଇ ନେବା ପରେ ବାଇକ୍‌ରେ ଫେରାର ହୋଇଯାଇଥିଲେ। ସେଠାରୁ ନିଲେଶ ଫୁଲନଖରାସ୍ଥିତ ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ଦେଇଥିଲେ। ଏହାପରେ ସିଡିଏ ଫେଜ୍-୨ ଥାନାରେ ସେ ଏତଲା ଦେଇଥିଲେ। ପରେ ପୋଲିସ ଏଟିଏମ୍ କାଉଣ୍ଟର ଓ ଷ୍ଟେଶନ ବଜାର ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରି ଦୁଇ ଲୁଟେରାଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ବାଙ୍କୀ କୋର୍ଟରେ ସିନିୟର ଡିଭିଜନ୍ ସିଭିଲ୍ ଜଜ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା



ବାଙ୍କୀ, ୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କୋର୍ଟ ପରିସରରେ ବୁଧବାର ସିନିୟର ଡିଭିଜନ୍ ସିଭିଲ୍ ଜଜ୍ ନବନୀତା ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓକିଲ ସଂଘର ସଭାପତି କୈଳାସ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଶୁଭାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇ ବିଦାୟୀ ବିଚାରପତି ଦାଶଙ୍କ କାର୍ଯ୍ୟ ସମ୍ପର୍କରେ ନିଜ ମତବ୍ୟକ୍ତ କରିଥିଲେ। ଉପଖଣ୍ଡ ବିଚାର ବିଭାଗ ମାଜିଷ୍ଟ୍ରେଟ୍ ସାଧନଜିତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଚାରପତି ଦାଶଙ୍କ କାର୍ଯ୍ୟଶୈଳୀ ପ୍ରଶଂସା କରିଥିଲେ। ଓକିଲ ସଂଘ ପକ୍ଷରୁ ଦାଶଙ୍କୁ ଫୁଲତୋଡା ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଓକିଲ ସଂଘର ପୂର୍ବତନ ସଭାପତି ଶ୍ରୀନିବାସ ମହାପାତ୍ର, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଶ୍ରୀନିବାସ ମହାପାତ୍ର, ଧର୍ମ ପ୍ରସାଦ ମଙ୍ଗରାଜ, ସନ୍ତୋଷ କୁମାର ନାୟକ, ବଙ୍କି ସୁଧାଂଶୁ ରଞ୍ଜନ ପଟ୍ଟନାୟକ, ସନ୍ତୋଷ କୁମାର ମିଶ୍ର, ଗୌରୀଶଙ୍କର ନନ୍ଦ, ଓକିଲ ସଂଘ ଉପସଭାପତି ସନ୍ତୋଷ କୁମାର ରଣା, ଅଜୟ କୁମାର ପଟ୍ଟନାୟକ, ବିଶ୍ୱ ପ୍ରସାଦ ରଥ, ରାଜ କିଶୋର ମହାପାତ୍ର, ଗଗନ ବିହାରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଦାୟୀ ବିଚାରପତି ଦାଶଙ୍କ ସମ୍ପର୍କରେ ନିଜ ନିଜର ମତବ୍ୟକ୍ତ କରିଥିଲେ।

### ବାଆଁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

ବାଙ୍କୀ, ୩।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବେହେରା, ବରିଷ୍ଠ ଶିକ୍ଷୟିତ୍ରୀ ମିନତି ପଢିହାରୀ ଓ ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ବେହେରାଙ୍କୁ ବୁଧବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଯୋଗ ଦେଇ ଅବସର ନେଉଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ଶିକ୍ଷକ ସଂଘର ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା, ସିଆର୍‌ସିସି ତପନ ରାମ, ଚକ୍ରଧର ପ୍ରଧାନ, ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ଅକ୍ଷୟ କୁମାର ରାଉତ, ନାଏବ ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ, ମନୋଜ ସାହୁ ପ୍ରମୁଖ ଯୋଗଥିଲେ। ଅତିଥିମାନେ ଅବସର ନେଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ଗୋଲଖ ବିହାରୀ ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତୋଷ କୁମାର ମୁଦୁଲି, ସାବିତ୍ରୀ ବରାଳ, ସ୍ନିଗ୍ଧା ମହାନ୍ତି, ଅନୁସୟା ପୃଷ୍ଟି, କ୍ଷୀରୋଦିନୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପରିସରରେ ଚାରା ରୋପଣ କରାଯାଇଥିଲା।

# କାମରେ ଆସୁନି ଅହମ୍ମଦ ବକ୍ସ ହାଇସ୍କୁଲ ମିନି ଷ୍ଟାଡିୟମ

## ଅନୁଦାନ ଉପରେ ଅନୁଦାନ ବିନିଯୋଗ

ନିଶ୍ଚିନ୍ତକୋଇଲି,୩।୭
(ଅଶୋକ କୁମାର ମହାପାତ୍ର)



ବିଧାୟକ ସାରଦା ପ୍ରଧାନ ମିନିଷ୍ଟାଡିୟମ୍‌କୁ ବୁଲି ଦେଖୁଛନ୍ତି।



ଖେଳପଡ଼ିଆରେ ଏମ୍‌ଜିଏନ୍‌ଆରଇଜିଏସ୍‌ର ଫଳକ।



ମିନି ଷ୍ଟାଡିୟମ୍‌ର ଶିଳାନ୍ୟାସ ଫଳକ।

ନିଶ୍ଚିନ୍ତକୋଇଲି ବ୍ଲକ ଅହମ୍ମଦ ବକ୍ସ ହାଇସ୍କୁଲ ଖେଳପଡିଆରେ ମିନି ଷ୍ଟାଡିୟମ କାର୍ଯ୍ୟ ୧୦ ବର୍ଷ ହେବ ଚାଲିଛି। ଫଳରେ ଏହି ଷ୍ଟାଡିୟମରେ ବିଦ୍ୟାଳୟର ପିଲାମାନେ ଖେଳି ପାରୁ ନ ଥିବା ବେଳେ ସ୍ଥାନୀୟ ଯୁବକମାନେ ପୂର୍ବଭଳି ଆଉ କ୍ରିକେଟ ମ୍ୟାଚ କରି ପାରୁନାହାନ୍ତି। ବିଭିନ୍ନ ଅନୁଦାନରେ ସରକାର ଉକ୍ତ ଖେଳପଡିଆ ପାଇଁ ବାରମ୍ବାର ବ୍ୟୟ ବରାଦ କରୁଛନ୍ତି। ହେଲେ କାମ ଶେଷ ହୋଇପାରୁନାହିଁ। ମାହାଙ୍ଗାର ନବ ନିର୍ବାଚିତ ବିଧାୟକ ସାରଦା ପ୍ରଧାନ ଉକ୍ତ ଖେଳ ପଡ଼ିଆର ସ୍ଥିତାବସ୍ଥା ଦେଖିବା ପାଇଁ ଯାଇଥିଲେ। ତେବେ ଏହି ପଡ଼ିଆର ଉନ୍ନତି କରିବା ପାଇଁ ଆହୁରି ବହୁ ଅର୍ଥ ବିନିଯୋଗର ଆବଶ୍ୟକତା ରହିଛି ବୋଲି ତାଙ୍କୁ ପ୍ରସ୍ତାବ ଦିଆଯାଇଛି। ତେବେ ବିଧାୟକ ପୂର୍ବରୁ ମିନି ଷ୍ଟାଡିୟମରେ ହୋଇଥିବା କାର୍ଯ୍ୟର ସ୍ୱତନ୍ତ୍ର ଭାବେ ତଦନ୍ତ କରାଇବା ସହ କାମ ଶେଷ କରିବା ଲାଗି ବ୍ୟୟ ବରାଦକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସାଂସଦ ଅନୁଦାନ ପାଣ୍ଠିରେ ନିର୍ମିତ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ହାଇସ୍କୁଲ ମିନି ଷ୍ଟାଡିୟମ କୌଣସି କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ଏହି ଷ୍ଟାଡିୟମ୍‌ରେ ଅନୁଦାନ ଉପରେ ଅନୁଦାନ ବିନିଯୋଗ ହେଉଛି। ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ହାଇସ୍କୁଲରେ ଏବେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରମାନଙ୍କ ବାର୍ଷିକ କ୍ରୀଡା ନିମନ୍ତେ ସ୍ଥାନୀୟ ପାଳଧୁଆ ପଡିଆକୁ ବ୍ୟବହାର କରିବାକୁ ପଡୁଛି। ୨୦୧୪ ଫେବୃଆରୀରେ ଏହି ଷ୍ଟାଡିୟମ୍‌କୁ ସାଂସଦ ପଣ୍ଡା ଓ ମାହାଙ୍ଗାର ତତ୍କାଳୀନ ବିଧାୟକ ପ୍ରତାପ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କିନ୍ତୁ ଉଦ୍‌ଘାଟନ ପରଠାରୁ ମିନି ଷ୍ଟାଡିୟମରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏପରିକି ଏହି ମିନି ଷ୍ଟାଡିୟମ୍ ରକ୍ଷଣାବେକ୍ଷଣ ଅଭାବରୁ ବହୁ ସ୍ଥାନ ଭାଙ୍ଗିରୁଜି ଗଲାଣି। ଏପରିକି ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ନିଜସ୍ୱ ଖେଳପଡିଆରେ କରା ନ ଯାଇ ବିଦ୍ୟାଳୟ ସମ୍ମୁଖରେ ଥିବା ସଂକୀର୍ଣ୍ଣ ପଡିଆରେ କରାଯାଉଛି। ଅପରପକ୍ଷରେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ଷ୍ଟାଡିୟମ ଉନ୍ନତି ଲାଗି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ଜଣାଯାଇଛି। ସେହିପରି ଭାବେ ଷ୍ଟାଡିୟମର ପାଚେରି ନିର୍ମାଣରେ ମଧ ଲକ୍ଷାଧିକ ଟଙ୍କାର ଅନୁଦାନ ବିନିଯୋଗ କରାଯାଇଥିବା ଅଭିଯୋଗ ହେଉଛି। ତେଣୁ ବିଦ୍ୟାଳୟର ପିଲା ଓ ସ୍ଥାନୀୟ ଯୁବତୀଯୁବକମାନଙ୍କ ଖେଳିବା ଲାଗି ତାଲା ଖୋଲିବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ପଚାରିବାରେ ମିନି ଷ୍ଟାଡିୟମ ପାଇଁ ମୁଁ ଥିବା ବେଳେ କୌଣସି ବ୍ୟୟ ବରାଦ ହୋଇନାହିଁ। ପୂର୍ବରୁ ଏହି ମିନିଷ୍ଟାଡିୟମ ପାଇଁ କେତେଟଙ୍କା ବିନିଯୋଗ ହୋଇଛି ତଦନ୍ତ ପରେ ଜଣାପଡିବ ବୋଲି ସେ କହିଛନ୍ତି।

# ପୋଷ୍ଟମ୍ୟାନ୍ ପଦବୀ ଖାଲି, ଚିଠି ବଣ୍ଟନରେ ସମସ୍ୟା

କଟକ ସଦର,୩।୭(ସୁଶାନ୍ତ କୁମାର ଜେନା)

କଟକ ସହର ଡାକମଣ୍ଡଳ ଅନ୍ତର୍ଗତ ବିରିବାଟି ଉପ ଡାକଘରେ ପୋଷ୍ଟମ୍ୟାନ୍ ପଦବୀ ପ୍ରାୟ ୧୦ ବର୍ଷ ହେବ ଖାଲିପଡ଼ିଛି। ଏହି ସ୍ଥାନରେ ନିୟମିତ ପୋଷ୍ଟମ୍ୟାନ୍ ଦିଆ ନ ଯାଇ ଗ୍ରାମୀଣ ଡାକ ସେବକମାନଙ୍କୁ ନିୟୋଜିତ କରାଯାଉଛି। ତୁରନ୍ତ ଏଠାରେ ସ୍ଥାୟୀ ନିଯୁକ୍ତି ପାଇଁ ସ୍ଥାନୀୟ ବାସିନ୍ଦା ଭୁବନେଶ୍ୱରସ୍ଥିତ ମହାଡାକପାଳଙ୍କୁ ବୁଧବାର ଅବଗତ କରିଛନ୍ତି। ଉକ୍ତ ଡାକଘର ବ୍ରିଟିଶ ଅମଳର ହୋଇଥିବାରୁ ସ୍ଥାୟୀ ପୋଷ୍ଟମ୍ୟାନ୍ ନିଯୁକ୍ତି ଦିଆଯିବାର ଆବଶ୍ୟକତା ରହିଛି। ଏହାଛଡା ଗ୍ରାମୀଣ ଡାକ ସେବକଙ୍କୁ ଚିଠି ବାଣ୍ଟିବା କାର୍ଯ୍ୟରେ ରଖାଯାଉଥିବାବେଳେ ସେମାନଙ୍କୁ ୨/୩ ମାସ ଅନ୍ତରାଳରେ ଅନ୍ୟତ୍ର ବଦଳି କରି ଦିଆଯାଉଛି। ସେଥିପାଇଁ ଚିଠି ବଣ୍ଟନରେ ଅସୁବିଧା ହେଉଛି। ନୂଆ ଲୋକ ଆସି ଅଞ୍ଚଳ ଓ ଲୋକଙ୍କ ସହିତ ପରିଚିତ ହେବା ପାଇଁ ଅତିକମ୍‌ରେ ୬ ମାସ ଲାଗିଯାଉଛି। କିନ୍ତୁ ଦୁଃଖର ବିଷୟ ଉକ୍ତ ବ୍ୟକ୍ତି ଅଞ୍ଚଳ ସହିତ ପରିଚିତ ହେବା ପରେ ତାଙ୍କୁ ପୁଣି ଅନ୍ୟତ୍ର ବଦଳି କରାଯାଉଛି। ୮ ମାସ ତଳେ ଏଠାରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ହଠାତ୍ ଗୋପାଳପୁର ଉପ ଡାକଘରକୁ ବଦଳି କରି ଦିଆଯାଇଛି। ଏବେ ଏହି ସ୍ଥାନରେ ଜଣେ ନୂଆ ଲୋକଙ୍କୁ ନୂଆବଜାର ଉପ ଡାକଘରୁ ଅଣାଯାଇଛି। ଏଭଳି ବଦଳିକୁ ସ୍ଥାନୀୟ ଲୋକମାନେ ବିରୋଧ କରିଛନ୍ତି। ସ୍ମାରକପତ୍ର ପାଇବା ପରେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ମହାଡାକପାଳଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ଆଶ୍ୱାସନା ଦେଇଥିବା ବିରିବାଟି ଅଞ୍ଚଳର ଜନସାଧାରଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

# ବାଙ୍କୀ ନଗର ବିଜେଡି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା




ବାଙ୍କୀ, ୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନିର୍ବାଚନମଣ୍ଡଳୀ ଚଳିତ ନିର୍ବାଚନରେ ନିର୍ବାଚିତ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବୁଧବାର ବାଙ୍କୀ ବିଜେଡି କାର୍ଯ୍ୟାଳୟଠାରେ ନଗର ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ବିଜୟ ଉତ୍ସବ ପାଳନ କରାଯାଇଛି। ନଗର ବିଜେଡି ସଭାପତି ହରେକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସିର ୧୭ଟି ୱାର୍ଡର ଦଳୀୟ ନେତୃମଣ୍ଡଳୀ, କାଉନସିଲର , ଛାମୁଆ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବିଧାୟକ ତ୍ରିପାଠୀଙ୍କୁ ନଗର ବିଜେଡି ପକ୍ଷରୁ ସଭାପତି ଦାଶ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ନଗରପାଳ ମାଣିକ ସାହୁ, ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ମହିଳା ବିଜେଡି ସଭାପତି ପ୍ରୀତିଲତା ଗିରି, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ଭାଗୀରଥି ବିଶ୍ୱାଳ, ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ନଗର ଯୁବ ବିଜେଡି ସଭାପତି ପଠାଣୀ ବେହେରା, ସମରେନ୍ଦ୍ର ମହାପାତ୍ର, ସୌମେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ତ୍ରିପାଠୀ କହିଥିଲେ ବିଜେଡି ଦ୍ୱିତୀୟବାର ମୋ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଥିଲା। ବାଙ୍କୀବାସୀ ବହୁ ଭୋଟରେ ନିର୍ବାଚିତ କରିଥିବାରୁ ସେମାନଙ୍କ ଆସ୍ଥା ଓ ବିଶ୍ୱାସକୁ ପାଥେୟ କରି ନିର୍ବାଚନମଣ୍ଡଳୀର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ମୋର ସହଯୋଗ ରହିବ ବୋଲି କହିଥିଲେ। ପୂର୍ବରୁ ବାଙ୍କୀ ଏନ୍‌ଏସି ପରିସୀମା ଅଖଣ୍ଡେଶ୍ୱର ପୀଠ ଗେଟ୍‌ଠାରୁ ବାଇକ୍ ଶୋଭାଯାତ୍ରାରେ ବିଧାୟକ ତ୍ରିପାଠୀଙ୍କୁ ବାଙ୍କୀ ସହର ପରିକ୍ରମା କରି ଦଳୀୟ କାର୍ଯ୍ୟାଳୟଠାରେ ପହଞ୍ଚାଇ ଥିଲେ। ଏଥିରେ ଉପନଗରପାଳ ସନ୍ତୋଷ କୁମାର ରଣା ସଭା ପରିଚାଳନା କରିଥିବା ବେଳେ ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର ଧନ୍ୟବାଦ ଦେଇଥିଲେ। କାଉନସିଲର ବିକଳ ଗୋଛି, ଚନ୍ଦନ ଗଣ୍ଡିଆ, ସଞ୍ଜୟ ପୃଷ୍ଟି, ଜାମିନୀକାନ୍ତ ମହାପାତ୍ର, ପୂର୍ବତନ ନଗରପାଳ ଅକ୍ଷୟ ପ୍ରଧାନ, ପ୍ରଭାତୀ ବେହେରା, ଛାତ୍ରନେତା ପି.ଚିରଞ୍ଜିବ ପାତ୍ର, ସୁନୀଲ କୁମାର ସାହୁ, ଅମରେନ୍ଦ୍ର ଶ୍ରୀଚନ୍ଦନ ମହାପାତ୍ର, ଅନୁପମ ବଥୁଆଲ୍ ଓ ଧର୍ମାନନ୍ଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସର୍ବଭାରତୀୟ କ୍ଲଷ୍ଟର ଜୁଡୋରେ ଓଡ଼ିଶା ପୋଲିସକୁ ୧୬ ପଦକ



କମିଶନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂ ସହ ପଦକ ଜିତିଥିବା ଖେଳାଳିମାନେ।

ଭୁବନେଶ୍ୱର,୨।୭(ସୂର୍ଯ୍ୟକାନ୍ତ ବେହେରା):

ଆସାମର ଗୁଆହାଟୀରେ ଅନୁଷ୍ଠିତ ନବମ ସର୍ବଭାରତୀୟ କ୍ଲଷ୍ଟର ଜୁଡୋରେ ଓଡ଼ିଶା ପୋଲିସ ୧୬ଟି ପଦକ ହାସଲ କରିଛି। ଦେଶବ୍ୟାପୀ ୪୫ ଟି ପୋଲିସ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପୋଲିସ ୧୬ ପଦକ ଜିତିଥିବା ବେଳେ କଟକ-ଭୁବନେଶ୍ୱର କମିଶନରେଟ ପୋଲିସର ବିଭିନ୍ନ ଖେଳାଳି ୧୧ ପଦକ ବିଜୟୀ ହୋଇଛନ୍ତି। ଭଗବାନ ରେଙ୍ଗୀ, ବନିତା ଲାକ୍ରା ଓ ରୀତେଶ ରୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ପ୍ରତିଯୋଗିତା ଜୁନ୍ ୨୪ରେ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ତେବେ ବୁଧବାର କମିଶନରେଟ ପୋଲିସ କାର୍ଯ୍ୟାଳୟରେ (ପୋଲିସ ସେବା ଭବନ) ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କମିଶନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ବିଦେଶୀ ମଦ ବୋଝେଇ ଟ୍ରକ୍

ବାଙ୍କୀ, ୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ଅନ୍ତର୍ଗତ ହରିହରଭେଟ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବିଦେଶୀ ମଦ ବୋଝେଇ ୧୦ ଚକିଆ ଟ୍ରକ୍ (ନଂ. ଓଆର ୦୨ ବିଏଫ୍ ୪୬୬୭) ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଥିବା ଡ୍ରାଇଭର ଓ ହେଲପର ସୌଭାଗ୍ୟକ୍ରମେ ବର୍ତ୍ତି ଯାଇଥିଲେ। ବୁଧବାର ଅନ୍ୟ ଏକ ଗାଡି ଦ୍ୱାରା ମଦ ପେଟିଗୁଡ଼ିକୁ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ନିଆଯାଇଛି। ଟ୍ରକ୍‌ଟି ଖୋର୍ଦ୍ଧା ଅଞ୍ଚଳରୁ ବାଙ୍କୀ ମୁଖ୍ୟ ସହରକୁ ମଦ ଆଣି ଆସୁଥିବା ସୂଚନା ମିଳିଛି। ଏହି ଟ୍ରକ୍‌ର ସରକାରୀ କାଗଜପତ୍ର ଅଛି କି ନାହିଁ ତାହାର ତଦନ୍ତ ହେବାର ଆବଶ୍ୟକତା ରହିଛି। ଖବର ଲେଖା ହେବା ସୁଦ୍ଧା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କୌଣସି ଯାଞ୍ଚ କରାଯାଇ ନ ଥିବା ଜଣାପଡିଛି।

# ଡ୍ରେନ୍ ସଫାର କିଛି ଘଣ୍ଟା ନ ପୂରୁଣୁ ପୁଣି ଅଳିଆ ପଡ଼ିଲା

ସାଲେପୁର,୩।୭(ଅରବିନ୍ଦ ଭୂୟାଁ)

ସାଲେପୁର ବଜାରରେ ବୁଧବାର ଡ୍ରେନ୍ ସଫା କରିବାର କିଛି ଘଣ୍ଟା ନ ପୁରୁଣୁ ପୁଣି ଅଳିଆ ଗଦାଇବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଶ୍ରୀଗୁଣ୍ଡିଚା ରଥଯାତ୍ରା ଥିବାରୁ ସାହେଶ୍ୱରୀ ପୀଠରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ରଥଯାତ୍ରା ପାଳନ ହେବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। କିନ୍ତୁ ଦୁଃଖର ବିଷୟ ମନ୍ଦିର ସମ୍ମୁଖ ଭାଗରେ ଥିବା ଡ୍ରେନ୍‌ରେ ସାଲେପୁର ବଜାର, ଉଠା ବ୍ୟବସାୟୀ ସମେତ ବିଭିନ୍ନ ବ୍ୟବସାୟୀ ନିଜ ନିଜ ଦୋକାନର ଅଳିଆ ଆବର୍ଜନା ପକାଇ ପୋତି ପକାଇଛନ୍ତି। ଡ୍ରେନ୍ ପୋତି ହୋଇଯିବାରୁ ସାମାନ୍ୟ ବର୍ଷା ହେଲେ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ଜଗନ୍ନାଥ ମନ୍ଦିର, ସାହେଶ୍ୱରୀ ମନ୍ଦିର, ସାଲେପୁର ଖେଳପଡ଼ିଆ ସମେତ ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଲେଖାଏ ପାଣି ଜମା ହୋଇ ରହୁଛି। ଏହାକୁ ଦୃଷ୍ଟିରେ ରଖି ଆଗକୁ ରଥଯାତ୍ରା ଥିବାରୁ ଚନ୍ଦ୍ରାଦେଇପୁର ପଞ୍ଚାୟତ ପକ୍ଷରୁ ସାହେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର ଏବଂ ସାଲେପୁର ହାଇସ୍କୁଲ ଖେଳପଡ଼ିଆ ପାର୍ଶ୍ୱରେ ଥିବା ଡ୍ରେନ୍‌କୁ ସଫା କରାଯାଇଛି। ସଫା କରିବାର କିଛିଘଣ୍ଟା ନ ପୁରୁଣୁ ଏଠାରେ ଅସ୍ଥାୟୀ ରୂପେ ବ୍ୟବସାୟ କରୁଥିବା ବ୍ୟବସାୟୀ ନିଜର ଅଳିଆ ଆବର୍ଜନା ବିଶେଷ କରି ଅଇଁଠା ଠୋଲା ଓ ପତ୍ର ଖୋଲା ଯାଇଥିବା ଡ୍ରେନ୍‌ରେ ପକାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ବେଆଇନ୍ ଭାବେ ଡ୍ରେନ୍‌ରେ ଅଳିଆ ପକାଇ ବର୍ଷାପାଣି ନିଷ୍କାସନରେ ବାଧକ ସାଜୁଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ ଦାବି କରିଛନ୍ତି।



ଡ୍ରେନ୍‌ରେ ଅଳିଆ ପକାଯାଇଛି।

## ଅରପୁର ଗ୍ରାମରେ ବନ ମହୋତ୍ସବ

ବାଙ୍କୀ, ୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅରପୁର ଗାଁରେ ବୁଧବାର ବନ ମହୋତ୍ସବ ସପ୍ତାହ ପାଳନ ହେବା ସହ ଚାରାରୋପଣ କରାଯାଇଛି। ଅରପୁର ଗ୍ରାମର ଇଷ୍ଟଦେବୀ ମଙ୍ଗଳା ମନ୍ଦିର ରାସ୍ତା ପାର୍ଶ୍ୱରେ ଆଦର୍ଶ ଯୁବ ପରିଷଦ ଏବଂ ପ୍ରତିକ୍ଷା ସାହିତ୍ୟ ଓ ସେବା ଚରିଟେବୁଲ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଚାରାରୋପଣ କରାଯାଇଛି। ପ୍ରକୃତି ବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ଏହି ଗ୍ରାମର ମହିଳା ଓ ଛାତ୍ରୀଛାତ୍ର ଆଗେଇ ଆସିବା ଦରକାର ବୋଲି କହିଥିଲେ। ଆଦର୍ଶ ଯୁବ ପରିଷଦ ଆବାହକ ଅକ୍ଷୟ କୁମାର ସାମଲ, ଲଲାଟେନ୍ଦୁ ପଣ୍ଡା, ମମତା ଜେନା, ସୁବ୍ରତ କୁମାର ନାୟକ, ମାମିନା ସ୍ୱାଇଁ, ସୁକାନ୍ତି ନାୟକ ପ୍ରମୁଖଙ୍କ ସହଯୋଗରେ ଚାରା ରୋପଣ କରାଯାଇଥିଲା।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ବନ ମହୋତ୍ସବ




ତିଗିରିଆ, ୩।୭(ଜାଫର ଖାଁ)

ତାଲୁକ ଆଇନ ସେବା କମିଟି ପକ୍ଷରୁ ବୁଧବାର ତିଗିରିଆସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧକ୍ଷା ତଥା ବିଚାରପତି ପ୍ରେରଣାଶ୍ରୀ ଦେଓ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କୋର୍ଟ ପରିସରରେ ବିଭିନ୍ନ ପ୍ରକାର ଗଛର ଚାରା ରୋପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରମେଶ ଚନ୍ଦ୍ର ମାଝି, ସରୋଜ କୁମାର ସାହୁ, ଆଶୁତୋଷ ମିଶ୍ର, ପଠାଣୀ ଚରଣ ବେହେରା, ରଞ୍ଜନ କୁମାର ମହାରଣାଙ୍କ ସମେତ ତିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡା, ତିଗିରିଆ ବନ ବିଭାଗ କର୍ମଚାରୀ ଓ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଉପସ୍ଥିତ ବ୍ୟକ୍ତିମାନେ କୋର୍ଟ ପରିସରରେ ଅଁଳା, ଜାମୁ, ବଉଳ, ପିଜୁଳି, ଆତ ଓ ପଣସ ପ୍ରଜାତିର ୨୦ଟି ଚାରା ରୋପଣ କରିଥିଲେ।

# ପ୍ରଥମ ସ୍ତ୍ରୀ ଫେରି ଅଦିନରେ ପାଳିଲେ ସାବିତ୍ରୀ ବ୍ରତ

## ଚିନ୍ତାରେ ଦ୍ୱିତୀୟ ସ୍ତ୍ରୀ

- ଛାଡ଼ପତ୍ର ଦେଇ ପ୍ରଥମ ସ୍ତ୍ରୀ ୧୫ବର୍ଷ ହେଲା ପଳାଇଥିଲେ

ସାଲେପୁର,୩।୭(ଅରବିନ୍ଦ ଭୂୟାଁ)

ପ୍ରଥମ ସ୍ତ୍ରୀ ନିଜ ସ୍ୱାମୀଙ୍କୁ ଛାଡପତ୍ର ଦେଇ ଅନ୍ୟତ୍ର ପଳାଇ ଯିବାର ୧୫ ବର୍ଷ ପରେ ସ୍ୱାମୀ ପାଖକୁ ଫେରି ଅଦିନରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହାକୁ ନେଇ ଏବେ ଦ୍ୱିତୀୟ ସ୍ତ୍ରୀ ଚିନ୍ତାରେ ପଡିଯାଇଛନ୍ତି। ଏଭଳି ଦେଖିବାକୁ ମିଳିଛି ସାଲେପୁର ଥାନା ଅଧୀନ ଏଲମାପୁର ଗ୍ରାମରେ।

ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ଏଲମାପୁର ଗ୍ରାମର ଚତୁର୍ଭୁଜ ପଣ୍ଡା ୧୫ବର୍ଷ ତଳେ ଦେବସ୍ମିତା ପଣ୍ଡାଙ୍କୁ ବିବାହ କରିଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିଲା। ଇତିମଧ୍ୟରେ ଚତୁର୍ଭୁଜ ପ୍ରମୋଦିନୀ ପଣ୍ଡାଙ୍କୁ ଦ୍ୱିତୀୟ ବିବାହ କରିଥିବାବେଳେ ତାଙ୍କର ବର୍ତ୍ତମାନ ପୁଅ ଓ ଝିଅ ଅଛନ୍ତି। ୧୫ବର୍ଷ ପରେ ହଠାତ୍ ପ୍ରଥମ ସ୍ତ୍ରୀ ଦେବସ୍ମିତା ସ୍ୱାମୀଙ୍କ ପାଖକୁ ଫେରିଛନ୍ତି। ଦେବସ୍ମିତା ସୁନ୍ଦର ହୋଇଥିବାରୁ ସ୍ୱାମୀ ତାଙ୍କୁ ଗ୍ରହଣ କରିଥିଲେ। ଦେବସ୍ମିତା ମଧ ସ୍ୱାମୀଙ୍କ ମନକୁ ଜିଣିବା ପାଇଁ ଅଦିନରେ ସାବିତ୍ରୀ ବ୍ରତ କରିବା ସହ ସମସ୍ତ ପ୍ରକାର ଚେଷ୍ଟା କରିଥିଲେ। ଏହି ଘଟଣାକୁ ଦ୍ୱିତୀୟ ପତ୍ନୀ ପ୍ରମୋଦିନୀ ବିରୋଧ କରିବାରୁ ପ୍ରଥମ ସ୍ତ୍ରୀ ତାଙ୍କୁ ମାରଧର କରିଥିଲେ। ଶେଷରେ ଏହି ଘଟଣା ଜପକୁଦ ଫାଣ୍ଡିରେ ପହଞ୍ଚି ଥିଲା। ସ୍ଥାନୀୟ ଭଦ୍ରବ୍ୟକ୍ତି ଓ ଉଭୟପକ୍ଷଙ୍କ ମଧ୍ୟରେ ଆପୋସ ସମାଧାନ କରାଯାଇଥିଲା। ପ୍ରଥମ ସ୍ତ୍ରୀଙ୍କୁ ସ୍ୱାମୀ ଚତୁର୍ଭୁଜ ବାହାରେ ରଖିବା ସହ ଦ୍ୱିତୀୟ ସ୍ତ୍ରୀଙ୍କୁ ନିଜ ଘରେ ରଖିବେ ଓ କୌଣସି ନିର୍ଯାତନା ଦେବେ ନାହିଁ। ଉଭୟ ପିଲାଙ୍କୁ ସ୍ନେହ ଶ୍ରଦ୍ଧା କରିବା ସହ ସେମାନଙ୍କର ଯାବତୀୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ଥିର କରାଯାଇ ଏହି ଘଟଣାର ସମାଧାନ କରାଯାଇଥିଲା। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ରତ୍ନାକର ପ୍ରଧାନଙ୍କୁ ପଚାରିବାରେ ଦ୍ୱିତୀୟ ସ୍ତ୍ରୀ ଏକ ଅଭିଯୋଗ ଫାଣ୍ଡିରେ କରିଥିଲେ। ଉଭୟପକ୍ଷ ଓ ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ସେମାନଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିବା ସେ ପ୍ରକାଶ କରିଥିଲେ। ଏହି ଘଟଣା ଏବେ ସାଲେପୁର ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷ କରି ପ୍ରଥମ ସ୍ତ୍ରୀ ସ୍ୱାମୀଙ୍କୁ ଧରି ଅଦିନରେ ସାବିତ୍ରୀ ବ୍ରତ ପାଳନ କରୁଥିବା ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେବାରେ ଲାଗିଛି।

# ୫ ଶ୍ରେଣୀକୁ ଜଣେ ଶିକ୍ଷୟିତ୍ରୀ

## ଧଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ

- ସମଗ୍ର ଶିକ୍ଷା ଯୋଜନା ଦିଗହରା
- ୫ ଶ୍ରେଣୀର ୧୦୬ ଜଣ ଛାତ୍ରୀଛାତ୍ର ପଢୁଛନ୍ତି

ନିଶ୍ଚିନ୍ତକୋଇଲି,୩।୭
(ଅଶୋକ କୁମାର ମହାପାତ୍ର)




ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର ପଞ୍ଚାୟତ ଧଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନା ଦିଗହରା ହୋଇପଡିଥିବା ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟଟି ୧୯୫୮ ମସିହାରେ ସ୍ଥାପନ କରାଯାଇଥିଲା। ବିଦ୍ୟାଳୟର ୫ଟି ଶ୍ରେଣୀରେ ୧୦୬ଜଣ ଛାତ୍ରୀଛାତ୍ର ଏବେ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରଙ୍କୁ ଜଣେ ମାତ୍ର ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଏଠାରେ ଗୁଣାତ୍ମକ ଶିକ୍ଷାର କିପରି ବିକାଶ ଘଟୁଥିବ ତାହା ସହଜେ ଅନୁମେୟ। ଅପରପକ୍ଷରେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜଣଙ୍କୁ ଯୋଗ ଦେବା ନିମନ୍ତେ ଯିବାକୁ ପଡୁଛି। ଶିକ୍ଷୟିତ୍ରୀ ଜଣଙ୍କ ତାଲିମ କାର୍ଯ୍ୟକ୍ରମରେ କିମ୍ବା ବିଦ୍ୟାଳୟର କୌଣସି ଜରୁରୀ କାର୍ଯ୍ୟରେ ଗଲେ ବିଦ୍ୟାଳୟରେ ତାଲା ଝୁଲୁଛି। ଏପରିକି ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସି ନିରାଶରେ ଫେରିବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଭାବେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ପାଇଖାନା ସଫେଇ କରିବା ନିମନ୍ତେ ପଡୁଥିବା ଦେଖିବାକୁ ମିଳିଛି। ଏପରିସ୍ଥଳେ ଜଣେ ମାତ୍ର ଶିକ୍ଷୟିତ୍ରୀ କିଭଳି ମାନସିକତାରେ ଶିକ୍ଷାଦାନ କରୁଥିବେ ତାହା ସହଜେ ଅନୁମେୟ। ସେହିପରି ଭାବେ ଏହି ବ୍ଲକର ବହୁ ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ରହିଥିବାର ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ବିଦ୍ୟାଳୟକୁ ଅଧିକ ଶିକ୍ଷକ ଯୋଗାଇ ଦେବା ନିମନ୍ତେ ଛାତ୍ର ଅଭିଭାବକମାନେ ଦୃଢ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ପଚାରିବାରେ ଉକ୍ତ ବିଦ୍ୟାଳୟକୁ ଅନ୍ୟ ଜଣେ ଶିକ୍ଷକ ଯୋଗାଇ ଦେବା ପାଇଁ ପ୍ରସ୍ତୁତି ସରିଛି। ଖୁବ୍‌ଶୀଘ୍ର ଉକ୍ତ ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ତାଲିମ ନେଲେ ୫୮ ପିଇଓ

ବଳଙ୍ଗା,୩।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ପଞ୍ଚାୟତ ଅଫିସଠାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ ନୂତନ ଭାବେ ନିଯୁକ୍ତି ପାଇଥିବା ଜଗତ୍‌ସିଂହପୁର ଓ ଝାରସୁଗୁଡ଼ା ଜିଲାର ୫୮ ଜଣ ପଞ୍ଚାୟତ ଏକ୍ସଟେନଶନ ଅଫିସର (ପିଇଓ) ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରୋଗ୍ରାମ ଅଫିସର ଡ. ପରିକ୍ଷିତ ସାହୁ, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ନିମାପଡ଼ା ବ୍ଲକ ନୋଡାଲ ଅଫିସର ଗୁଣନିଧି ଜେନା, କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ସୀଠ, ବଳଙ୍ଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଭ୍ରକାନ୍ତ ମହାନ୍ତି ଉପସ୍ଥିତ ରହି ବଳଙ୍ଗା ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ କ୍ଷେତ୍ରର ପରିଦର୍ଶନ କରାଇଥିଲେ।

### ଦୁର୍ଘଟଣାରେ ଖଣ୍ଡପଡ଼ା କୋର୍ଟ ସିଏସ୍‌ଆଇ ଗୁରୁତର

ନିରାକାରପୁର,୩।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ନଂ. ଜାତୀୟ ରାଜପଥର ରତାମାଟି ଛକରେ ବୁଧବାର ଅପରାହ୍ନ ସାଢେ ୪ଟାବେଳେ ବାଇକ୍ ଦୁର୍ଘଟଣାରେ ନୟାଗଡ଼ ଜିଲା ଖଣ୍ଡପଡା କୋର୍ଟର ସିଏସ୍‌ଆଇ ଶ୍ୟାମ ସୁନ୍ଦର ସ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ନିରାକାରପୁର ଘଟଣାସ୍ଥଳରେ ପୋଲିସ ପହଞ୍ଚି ସିଏସ୍‌ଆଇ ସ୍ୱାଇଁଙ୍କୁ ୧୦୮ ଯୋଗେ ଖୋର୍ଦ୍ଧା ମେଡିକାଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ରିପୋର୍ଟ ଲେଖାଯିବ ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସବଇନ୍‌ସ୍ପେକ୍ଟର ଦୀପାଳିଶା ନାୟକ କହିଛନ୍ତି। ତେବେ ସିଏସ୍‌ଆଇ ସ୍ୱାଇଁଙ୍କ ଘର ନୟାଗଡ଼ ଜିଲା ମହୀପୁର ଅଞ୍ଚଳରେ ହୋଇଥିବାବେଳେ ସେ ପୁରୀ ରଥଯାତ୍ରା ଡ୍ୟୁଟିରେ ଯୋଗ ଦେବାକୁ ବାଇକ୍(ଓଡି -୨୫ -ବି -୧୧୭୭) ଯୋଗେ ଯାଉଥିଲେ। ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଛି।

### ବିଦ୍ୟାଳୟରେ ଚାରାରୋପଣ

ବେଗୁନିଆ,୩।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସାରୁଅ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ସପ୍ତାହ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ଶିକ୍ଷୟିତ୍ରୀ ସୁରେଖା ହୋତା ଓ ମମତା ହୋତାଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ସରକାରୀ ବିଦ୍ୟାଳୟ ପାଚେରି ଭୁଶୁଡ଼ିଲା

■ ନିମ୍ନମାନର କାର୍ଯ୍ୟ ଅଭିଯୋଗ

■ ପୁଣି ଭୁଶୁଡ଼ିବା ସମ୍ଭାବନା

ବେଗୁନିଆ,୩।୭(ହରପ୍ରସନ୍ନ ପଣ୍ଡା)



ଫାଟ ସୃଷ୍ଟି ହୋଇଥିବା ପ୍ରାଚୀର ଏବଂ ଭୁଶୁଡି ପଡିଥିବା ପ୍ରାଚୀର।

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅଧୀନ ଛତ୍ରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁଃପାର୍ଶ୍ୱର ପାଚେରିର କିଛି ଅଂଶ ଭୁଶୁଡି ପଡ଼ିଛି। ଏଥିରେ କୌଣସି ଅଘଟଣ ଘଟି ନ ଥିବାବେଳେ ପାଚେରିର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଯାହା ଆଗକୁ ମଧ୍ୟ ଅନେକ ସ୍ଥାନରେ ଭୁଶୁଡ଼ିବାର ସମ୍ଭାବନା ରହିଛି। ଛାତ୍ରୀଛାତ୍ର ହତା ପରିସରରେ ଖେଳକୁଦ କରୁଥିବାବେଳେ ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ବିଦ୍ୟାଳୟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହେଉଥିବା ବାରମ୍ବାର ଅଭିଯୋଗ ହୋଇଥିଲା। ହେଲେ ଅଭିଯୋଗ ଭିତ୍ତିହୀନ ଦର୍ଶାଇ ପ୍ରଶାସନ ଏହାକୁ ଚାପି ଦେଉଥିଲା। ବର୍ତ୍ତମାନ ନୂଆ ସରକାରଙ୍କ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଗତ ସୋମବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏନେଇ ଅଭିଯୋଗ କରାଯାଇଛି।

ପ୍ରକାଶ ଥାଉକି, ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩୫୦ରୁ ଅଧିକ ପିଲା ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟକୁ ୫-ଟି ଯୋଜନାରେ ପରିଣତ କରାଯାଇ ସ୍ମାର୍ଟ ବିଦ୍ୟାଳୟରେ ରୂପାନ୍ତରିତ କରାଯାଇଥିଲା। ବିଦ୍ୟାଳୟର ଉନ୍ନତୀକରଣ ପାଇଁ ପ୍ରାୟ ୬୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ହେଲେ ନୂତନ କାର୍ଯ୍ୟ ବଦଳରେ ପୁରୁଣା ପଥର ଏବଂ ସ୍ୱଳ୍ପ ପରିମାଣ ବାଲି, ସିମେଣ୍ଟ ଲଗାଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇ ବିଲ୍ ପାରିତ ହୋଇଥିଲା। ଏପରିକି ଡ୍ରେନେଜ ନିର୍ମାଣ, ନୂତନ ପାଚେରି ନିର୍ମାଣ କାର୍ଯ୍ୟ ଉପରେ ଚଞ୍ଚକତା କରାଯାଇଥିଲା। ସେହିପରି ମନରେଗା ଯୋଜନା ଅନ୍ତର୍ଭୁକ୍ତ ଚାରାରୋପଣ କାର୍ଯ୍ୟ ଜାଲ ଜବକାର୍ଡଧାରୀଙ୍କ ନାମରେ ବିଲ୍ ପାରିତ ହୋଇଥିବା ନେଇ ବେଗୁନିଆ ବିଡିଓ ନିକଟରେ ଅଭିଯୋଗ ହୋଇଥିଲା। ନିମ୍ନମାନର କାମ ଯୋଗୁ ନିର୍ମାଣାଧୀନ ପାଚେରିର ପୂର୍ବ -ଉତ୍ତର ଦିଗ କୋଣରେ କିଛି ଅଂଶ ଭୁଶୁଡ଼ି ପଡ଼ିଥିବାବେଳେ ପୁଣି ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ଭୁଶୁଡ଼ିବା ସମ୍ଭାବନା ରହିଛି। ଅନ୍ୟପକ୍ଷେ ୨୦୨୨ ସେପ୍ଟେମ୍ବର ୧୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ କରାଯାଇଥିଲା। ଏହାର ତଦନ୍ତ କରିବାକୁ ପଞ୍ଚାୟତିରାଜ ସଚିବ ଖୋର୍ଦ୍ଧା ଜିଲାପାଳ ଏବଂ ବେଗୁନିଆ ବିଡିଓଙ୍କ ନିକଟକୁ ଚିଠି କରିଥିଲେ। ମାତ୍ର ଏହାକୁ ଚାପି ଦିଆଯାଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ପଚାରିବାରୁ, ପ୍ରାଚୀର ଭାଙ୍ଗିଥିବା ଖବର ତାଙ୍କ ପାଖରେ ନ ଥିବା କହିଥିଲେ।

## ନିର୍ମାଣାଧୀନ ଶ୍ରୀରାମ ମନ୍ଦିରର ସ୍ୱର୍ଣ୍ଣମୁଦ ଉତ୍ସବ



ବୋଲଗଡ଼,୩।୭(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଚମ୍ପାଇଲୋ ଗ୍ରାମ ସାନବାଡ଼ ମୌଜାର ଗ୍ରାମ୍ୟ ପୁଷ୍କରିଣୀ ମଧ୍ୟରେ ନିର୍ମାଣାଧୀନ ଭବ୍ୟ ଶ୍ରୀରାମ ମନ୍ଦିରର କଳସ ସ୍ଥାପନ ଓ ସ୍ୱର୍ଣ୍ଣମୁଦ୍ର ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ଓ ଜିଲା ସମବାୟ ଡାଇରେକ୍ଟର ପବିତ୍ରମୋହନ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସମବେତ ହେଇଥିଲେ। ମନ୍ଦିରଟି ଗ୍ରାମର ବରାଗାଡିଆ ପୋଖରୀ ମଧ୍ୟରେ ୨ବର୍ଷ ଧରି ନିର୍ମାଣ ଚାଲୁ ରହିଛି। ମନ୍ଦିରକୁ ଭବ୍ୟ କରିବାକୁ ନିକଟରେ ଥିବା ଶ୍ମଶାନ ଓ ପୋଖରୀ ହୁଡ଼ାକୁ ବିଭିନ୍ନ ଅଂଶକୁ ପାର୍କରେ ପରିଣତ କରାଯାଇଛି। ଏହି ଉତ୍ସବର ଯଜ୍ଞ କାର୍ଯ୍ୟରେ ଧନେଶ୍ୱର ସାହୁ ଓ ତାଙ୍କ ସ୍ତ୍ରୀ କର୍ତ୍ତାଭାର ତୁଲାଇ ଥିବାବେଳେ ରଙ୍ଗନାଥ ସାମନ୍ତରାୟ, ବିଦ୍ୟାଧର ପରିଡ଼ା, ବଟକୃଷ୍ଣ ବରାଡ଼, ପୂର୍ବତନ ସରପଞ୍ଚ ଦିଲ୍ଲୀପ ପାଇକରାୟ, ଅଶୋକ ସାହୁ, ଛବି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଦିନତମାମ ନାମ ସଂକୀର୍ତ୍ତନ ଓ ଅର୍ଣ୍ଣପ୍ରସାଦ ସେବା ଚାଲୁ ରହିଥିଲା। ସନ୍ଧ୍ୟାରେ ଶ୍ରୀରାମ ନାଟକ ଦେଖିବାକୁ ଦର୍ଶକଙ୍କ ଗହଳି ଲାଗିରହିଥିଲା।

## ୩ ଯୁବତୀଙ୍କୁ ଦୁର୍ବ୍ୟବହାର ଘଟଣା

### ଆକ୍ରମଣକାରୀଙ୍କୁ ଥାନାରେ ହାଜର ନୋଟିସ

ଭୁବନେଶ୍ୱର,୩।୭ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ରାସ୍ତାରେ ୩ ଯୁବତୀଙ୍କୁ ଆକ୍ରମଣ ସହ ଦୁର୍ବ୍ୟବହାର ହୋଇଛି। ଏନେଇ ପୀଡିତା ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାରେ କାହାକୁ ଗିରଫ କରାଯାଇ ନ ଥିବା ବେଳେ ଜନ୍ମଦିନ ପାଳନ ଉତ୍ସବକୁ ନେଇ ଏହି ଘଟଣା ଘଟିଥିବାବେଳେ ଆକ୍ରମଣ କରିଥିବା ଜଣେ ଯୁବକ ଓ ଯୁବତୀଙ୍କୁ ନୋଟିସ୍ ପଠାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାନୁସାରେ, ଗତ ଜୁନ ୨୮ ତାରିଖରେ ଗୀତା ନାୟକ, ପୂଜାରାଣୀ ଓ ଆଲିଆ ନାମ୍ନୀ ଯୁବତୀ ଜଗନାଥ ନଗରରେ ରାତ୍ରିଭୋଜନ ପାଇଁ ଏକ ହୋଟଲକୁ ଯିବା ପାଇଁ ଛିଡା ହୋଇଥିଲେ।

## ୩ ରଥକୁ ଉଠିଲା କଳସ, କପଡ଼ା ପଡ଼ିଲା

ପୁରୀ, ୩।୭(ଅଜିତ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ତିନିରଥର ଦୁଆରବେଢ଼ା ଚନ୍ଦ୍ରଶାଳୀରେ ଧ୍ୱଜବତା ଓ ଡମଣିବତା ଫିଟିଙ୍ଗ ହୋଇଛି। ତିନିରଥ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ରୂପକାରସେବକମାନେ ସମ୍ପୂର୍ଣ୍ଣ କରି ଚିତ୍ରକାର ସେବକମାନଙ୍କୁ ଖୋଦେଇ ରୂପରେ ରଙ୍ଗଚିତ୍ର କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି। ସେହିପରି ମୁଖ୍ୟ ମହାରଣାମାନଙ୍କ ମାର୍ଗ ଦର୍ଶନରେ ମହାରଣା ସେବକ ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇସେବକମାନଙ୍କ ସହଯୋଗରେ ତିନି ରଥକୁ କଳସ, ଓଲଟଶୁଆ ଏବଂ ଅଁଳା ଉଠି ରଥ ପୋଟଳ ଖପୁରିରେ ସ୍ଥାପନ କରାଯାଇ କଣ୍ଟା ବସିବା କାର୍ଯ୍ୟ ସରିଛି। ଏଥିସହ ତିନିରଥର ବେଦି ପାର୍ଶ୍ୱପଟା ତଳେ ହଂସପଟା ବାଡ଼ିଆ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ଘୋଡ଼ା ସେଟିଙ୍ଗ ପାଇଁ ଈଶ ଏବଂ ଯୁଆଳି ନିର୍ମାଣ ସରିବା ପରେ ଈଶରେ ପଖିଆ ବା ଗଣ୍ଡି ଫିଟିଙ୍ଗ ସରିଛି। ସେହିପରି ଚିତ୍ରକାର ସେବକମାନେ ତିନି ରଥ ପ୍ରଭାରେ ଧଳା ପ୍ରାଇମର ବୋଳା ଶେଷ କରିଛନ୍ତି। ଏହାପରେ ପ୍ରଭାରେ ରଙ୍ଗ ଚିତ୍ର ଅଙ୍କନ ହେବ। ତାଳଧ୍ୱଜ ରଥ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ ଚିତ୍ର ସହ ପ୍ରଭା ମଝି ଭାଗରେ ପଦ୍ମକଢି ଆଙ୍କିବା ସହ ପ୍ରଭା ଦୁଇପାର୍ଶ୍ୱରେ ଶିବ ଏବଂ ନାରଦଙ୍କ ଚିତ୍ର, ଦର୍ପଦଳନ ପ୍ରଭାରେ ପଦ୍ମକଢି ସହ ଦୁଇପଟେ ଗଙ୍ଗା, ଯମୁନାଙ୍କ ଚିତ୍ର ଏବଂ ନନ୍ଦିଘୋଷ ରଥ ପ୍ରଭାରେ ପଦ୍ମକଢି ସହ ଦୁଇ ପାର୍ଶ୍ୱରେ ଇନ୍ଦ୍ର ଓ ବ୍ରହ୍ମାଙ୍କ ଚିତ୍ର ଅଙ୍କନ କରିବେ। ଚିତ୍ରକାର ସେବକମାନେ ନନ୍ଦିଘୋଷ ରଥର ଚକ, ଦଣ୍ଡା, ଗୁଜ, ବାହ୍ୟ ଅଂଶ ଗୁଡିକରେ ଆବଶ୍ୟକ ରଙ୍ଗ ଶେଷ କରି ତାଳଧ୍ୱଜ ଓ ଦର୍ପଦଳନ ରଥର ବାହ୍ୟ ଅଂଶରେ ରଙ୍ଗ କାର୍ଯ୍ୟର ଶେଷ ସ୍ପର୍ଶ ଦେଉଛନ୍ତି। ଘୋଡ଼ା, ସାରଥିଙ୍କ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦରଜି ସେବକମାନେ ତିନିରଥର ୧୨ଟି ଚନ୍ଦ୍ରଶାଳୀ, ୧୨ଟି ଅଁଳାଶ୍ରୀ, କନା କାର୍ଯ୍ୟ ଶେଷ ହେବା ସହ କନକମୁଣ୍ଡି ପାଇଁ ଚାନ୍ଦୁଆ ସହ ଉଡ଼ା ଚାନ୍ଦୁଆ ସହ ସାରଥି ପୋଷାକ ତିଆରି ଚାଲିଛି।

# ମଣ୍ଡଳସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଯାପିତ



କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ବୋଲଗଡ,୩।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାମନ ଉଚ୍ଚ ବିଦ୍ୟାଳୟ ପରିସରରେ ୩ଦିନ ଧରି ଚାଲୁଥିବା ମଣ୍ଡଳସ୍ତରୀୟ କ୍ରୀଡ଼ା ଶିକ୍ଷକଙ୍କ କ୍ରୀଡ଼ାଙ୍ଗନ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ବୋଲଗଡ଼ ଓ ବେଗୁନିଆ ବ୍ଲକର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କୁ କ୍ରୀଡ଼ାର ଉପାଦେୟତା ଓ ଶିକ୍ଷା ସହିତ ସହଯୋଗ ଏବଂ ଶୈକ୍ଷିକ ପରାମର୍ଶ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରଭାତ ନିଶଙ୍କ, ଅରଖପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପଦ୍ମଚରଣ ବିଶୋଇ ଓ ପ୍ରଶିକ୍ଷିକା ଭାବେ ତାଳତୁମ୍ବସ୍ଥିତ ପଶ୍ଚିମେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷୟିତ୍ରୀ ସୌଦାମିନୀ ବେହେରା ପ୍ରମୁଖ କ୍ରୀଡ଼ା ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲା ମୋ ସ୍କୁଲ କାର୍ଯ୍ୟାଳୟର ସପୋର୍ଟିଂ ଅଧିକାରୀ ସିପ୍ରା ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବାମନ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ନୂତନ ପାଠ୍ୟକ୍ରମରେ କ୍ରୀଡ଼ାଙ୍ଗନ କାର୍ଯ୍ୟକ୍ରମକୁ ସାମିଲ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦେବାକୁ ଉପସ୍ଥିତ ସମସ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଭୋଳାନାଥ ବିଦ୍ୟାପୀଠ ଶିକ୍ଷକ ଅକ୍ଷୟ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ମଣ୍ଡଳସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ଭାଗବତ ପ୍ରସାଦ ପାଣ୍ଡେ ସହଯୋଗ କରି ପରିଚାଳନା କରିଥିଲେ।

## ବାଲୁଗାଁ ବନାଞ୍ଚଳରେ ବନମହୋତ୍ସବ

କୃଷ୍ଣପ୍ରସାଦ,୩।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)




ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଚାରାରୋପଣ କରାଯାଉଛି।

କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅଲଣ୍ଡା ପଞ୍ଚାୟତର ଠିଛିଣି ଗ୍ରାମୀଣ ଉଦ୍ୟାନ ପରିସରରେ ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ପାରିକୁଦ ସେକ୍ସନ ସହଯୋଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲୁଗାଁ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନା ଯୋଗଦେଇ ୭୫ତମ ବନ ମହୋତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୀଣାପାଣି ଯୁଥ କ୍ଲବ ପରିସରରେ ଆୟୋଜିତ ସଭାରେ ଜୈବମଣ୍ଡଳରେ ସ୍ଥିରତା ଆଣିବାକୁ ହେଲେ ଜଙ୍ଗଲର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ନିଜ ବାଡ଼ି ବା ଅନ୍ୟ ଖୋଲା ସ୍ଥାନରେ ଗଛ ଲଗାଇବା ସହ କିପରି ଜଙ୍ଗଲକୁ ସୁରକ୍ଷିତ ରଖିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ମା’ ମଙ୍ଗଳା ମଧ୍ୟ ଇଂଲିଶ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ ଦାସ, ସାମାଜିକ କର୍ମୀ ଶରତ ଚନ୍ଦ୍ର ଜେନା, ମୁଖ୍ୟ କିରାଣୀ କୁମର ସାହୁ, ହିରଣ୍ୟ ଜେନା, ଅମିନ ଦାସ, ବୀଣାପାଣି ଯୁଥ କ୍ଲବ ସଭାପତି ଅର୍ଜୁନ ପଲେଇ, ବରିଷ୍ଠ ଶିକ୍ଷକ ଶ୍ୱେତ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା, ବନରକ୍ଷୀ ଆଲୋକ ବେହେରା, ବନରକ୍ଷୀ ତ୍ରିଲୋଚନ ମହାରଣା, ସୁରକ୍ଷା କର୍ମୀ ସନ୍ତୋଷ ସେଠୀ, ସାଧୁ ଚରଣ ସାହୁ, ଲଲାଟ ସ୍ୱାଇଁ, ସୁରଥ ଜେନା, ଜୟନ୍ତ ଜେନା, ରବୀନ୍ଦ୍ର ଜେନାଙ୍କ ସହଯୋଗରେ ସୀତାଫଳ, ଡାଳିମ୍ବ, ଅଁଳା, ବେଲ ଆଦି ୧ଶହରୁ ଊର୍ଦ୍ଧ୍ୱ ବୃକ୍ଷର ଚାରାରୋପଣ କରାଯାଇଥିଲା।

# ବିଦ୍ୟାଳୟରେ ଚାରାରୋପଣ କଲେ ବ୍ଲକ ଶିକ୍ଷାଧିକାରୀ

ନିରାକାରପୁର,୩।୭ (ମାନସ ଚନ୍ଦ୍ର ପଟ୍ଟନାୟକ)



ରେଙ୍ଗଟା ସ୍କୁଲରେ ବିଇଓ ଚାରାରୋପଣ କରୁଛନ୍ତି।

ଖୋର୍ଦ୍ଧା ଜିଲା ଲେଣ୍ଡୁ ପଞ୍ଚାୟତ ଅଧୀନ ରେଙ୍ଗଟାଠାରେ ଥିବା ରେଙ୍ଗଟା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂ ଏଥିରେ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ସିଆର୍‌ସିସି ପଞ୍ଚାନନ ଭୁଜବଳ, ମୋ ବିଦ୍ୟାଳୟ ଅଭିଯାନର ସଦସ୍ୟ ଉମାକାନ୍ତ ପରିଡ଼ା, ଶିକ୍ଷୟିତ୍ରୀ ଉନିତା ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ସାହୁ ଚାରାରୋପଣ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆମ୍ବ, ଡାଳିମ୍ବ, ପିଜୁଳି, ନିମ୍ବ, ଗଙ୍ଗଶିଉଳି ସମେତ ବିଭିନ୍ନ ପ୍ରଜାତିର ୨୨ଟି ଔଷଧୀୟ ଚାରାରୋପଣ କରାଯାଇଥିଲା। ସ୍କୁଲ ପଡ଼ିଆରେ ଅଧିକ ପରିମାଣରେ ଚାରାରୋପଣ କରିବା ଦିଗରେ ପୂର୍ଣ୍ଣମାତ୍ରାରେ ସହଯୋଗ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ସାହୁ ପ୍ରକାଶ କରିଛନ୍ତି। ଶିକ୍ଷା ଅଧିକାରୀ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଭୂୟଂସି ପ୍ରଶଂସା କରିଥିଲେ। ସେହିପରି ସ୍ଥାନୀୟ ଚିତ୍ରକୂଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲର ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପାଇକରାୟଙ୍କ ପୌରୋହିତ୍ୟରେ ଚାରାରୋପଣ କରାଯାଇଥିଲା। ଅତିଥି ଭାବେ ବିଜେଡି ଖୋର୍ଦ୍ଧା ଜିଲା ଉପସଭାପତି ବିପିନ ଜୟସିଂ, ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ପ୍ରଧାନ, ଶିକ୍ଷୟତ୍ରୀ ସଂଯୁକ୍ତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍କୁଲ ପରିସରରେ ବିଭିନ୍ନ ପ୍ରଜାତିର ୨୧ଟି ଚାରାରୋପଣ କରିଥିଲେ।

## କଫ୍ ସିରପ୍ ବୋତଲ ଗିଳି ଫସିଲା ନାଗ

ଭୁବନେଶ୍ୱର, ୩।୭(ଅସମାପିକା ସାହୁ)

ପ୍ଲାଷ୍ଟିକ ବୋତଲ ଗିଳି କଳବଳ ହେଉଥିଲା ନାଗ। ନା ପୂରା ଢୋକି ପାରୁଥିଲା ନା ବାନ୍ତି କରି ପାରୁଥିଲା। କେବଳ ଛଟପଟ ହେଉଥିଲା ସାଢେ ୩ ଫୁଟ ଲମ୍ବର ଏହି ସାପ। ବୁଧବାର ପୁରୁଣା ଭୁବନେଶ୍ୱରସ୍ଥ ଜ୍ଞାନନଗର ନିକଟରେ ବିନ୍ଦୁ ସାଗର ବେଢ଼ାରେ ନାଗ ସାପଟି ଛଟପଟ ହେଉଥିବା ବେଳେ ଜଣେ ଦେଖଣାହାରୀ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କୁ ଫୋନ କରି ଜଣେଇଥିଲେ। ଶୁଭେନ୍ଦୁ ପହଞ୍ଚିଥିଲେ। ସକାଳ ୭ ଟାରେ ଭେଟେରିନାରୀ ଡାକ୍ତର ନ ମିଳିବା ଏବଂ ସାପର ବିକଳ ଅବସ୍ଥା ଦେଖି ଶୁଭେନ୍ଦୁ ବାଧ୍ୟ ହୋଇ ନିଜେ ଅତି ଯତ୍ନର ସହିତ ସାପଟିର ତଳ ମାଢ଼ିକୁ ବୋତଲ ଦେହରୁ ତଳକୁ ଖସେଇ ଦେଇଥିଲେ। ଏହା ପରେ ସାପଟି ସହଜରେ ପୂରା ବୋତଲ ଟିକୁ ବାନ୍ତି କରି ଦେଇଥିଲା। ସାପଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି କି ନାହିଁ ଜାଣିବାକୁ ସାପଟିକୁ କିଛି ସମୟ ସେହି ସ୍ଥାନରେ ଚଳପ୍ରଚଳ ହେବାକୁ ଦେଇଥିଲେ। ପରେ ସାପକୁ ସହର ବାହାରେ ଏକ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ିଥିଲେ।

## ‘ଶିଶୁମାନଙ୍କ ପାଇଁ ଦିନଟିଏ’ ସଚେତନତା କାର୍ଯ୍ୟକ୍ରମ

ଜଟଣୀ,୩।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ମିଶନଶକ୍ତି ଭବନଠାରେ ବ୍ଲକସ୍ତରୀୟ ‘ଶିଶୁମାନଙ୍କ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ରଶ୍ମିତା ନାଥ, ସିଡିପିଓ ସଞ୍ଜୁଲତା ନାୟକ, ସିଏଚ୍‌ସି ଶୁଭଲକ୍ଷ୍ମୀ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସବିତା ପାଣିଗ୍ରାହୀ, ଜୀବିକା ମିଶନର ପ୍ରକଳ୍ପ ପରିଚାଳକ ଦିପ୍ତିମୟୀ ପ୍ରହରାଜ, ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ସଂଯୋଜକ କଲ୍ୟାଣୀ ସାହୁ ପ୍ରକଳ୍ପ ସଂଯୋଜନ ସନ୍ତୋଷ ଦାଶ, ଥାନା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଶିଶୁଙ୍କ ସୁରକ୍ଷା ଓ ବାଲ୍ୟ ବିବାହ ପ୍ରଥାକୁ ଗାଁରେ ସଚେତନ କରିବା ପାଇଁ ଶିଶୁଙ୍କ ବିଭିନ୍ନ ସରକାରୀ ଯୋଜନା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏଥିରେ ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳର ଉପସ୍ଥିତ ବ୍ୟକ୍ତିଙ୍କୁ ମହିଳା ଓ ଶିଶୁଙ୍କୁ ବାଲ୍ୟ ବିବାହ ନିଷେଧ ଉପରେ ଗୁରୁତ୍ୱ ଦେଇ ଶିଶୁଙ୍କ ସୁରକ୍ଷା ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକଳ୍ପ ସହାୟକ ମନୋରଞ୍ଜନ ଲେଙ୍କା, ରୁଦ୍ର ସାମଲ, ବରିଷ୍ଠ ପରିଚାଳିକା ମନସ୍ୱିନୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



# ପୌର ପରିଷଦ ବୈଠକରେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ



ଜଟଣୀ ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅତିଥି।

### ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଜଟଣୀ,୩।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ସମସ୍ତ ପରିଷଦକୁ ନେଇ ଏକ ବୈଠକ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜଟଣୀ ନଗରପାଳ ଅନନ୍ତ ବେହେରା ଏଥିରେ ନେତୃତ୍ୱ ନେଇଥିଲେ। ପରିଷଦ ସଭାକକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କୁ ପରିଷଦ ପକ୍ଷରୁ ସମସ୍ତ ପରିଷଦ ଏବଂ ପୌର କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜଟଣୀର ବୃହତ୍ତର ସ୍ୱାର୍ଥ ପାଇଁ ଦଳ ବଳ ଏବଂ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ମିଳିମିଶି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ବିଧାୟକ ସମସ୍ତ ପରିଷଦଗଣଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ନଗରପାଳ ଅନନ୍ତ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପାଟଯୋଶୀ, ପୌର ଉପାଧକ୍ଷା ଆରତୀ ରାଉତ, ପୌରାଞ୍ଚଳ ବିଧାୟକ ପ୍ରତିନିଧି ବିଘ୍ନେଶ ବଳବନ୍ତରାୟ, ଏମ୍‌ପିଙ୍କ ପ୍ରତିନିଧି ସତୀଶ ଶର୍ମା, ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନଙ୍କ ସହିତ ସମସ୍ତ ପରିଷଦର ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏମ୍‌ପିଙ୍କ ପ୍ରତିନିଧି ଶର୍ମା ଜଟଣୀ ନଗରବାସୀଙ୍କ ସୁଖ ଏବଂ ସୁବିଧା ପାଇଁ ସହରର ବିକାଶ ଏବଂ ଡ୍ରେନେଜ ସୁବିଧା ପାଇଁ ଟାଉନ ଖସମାଲ ଅଞ୍ଚଳର ସୀମା ନିର୍ଦ୍ଧାରଣ କରିବା, ‘ସ୍ୱଚ୍ଛ ଜଟଣୀ’ ଜରିଆରେ ଡ୍ରେନେଜ ସମସ୍ୟା ଏବଂ ପରିମଳ ବ୍ୟବସ୍ଥାରେ ସୁଧାର, ସମସ୍ତ ୱାର୍ଡରେ ମଶା ଧୂପ ଦେବା(ମସ୍କିଟୋ ଫଗିଙ୍ଗ), ବଞ୍ଚିତ ନାଗରିକଙ୍କ ଭୋଟର ପରିଚୟ ପତ୍ର ପାଇଁ ପ୍ରତି ୱାର୍ଡରେ ଭୋଟ ପରିଚୟ ପତ୍ର ପ୍ରଦାନ କରିବା, ନିର୍ମିତ ଭେଣ୍ଡିଂ ଜୋନ୍ ଯଥାଶୀଘ୍ର ଚାଲୁ କରିବା, ପୌରାଞ୍ଚଳରେ ମୋ ସରକାର ଏବଂ ୫-ଟି ବ୍ୟାନର, ପୋଷ୍ଟର ଏବଂ ହୋର୍ଡିଂ ହଟାଇବା, ପୌର କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତି ଜାଣିବାକୁ ବାୟୋମେଟ୍ରିକ ବ୍ୟବସ୍ଥା କରିବା, ବିଗତ ପରିଷଦ ବୈଠକର ଆୟ ଏବଂ ବ୍ୟୟ ହିସାବ ପ୍ରଦାନ କରିବା ଆଦି ୮ଟି ଦାବି ଉପସ୍ଥାପିତ କରିବା ସହିତ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ପୌର କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଉପାଦେୟ ବୃକ୍ଷର ଚାରାରୋପଣ କରାଯାଇଥିଲା।

**ସରକାରୀ ଜମି ଦଖଲକୁ ନେଇ ଗଣ୍ଡଗୋଳ**

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ) : ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ବିଶୁଲିପଡ଼ା ମଦରସା ପଛପଟେ ଥିବା ଜମିକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ରେହେମାନ ଏବଂ ଅନ୍ୟ ପକ୍ଷରୁ ରସିଦ ଖାନ ଆହତ ହୋଇଛନ୍ତି। ଏନେଇ ଗୋପ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଡିଏସ୍‌ପି ପ୍ରଭାତ କୁମାର ମଲ୍ଲିକ ଏବଂ ଆଇଆଇସି ପ୍ରଶାନ୍ତ ପଢ଼ିହାରୀ, ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

# ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରେନ୍‌ର ରୁଟ୍ ଚାର୍ଟ

**ଭୁବନେଶ୍ୱର,୩।୭ (ଅନୁରାଧା ମହାରଣା)**

ପବିତ୍ର ରଥ ଯାତ୍ରା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସମେତ ପଡ଼ୋଶୀ ରାଜ୍ୟରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୬ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ପାରାଦୀପ -ପୁରୀ -ପାରାଦୀପ ସ୍ୱତନ୍ତ୍ର ଟ୍ରେନ କେନ୍ଦ୍ରାପଡ଼ା ଓ ହରିଦାସପୁର ଦେଇ ଯାତାୟାତ କରିବ। ଅନ୍ୟ ଏକ ସ୍ୱତନ୍ତ୍ର ଟ୍ରେନ ପାରାଦୀପ -ପୁରୀ -ପାରାଦୀପ ରାହାମା ଦେଇ ଯାତାୟାତ କରିବ। ସେହିପରି ଅନୁଗୋଳ -ପୁରୀ - ଅନୁଗୋଳ ସ୍ୱତନ୍ତ୍ର ଟ୍ରେନ ଅନୁଗୋଳରୁ ନରାଜ ମାର୍ଥାପୁର ଦେଇ ଯିବାଆସିବା କରିବ। ସେହିପରି ଭଦ୍ରକ-ପୁରୀ- ଭଦ୍ରକ ସ୍ୱତନ୍ତ୍ର ଟ୍ରେନ ଶାଳଗାଁ-ନରାଜ ମାର୍ଥାପୁର ଦେଇ ପୁରୀରେ ପହଞ୍ଚିବ। ଏହାସହ ଭଦ୍ରକ -ପୁରୀ -ଭଦ୍ରକ ସ୍ୱତନ୍ତ୍ର ଟ୍ରେନ କଟକ ଦେଇ ଯିବାଆସିବା କରିବ। ଦଶପଲ୍ଲା-ପୁରୀ-ଦଶପଲ୍ଲା ସ୍ୱତନ୍ତ୍ର ଟ୍ରେନ ମଧ୍ୟ ଉଭୟ ପାର୍ଶ୍ୱରୁ ଯାତାୟାତ କରିବ। ଏସମ୍ପର୍କିତ ବିସ୍ତୃତ ସୂଚନା ରେଳ ୱେବସାଇଟରୁ ଯାତ୍ରୀ ପାଇପାରିବେ। ଯାତ୍ରୀଙ୍କ ପାଇଁ ଚଳାଚଳ କରିବାକୁ ଥିବା ଅନ୍ୟାନ୍ୟ ଟ୍ରେନ ମଧ୍ୟରେ ୨ଯୋଡ଼ା କେନ୍ଦୁଝରଗଡ଼-ପୁରୀ-କେନ୍ଦୁଝରଗଡ଼, ୨ଯୋଡ଼ା ପଲାସା -ପୁରୀ -ପଲାସା ସ୍ୱତନ୍ତ୍ର ଟ୍ରେନ, ସୋମ୍‌ପେଟା -ପୁରୀ -ସୋମ୍‌ପେଟା, ଗୁଣୁପୁର -ପୁରୀ - ଗୁଣୁପୁର, ବିଶାଖାପାଟନମ୍-ପୁରୀ-ବିଶାଖାପାଟନାମ, ଜଗଦଲପୁର -ପୁରୀ - ଜଗଦଲପୁର, ଜୁନାଗଡ଼ ରୋଡ-ପୁରୀ- ଜୁନାଗଡ ରୋଡ, ସମ୍ବଲପୁର -ପୁରୀ -ସମ୍ବଲପୁର, ସୋନପୁର -ପୁରୀ - ସୋନପୁର, ବାଦାମପାହାଡ଼ -ପୁରୀ -ବାଦାମପାହାଡ଼, ବାଙ୍ଗିରିପୋଷି-ପୁରୀ-ବାଙ୍ଗିରିପୋଷି, ବାଲେଶ୍ୱର -ପୁରୀ -ବାଲେଶ୍ୱର ଆଦି ସ୍ୱତନ୍ତ୍ର ଟ୍ରେନ ମଧ୍ୟ ରହିଛି। ରାଉରକେଲା -ପୁରୀ -ରାଉରକେଲା ସ୍ୱତନ୍ତ୍ର ଟ୍ରେନ ଓ ଝାରସୁଗୁଡା -ସମ୍ବଲପୁର - ଅନୁଗୋଳ ଦେଇ ଗତି କରିବ। ଅନ୍ୟ ଏକ ଟ୍ରେନ୍ ରାଉରକେଲା -ପୁରୀ -ରାଉରକେଲା ଏବଂ ଚକ୍ରଧରପୁର-ବାଂଶପାଣି-କେନ୍ଦୁଝରଗଡ଼ -ଯଖପୁରା ଦେଇ ଗତି କରିବ। ରାଇପୁର -ପୁରୀ - ରାଇପୁର, ମାଲଦା ଟାଉନ -ମାଳତୀପାଟପୁର -ମାଲଦା ଟାଉନ ସ୍ୱତନ୍ତ୍ର ଟ୍ରେନ, ସିଆଲ୍‌ଦାହ -ଖୋର୍ଦ୍ଧା ରୋଡ -ସିଆଲ୍‌ଦାହ ଟ୍ରେନ ମଧ୍ୟ ଯାତ୍ରୀଙ୍କୁ ରଥଯାତ୍ରା ସମୟରେ ସେବା ପ୍ରଦାନ କରିବ। ଏଆଇ ଆଧାରିତ ଟ୍ରେନ ପରିଚାଳନା ଯାତ୍ରୀଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ ବୋଲି ପୂର୍ବତଟ ରେଳପଥ ଆଶା ରଖିଛି।

# ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅର୍ଥ ଆତ୍ମସାତ୍

**ଚାରିଛକ,୩।୭(ଶିଶିର ସ୍ୱାଇଁ)**

ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଆତ୍ମସାତ୍ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ କେତେଜଣ ସୂଚନା ଅଧିକାର କର୍ମୀଙ୍କ ସମେତ ଅଞ୍ଚଳବାସୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ଅଭିଯୋଗ ଆଣି ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭିନ୍ନ କାର୍ଯ୍ୟ ବାବଦରେ ଓ କାୟକଳ୍ପ ଯୋଜନାରେ ଆସିଥିବା ଅର୍ଥକୁ ଆତ୍ମସାତ କରାଯାଇଛି। ଗତ ୨୦୧୯ ସେପ୍ଟେମ୍ବର ୨୭ରେ ଦାୟିତ୍ୱ ନେଇଥିବା ବିଏଏମ୍ ଏବଂ ୨୦୧୮ ଜୁନ୍ ୨୦ରେ ଦାୟିତ୍ୱ ଗ୍ରହଣ କରିଥିବା ଏନ୍‌ଏଚ୍‌ଏନ୍‌ର ସୁପରଭାଇଜର ଚତୁର୍ଥଶ୍ରେଣୀ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡଙ୍କ ବେତନ ଟଙ୍କାକୁ ସମ୍ପର୍କୀୟ ଠିକାଦାରଙ୍କ ଆକାଉଣ୍ଟକୁ ପଠାଇ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ସେହିଭଳି ରୋଗୀଙ୍କ ଖାଦ୍ୟ ବାବଦ ଅର୍ଥ ହଡ଼ପ କରାଯିବା, ସରକାରୀ ଗାଡ଼ିକୁ ୨ଜଣ କିରାଣି ନିଜ କାମରେ ବ୍ୟବହାର କରିବା, ବିଭିନ୍ନ ଜିନିଷପତ୍ର ବଜାର ଦରଠାରୁ ଉଚ୍ଚାଦରରେ ନକଲି ଭାଉଚର କରି ଆତ୍ମସାତ୍ କରିବା, ୫ବର୍ଷ ଧରି ସିକ୍ୟୁରିଟି ଗାର୍ଡଙ୍କ ଘରଭଡ଼ା ବାବଦ ଅର୍ଥକୁ ନ ଦେଇ ଚଳୁ କରିବା, ନିରାମୟ ମେଡିସିନ ସୁରକ୍ଷିତ ପାଇଁ ରହୁଥିବା ଘର ପରିବର୍ତ୍ତେ

**ଉପମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ**

କିରାଣି ନିଜ ଘରେ ଏସି ଲଗାଇବା ଫଳରେ ମେଡିସିନ୍ ସବୁ ଅଳ୍ପ ଦିନରେ ନଷ୍ଟ ହୋଇଯାଉଛି ବୋଲି ଅଭିଯୋଗ କରାଯାଇଛି। ରୋଗୀ କଲ୍ୟାଣ ସମିତି ନାମକୁ ମାତ୍ର କାଗଜପତ୍ରରେ ଚାଲିଛି। ସମିତିର କେତେଜଣ ସଭ୍ୟଙ୍କୁ ଲକ୍ଷାଧିକ ଟଙ୍କାର କାମ ଦେଇ ସେମାନଙ୍କ ମୁହଁ ବନ୍ଦ କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ସେହିପରି ଉଚ୍ଚ ପ୍ରଶାସନିକ ଅଧିକାରୀ ଆସିବା ସମୟରେ ଖବରଦାତାଙ୍କୁ କିଛି ସୂଚନା ଦିଆଯାଉନାହିଁ କି ମେଡିକାଲରେ ହେଉଥିବା ମିଟିଂକୁ ଡକାଯାଉନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କେତେଜଣ କର୍ମଚାରୀ ପ୍ରାୟ ୭ବର୍ଷରୁ ଊର୍ଦ୍ଧ୍ୱ ହେଲା କାର୍ଯ୍ୟରତ ଅଛନ୍ତି। ସେମାନଙ୍କୁ ବଦଳି କରାଯାଉନାହିଁ। ସମ୍ପୃକ୍ତ କର୍ମଚାରୀମାନଙ୍କର ପ୍ରଶାସନ ସହିତ ଭିତିରି ସମ୍ପର୍କ ରହିଛି ବୋଲି ଚର୍ଚ୍ଚା ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୂଚନା ଅଧିକାର କର୍ମୀ ବିଜୟ ବେହେରା, ଗୋପୀନାଥ ବେହେରା, ଦୀନବନ୍ଧୁ ବେହେରା, ଅନିଲ ସ୍ୱାଇଁ, ମାଧବ ଦାସ, ଲୁଲୁ ବେହେରା, ଲିଙ୍ଗରାଜ ପରିଡ଼ା, ଭାଗିରଥି ମଲ୍ଲିକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ପୁରୀ ଭେଙ୍କଟେଶ୍ୱର ମନ୍ଦିର ପରିସରରେ ଆୟୋଜିତ ବୈକୁଣ୍ଠ ମହୋତ୍ସବର ଉଦ୍‌ଯାପନୀ ଅବସରରେ ଅତିଥି ଏବଂ ଅନ୍ୟମାନେ।

# ଜୟଦୁର୍ଗା କଲ୍ୟାଣ ମଣ୍ଡପରେ ତାଲା ପକାଇଲେ ଗ୍ରାମବାସୀ

**ଚାରିଛକ,୩।୭(ଶିଶିର ସ୍ୱାଇଁ)**

ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତର ଜୟଦୁର୍ଗା କଲ୍ୟାଣ ମଣ୍ଡପ ନିର୍ମାଣବେଳେ ହୋଇଥିବା ଚୁକ୍ତିନାମା ପାଳନ ନ ହେବାରୁ ବୁଧବାର ତୁଳସୀପୁର ଗ୍ରାମବାସୀ ମଣ୍ଡପରେ ତାଲା ପକାଇଛନ୍ତି। ଖବରପାଇ ସରପଞ୍ଚଙ୍କ ପ୍ରତିନିଧି ଅରକ୍ଷିତ ଭୋଇ ଓ ସମିତି ସଭ୍ୟାଙ୍କ ପ୍ରତିନିଧି ପ୍ରକାଶ ସାହୁ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପଞ୍ଚାୟତ ପକ୍ଷରୁ ନଗଦ ୨୫ ହଜାର ଟଙ୍କା ପ୍ରଦାନ ସହିତ ଏକ ମାସ ମଧ୍ୟରେ ପଞ୍ଚାୟତ ଓ ଗ୍ରାମବାସୀଙ୍କ ମଧ୍ୟରେ ଥିବା ବିବାଦର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ତାଲା ଫିଟାଯାଇଥିଲା। ଗ୍ରାମବାସୀଙ୍କ ସ୍ଥିତିବାନ ଜାଗାରେ ଉକ୍ତ କଲ୍ୟାଣ ମଣ୍ଡପ ନିର୍ମାଣ ସମୟରେ ଗ୍ରାମବାସୀ ଓ ପଞ୍ଚାୟତ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ସେହି ଚୁକ୍ତିକୁ ୫ ବର୍ଷ ହେବ ପଞ୍ଚାୟତ କର୍ତ୍ତୃପକ୍ଷ ପାଳନ କରି ନ ଥିବାରୁ ବୁଧବାର ସମୂହ ଗ୍ରାମବାସୀ କଲ୍ୟାଣ ମଣ୍ଡପରେ ତାଲା ପକାଇଥିବା ଗ୍ରାମ୍ୟ କମିଟି ସଭାପତି ବନବିହାରୀ ଦାଶ କହିଛନ୍ତି। ରଜନୀକାନ୍ତ ତ୍ରିପାଠୀ, ଅନିରୁଦ୍ଧ ତ୍ରିପାଠୀ, ବିଜୟ ମଲ୍ଲିକ, ଦ୍ୱିଜବର ସାହୁ, ଗଗନ ଭୋଇ, ଶିବ ବାରିକ, ଗୁର ଭୋଇ, ନିରଞ୍ଜନ ତ୍ରିପାଠୀ, ଅଭିନ ଭୋଇ, ସୁରେନ୍ଦ୍ର ସାହୁ, ମନୁ ଭୋଇ ପ୍ରମୁଖ ଗ୍ରାମବାସୀ କଲ୍ୟାଣ ମଣ୍ଡପରେ ତାଲା ପକାଇଥିଲେ।



କଲ୍ୟାଣ ମଣ୍ଡପରେ ଗ୍ରାମବାସୀ ତାଲା ପକାଇଛନ୍ତି।

# ସର୍ବଭାରତୀୟ କ୍ଲଷ୍ଟର ଜୁଡୋରେ ଓଡ଼ିଶା ପୋଲିସକୁ ୧୬ ପଦକ

ଭୁବନେଶ୍ୱର,୩।୭(ସୂର୍ଯ୍ୟକାନ୍ତ ବେହେରା): ଆସାମର ଗୁଆହାଟୀରେ ଅନୁଷ୍ଠିତ ନବମ ସର୍ବଭାରତୀୟ କ୍ଲଷ୍ଟର ଜୁଡୋରେ ଓଡ଼ିଶା ପୋଲିସ ୧୬ଟି ପଦକ ହାସଲ କରିଛି। ଦେଶବ୍ୟାପୀ ୪୫ ଟି ପୋଲିସ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପୋଲିସ ୧୬ ପଦକ ଜିତିଥିବା ବେଳେ କଟକ-ଭୁବନେଶ୍ୱର କମିଶନରେଟ ପୋଲିସର ବିଭିନ୍ନ ଖେଳାଳି ୧୧ ପଦକ ବିଜୟୀ ହୋଇଛନ୍ତି। ଭଗବାନ ରେଙ୍ଗୀ, ବନିତା ଲାକ୍ରା ଓ ରୀତେଶ ରୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ପ୍ରତିଯୋଗିତା ଜୁନ୍ ୨୪ରେ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ତେବେ ବୁଧବାର କମିଶନରେଟ ପୋଲିସ କାର୍ଯ୍ୟାଳୟରେ (ପୋଲିସ ସେବା ଭବନ) ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କମିଶନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ।

# ତାଲିମ ନେଲେ ୫୮ ପିଇଓ

ବଳଙ୍ଗା,୩।୭(କେଦାରେଶ୍ୱର ନନ୍ଦ) ବଳଙ୍ଗା ପଞ୍ଚାୟତ ଅଫିସଠାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ ନୂତନ ଭାବେ ନିଯୁକ୍ତି ପାଇଥିବା ଜଗତ୍‌ସିଂହପୁର ଓ ଝାରସୁଗୁଡ଼ା ଜିଲାର ୫୮ ଜଣ ପଞ୍ଚାୟତ ଏକ୍ସଟେନଶନ ଅଫିସର (ପିଇଓ) ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରୋଗ୍ରାମ ଅଫିସର ଡ. ପରିକ୍ଷିତ ସାହୁ, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ନିମାପଡ଼ା ବ୍ଲକ ନୋଡାଲ ଅଫିସର ଗୁଣନିଧି ଜେନା, କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ସୀଠ, ବଳଙ୍ଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଭ୍ରକାନ୍ତ ମହାନ୍ତି ଉପସ୍ଥିତ ରହି ବଳଙ୍ଗା ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ କ୍ଷେତ୍ରର ପରିଦର୍ଶନ କରାଇଥିଲେ।

# ଆୟୁଷ୍ମାନ ଚାମ୍ପିୟନ, ଶ୍ରଦ୍ଧାସ୍ୱରୂପ ରନର୍ ଅପ୍

## କେ.ଟି. ଗ୍ଲୋବାଲ ସ୍କୁଲ ପକ୍ଷରୁ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା




ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରଥମ ୩ ପ୍ରତିଯୋଗୀ।

**ପୁରୀ,୩।୭(ଅଜିତ କୁମାର ମହାନ୍ତି)**

ପୁରୀସ୍ଥିତ କେ.ଟି. ଗ୍ଲୋବାଲ ସ୍କୁଲ ତରଫରୁ ୧୪ତମ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ସିଦ୍ଧମହାବୀରସ୍ଥିତ ମାରୁତିନଗର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଜିଲାର ୫ରୁ ୧୫ବର୍ଷର ୫୯ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୁରୀ ଜିଲା ଚେସ୍ ସଂଘ ସାଧାରଣ ସମ୍ପାଦକ ବିମଳ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ମାରୁତି ନଗର ଉନ୍ନୟନ ପରିଷଦର ଉପଦେଷ୍ଟା ଡ. ହେମେନ୍ଦ୍ର ନାଥ ବେହେରା, ସଭାପତି ଗୋଲକ ଚନ୍ଦ୍ର ଜେନା, ଚେସ୍ ପ୍ରଶିକ୍ଷକ ଶ୍ୟାମଳ କୁଣ୍ଠୁ, କେ. ଟି. ଗ୍ଲୋବାଲ ସ୍କୁଲ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ନନ୍ଦ, ସୁବ୍ରତ ପ୍ରଧାନ, ଅମରେନ୍ଦ୍ର ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୁଷ୍ମାନ ମହାନ୍ତି ଚାମ୍ପିୟନ, ଶ୍ରଦ୍ଧା ସ୍ୱରୂପ ନନ୍ଦ ରନରଅପ୍ ଏବଂ ଶୁଭ୍ରଜିତ ପ୍ରିୟଦର୍ଶନ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ୩ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟାନ୍ୟ ବର୍ଗରେ କୃତିତ୍ୱ ହାସଲ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନୋଜ ପାଣିଗ୍ରାହୀ ପରିଚାଳନା କରିଥିଲେ।

# ୧୪ ମୃତ ବିଦେଶାଗତ ପକ୍ଷୀ ଜବତ, ୨ ଶିକାରୀ ଗିରଫ

**ଟାଙ୍ଗୀ-ଖୋର୍ଦ୍ଧା/କଣାସ,୩।୭ (ରଘୁନାଥ ସାହୁ/ବିଭୂତି ଭୂଷଣ ତ୍ରିପାଠୀ)**

ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଚଢ଼ାଉ କରି ୧୪ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ୨ଜଣ ପକ୍ଷୀ ଶିକାରୀଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ଅଧୀନ ଦେଇପୁର ଗ୍ରାମର ସନ୍ତୋଷ କୁମାର ପଲେଇ(୨୪) ଓ ଗଡ଼ଖାରଦ ଗ୍ରାମର ଟୁଲୁ ପଲେଇ(୨୭)। ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇନ୍ତି। ଶିକାରୀମାନେ ବିଷ ପ୍ରୟୋଗ କରି ପକ୍ଷୀଙ୍କୁ ଧରୁଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ବିରାଜ ଦାଶ ସୂଚନା ଦେଇଛନ୍ତି। ମୃତ ପକ୍ଷୀଙ୍କ ନମୁନା ପରୀକ୍ଷଣ ନିମିତ ଫରେନସିକ୍‌ଲାବରେଟୋରିକୁପଠାଯାଇଛି। ଏ ସମ୍ପର୍କରେ ଓଆର୍ ୭/୨୦୨୪-୨୫ରେ ଏକ ମକଦ୍ଦମା ହୋଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ଭୁଷଣ୍ଡପୁର ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ।ଚିଲିକାକୁ ଶୀତ ଦିନେ ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀମାନେ ଆସିଥାନ୍ତି। ଶୀତ କମିଯିବା ପରେ ସେମାନେ ନିଜ ଦେଶକୁ ଫେରିଥାନ୍ତି। ଏହାମଧ୍ୟରୁ କେତେକ ପ୍ରଜାତିର ପକ୍ଷୀ ଚିଲିକାରେ ରହିଯାଇଥାନ୍ତି। ସେହି ପକ୍ଷୀମାନଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଥିବାରୁ ସେମାନେ ବିଭିନ୍ନ କୌଶଳ ଆପଣେଇ ବିଦେଶାଗତ ପକ୍ଷୀଙ୍କୁ ଶିକାର କରୁଥିବା ଦେଖାଯାଇଛି।

# ସ୍ୱତନ୍ତ୍ର ସାରସ୍ୱତ ଆସର




ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ପୁରୀ, ୩।୭(ଅଜିତ କୁମାର ମହାନ୍ତି)**

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ସ୍ୱତନ୍ତ୍ର ସାରସ୍ୱତ ଆସର ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରତିମା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ସାହିତ୍ୟିକ ପ୍ରଫେସର ଅଦ୍ୱୈତ ଚରଣ ଧଳ, ଡ. ପ୍ରଭାତ ରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ମନୋଜ କୁମାର ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଆ କବିତାର ରୂପରେଖ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ସତ୍ୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଏବଂ ଅବସରପ୍ରାପ୍ତ ଶିକ୍ଷା ପ୍ରଶାସିକା ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଜୁଶ୍ରୀ ମିଶ୍ର ସଭାକୁ ସଂଯୋଜନା କରିଥିଲେ। ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ। କମଳିନୀ ପାଣିଗ୍ରାହୀଙ୍କ ସଂଯୋଜନାରେ ୩୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ।

# 'ଏକ୍ ପେଡ୍ ମା' କେ ନାମ୍' ସଂକଳ୍ପ ନେଇ ୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ

**ସାକ୍ଷୀଗୋପାଳ,୩।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ୭୫ତମ ବନ ମହୋତ୍ସବ ପାଳନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବିଶ୍ୱ ପରିବେଶ ଦିବସ ତଥା ବନ ମହୋତ୍ସବ ପାଳନ ଅବସରରେ 'ଏକ୍ ପେଡ୍ ମା' କେ ନାମ୍' ଉପରେ ଯେଉଁ ଅଭିଯାନ ଆରମ୍ଭ କରିଛନ୍ତି, ତାର ସଫଳତା ନିମନ୍ତେ ସ୍କୁଲ ପରିସରରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିବା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ମିଶ୍ର ପ୍ରକାଶ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଏହି ଅଭିଯାନ ମାଧ୍ୟମରେ ସାମିଲ କରାଯାଇ ଚାରାରୋପଣ କରିବା ସହ ଏହା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ କରଙ୍କ ସମେତ ସ୍କୁଲ ଶିକ୍ଷୟିତ୍ରୀ ସୁଚିତ୍ରା କର, ଅଳକା ମିଶ୍ର ଚନ୍ଦ୍ରିକା ମହାପାତ୍ର, ପ୍ରଣତି ମିଶ୍ର, ପ୍ରଣତି ମାଝୀ ଓ ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର, ଅଭିଭାବକ ଶଶିଭୂଷଣ ଆଚାର୍ଯ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୟ ନନ୍ଦ ଓ ସାବିତ୍ରୀ ଦୀକ୍ଷିତ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଦ୍ୟାଳୟ ହତା ମଧ୍ୟରେ ଗୁଆ, ଆମ୍ବ, ନିମ୍ବ, ପଣସ, ଚମ୍ପା ଆଦି ୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଚାରାରୋପଣ କରାଯାଇଥିଲା।



ବୀରଗୋବିନ୍ଦପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଚାରାରୋପଣ କରୁଛନ୍ତି।

# 'ସବୁ ସମସ୍ୟାର ସମାଧାନ କରିଥାଏ ଶିକ୍ଷା'

**ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ପିଲାଙ୍କ ପାଇଁ କମନ୍‌ରୁମ୍ ନିର୍ମାଣ ହେବ: ପ୍ରଭାତୀ**

**ଗୋପ,୩।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ଜୀବନରେ ବଡ଼ ହେବାକୁ ହେଲେ କଠିନ ପରିଶ୍ରମ କରିବା ସହ ବଡ଼ ଲକ୍ଷ୍ୟ ନେବାକୁ ପଡ଼ିବ। ଶିକ୍ଷା ଏପରି ଏକ ଶବ୍ଦ, ଯାହା ସବୁ ବଡ଼ ବଡ଼ ସମସ୍ୟାକୁ ସମାଧାନ କରିଥାଏ ବୋଲି ବୁଧବାର ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକଙ୍କ ଅବସରକାଳୀନ ସଭାରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି। କାର୍ଯ୍ୟକ୍ରମରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ତହସିଲଦାର ରଞ୍ଜନ କୁମାର ପରିଡା, ବିଡିଓ ଛବିରାଣୀ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବ୍ରହ୍ମା, ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଗୋପ ସରପଞ୍ଚ ସୁଲୋଚନା ଦାସ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁ, ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପୁରାତନ ଛାତ୍ର ସଂସଦ ସଭାପତି ପୂର୍ଣେଶ କୁମାର ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବଦୁଲ ଇସ୍ରାଫିଲ ଖାଁ ଯୋଗଦେଇ ଶିକ୍ଷା ଏକ ପରିବର୍ତ୍ତନର ମାଧ୍ୟମ ହୋଇଥିବା ବେଳେ ସମାଜ ଗଠନ ପ୍ରକ୍ରିୟାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଶତାଧିକ ଦଳୀୟ କର୍ମୀ ଗୋପ ବଜାର ଶେଷ ଭାଗରୁ ଏକ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ପ୍ରଥମେ ସ୍କୁଲ ପ୍ରତିଷ୍ଠାତା ବନମାଳୀ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ପରେ ସ୍କୁଲ ପରିସରରେ ଆୟୋଜିତ ଅବସରକାଳୀନ ସଭାରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଳମ୍ବରେ ଆୟୋଜିତ ହୋଇଥିବାରୁ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ସହିତ କଥା ହେବା ପରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଗୁରୁବାର ସ୍କୁଲ ଛୁଟି ରହିବ ବୋଲି ଘୋଷଣା କରିଥିଲେ। ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮ଶହରୁ ଊର୍ଦ୍ଧ୍ୱ ଥିବାରୁ ପିଇବା ପାଣି ବ୍ୟବସ୍ଥା ସହ ପାଇଖାନା ଓ ବଡ଼ କମନରୁମ୍ ନିର୍ମାଣ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ ଶିକ୍ଷକ ସମନ୍ୱୟ ସମିତି ସଂଘ, ଓଷ୍ଟା ସଂଘ, ବିଭିନ୍ନ ଶିକ୍ଷକ ସଂଘ ସହିତ ଅନ୍ୟାନ୍ୟ ସରକାରୀ, ବେସରକାରୀ ସଂଗଠନ, ମହିଳା ସଂଗଠନ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଉପମୁଖ୍ୟମନ୍ତ୍ରୀ ଅବସର ଗ୍ରହଣ କରୁଥିବା ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।



ସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ତାଙ୍କ ତୈଳଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଉଛି।

# କଲେଜରେ ଅଧ୍ୟକ୍ଷଙ୍କୁ ଅଧ୍ୟାପକଙ୍କ ଆକ୍ରମଣ

**ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ଥିବା ହଳଦିଆ ମହାବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପଦବୀକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଇତିହାସ ଅଧ୍ୟାପକ ଓ ପରିଚାଳନା କମିଟି ସଭାପତି ସ୍ଥାନୀୟ ୪ଜଣ ଯୁବକଙ୍କ ସହ କଲେଜ ଅଧ୍ୟକ୍ଷଙ୍କୁ ଆକ୍ରମଣ କରିଥିବା ନେଇ ବୁଧବାର ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପଟେ ସମ୍ପୃକ୍ତ ଅଧ୍ୟାପକ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ଅଧ୍ୟାପକଙ୍କ ଅଭିଯୋଗ କ୍ରମେ ଥାନାରେ କେସ୍ ନଂ. ୧୫୧/୨୪ ଏବଂ ଅଧ୍ୟକ୍ଷଙ୍କ ଅଭିଯୋଗ ଭିତ୍ତିରେ କେସ୍ ନଂ. ୧୫୨/୨୪ ରୁଜୁ କରାଯାଇଛି। ପୋଲିସ ସିସିଟିଭି ଫୁଟେଜ ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଛି।

କଲେଜ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ସକାଳ ସାଢେ ୮ଟାରେ ଇତିହାସ ବିଭାଗ ଅଧ୍ୟାପକ ବିଜୟ କୁମାର ଭଞ୍ଜ, ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ଭଞ୍ଜ ଏବଂ ଗ୍ରାମର ରବିନାରାୟଣ ଭଞ୍ଜ ସାମନ୍ତ ଓରଫ ରବି, ପ୍ରଦୀପ୍ତ କୁମାର ଭଞ୍ଜ ଓରଫ ନିର, ଭବାନୀ ପଟ୍ଟନାୟକ ଓରଫ ଶିବୁନୁ ଏବଂ ଶ୍ରୀକାନ୍ତ କୁମାର ଭଞ୍ଜ ଓରଫ ଗୁଲୁ ହଠାତ୍ ଅଧ୍ୟକ୍ଷଙ୍କ ଚାମ୍ବରକୁ ପଶି ଆସି ତାଙ୍କୁ ଅଧ୍ୟକ୍ଷ ପଦବୀ ଛାଡ଼ିବା ସହ କ୍ୟାମ୍ପସରୁ ଚାଲିଯିବାକୁ ଧମକାଇଥିଲେ। ଆଇନ ଅନୁଯାୟୀ ଏ ସମ୍ପର୍କରେ ଆଲୋଚନା ପାଇଁ ପରିଚାଳନା କମିଟି ସଭାପତିଙ୍କୁ ଉମାକାନ୍ତ ଅନୁରୋଧ କରିଥିବା ବେଳେ ସଭାପତି ଏବଂ ଅଧ୍ୟାପକ ବିଜୟ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ତାଙ୍କ ତଣ୍ଟି ଚିପି ଗଳା ଧକ୍କା ମାରି ଚାମ୍ବରରୁ ବାହାର କରିଦେଇଥିଲେ। ଏହି ସମୟରେ ସେଠାରେ କଲେଜ ପିଅନ ଏବଂ ରାତ୍ରି ଜଗୁଆଳି ମଧ୍ୟ ଉପସ୍ଥିତ ଥିଲେ। ତାଙ୍କ ଜୀବନ ପ୍ରତି ବିପଦ ଥିବା ଉମାକାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି।

ଅନ୍ୟପଟେ ଅଧ୍ୟାପକ ବିଜୟ ଏବଂ ପରିଚାଳନା କମିଟି ସଭାପତି ରଞ୍ଜନ ଆଣିଥିବା ସେମାନଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା

**ପଦକୁ ନେଇ ଟଣାଓଟରା**
- ଥାନାରେ ପୃଥକ ମାମଲା ରୁଜୁ
- ସିସିଟିଭି ଅନୁଧ୍ୟାନ କରୁଛି ପୋଲିସ

ନଂ.୧୫୭୨୫/୦୨.୦୭.୨୪ ଅନୁଯାୟୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ହସ୍ତାନ୍ତର ପାଇଁ ସକାଳ ୮ଟା ୧୫ରେ ଅଧ୍ୟକ୍ଷଙ୍କ ଚାମ୍ବରକୁ ଯାଇଥିଲୁ। ହାଇକୋର୍ଟଙ୍କ ଆଦେଶ ପ୍ରକାରେ କାର୍ଯ୍ୟାଳୟ ଖାଲି କରିବାକୁ କହିବାବେଳେ ଉମାକାନ୍ତ କୋର୍ଟ କପି ହାତରୁ ଛଡ଼ାଇନେଇ ଚିରି ଦେଇଥିଲେ। ଏଥିସହ ଉଭୟଙ୍କୁ ଗାଳିଗୁଲଜ କରିଥିଲେ। ସେଠାରେ ଉପସ୍ଥିତ ଥିବା ବିଭୂଭୂଷଣ ସାହୁଙ୍କ ପୁଅ ବିକାଶ ମଧ୍ୟ ଗାଳିଗୁଲଜ କରିଥିଲେ। ସେମାନଙ୍କୁ ବନ୍ଧୁକରେ ଉଠାଇଦେବାକୁ ଉଭୟ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି।

ଗତ ଜୁନ ୩୦ ତାରିଖରେ ଉମାକାନ୍ତଙ୍କ କଲେଜ ଅଧ୍ୟକ୍ଷ ପଦବୀ ବେଆଇନ ବୋଲି ଦର୍ଶାଇ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିବା ବିଜୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଉମାକାନ୍ତ ପରିଚାଳନା କମିଟି ସଭାପତିଙ୍କ ବିନା ଅନୁମତିରେ ଗତ ୩୦ ତାରିଖରେ କେତେଜଣ କର୍ମଚାରୀ, ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଫିସ ଗୃହ ତାଲା ଭାଙ୍ଗି ନିୟମିତ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ଚିଠି ନଂ. ୪୫୭୩/୨.୬.୨୪ ନିର୍ଦ୍ଦେଶ ଅନୁଯାୟୀ ଓ ସଭାପତିଙ୍କ ଚିଠି ନଂ. ୧୮/୧୯.୬.୨୪ କ୍ରମେ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦରୁ ଉମାକାନ୍ତଙ୍କୁ ଅବ୍ୟାହତି ଦିଆଯାଇଥିଲା। ତେବେ ତା' ପରଦିନ ସଭାପତିଙ୍କ ଚିଠି ନଂ. ୨୪/୨୦.୬.୨୪ରେ ବିଜୟଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିଲା। ଜୁଲାଇ ୧ରୁ ଯୁକ୍ତ୩ ପରୀକ୍ଷା ଥିବାରୁ ପରୀକ୍ଷାରେ ବ୍ୟାହତ ସୃଷ୍ଟି ହେବା ଆଶଙ୍କାରେ ପୋଲିସକୁ ଲିଖିତ ଭାବେ ଅଭିଯୋଗ କରିଥିବା ବିଜୟ କହିଛନ୍ତି। ତେବେ ଏ ସମ୍ପର୍କରେ ଉମାକାନ୍ତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ଥାନା ଭାରପ୍ରାପ୍ତ ଅଧିକାରୀ ତାରିକ ଅହମ୍ମଦ କହିଛନ୍ତି, ଉଭୟଙ୍କ ଅଭିଯୋଗ କ୍ରମେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବୋଲଗଡ ଷ୍ଟେଶନରେ ଅଣସଂରକ୍ଷିତ ଟିକେଟ କାଉଣ୍ଟର୍ ଖୋଲାଯାଉ

**ରେଳମନ୍ତ୍ରୀଙ୍କ ନିକଟରେ ଦାବି**



ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବୋଲଗଡ଼, ୩।୭(ଦେବବ୍ରତ ହୋତା)**

ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ବୁଧବାର ନୂଆଦିଲ୍ଲୀସ୍ଥିତ ରେଳଭବନ କାର୍ଯ୍ୟାଳୟରେ ଭାଜପା କୃଷକମୋର୍ଚ୍ଚାର ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ ଭେଟିଛନ୍ତି। ବୋଲଗଡ଼ ଟାଉନ ରେଳଷ୍ଟେଶନର ୯ଟି ସମସ୍ୟାକୁ ନେଇ ସେ ରେଳମନ୍ତ୍ରୀଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ଅଣସଂରକ୍ଷଣ ଟିକେଟ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ପିଇବାପାଣି, ଯାତ୍ରୀ ପ୍ରତୀକ୍ଷା ଗୃହ, ସମସ୍ତ ସୁପରଫାଷ୍ଟ ଟ୍ରେନର ରହଣି, ଶୌଚାଳୟ ସ୍ଥାପନ, ଡାକବାଜି ଯନ୍ତ୍ର ଦ୍ୱାରା ଟ୍ରେନ ସମ୍ବନ୍ଧୀୟ ଘୋଷଣା ବ୍ୟବସ୍ଥା, ସୁରକ୍ଷା ଗାର୍ଡ ନିଯୁକ୍ତି ଏବଂ ପାର୍ସଲ ବୁକିଂ ଆଦି ୯ଟି ଦାବି ଓ ପ୍ରସ୍ତାବ ସମ୍ପର୍କରେ ଏହି ପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟ ସମବାୟ ପ୍ରକୋଷ୍ଠର ସଭାପତି ଶ୍ରୀରଞ୍ଜନ ମଙ୍ଗରାଜଙ୍କ ଉପସ୍ଥିତିରେ ଏ ନେଇ ଆଲୋଚନାବେଳେ ଅଗ୍ରାଧିକାର ଭିତ୍ତିରେ ଉକ୍ତ ଦାବି ଓ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ରେଳମନ୍ତ୍ରୀ ଦାୟିତ୍ୱ ଦେଇଥିବା ସ୍ୱାଇଁ କହିଛନ୍ତି।

# ମିନିଚିନପାଟଣା ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

**ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ)**



ଚନ୍ଦକା ବନଖଣ୍ଡ ଅଧୀନ ହଳଦିଆ ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ଅଙ୍ଗାରପଡ଼ା ପଞ୍ଚାୟତ ମିନିଚିନପାଟଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅତିଥି ରୂପେ ସ୍ଥାନୀୟ ରେଞ୍ଜର ରୋହିତ କୁମାର ଯୋଗଦେଇ କହିଥିଲେ, ମା' ପାଇଁ ଗଛଟିଏ ଲଗାଇବା ନିମନ୍ତେ ଚଳିତବର୍ଷ ସରକାର ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନକୁ କେବଳ ବୃକ୍ଷରୋପଣ ଦ୍ୱାରା ହିଁ ରୋକାଯାଇପାରିବ। ଏଥିପାଇଁ ଆମେ ସମସ୍ତେ ନିଜ ମା'ଙ୍କ ନାମରେ ଗୋଟିଏ ଚାରା ଲଗାଇବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବନରକ୍ଷୀ ହରିହର ମହାରଣା, ପ୍ରଧାନ ଶିକ୍ଷକ ଅରୁଣ କୁମାର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟମଣି ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଚାରାରୋପଣ ଦ୍ୱାରା ଆମ ସମାଜର କ'ଣ ଉପକାର ହୋଇଥାଏ ତାହା ବୁଝାଇଥିଲେ। ପରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ କମିଟିର ସଦସ୍ୟା ସଦସ୍ୟ, ଜଙ୍ଗଲ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

# ୧୪ ମୃତ ବିଦେଶାଗତ ପକ୍ଷୀ ଜବତ, ୨ ଶିକାରୀ ଗିରଫ

**ଟାଙ୍ଗୀ-ଖୋର୍ଦ୍ଧା/କଣାସ,୩।୭ (ରଘୁନାଥ ସାହୁ/ବିଭୂତି ଭୂଷଣ ତ୍ରିପାଠୀ)**



ଜବତ ପକ୍ଷୀ ଏବଂ ଗିରଫ ୨ ଅଭିଯୁକ୍ତ।

ବନ୍ୟପ୍ରାଣୀ ବିଭାଗ ଚଢ଼ାଉ କରି ୧୪ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ୨ଜଣ ପକ୍ଷୀ ଶିକାରୀଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ଅଧୀନ ଦେଇପୁର ଗ୍ରାମର ସନ୍ତୋଷ କୁମାର ପଲେଇ(୨୪) ଓ ଗଡ଼ଖାରଦ ଗ୍ରାମର ଗୁଲୁ ପଲେଇ(୨୭)। ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଶିକାରୀମାନେ ବିଷ ପ୍ରୟୋଗ କରି ପକ୍ଷୀଙ୍କୁ ଧରୁଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ବିରାଜ ଦାଶ ସୂଚନା ଦେଇଛନ୍ତି। ମୃତ ପକ୍ଷୀଙ୍କ ନମୁନା ପରୀକ୍ଷଣ ନିମିତ ଫରେନସିକ୍ ଲାବରେଟୋରିକୁ ପଠାଯାଇଛି। ଏ ସମ୍ପର୍କରେ ଓଆର୍ ୭/୨୦୨୪-୨୫ରେ ଏକ ମକଦ୍ଦମା ହୋଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ଭୁଷଣ୍ଡପୁର ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ।

ଚିଲିକାକୁ ଶୀତ ଦିନେ ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀମାନେ ଆସିଥାନ୍ତି। ଶୀତ କମିଯିବା ପରେ ସେମାନେ ନିଜ ଦେଶକୁ ଫେରିଥାନ୍ତି। ଏହାମଧ୍ୟରୁ କେତେକ ପ୍ରଜାତିର ପକ୍ଷୀ ଚିଲିକାରେ ରହିଯାଇଥାନ୍ତି। ସେହିପକ୍ଷୀମାନଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଥିବାରୁ ସେମାନେ ବିଭିନ୍ନ କୌଶଳ ଆପଣେଇ ବିଦେଶାଗତ ପକ୍ଷୀଙ୍କୁ ଶିକାର କରୁଥିବା ଦେଖାଯାଇଛି।

# 'ସେବା ମନୋଭାବ ନେଇ କାର୍ଯ୍ୟ କରିବି'

**ବୋଲଗଡ଼,୩।୭(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବେଗୁନିଆ ନିର୍ବାଚନମଣ୍ଡଳୀ ନବନିର୍ବାଚିତ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ବାଙ୍କୋଇ ଦେଶ ପଞ୍ଚାୟତ ବିଜେଡି ପକ୍ଷରୁ ଶ୍ରୀଶ୍ରୀ ତାରେଶ୍ୱର ଦେବଙ୍କ ପବିତ୍ର ପୀଠରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବାଙ୍କୋଇ ଦେଶ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଜୟକୃଷ୍ଣ ଫତେସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେବା ମନୋଭାବ ନେଇ ଗ୍ରାମପଞ୍ଚାୟତକୁ ଏକ ସମୃଦ୍ଧ ଓ ସଶକ୍ତ ପଞ୍ଚାୟତରେ ପରିଣତ କରିବାକୁ ସର୍ବଦା ଚେଷ୍ଟା ଜାରି ରହିବେ ବୋଲି ବିଧାୟକ ସାହୁ ମତପ୍ରକାଶ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ସମିତିସଭ୍ୟ ରଞ୍ଜନ ଲେଙ୍କା, ବିଜେଡି ନେତା ଶିବାଜୀ ମଙ୍ଗରାଜ, ବିଶ୍ୱରଞ୍ଜନ ବିଶ୍ୱାଳ, ଉମାକାନ୍ତ ବିଶ୍ୱାଳ, ଅରୁଣ ଛୋଟରାୟ, କାହ୍ନୁଚରଣ ସାମନ୍ତରାୟ, ସନ୍ତୋଷ ଦାସ, କରୁଣାକର ଜେନା, ଅମିୟ ସୁନ୍ଦରାୟ, ଢେଙ୍ଗୁ ଲେଙ୍କା, ସନ୍ତୋଷ ପ୍ରଧାନ, ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ଏବଂ ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତର ବରିଷ୍ଠ କର୍ମୀମାନେ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ବିଜେଡି ଯୁବନେତା ସୁରେଶ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।



ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଏମ୍‌ପି ପ୍ରତିନିଧି ଦିଲୀପ ହୋତାଙ୍କୁ ସମ୍ବର୍ଦ୍ଧନା




**ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଭୁବନେଶ୍ୱର ଏମ୍‌ପିଙ୍କ ଖୋର୍ଦ୍ଧା ପୌରାଞ୍ଚଳ ପ୍ରତିନିଧି ଦିଲୀପ କୁମାର ହୋତାଙ୍କୁ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ (ଓୟୁଜେ) ଖୋର୍ଦ୍ଧା ଶାଖା ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓୟୁଜେ ଜିଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର, ଜିଲା ସଭାପତି ତପନ କୁମାର ନାୟକଙ୍କ ସହିତ ସମସ୍ତ ସଭ୍ୟ ପ୍ରଥମେ ଏମ୍‌ପି ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇବା ପରେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଖବରଦାତା ରବୀନ୍ଦ୍ର କୁମାର ମିଶ୍ର, ପ୍ରସନ୍ନ ପାଇକରାୟ, ସନତ କୁମାର ପଟ୍ଟନାୟକ, ସୁଶାନ୍ତ ବିଶ୍ୱାଳ, ଶ୍ରୀକାନ୍ତ ପ୍ରଧାନ, ସତ୍ୟନାରାୟଣ ସାମନ୍ତରାୟ, ରାଜେଶ ଚନ୍ଦ୍ର ମହାନ୍ତି, ଅୟସ ମହାନ୍ତି,ଶୁଭଲକ୍ଷ୍ମୀ ସାମନ୍ତରାୟ, ଚନ୍ଦନ ସୁନ୍ଦରାୟ, ଗୋପାଳକୃଷ୍ଣ ପ୍ରଧାନ ଏବଂ ଏମ୍‌ଡି କୁତ୍‌ବୁଦ୍ଦିନ ଖାଁ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥରେ ଟାଙ୍ଗୀ-ଚାନ୍ଦପୁରକୁ ନାହିଁ ସୂଚନାଫଳକ

**ଟାଙ୍ଗୀ-ଖୋର୍ଦ୍ଧା,୩।୭(ରଘୁନାଥ ସାହୁ)**



୧୬ ନଂ. ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାସ୍ତାପାର୍ଶ୍ୱରେ ଥିବା ଗ୍ରାମକୁ ଯିବାକୁ ସୂଚନାଫଳକ ମାଧ୍ୟମରେ ସୂଚିତ କରାଯିବାକୁ ନିୟମ ରହିଛି। କିନ୍ତୁ ଭୁବନେଶ୍ୱର ଆଡ଼ୁ ଆସିବାବେଳେ ଟାଙ୍ଗୀ-ଚାନ୍ଦପୁର ଗ୍ରାମକୁ ଯିବାକୁ ରାସ୍ତାପାର୍ଶ୍ୱରେ କୌଣସି ସୂଚନାଫଳକ ଲଗାଯାଇ ପାରିନାହିଁ। ଫଳରେ ଯାତ୍ରୀମାନେ ସର୍ଭିସ ରାସ୍ତାରେ ନ ଯାଇ ଭୁଲରେ ଆଗକୁ ପଳାଇ ଯାଇ ହଇରାଣ ହରକତ ହେଉଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ତୁରନ୍ତ ସୂଚନାଫଳକ ଲଗାଇବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ନୂଆପଡ଼ା ରେଞ୍ଜର ଚାରା ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**କୃଷ୍ଣପ୍ରସାଦ,୩।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ନୂଆପଡ଼ା ପକ୍ଷରୁ ଗୁରୁବାଇଠାରେ ଥିବା ୬ ମାସିଆ ଚାରା ବିକ୍ରୟ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବନପାଳ ବିଶ୍ୱନାଥ ଗୁରୁ, ରଶ୍ମିରଞ୍ଜନ ନାୟକ, ଅର୍ଜୁନ ପ୍ରଧାନ, ବନରକ୍ଷୀ ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ କଦମ୍ବ, ଅଁଳା, ଶିଶୁ, ନିମ୍ବ, ପିଜୁଳି ଆଦି ଚାରା ପିଛା ୧ ଟଙ୍କା ଦରରେ ବିକ୍ରି କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଧାର୍ଯ୍ୟ କରାଯାଇଛି। ଉତ୍ସବରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ। ୭୫ତମ ବନମହୋତ୍ସବ ଅବସରରେ ନୂଆପଡ଼ା ରେଞ୍ଜ ପକ୍ଷରୁ ଗୋମୁଣ୍ଡିଆ ପଞ୍ଚାୟତର ବିଜୁ ପଟ୍ଟନାୟକ ଗ୍ରାମୀଣ ଉଦ୍ୟାନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାର୍କକୁ ସୁନ୍ଦର ସବୁଜିମା ଓ ଛାୟା ପ୍ରଦାନ ନିମନ୍ତେ ଗ୍ରୀନ ପାରିକୁଦର କର୍ମକର୍ତ୍ତାଙ୍କ ସହଯୋଗରେ ବଉଳ, କରଞ୍ଜ ଓ ନିମ୍ବ ଆଦି ଚାରା ରୋପଣ କରାଯାଇଥିଲା। ସେହିଭଳି ନୂଆପଡ଼ା ରେଞ୍ଜର ପୋଖରୀ କୁଦା ଓ ଜମୁନାଠାରେ ୬ ମାସିଆ ଝାଉଁ ଏବଂ ଆକାଶିଆ ଚାରା ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି।

# ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ




**ଟାଙ୍ଗୀ-ଖୋର୍ଦ୍ଧା,୩।୭(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅଧୀନ ସୁନ୍ଦପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀଣାପାଣି ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ ରାଜେଶ୍ୱରୀ ହାଲଦାର ଭାରତୀ ଦେଈ, ଏଏନ୍ଏମ୍ ରଶ୍ମିତା ସିଲ, ଆଶାକର୍ମୀ ଦୀପିକା ସିଲ, ସୁପ୍ରିୟା ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତ୍ୟେକ ବ୍ୟକ୍ତି ପରିବେଶ ସୁରକ୍ଷା ଦିଗରେ ଏବେଠାରୁ ଯତ୍ନବାନ ହେବାକୁ ଚାରାରୋପଣ କରିବା ସହ ପଲିଥିନ ବର୍ଜନ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜନ୍ମଦିନରେ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବାକୁ ଶିଶୁଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିସରରେ ଲେମ୍ବୁ ଅମୃତ ଭଣ୍ଡା, ସଜନା ଆଦି ଗଛର ୧୦ଟି ଚାରାରୋପଣ କରାଯାଇଥିଲା। ଲଳିତ ମହାପାତ୍ର ସ୍ୱରଚିତ କବତା ଆବୃତ କରିବା ପରେ କୁନିକୁନି ପିଲାମାନେ 'ମୁଁ ଗଛଟିଏ' ଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନୁରୂପ ଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସଞ୍ଜୁଲତା ବେହେରା, ବନପାଳ ପ୍ରଶାନ୍ତ ଦାସ, ପ୍ରଦୀପ ସାହୁ ଏବଂ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ବିଭିନ୍ନ ଚାରାରୋପଣ କରାଯାଇଥିଲା।

# ସର୍ବଭାରତୀୟ କ୍ଲଷ୍ଟର ଜୁଡୋରେ ଓଡ଼ିଶା ପୋଲିସକୁ ୧୬ ପଦକ

**ଭୁବନେଶ୍ୱର,୩।୭(ସୂର୍ଯ୍ୟକାନ୍ତ ବେହେରା)**

ଆସାମର ଗୁଆହାଟୀରେ ଅନୁଷ୍ଠିତ ନବମ ସର୍ବଭାରତୀୟ କ୍ଲଷ୍ଟର ଜୁଡୋରେ ଓଡ଼ିଶା ପୋଲିସ ୧୬ଟି ପଦକ ହାସଲ କରିଛି। ଦେଶବ୍ୟାପୀ ୪୫ ଟି ପୋଲିସ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପୋଲିସ ୧୬ ପଦକ ଜିତିଥିବା ବେଳେ କଟକ-ଭୁବନେଶ୍ୱର କମିଶନରେଟ ପୋଲିସର ବିଭିନ୍ନ ଖେଳାଳି ୧୧ ପଦକ ବିଜୟୀ ହୋଇଛନ୍ତି। ଭଗବାନ ରେଡ୍ଡୀ, ବନିତା ଲାକ୍ରା ଓ ରୀତେଶ ରୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ପ୍ରତିଯୋଗିତା ଜୁନ୍ ୨୪ରେ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ତେବେ ବୁଧବାର କମିଶନରେଟ ପୋଲିସ କାର୍ଯ୍ୟାଳୟରେ (ପୋଲିସ ସେବା ଭବନ) ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କମିଶନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ।

# ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା



ବାଲୁଗାଁସ୍ଥିତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ଅଧୀନରେ କାର୍ଯ୍ୟରତ କର୍ମଚାରୀ ଧାରଣା ଦେଇଛନ୍ତି।

**ବାଲୁଗାଁ,୩।୭(ସଂଗ୍ରାମ ପାଇକରାୟ)**

ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ଅଧୀନରେ କାର୍ଯ୍ୟରତ କର୍ମଚାରୀ ବୁଧବାର ବିଭିନ୍ନ ଦାବି ନେଇ ବାଲୁଗାଁସ୍ଥିତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବାଲୁଗାଁ ଡିଭିଜନ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ବଳିୟାରସିଂ ଧାରଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିଦ୍ୟୁତ୍ ବିଭାଗରେ ବିପଦପୂର୍ଣ୍ଣ ଜରୁରୀ କାର୍ଯ୍ୟରେ କର୍ମଚାରୀ ନିଜର ଦାୟିତ୍ୱ ତୁଲାଇ ଆସୁଥିବାବେଳେ ବହୁତ ଦିନ ଧରି ସେମାନଙ୍କ ମୌଳିକ ଆବଶ୍ୟକତା ଟାଟା କର୍ତ୍ତୃପକ୍ଷ ପୂରଣ କରୁ ନ ଥିବା ଅଭିଯୋଗରୁ ଜଣାଯାଇଛି। ଦାବି ପୂରଣ ନେଇ ବାରମ୍ବାର ଧାରଣା ଏବଂ ପରବର୍ତ୍ତୀ ସମୟରେ ଆଲୋଚନା ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜଣାଯାଇଛି। ଏପରିସ୍ଥଳେ କିଛି ଦିନ ତଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ମନମୁଖୀ ଶୋଷଣ ଯୋଗୁ ଜଣେ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିଲା। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଉକ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ସହ ବିଭିନ୍ନ ଦାବିପୂରଣ ନେଇ ବୁଧବାର ପୂର୍ବାହ୍ନ ୧୦ଟା ସମୟରେ କାର୍ଯ୍ୟରତ ଶତାଧିକ କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ମଧ୍ୟାହ୍ନରେ ବାଲୁଗାଁ ଡିଭିଜନ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବଳିୟାରସିଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆସନ୍ତା ୧୦ ତାରିଖ ମଧ୍ୟରେ ଆଲୋଚନା କରି ବହିଷ୍କୃତ କର୍ମଚାରୀଙ୍କୁ ନିଯୁକ୍ତି ସହ ଦାବି ପୂରଣ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ରିଟେଲର ପଏଣ୍ଟରେ ଚଢ଼ାଉ

**କଟକ ସଦର,୩।୭(ସୁଶାନ୍ତ କୁମାର ଜେନା):** ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କଟକ ସଦର ବ୍ଲକ ଅନ୍ତର୍ଗତ ପାରାବିଲ ଗ୍ରାମର ଯୋଗାଣ ରିଟେଲର ପଏଣ୍ଟରେ ମାଜିଷ୍ଟ୍ରେଟ ଆଦିତ୍ୟ କୁମାର ଦଳବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା। ରିଟେଲର ଅମିୟ କୁମାର ବେହେରା ଚାଉଳ, ଗହମ ଦେବାବେଳେ ଓଜନରେ ଠକେଇ କରୁଥିବା ଅଭିଯୋଗ ହୋଇଥିଲା। କିନ୍ତୁ ତଦନ୍ତବେଳେ କୌଣସି ଜଣେ ହେଲେ କାର୍ଡଧାରୀ ଓଜନରେ ବେହେରା ଠକୁଥିବା କହି ନ ଥିଲେ। ଏହାଛଡା ଅଭିଯୋଗକାରୀ ଜଣଙ୍କ ଜାତୀୟ କିମ୍ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ନ ଥିବାରୁ ତାଙ୍କର ବୟାନ ରେକର୍ଡ କରାଯାଇ ନ ଥିଲା। ଶେଷରେ ତଦନ୍ତକାରୀ ଦଳ ଫେରିଯାଇଥିଲେ। ଏହି ତଦନ୍ତକାରୀ ଦଳରେ ଉପଖଣ୍ଡ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, କଟକ ସଦର ଯୋଗାଣ ନିରୀକ୍ଷକ ନୀହାର ରଞ୍ଜନ ସ୍ୱାଇଁ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଯୋଗାଣ ନିରୀକ୍ଷକ ମଧୁସ୍ମିତା ମାଝି ଓ ସାଲେପୁର ବ୍ଲକ ଯୋଗାଣ ନିରୀକ୍ଷକ ଦୀପ୍ତିରଞ୍ଜନ ବେହେରା ସାମିଲ ହୋଇଥିଲେ।

### ସିନ୍ଧିଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

**ଭୁବନେଶ୍ୱର,୩।୭ (ସୂର୍ଯ୍ୟକାନ୍ତ ବେହେରା):** କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଯାଇଥିବା ଏକ ସିନ୍ଧିଚୋରି ମାମଲାର ରାୟ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ଶିଶିର କୁମାର ସାହୁ ମାମଲାର ବିଚାର କରି ଅଭିଯୁକ୍ତ ସୁକାନ୍ତ ନାୟକ, ମିଲୁ ବେହେରା ଓ ଗଙ୍ଗା ରେଞ୍ଜୀକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୫ ଜଣ ସାକ୍ଷୀ ଓ ଦସ୍ତାବିଜଗୁଡ଼ିକୁ ଆଧାର କରି ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଥିବାବେଳେ ଜରିମାନା ଅନାଦାୟେ ଅଧିକ ୪ ମାସ ଜେଲଦଣ୍ଡ ଲାଗି ବିଚାରପତି ଆଦେଶ ଦେଇଛନ୍ତି। ଘଟଣାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ଜ୍ୟୋତିରଞ୍ଜନ ମିଶ୍ର ୟୁନିଟ-୬ ଅନ୍ତର୍ଗତ କ୍ୱାର୍ଟର ନଂ.ଭିଆର୍-୩୩ରେ ରୁହନ୍ତି। ଗତ ୨୦୨୩ ଜାନୁଆରୀ ୧ ଭୋର୍ ସମୟରେ ତାଙ୍କ ଘରୋଇ ସହାୟକ ବାହାରକୁ ଯାଇଥିବାବେଳେ ଏହାର ସୁଯୋଗରେ ୩ଅଭିଯୁକ୍ତ ଉକ୍ତ କ୍ୱାର୍ଟର ଭିତରେ ପଶି ଏଲ୍‌ଇଡି ଟିଭି, ଡିଜିଟାଲ କ୍ୟାମେରା, ମୋବାଇଲ ଫୋନ ସହିତ ଅନ୍ୟାନ ସାମଗ୍ରୀ ଚୋରିକରି ନେଇଯାଇଥିଲେ। ଏନେଇ ପୋଲିସ ନଂ.୨୬/୨୦୨୩ରେ ମାମଲା ରୁଜୁ କରି ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ରାକେଶ କୁମାର ପୋଥାଲ ଓ ଅନ୍‌ୱାର ଅଲ୍ଲୀ ପରିଚାଳନା କରିଥିଲେ।

### ବୋମାମାଡ଼ ଘଟଣାରେ ଜଣେ ଗିରଫ

**ଟିଗିରିଆ, ୩।୭(ଜାଫର ଖାଁ):** ବୋମାମାଡ ଘଟଣାରେ ଟିଗିରିଆ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଭୋଗଡା ପଞ୍ଚାୟତ ବେଲଅଣ୍ଡା ଗ୍ରାମର ପବନା ନାୟକ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉକ୍ତ ଗ୍ରାମରେ ଦୋକାନ କରିଥିବା କବି ମଲ୍ଲଙ୍କ ଦୋକାନ ଉପରକୁ ସୋମବାର ରାତିରେ ପବନା ୧୦ରୁ ଉର୍ଦ୍ଧ୍ୱ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ପୋଲିସ ମାମଲା(ନଂ.୧୬୭/୨୪) ରୁଜୁ କରି ତଦନ୍ତ ଚଳାଇଥିଲା।

# ଭାରତକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଶ୍ରେଷ୍ଠ କରିବାକୁ ଗୁରୁତ୍ୱ



ବୈଠକରେ ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଦେବାଶିଷ ଦାସଙ୍କ ସହ ଡାକ୍ତର, ବୈଜ୍ଞାନିକ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ।

**ଭୁବନେଶ୍ୱର, ୩।୭(ଅସମାପିକା ସାହୁ)**

ଜୀବ ବିଜ୍ଞାନ ସଂସ୍ଥାନ(ଆଇଏଲଏସ) ଓ ଟେକ୍ନୋଲୋଜି ଇନ୍‌ଫର୍ମେଶନ ଫୋର୍‌କାଷ୍ଟିଂ ଆଣ୍ଡ୍ ଆସେସମେଣ୍ଟ କାଉନ୍‌ସିଲ୍ (ଟିଆଇଏଫଏସି) ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଏକ ଗୋଲ୍ ଟେବୁଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଆଇଏଲ୍‌ଏସ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ଜଣ ଡାକ୍ତର, ବୈଜ୍ଞାନିକ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଯୋଗଦେଇଥିଲେ। ବୈଠକରେ ୨୦୪୭ ମଧ୍ୟରେ ବିକଶିତ ଭାରତ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି। ସ୍ୱାଧୀନତାର ଶତବାର୍ଷିକୀ ଅବସରରେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଭାରତକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଶ୍ରେଷ୍ଠ କରିବା ପାଇଁ ବହୁ ଆଲୋଚନା ହୋଇଛି। ଡାକ୍ତରମାନଙ୍କୁ ଅଧିକ କ୍ରିୟାଶୀଳ କରି ଦେଶର ସମସ୍ତ ବ୍ୟକ୍ତିଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ବୈଠକର ପ୍ରମୁଖ ଉଦ୍ଦେଶ୍ୟ ରହିଛି। ସ୍ୱାସ୍ଥ୍ୟ ସେବାରେ ଠିକ ଔଷଧ ଓ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ବିଷୟରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହୁଥିବାରେ ଏହାକୁ ନେଇ ମଧ୍ୟ ବିଚାରବିମର୍ଶ କରାଯାଇଥିଲା। ସେହିପରି ମଣିଷ, ଗଛ ଓ ପଶୁପକ୍ଷୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କି ପ୍ରକାର ପଦକ୍ଷେପ ନିଆଯାଇପାରିବ, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଭିନ୍ନ ଜନହିତକର ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯାଇ ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯିବ ବୋଲି ଆଇଏଲ୍‌ଏସ ନିର୍ଦ୍ଦେଶକ ଦେବାଶିଷ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟିଆଇଏଫ୍‌ଏସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ ଶ୍ରୀବାସ୍ତବ, ଡ. ଗୌତମ ଗୋସ୍ୱାମୀ, ଡ. ଅମୂଲ୍ୟ ପଣ୍ଡାଙ୍କ ସମେତ ବହୁ ବୈଜ୍ଞାନିକ ଓ ଗବେଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ରାଜୀବ ସ୍ୱାଇଁ ପରିଚାଳନା କରିଥିଲେ।

**ଗୋଲ୍‌ଟେବୁଲ ବୈଠକର ପ୍ରସ୍ତାବ ସରକାରଙ୍କୁ ଦିଆଯିବ**



ଉଚ୍ଚଶିକ୍ଷା ବିଭାଗ ଅଧୀନ ରାଜ୍ୟ ଜାତୀୟ ସେବା ଯୋଜନା ଶାଖା ଏବଂ ଶ୍ରୀସତ୍ୟସାଇ ସେବା ସଂଗଠନ ପକ୍ଷରୁ ବୁଧବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୃହତ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

# ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଲଗାଇବେ ୫ ଲକ୍ଷ ଚାରା

**ଭୁବନେଶ୍ୱର, ୩।୭(ଅସମାପିକା ସାହୁ)**

**ଉଚ୍ଚଶିକ୍ଷା ବିଭାଗର ବୃହତ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ**

ମା' ହେଉଛି ନିଃସ୍ୱାର୍ଥପର ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ବିନା ବେତନରେ ଯଦି କେହି ସବୁଠାରୁ ଅଧିକ ପରିଶ୍ରମ କରେ ସେ ହେଉଛି ମା'। ଆମେ ଯଦି ମା'କୁ ଉତ୍ସର୍ଗ କରି ଚାରାଟିଏ ରୋପଣ କରିଥିବା ତାହା ଏକ ବଡ଼ ବୃକ୍ଷରେ ରୂପାନ୍ତରିତ ହେଲା ପରେ ଆମକୁ ଫଳପୁଷ୍ପ ସହ ଛାଇ ଦେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଅଧୀନ ରାଜ୍ୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ଶାଖା ଏବଂ ଶ୍ରୀସତ୍ୟସାଇ ସେବା ସଂଗଠନ ପକ୍ଷରୁ ବୁଧବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୃହତ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମନ୍ତ୍ରୀ କହିଲେ, କେବଳ ଚାରାଟିଏ ପୋତିଦେଲେ ହେବ ନାହିଁ। ତାକୁ ବୃକ୍ଷରେ ରୂପାନ୍ତରିତ କରିବା ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ। ସେଥିପାଇଁ ଆନ୍ତରିକତା ଓ ଆତ୍ମୀୟତା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ବିଜେବି ମହାବିଦ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଏନ୍‌ଏସ୍‌ଏସ୍ ଓ ଶ୍ରୀ ସତ୍ୟସାଇ ସେବା ସଂଗଠନର ସ୍ୱେଚ୍ଛାସେବୀ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାରା ରାଜ୍ୟରେ ୫ ଲକ୍ଷ ଚାରାରୋପଣ କରାଯିବ। ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ କହିଲେ, ଆମକୁ ମା' ନାଁରେ ଚାରାଟିଏ ଲଗାଇ ମା' ଆମର ଯତ୍ନ ନେବା ଭଳି ସେହି ଚାରାଟିର ଯତ୍ନ ନେବାକୁ ପଡ଼ିବ। ଏଥିପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଏବଂ ସ୍ୱେଚ୍ଛାସେବୀଙ୍କୁ ଚାରା ଓ ଆନୁଷଙ୍ଗିକ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ସିଂ ପ୍ରକାଶ କରିଥିଲେ। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ଶ୍ରୀ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ବୃକ୍ଷର ଉପାଦେୟତା ସମ୍ପର୍କରେ କହିଥିଲେ। ଏହି ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଅଧକ୍ଷମାନଙ୍କୁ କୁହାଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଇତିଶ୍ରୀ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲାବେଳେ ଡ. ଶୁଭ୍ରାଂଶୁ ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ ଡ. ସଂପ୍ରୀତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ରାଜଧାନୀର ୧୪ ମହାବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଶତାଧିକ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏକ ମାନବଶୃଙ୍ଖଳ କରାଯାଇଥିଲା।



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଚାରା ରୋପଣ କରୁଛନ୍ତି।

### ତିନିରଥକୁ ଉଠିଲା କଳସ, କପଡ଼ା ପଡ଼ିଲା

**ପୁରୀ, ୩।୭(ଅଜିତ କୁମାର ମହାନ୍ତି)**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ତିନିରଥର ଦୁଆରବେଢ଼ା ଚନ୍ଦ୍ରଶାଳୀରେ ଧ୍ୱଜବତା ଓ ଡମଣିବତା ଫିଟିଙ୍ଗ ହୋଇଛି। ତିନିରଥ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ରୂପକାରସେବକମାନେ ସମ୍ପୂର୍ଣ୍ଣ କରି ଚିତ୍ରକାର ସେବକମାନଙ୍କୁ ଖୋଦେଇ ରୂପରେ ରଙ୍ଗଚିତ୍ର କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି। ସେହିପରି ମୁଖ୍ୟ ମହାରଣାମାନଙ୍କ ମାର୍ଗ ଦର୍ଶନରେ ମହାରଣା ସେବକ ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇସେବକମାନଙ୍କ ସହଯୋଗରେ ତିନି ରଥକୁ କଳସ, ଓଲଟଶୁଆ ଏବଂ ଅଁଳା ଉଠି ରଥ ପୋଟଳ ଖପୁରିରେ ସ୍ଥାପନ କରାଯାଇ କଣ୍ଟା ବସିବା କାର୍ଯ୍ୟ ସରିଛି। ଏଥିସହ ତିନିରଥର ବେଦି ପାର୍ଶ୍ୱପଟା ତଳେ ହଂସପଟା ବାଡ଼ିଆ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ଘୋଡ଼ା ସେଟିଙ୍ଗ ପାଇଁ ଈଶ ଏବଂ ଯୁଆଳି ନିର୍ମାଣ ସରିବା ପରେ ଈଶରେ ପଖିଆ ବା ଗଣ୍ଠି ଫିଟିଙ୍ଗ ସରିଛି। ସେହିପରି ଚିତ୍ରକାର ସେବକମାନେ ତିନି ରଥ ପ୍ରଭାରେ ଧଳା ପ୍ରାଇମର ବୋଳା ଶେଷ କରିଛନ୍ତି। ଏହାପରେ ପ୍ରଭାରେ ରଙ୍ଗ ଚିତ୍ର ଅଙ୍କନ ହେବ। ତାଳଧ୍ୱଜ ରଥ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ ଚିତ୍ର ସହ ପ୍ରଭା ମଝି ଭାଗରେ ପଦ୍ମକଢ଼ି ଆଙ୍କିବା ସହ ପ୍ରଭା ଦୁଇପାର୍ଶ୍ୱରେ ଶିବ ଏବଂ ନାରଦଙ୍କ ଚିତ୍ର, ଦର୍ପଦଳନ ପ୍ରଭାରେ ପଦ୍ମକଢ଼ି ସହ ଦୁଇପଟେ ଗଙ୍ଗା, ଯମୁନାଙ୍କ ଚିତ୍ର ଏବଂ ନନ୍ଦିଘୋଷ ରଥ ପ୍ରଭାରେ ପଦ୍ମକଢ଼ି ସହ ଦୁଇ ପାର୍ଶ୍ୱରେ ଇନ୍ଦ୍ର ଓ ବ୍ରହ୍ମାଙ୍କ ଚିତ୍ର ଅଙ୍କନ କରିବେ। ଚିତ୍ରକାର ସେବକମାନେ ନନ୍ଦିଘୋଷ ରଥର ଚକ, ଦଣ୍ଡା, ଗୁଜ, ବାହ୍ୟ ଅଂଶ ଗୁଡ଼ିକରେ ଆବଶ୍ୟକ ରଙ୍ଗ ଶେଷ କରି ତାଳଧ୍ୱଜ ଓ ଦର୍ପଦଳନ ରଥର ବାହ୍ୟ ଅଂଶରେ ରଙ୍ଗ କାର୍ଯ୍ୟର ଶେଷ ସ୍ପର୍ଶ ଦେଉଛନ୍ତି। ଘୋଡ଼ା, ସାରଥିଙ୍କ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦରଜି ସେବକମାନେ ତିନିରଥର ୧୨ଟି ଚନ୍ଦ୍ରଶାଳୀ, ୧୨ଟି ଅଁଳାଶ୍ରୀ, କନା କାର୍ଯ୍ୟ ଶେଷ କରିଛନ୍ତି। ସେହିପରି କୋଠ ସୁଆଁସିଆ ସେବକମାନେ ରାତ୍ର କାଳରେ ତିନିରଥରେ କନାପକା କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର କଳସ କଣ୍ଟା, ଶୁଆ କଣ୍ଟା ଯୋଗାଇ ପ୍ରଭା ବିଡ଼ିଆ ପାଇଁ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# କଫ୍ ସିରପ ବୋତଲ ଗିଳି ଫସିଲା ନାଗ



**ଭୁବନେଶ୍ୱର, ୩।୭(ଅସମାପିକା ସାହୁ)**

ପ୍ଲାଷ୍ଟିକ ବୋତଲ ଗିଳି କଲବଲ ହେଉଥିଲା ନାଗ। ନା ପୂରା ଢୋକି ପାରୁଥିଲା ନା ବାନ୍ତି କରି ପାରୁଥିଲା। କେବଳ ଛଟପଟ ହେଉଥିଲା ସାଢେ ୩ ଫୁଟ ଲମ୍ବର ଏହି ସାପ। ବୁଧବାର ପୁରୁଣା ଭୁବନେଶ୍ୱରସ୍ଥ ଜ୍ଞାନନଗର ନିକଟରେ ବିନ୍ଦୁ ସାଗର ବେଢ଼ାରେ ନାଗ ସାପଟି ଛଟପଟ ହେଉଥିବା ବେଳେ ଜଣେ ଦେଖଣାହାରି ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କୁ ଫୋନ କରି ଜଣେଇଥିଲେ। ଶୁଭେନ୍ଦୁ ପହଞ୍ଚିଥିଲେ। ସକାଳ ୭ ଟାରେ ଭେଟେରିନାରି ଡାକ୍ତର ନ ମିଳିବା ଏବଂ ସାପର ବିକଳ ଅବସ୍ଥା ଦେଖି ଶୁଭେନ୍ଦୁ ବାଧ୍ୟ ହୋଇ ନିଜେ ଅତି ଯତ୍ନର ସହିତ ସାପଟିର ତଳ ମାଢ଼ିକୁ ବୋତଲ ଦେହରୁ ତଳକୁ ଖସେଇ ଦେଇଥିଲେ। ଏହା ପରେ ସାପଟି ସହଜରେ ପୂରା ବୋତଲ ଟିକୁ ବାନ୍ତି କରି ଦେଇଥିଲା। ସାପଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି କି ନାହିଁ ଜାଣିବା ପାଇଁ ସାପଟିକୁ କିଛି ସମୟ ସେହି ସ୍ଥାନରେ ଚଳପ୍ରଚଳ ହେବାକୁ ଦେଇଥିଲେ। ପରେ ସାପଟିକୁ ସହର ବାହାରେ ଏକ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ିଥିଲେ। ସେପଟେ ଏଇ ଘଟଣାକୁ ପ୍ରଶଂସା କରି ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ ଦୁଇଟି ଭିଡିଓ 'ଏକ୍ସ'ରେ ପୋଷ୍ଟ କରିବା ପରେ ସେହି ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ଶୁଭେନ୍ଦୁ ଏନେଇ ପିସିସିଏଫ୍‌ଙ୍କୁ ଧନ୍ୟବାଦ ଦେବା ସହିତ ଏହା ରାଜ୍ୟର ସବୁ ସାପ ଉଦ୍ଧାରକାରୀଙ୍କୁ ଉତ୍ସାହିତ କରିବ ବୋଲି କହିଛନ୍ତି।

# ଆକ୍ରମଣକାରୀଙ୍କୁ ଥାନାରେ ହାଜର ନୋଟିସ

**ଭୁବନେଶ୍ୱର,୩।୭ (ସୂର୍ଯ୍ୟକାନ୍ତ ବେହେରା)**

**ରାସ୍ତାରେ ୩ ଯୁବତୀଙ୍କୁ ଦୁର୍ବ୍ୟବହାର ଘଟଣା**

କୌଣସି କାରଣକୁ ନେଇ ଭୁବନେଶ୍ୱର ରାସ୍ତାରେ ୩ ଯୁବତୀଙ୍କୁ ଆକ୍ରମଣ ସହ ଦୁର୍ବ୍ୟବହାର ହୋଇଛି। ଏନେଇ ପୀଡିତା ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାରେ କାହାକୁ ଗିରଫ କରାଯାଇ ନ ଥିବା ବେଳେ ଜନ୍ମଦିନ ପାଳନ ଉତ୍ସବକୁ ନେଇ ଏହି ଘଟଣା ଘଟିଥିବାବେଳେ ଆକ୍ରମଣ କରିଥିବା ଜଣେ ଯୁବକ ଓ ଯୁବତୀଙ୍କୁ ନୋଟିସ୍ ପଠାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାନୁସାରେ, ଗତ ଜୁନ ୨୮ ତାରିଖରେ ଗୀତା ନାୟକ, ପୂଜାରାଣୀ ଓ ଆଲିଆ ନାମ୍ନୀ ଯୁବତୀ ଜଗନ୍ନାଥ ନଗରରେ ରାତ୍ରିଭୋଜନ ପାଇଁ ଏକ ହୋଟେଲକୁ ଯିବା ପାଇଁ ଛିଡା ହୋଇଥିଲେ। ଏହି ସମୟରେ ସେମାନଙ୍କ ପୁରୁଣା ସାଙ୍ଗ ରୂପାଲୀ ତିନି ଯୁବକ ଓ ଯୁବତୀଙ୍କ ସହ ଆସି ଦୁର୍ବ୍ୟବହାର କରିଥିଲେ। ଏନେଇ ବିରୋଧ କରିବାରୁ ସେମାନେ ଆକ୍ରମଣ କରିଥିଲେ।

# ରେଳମନ୍ତ୍ରୀଙ୍କୁ ବୋଲଗଡ଼ ଟାଉନ୍ ରେଳ ଷ୍ଟେଶନର ସମସ୍ୟା ଜଣାଇଲେ ବିଶ୍ୱଜିତ୍



**ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)**

ବୋଲଗଡ଼ ଟାଉନ ଷ୍ଟେଶନର ୯ଗୋଟି ସମସ୍ୟା ସମ୍ବଳିତ ଦାବି ଓ ପ୍ରସ୍ତାବକୁ ଭାଜପା କୃଷକମୋର୍ଚ୍ଚାର ରାଜ୍ୟ କୋଷାଧକ୍ଷ ବିଶ୍ୱଜିତ୍ ସ୍ୱାଇଁ ନୂଆଦିଲ୍ଲୀଠାରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ଭେଟି ଜଣାଇଛନ୍ତି। ରେଳ ଷ୍ଟେଶନରେ ଅଣସଂରକ୍ଷଣ ଟିକେଟ୍ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ପିଇବା ପାଣି, ଯାତ୍ରୀ ପ୍ରତୀକ୍ଷା ଗୃହ, ସମସ୍ତ ସୁପରଫାଷ୍ଟ ଟ୍ରେନ୍‌ର ରହଣି, ଶୌଚାଳୟ ସ୍ଥାପନ, ଡାକବାଜି ଯନ୍ତ୍ର ଦ୍ୱାରା ଟ୍ରେନ ସମ୍ବନ୍ଧୀୟ ଘୋଷଣା ବ୍ୟବସ୍ଥା, ସୁରକ୍ଷା ଗାର୍ଡ ନିଯୁକ୍ତି ଓ ପାର୍ସଲ୍ ବୁକିଂ ଆଦି ୯ଗୋଟି ଦାବି ଓ ପ୍ରସ୍ତାବ ରେଳମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବି ପ୍ରସ୍ତାବଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ରେଳମନ୍ତ୍ରୀ ଦାୟିତ୍ୱ ପ୍ରଦାନ କରିଥିବା ସ୍ୱାଇଁ କହିଛନ୍ତି। ରାଜ୍ୟ ସମବାୟ ପ୍ରକୋଷ୍ଠର ସଭାପତି ରଞ୍ଜନ ମଙ୍ଗରାଜ ଉପସ୍ଥିତ ଥିଲେ।

# ସର୍ବଭାରତୀୟ କ୍ଲଷ୍ଟର ଜୁଡୋରେ ଓଡ଼ିଶା ପୋଲିସକୁ ୧୬ ପଦକ

**ଭୁବନେଶ୍ୱର,୩।୭(ସୂର୍ଯ୍ୟକାନ୍ତ ବେହେରା)**

ଆସାମର ଗୁଆହାଟୀରେ ଅନୁଷ୍ଠିତ ନବମ ସର୍ବଭାରତୀୟ କ୍ଲଷ୍ଟର ଜୁଡୋରେ ଓଡ଼ିଶା ପୋଲିସ ୧୬ଟି ପଦକ ହାସଲ କରିଛି। ଦେଶବ୍ୟାପୀ ୪୫ ଟି ପୋଲିସ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପୋଲିସ ୧୬ ପଦକ ଜିତିଥିବା ବେଳେ କଟକ-ଭୁବନେଶ୍ୱର କମିଶନରେଟ ପୋଲିସର ବିଭିନ୍ନ ଖେଳାଳି ୧୧ ପଦକ ବିଜୟୀ ହୋଇଛନ୍ତି। ଭଗବାନ ରେଞ୍ଜୀ, ବନିତା ଲାକ୍ରା ଓ ରୀତେଶ ରୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ପ୍ରତିଯୋଗିତା ଜୁନ୍ ୨୪ରେ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ତେବେ ବୁଧବାର କମିଶନରେଟ ପୋଲିସ କାର୍ଯ୍ୟାଳୟରେ (ପୋଲିସ ସେବା ଭବନ) ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କମିଶନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ।



ସମ୍ବର୍ଦ୍ଧନା ଅବସରରେ ବିଜେତାଙ୍କ ସହ କମିଶନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀ।

# 'ଭଲ ପିଲା ହୁଅ, ଲକ୍ଷ୍ୟ ହାସଲ ପାଇଁ ଅଧବସାୟ ଜାରି ରଖ'

**ଭୁବନେଶ୍ୱର, ୨।୭(ଅନୁରାଧା ମହାରଣା)**

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଯୋଗଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରୀଛାତ୍ରଙ୍କୁ ସମାଜରେ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଛନ୍ତି। ପିଲାମାନେ ନିଜକୁ ଜଣେ ଭଲ ଛାତ୍ରୀଛାତ୍ରଭାବେ ଗଢି ତୋଳିବା ସହ କିପରି ଭଲ ମଣିଷଭାବେ ପରିଚୟ ହାସଲ କରିବ ସେଥିପାଇଁ ଉଦ୍ୟମ କରିବା ଉଚିତ। ତେବେ ଏଥିପାଇଁ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଯେତିକି ଦାୟିତ୍ୱ ରହିଛି ମାଆ-ବାପାଙ୍କର ମଧ୍ୟ ସେତିକି ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ନିଜ ଜୀବନର ଉଦାହରଣ ଦେଇ ସେ ନିଜକୁ ଏବଂ ନିଜ ମାଆ-ବାପାଙ୍କୁ କଷ୍ଟ ପହଞ୍ଚାଇବା ଭଳି କୌଣସି କାମ ନ କରିବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପ୍ରକୃତପକ୍ଷେ ସବୁ ଦୃଷ୍ଟିରୁ ଅନ୍ତର୍ଜାତୀୟସ୍ତରର ବୋଲି ସାମନ୍ତ କହିଥିଲେ। କିସ୍ ଓ କିଟ୍ ସଭାପତି ଶାଶ୍ୱତୀ ବଳ ଛାତ୍ରୀଛାତ୍ରଙ୍କୁ ଜୀବନରେ ନିଜର ଲକ୍ଷ୍ୟ ହାସଲ ପାଇଁ ଅଧବସାୟ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ କହିଲେ, ଛାତ୍ରୀଛାତ୍ରଙ୍କ ଆତ୍ମଶକ୍ତି ହିଁ ପ୍ରତିଭା ଓ ଆଗ୍ରହକୁ ଚିହ୍ନଟ କରି ସେମାନଙ୍କୁ ସେହି ଅନୁସାରେ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ସହ ବ୍ୟକ୍ତିତ୍ୱ ବିକାଶର ଯତ୍ନ ନେଇଥାଏ। ସ୍କୁଲ ଅଧକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲରେ ଷ୍ଟୁଡେଣ୍ଟ କ୍ୟାବିନେଟ୍ ଶପଥ ଗ୍ରହଣ କରିଥିଲେ।




ପ୍ରତିଷ୍ଠା ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସଭାପତି ଶାଶ୍ୱତୀ ବଳଙ୍କ ସହ ଅନ୍ୟ ଅତିଥିମାନେ।

**କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠା ଦିବସ**

**ସଂକ୍ଷେପରେ**

## ବୋମାମାଡ଼ ଘଟଣାରେ ଜଣେ ଗିରଫ

ତିଗିରିଆ, ୩।୭(ଜାଫର ଖାଁ)

ବୋମାମାଡ ଘଟଣାରେ ତିଗିରିଆ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଭୋଗଡା ପଞ୍ଚାୟତ ବେଲଅଣ୍ଟା ଗ୍ରାମର ପବନା ନାୟକ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉକ୍ତ ଗ୍ରାମରେ ଦୋକାନ କରିଥିବା କବି ମଲ୍ଲଙ୍କ ଦୋକାନ ଉପରକୁ ସୋମବାର ରାତିରେ ପବନା ୧୦ରୁ ଊର୍ଦ୍ଧ୍ୱ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଏ ନେଇ କବି ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା(ନଂ.୧୬୭/୨୪) ରୁଜୁ ହୋଇଥିଲା। ବୁଧବାର ପବନା ଗ୍ରାମରେ ବୁଲୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି।

## କନ୍ଦରପୁର କଲେଜରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକଲେ ବିଧାୟକ

**ପୂର୍ବତନ ବିଧାୟକଙ୍କ ହୋର୍ଡିଂ ଦେଖି ଦଳୀୟ କର୍ମୀ କ୍ଷୁବ୍ଧ**

କଟକ ସଦର,୩।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଶିକ୍ଷାଦାନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ। ବୁଧବାର ସେ କଲେଜରେ ପହଞ୍ଚି ନୂଆ-ଓ, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମିଳିଥିବା ସ୍ୱତନ୍ତ୍ର ଅନୁଦାନରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ କଲେଜ ପରିସର ଏକ କୋଠରିରେ ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ହୋର୍ଡିଂ ରଖାଯାଇଥିବା ନେଇ ବିଧାୟକଙ୍କ ସାଙ୍ଗରେ ଆସିଥିବା ଭାଜପା କର୍ମୀଙ୍କ ଦୃଷ୍ଟିକୁ ଆସିଥିଲା। ଏହାକୁ ନେଇ କଲେଜ ପରିସରରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ମାତ୍ର ଅଧ୍ୟକ୍ଷା ପ୍ରଣତୀ ପଟ୍ଟନାୟକ ଏହି ହୋର୍ଡିଂ ପୂର୍ବ ସରକାରଙ୍କ ନିର୍ଦ୍ଦେଶରେ କରାଯାଇଥିଲା ବୋଲି କହିଥିଲେ। ସରକାରୀ ଟଙ୍କା ଏଥିରେ ଖର୍ଚ୍ଚ ହୋଇଥିବାରୁ ଅଡିଟ୍ ପର୍ଯ୍ୟନ୍ତ ଏହାକୁ ସୁରକ୍ଷିତ ରଖାଯାଇଛି। ସର୍ବସାଧାରଣଙ୍କ ଦର୍ଶନ ପାଇଁ ଏହା ଉଦ୍ଦିଷ୍ଟ ନୁହେଁ ବୋଲି କହିବାରୁ ପରିସ୍ଥିତି ଶାନ୍ତ ହୋଇଥିଲା। କଲେଜ ପାଇଁ କି ପ୍ରକାରର ଉନ୍ନୟନମୂଳକ କାର୍ଯ୍ୟ କରାଯାଇପାରିବ, ସେ ସଂକ୍ରାନ୍ତରେ ବିଧାୟକ ସେଠୀ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ। ଏହି ଅବସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ବିଡିଓ ଖାଡେଶ୍ୱର ଦାସ, କନିଷ୍ଠଯନ୍ତ୍ରୀ ସୁଜାତା ସିଂହ, କନ୍ଦରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହନ୍ତ ଉପସ୍ଥିତ ଥିଲେ। ଏହାଛଡ଼ା ବିଧାୟକ କିଶୋର ନଗର କଲେଜ, ଗୋପାଳ ସ୍ମୃତି ବିଦ୍ୟାପୀଠ, ଚିନ୍ତାମଣି ବାଳିକା ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କଟକ ସଦର ବ୍ଲକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

କଟକ,୩।୭(ଶିଳ୍ପା ପ୍ରିୟଦର୍ଶିନୀ)

**ଘରୋଇ ହସ୍ପିଟାଲରେ ତଦନ୍ତକଲା ପୋଲିସ**

କଟକ ଜିଲା ମଙ୍ଗଳାବାଗ ଥାନା ଅଧୀନ କାଠଗୋଲା ସାହି ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମୃତକଙ୍କ ବାପା ଅସନ୍ତୋଷ ପ୍ରକାଶ କରିଛନ୍ତି। ଚିକିତ୍ସା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର ରଶ୍ମିରଞ୍ଜନ ମଲ୍ଲିକ (୧୪)ଙ୍କ ବେକରେ ଏକ ବଥ ହୋଇଥିବାରୁ ଚିକିତ୍ସା ଲାଗି ମଙ୍ଗଳବାର ତାଙ୍କୁ କଟକର ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବଥ ଅସ୍ତ୍ରୋପଚାର ପାଇଁ ଡାକ୍ତର କହିଥିଲେ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଏସ୍‌କେୱାଇ କାର୍ଡ ଦ୍ୱାରା ଏହି ଅସ୍ତ୍ରୋପଚାର କରିବା ପାଇଁ ପଞ୍ଜୀକୃତ କରାଇଥିଲେ ହସ୍ପିଟାଲ କର୍ତ୍ତୃପକ୍ଷ। ରଶ୍ମିରଞ୍ଜନଙ୍କୁ ପ୍ରଥମେ ଦୁଇଟି ଇଞ୍ଜେକ୍ସନ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ହେଲେ ସେଠାରେ ଆଇସିୟୁ ନ ଥିବାରୁ ଅନ୍ୟ ହସ୍ପିଟାଲକୁ ନେବା ପାଇଁ ରଶ୍ମିରଞ୍ଜନଙ୍କ ପରିବାର ଲୋକଙ୍କୁ ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ। ହସ୍ପିଟାଲ ଆଣିବାବେଳକୁ ରଶ୍ମିରଞ୍ଜନଙ୍କ ଅବସ୍ଥା ଭଲ ଥିଲା ଓ ଇଞ୍ଜେକ୍ସନ ଦେବା ପରେ ସ୍ୱାସ୍ଥ୍ୟାବସ୍ଥା ଏଭଳି କ'ଣ ପାଇଁ ହେଲା ବୋଲି ତାଙ୍କ ବାପା ରବୀନ୍ଦ୍ର ମଲ୍ଲିକ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ ପଚାରିଥିଲେ। ଅପରପକ୍ଷରେ ହସ୍ପିଟାଲରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଡାକ୍ତର ଚିକିତ୍ସା ଜାରି ରଖିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଏକ କାଗଜରେ ଦସ୍ତଖତ କରିବାକୁ ବାଧ୍ୟ କରିବାରୁ ରବୀନ୍ଦ୍ରଙ୍କ ମନରେ ସନ୍ଦେହ ହୋଇଥିଲା। ଏନେଇ ରବୀନ୍ଦ୍ର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ହସ୍ପିଟାଲରେ ପହଞ୍ଚି ତଦନ୍ତ କରିଥିଲା। ଚିକିତ୍ସା ସମୟରେ ରଶ୍ମିରଞ୍ଜନଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ପୋଲିସକୁ ଜଣାଇଥିଲେ। ଅପରପକ୍ଷରେ ଚିକିତ୍ସା ଅବହେଳାରୁ ରଶ୍ମିରଞ୍ଜନଙ୍କ ମୃତ୍ୟୁ ଘଟିଛି। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ରବୀନ୍ଦ୍ର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୨/୨୪) ରୁଜୁ କରିଛି।

ଏ ସମ୍ପର୍କରେ ରବୀନ୍ଦ୍ର କହିଛନ୍ତି, ହସ୍ପିଟାଲରେ ରଶ୍ମିରଞ୍ଜନଙ୍କୁ ଇଞ୍ଜେକ୍ସନ ଦିଆଯିବା ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ଘଟିଛି। ହେଲେ ଏ ସମ୍ପର୍କରେ ମୋତେ ନ ଜଣାଇ ଟଙ୍କା ପାଇବା ଆଶାରେ ଚିକିତ୍ସା ଜାରି ରହିଥିବା ଡାକ୍ତର କହିଥିଲେ। ପରବର୍ତ୍ତୀ ସମୟରେ କାଗଜରେ ଦସ୍ତଖତ କରିବା ପାଇଁ କହିବାରୁ ଥାନାର ଦ୍ୱାରସ୍ଥ ହୋଇଥିଲି। ପୋଲିସ ପହଞ୍ଚିବାବେଳକୁ ରଶ୍ମିରଞ୍ଜନଙ୍କ ମୃତ୍ୟୁ ଘଟି ସାରିଥିଲା। ରଶ୍ମିରଞ୍ଜନଙ୍କ ମୃତ୍ୟୁ ପାଇଁ ଚିକିତ୍ସା କରିଥିବା ଡାକ୍ତର ଦାୟୀ ବୋଲି ରବୀନ୍ଦ୍ର କହିଛନ୍ତି। ଅପରପକ୍ଷରେ ଉକ୍ତ ହସ୍ପିଟାଲର ଜଣେ ଡାକ୍ତର କହିଛନ୍ତି, ବେକରେ ବଥ ଯାହାକି ଟ୍ୟୁମରର ରୂପ ନେଇଥିଲା। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଅସ୍ତ୍ରୋପଚାର ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ପ୍ରଥମେ ଗ୍ୟାସ୍ ଓ ପରେ ଅନାସ୍ଥେସିଆ ଇଞ୍ଜେକ୍ସନ ଦିଆଯାଇଥିଲା। ଏହାପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଥିଲା। ଚିକିତ୍ସାରେ ଅବହେଳା କରାଯାଇନାହିଁ ବୋଲି ସେ କହିଛନ୍ତି। ଜୋନ୍ ଏସିପି ଗିରିଶ ଚକ୍ରବର୍ତ୍ତୀ କହିଛନ୍ତି, ଅଭିଯୋଗ ଆଧାରରେ ଉକ୍ତ ହସ୍ପିଟାଲରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା କହିଛନ୍ତି, ଏଭଳି କୌଣସି ଅଭିଯୋଗ ଆସିନାହିଁ। ଯଦି ଏଭଳି ଘଟଣା ଘଟିଛି ତେବେ ପ୍ରଥମେ ପୋଲିସ ତଦନ୍ତ କରି ଏ ବାବଦରେ ଜଣାଇବ। ପରେ ହସ୍ପିଟାଲର ସମସ୍ତ ତଥ୍ୟ ନେଇ ତଦନ୍ତ ହେବ।

# ହିନ୍ଦୁ ବିରୋଧୀ ମନ୍ତବ୍ୟ: ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରାଯାଉଛି।

କଟକ,୩।୭(ଶିଳ୍ପା ପ୍ରିୟଦର୍ଶିନୀ)

ପାର୍ଲାମେଣ୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ନେଇ କଟକ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ପୁରୀଘାଟସ୍ଥିତ କଟକ ନଗର(ଜିଲା) କଂଗ୍ରେସ କମିଟି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏନେଇ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି, ପାର୍ଲାମେଣ୍ଟରେ ନିଜ ମନରେ ହିନ୍ଦୁଙ୍କ ପ୍ରତି ଥିବା ଭାବନାକୁ ଯେଉଁଭଳି ଭାବେ ରାହୁଲ ଗାନ୍ଧୀ ପ୍ରକାଶ କରିଛନ୍ତି ତାହା ନିନ୍ଦନୀୟ। ଏହି ମନ୍ତବ୍ୟ ଓ ବିଚାରଧାରାକୁ ଭାଜପା ବିରୋଧ କରୁଛି। ତୁରନ୍ତ ରାହୁଲ ଗାନ୍ଧୀ କ୍ଷମାପ୍ରାର୍ଥନା କରନ୍ତୁ। ନଚେତ୍ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରୁଛି। ଭାଜପା ଯୁବମୋର୍ଚ୍ଚାର କର୍ମୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।



କଟକ ସାରଳା ଭବନରେ ବୁଧବାର ଅନୁଷ୍ଠିତ ଚେଳିତୋଳ କଲ୍‌ଚରାଲ୍ ଏକାଡେମୀର ୩୩ତମ ବାର୍ଷିକ ଉତ୍ସବରେ ଆଇନଜ୍ଞ ପୀତାମ୍ବର ଆଚାର୍ଯ୍ୟଙ୍କୁ ଚେଳିତୋଳ ପୁରସ୍କାର ପ୍ରଦାନ କରାଯାଉଛି।

## ନଦୀରୁ ବେଆଇନ ବାଲିଚାଲାଣ ବନ୍ଦ ଦାବି

କଣ୍ଟାପଡା, ୩।୭(ସୁରନାରାୟଣ ସାହୁ)

କଣ୍ଟାପଡା ତହସିଲ ଅନ୍ତର୍ଗତ ଦେବୀନଦୀର ଦକ୍ଷିଣପାର୍ଶ୍ୱ ଅଣ୍ଡେଇସାହି ଓ କନ୍ଦଳନଦୀର କୂଳ ବ୍ରାହ୍ମଣସାଇଲୋ- ସାଧୁଛକ ବ୍ରିଜ୍‌ତଳୁ ଗତ କିଛିଦିନ ହେଲା କେତେଜଣ ବାଲିମାଫିଆ ରାତିଅଧିଆ ବାଲିଚାଲାଣ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ବୁଧବାର କଟକ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଚିଠି ନଂ. ୬୧୧/୨୨।୬।୨୦୨୪ ଅନୁଯାୟୀ, କଣ୍ଟାପଡା ତହସିଲ ଅଧୀନରେ ଥିବା ସମସ୍ତ ସଇରାତରୁ ବାଲିଉଠା ବନ୍ଦ ରହିଛି। ତେବେ ଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ କୂଳବ୍ରାହ୍ମଣସାଇଲୋ-ସାଧୁଛକ ବିଜୁସେତୁନିକଟରୁ ରାତିଅଧିଆ ବାଲିଚାଲାଣ କରାଯାଉଛି। ସେହିପରି ଗତମାସ ୨୫ ତାରିଖରୁ ଦେବୀନଦୀର ଦକ୍ଷିଣପାର୍ଶ୍ୱ ଅଣ୍ଡେଇ ସାହି ନିକଟରୁ ହାଇୱା ଯୋଗେ ମାଫିଆମାନେ ରାତିଅଧିଆ ବାଲିଚାଲାଣ ଆରମ୍ଭ କରିଛନ୍ତି। ନଦୀରୁ ଜେସିବି ସହାୟତାରେ ବାଲିଉଠାଇ ରାତିସାରା ହାଇୱା ଯୋଗେ ଚାଲାଣ କରିବା ଫଳରେ ନଦୀପାର୍ଶ୍ୱ ଗ୍ରାମର ଲୋକମାନେ ଶାନ୍ତିରେ ଶୋଇପାରୁନାହାନ୍ତି। ଅପରପକ୍ଷରେ ଉକ୍ତ ରାସ୍ତାରେ ପଥଚାରୀମାନେ ଯାତାୟାତ ପାଇଁ ସୁରକ୍ଷିତ ମଣୁନାହାନ୍ତି। ବାଲିଉଠାକୁ ସ୍ଥାନୀୟ ଅଞ୍ଚଳର କେହି ପ୍ରତିବାଦ କଲେ ସେମାନଙ୍କୁ ଧମକ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ବାଲି ଚୋରାଚାଲାଣ ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବାବେଳେ ଚୋରା ଚାଲାଣକାରୀମାନେ ମାଲାମାଲ ହେଉଛନ୍ତି। ତେଣୁ ତୁରନ୍ତ ଏ ଦିଗରେ ଜିଲାପାଳ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଡାକୁଆ ଜଣାଇଥିବା ଗ୍ରାମବାସୀ କହିଛନ୍ତି।

## ରିଟେଲର ପଏଣ୍ଟରେ ଚଢ଼ାଉ

କଟକ ସଦର,୩।୭(ସୁଶାନ୍ତ କୁମାର ଜେନା)

ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କଟକ ସଦର ବ୍ଲକ ଅନ୍ତର୍ଗତ ପାରାବିଲ ଗ୍ରାମର ଯୋଗାଣ ରିଟେଲର ପଏଣ୍ଟରେ ମାଜିଷ୍ଟ୍ରେଟ ଆଦିତ୍ୟ କୁମାର ଦଳବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା। ସ୍ଥାନୀୟ ରିଟେଲର ଅମିୟ କୁମାର ବେହେରା ଚାଉଳ, ଗହମ ଦେବାବେଳେ ଓଜନରେ ଠକେଇ କରୁଥିବା ଅଭିଯୋଗ ହୋଇଥିଲା। କିନ୍ତୁ ତଦନ୍ତବେଳେ କୌଣସି ଜଣେ ହେଲେ କାର୍ଡଧାରୀ ଓଜନରେ ବେହେରା ଠକୁଥିବା କହି ନ ଥିଲେ। ଏହାଛଡା ଅଭିଯୋଗକାରୀ ଜଣଙ୍କ ଜାତୀୟ କିମ୍ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ନ ଥିବାରୁ ତାଙ୍କର ବୟାନ ରେକର୍ଡ କରାଯାଇ ନ ଥିଲା। ଶେଷରେ ତଦନ୍ତକାରୀ ଦଳ ଫେରିଯାଇଥିଲେ। ଏହି ତଦନ୍ତକାରୀ ଦଳରେ ଉପଖଣ୍ଡ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, କଟକ ସଦର ଯୋଗାଣ ନିରୀକ୍ଷକ ନୀହାର ରଞ୍ଜନ ସ୍ୱାଇଁ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଯୋଗାଣ ନିରୀକ୍ଷକ ମଧୁସ୍ମିତା ମାଝି ଓ ସାଲେପୁର ବ୍ଲକ ଯୋଗାଣ ନିରୀକ୍ଷକ ଦୀପ୍ତିରଞ୍ଜନ ବେହେରା ସାମିଲ ହୋଇଥିଲେ।

# 'ପୂର୍ବ ଉପକୂଳର ସମୃଦ୍ଧ ବନ୍ଦର ଥିଲା ଚେଳିତୋଳ'

କଟକ,୩।୭ (କାର୍ତ୍ତିକ ସାହୁ)

**ଚେଳିତୋଳ କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ**

ଚେଳିତୋଳ କଲ୍‌ଚରାଲ୍ ଏକାଡେମୀର ୩୩ତମ ବାର୍ଷିକ ଉତ୍ସବ କଟକ ସାରଳା ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଓଡ଼ିଶା ହାଇକୋର୍ଟର ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଉତ୍ସବକୁ ଉଦ୍‌ଘାଟନ କରି ଚେଳିତୋଳ ବା ଆଧୁନିକ ତିର୍ତ୍ତୋଲ ପୂର୍ବ ଉପକୂଳର ଏକ ସମୃଦ୍ଧ ବନ୍ଦର ଥିଲା ବୋଲି କହିଥିଲେ। ଏହି ଅବସରରେ ଆଇନଜ୍ଞ ପୀତାମ୍ବର ଆଚାର୍ଯ୍ୟଙ୍କୁ ଚେଳିତୋଳ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଯନ୍ତ୍ରୀ ଅତନୁ କୁମାର ସାମନ୍ତଙ୍କୁ ଚେଳିତୋଳ ଯାନ୍ତ୍ରିକ ବିଜ୍ଞାନ ସମ୍ମାନ, ସାମାଜିକ କର୍ମୀ ଗାୟତ୍ରୀ ଦାସଙ୍କୁ ନାରାୟଣ ବୀରବର ସାମନ୍ତ ସେବା ସମ୍ମାନ, ପ୍ରଫେସର ନିତ୍ୟାନନ୍ଦ ସାହୁଙ୍କୁ ରାଜ କିଶୋର ସ୍ୱାଇଁ ସ୍ମୃତି ସମ୍ମାନ, ଅଶୋକ କୁମାର ତାରେଣିଆଙ୍କୁ ଶରତ ଚନ୍ଦ୍ର ପ୍ରଶାସନ ସେବା ସମ୍ମାନ, ଡା. ଅର୍ପିତା ପ୍ରିୟଦର୍ଶିନୀଙ୍କୁ ଚେଳିତୋଳ ସ୍ୱାସ୍ଥ୍ୟସେବା ସମ୍ମାନ, ଛବିରାଣୀ ପତିଙ୍କୁ ଚେଳିତୋଳ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଗୋଲୋକ ବିହାରୀ ପଲାଇଙ୍କୁ ଜେନାମଣି ସାରସ୍ୱତ ସମ୍ମାନ, ତ୍ରିନାଥ ପ୍ରସାଦ ତ୍ରିପାଠୀଙ୍କୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶିକ୍ଷାବିତ୍ ସମ୍ମାନ, ଅଜୟ କୁମାର ବେହେରାଙ୍କୁ ବସନ୍ତ କୁମାର ପୃଷ୍ଟି ସେବା ସମ୍ମାନ, ବିକ୍ରମ କେଶରୀ ମହାନ୍ତିଙ୍କୁ ସଂଗ୍ରାମୀ ମାଧବାନନ୍ଦ ସମାଜ ସେବା ସମ୍ମାନ, ପ୍ରଭାତୀ ମାଝିଙ୍କୁ ନୀନା ଗୋଚ୍ଛାୟତ ସାରସ୍ୱତ ସମ୍ମାନ ଓ ଦିଲ୍ଲୀପ କୁମାର ବିଶ୍ୱାଳଙ୍କୁ ରାମଚନ୍ଦ୍ର ଦଳାଇ କୃଷି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏକାଡେମୀର ପ୍ରତିଷ୍ଠାତା ସଭାପତି ଇଂ. ପ୍ରଭାକର ସ୍ୱାଇଁ ଚେଳିତୋଳ ଅଞ୍ଚଳର ଗରିମାମୟ ଇତିହାସ ତଥା ଓଡ଼ିଶାର ଐତିହ୍ୟ ଓ ପରମ୍ପରା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଡା. ନିରଞ୍ଜନ ତ୍ରିପାଠୀ କହିଛନ୍ତି, ପୂଜ୍ୟପୂଜା ଆମ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ। ସଭାପତି ଡା. ନିମାଇଁ ଚରଣ ପରିଜା ସ୍ୱାଗତ ଭାଷଣ, ଏକାଡେମୀର ସମ୍ପାଦକ କୈଳାସ ଚନ୍ଦ୍ର ଦଳାଇ ବିବରଣୀ ପାଠ କରିଥିଲେ। ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ, ନାଟ୍ୟକାର ସଞ୍ଜୀତ ପଟ୍ଟନାୟକ, ଗାଳ୍ପିକା ସୋହାଗିନୀ ବେହେରା, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହୀ, ଅଧ୍ୟାପକ କ୍ଷୀରୋଦ କୁମାର ସାହୁ ମାନପତ୍ର ପାଠ କରିଥିଲେ। ବ୍ରଜକିଶୋର ବେଉରା ଓ ସାରା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭୁ ପ୍ରସାଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# 'ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ସଚେତନ ହୁଅନ୍ତୁ'

କଟକ,୩।୭ (କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପ୍ରସ୍ତୁତି ବୈଠକ**

କଟକ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅରିନ୍ଦମ ଡାକୁଆ ବୈଠକରେ ଅଧ୍ୟକ୍ଷତା କରି ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନିଜ ନିଜର କାର୍ଯ୍ୟ ସମ୍ପାଦନ ନିମନ୍ତେ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା ବିଶ୍ୱ ଜନସଂଖ୍ୟା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ବାର୍ତ୍ତା ବିକଶିତ ଭାରତର ପରିଚୟ ନୂତନ ପରିବାର ନିୟୋଜନ ପ୍ରତି ଦମ୍ପତିଙ୍କର ସମ୍ମାନକୁ ନେଇ ବୈଠକରେ ଆଲୋଚନା କରାଯାଇଥଲା। ଓଡ଼ିଶାରେ ପ୍ରଜନନ ହାର ୧.୮ ସ୍ତରରେ ପହଞ୍ଚିଛି, ଯାହାକି ଜନସଂଖ୍ୟା ବୃଦ୍ଧିରେ ସ୍ଥିରତା ଆଣିଛି। ତେଣୁ ପ୍ରତ୍ୟେକ ଦମ୍ପତି, ଯୁବ ସମାଜ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରୀ କର୍ମଚାରୀମାନଙ୍କର ଏଥିପ୍ରତି ଗୁରୁଦାୟିତ୍ୱ ରହିଛି। ଏହି ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ନିମନ୍ତେ ଡା. ବେଉରା ସମସ୍ତଙ୍କୁ ଅନୁରୋଧ କରିଥିଲେ। ସେହିପରି ସରକାରୀ ଡାକ୍ତରଖାନାଗୁଡିକରେ ବିଭିନ୍ନ ଗର୍ଭନିରୋଧକ ପଦ୍ଧତି ଉପଲବ୍ଧ ରହିଛି। ଆଶାକର୍ମୀମାନେ ଦମ୍ପତିଙ୍କୁ କାଉନ୍‌ସେଲିଂ କରି ବିଭିନ୍ନ ପରିବାର ନିୟୋଜନ ପନ୍ଥା ଆପଣାଇବାକୁ ପରାମର୍ଶ ଦେବା ନିମନ୍ତେ ବେଉରା କହିଛନ୍ତି।

# ମସ୍‌ଜିଦ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଉ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଟକ ସୁରକ୍ଷା ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କଟକ,୩।୭(ଶିଳ୍ପା ପ୍ରିୟଦର୍ଶିନୀ)

**ଜିଲାପାଳଙ୍କୁ ଦାବିପତ୍ର**

ବେନାମୀ ମୁସ୍‌ଲିମ୍ ସଙ୍ଗଠନର ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟକୁ କଟକ ସୁରକ୍ଷା ସମିତି ବିରୋଧ କରିଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମିତି ବିକ୍ଷୋଭ ପ୍ରଦର୍ଶନ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ କଟକ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରିଛି। ମିଳିଥିବା ସୂଚନା ଅନୁଯାୟୀ, କଟକ ଅଲିଶାବଜାରସ୍ଥିତ ଲାଲବନ୍ତ ସାହିରେ କେତେଜଣ ବିଦେଶୀଙ୍କ ଦ୍ୱାରା ବେନାମୀ ମୁସ୍‌ଲିମ୍ ସଙ୍ଗଠନ ନାମରେ ମସ୍‌ଜିଦ ନିର୍ମାଣ କରାଯାଉଛି। ପୂର୍ବରୁ ଉକ୍ତ ଅଞ୍ଚଳରେ ୪ଟି ବଡ଼ ମସ୍‌ଜିଦ୍ ସହ ଏକ ବଡ଼ ଉର୍ଦ୍ଦୁ ବିଦ୍ୟାଳୟ ରହିଛି। ତେଣୁ ଆଉ ଏକ ନୂତନ ମସ୍‌ଜିଦ ନିର୍ମାଣର ଆବଶ୍ୟକତା ନାହିଁ। ଯଦି ସେହି ସ୍ଥାନରେ ମସ୍‌ଜିଦ୍ ନିର୍ମାଣ ହୁଏ ତେବେ ସେଠାରେ ଦେଶଦ୍ରୋହୀ କାର୍ଯ୍ୟକଳାପ ହୋଇପାରେ ବୋଲି ଲୋକମାନେ ଆଶଙ୍କା କରିଛନ୍ତି। ତେଣୁ ସହରବାସୀଙ୍କ ସୁରକ୍ଷା ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ମସ୍‌ଜିଦ୍ ନିର୍ମାଣ ବନ୍ଦ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ କଟକ ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ଦେବୀ ପ୍ରସାଦ ମହାପାତ୍ର କହିଛନ୍ତି, କଟକବାସୀଙ୍କ ପାଇଁ ଏହି ମସଜିଦ୍ ନିର୍ମାଣ ବିପଦର କାରଣ ପାଲଟିପାରେ। କୌଣସି ବିପଦ ଆସିବା ପୂର୍ବରୁ ଆମେ ସେହି କାର୍ଯ୍ୟ ବନ୍ଦ ପାଇଁ ଦାବି କରୁଛୁ। ଅପରପକ୍ଷରେ ଜିଲାପାଳ ଡାକୁଆ ଦାବିପତ୍ର ଗ୍ରହଣ କରି କହିଛନ୍ତି, ଉକ୍ତ ମସ୍‌ଜିଦ୍ ନିର୍ମାଣର ସମସ୍ତ କାଗଜପତ୍ର ଯାଞ୍ଚ କରାଯିବ। ଯଦିଓ କୌଣସି ସମସ୍ୟା ଦେଖାଦିଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦ ସାମାଜିକ ସମରସ୍ରୋତାର ପ୍ରାନ୍ତ ଅଧିକାରୀ ଭାଗବତ ସାହୁ, କାର୍ଯ୍ୟକାରୀ ସଭାପତି ଗୌର କୈଳାଶ ରାଓ, ଆଇନଜୀବୀ ତଥା ରାଜ୍ୟ ଗୋସୁରକ୍ଷା ବାହିନୀର ସଭାପତି ସୁରେଶ ପଣ୍ଡା, ହିନ୍ଦୁସେନା ସଭାପତି ଦେବାଶିଷ ରାଉତ, ଦେବୀ ପ୍ରସାଦ ମହାପାତ୍ର, କିଶୋର ଚନ୍ଦ୍ର ମହାନ୍ତି, ଭାଗବତ ସାହୁ ଓ ସେକ୍ ମୁନ୍ନାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଓଏସ୍‌ଏସ୍‌ସି ପରୀକ୍ଷାର୍ଥୀଙ୍କୁ ଲୁଟ୍, ୨ ଗିରଫ

କଟକ,୩।୭ (କାର୍ତ୍ତିକ ସାହୁ)



ଜବତ ଟଙ୍କା, ମୋବାଇଲ ଓ ଅନ୍ୟ ସାମଗ୍ରୀ।

**ପରୀକ୍ଷା ଦେବା ପାଇଁ ଯାଜପୁର ଜିଲାରୁ ଫୁଲନଖରା ଆସିଥିଲେ**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ୍ (ଓଏସ୍‌ଏସ୍‌ସି) ପରୀକ୍ଷା ଦେବାକୁ ଆସିଥିବା ଜଣେ ପରୀକ୍ଷାର୍ଥୀ ଅପହରଣ ପରେ ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଜାମୁଦା ଅଞ୍ଚଳରେ। ଏନେଇ ସିଡିଏ ଫେଜ-୨ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇ ପେସାଦାର ଲୁଟେରାଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ କଟକ ଲାଲ୍‌ବାଗ ଥାନା ଅନ୍ତର୍ଗତ ଜଗନ୍ନାଥବଲ୍ଲଭ ଅଞ୍ଚଳର ସୋହେବ ଖାଁ(୨୪) ଏବଂ ରୋହିତ୍ ଖାଁ(୧୯)। ସେମାନଙ୍କ ନିକଟରୁ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଜବତ ହୋଇଛି।

ସୂଚନା ଅନୁଯାୟୀ, ଜାମୁଦା ଅଞ୍ଚଳର ନିଲେଶ ମହାନ୍ତି କଟକ ଫୁଲନଖରାର ଏକ ପରୀକ୍ଷା କେନ୍ଦ୍ରରେ ଷ୍ଟାଫ୍ ସିଲେକ୍ସନ କମିଶନର ସିଏଚ୍‌ଏସ୍‌ଏଲ୍ ପରୀକ୍ଷା ଦେବାକୁ ଆସିଥିଲେ। ଗତ ୨ ତାରିଖ ସକାଳ ୭ଟାରେ ପରୀକ୍ଷା ଥିଲା। ସେ ଅନ୍ୟ ଜଣେ ବନ୍ଧୁଙ୍କ ସହ ୧ ତାରିଖ ରାତି ୧୨ଟାରେ କଟକ ରେଳଷ୍ଟେଶନରେ ପହଞ୍ଚିଥିଲେ। ତେବେ ରାତି ହୋଇଥିବାରୁ ଉଭୟେ ଷ୍ଟେଶନରେ ଅଟକିଥିଲେ। ୨ ତାରିଖ ଭୋର ପ୍ରାୟ ୫ଟାରେ ସେ ଷ୍ଟେଶନରୁ ଚାଲିଚାଲି ମୁଖ୍ୟ ରାସ୍ତାକୁ ଆସିଥିଲେ। ଫୁଲନଖରା ଯିବା ପାଇଁ ଗାଡ଼ିକୁ ଅପେକ୍ଷା କରିଥିବାବେଳେ ସୋହେବ ଓ ରୋହିତ୍ ସେଠାରେ ଏକ ବାଇକ୍‌ରେ ପହଞ୍ଚିଥିଲେ। ନିଲେଶଙ୍କୁ କୁଆଡ଼େ ଯିବେ ବୋଲି ପଚାରିଥିଲେ। ସେ ସେମାନଙ୍କୁ ଫୁଲନଖରା ଯିବାକୁ ବୋଲି କହିବାରୁ ସେମାନେ ଫୁଲନଖରା ଯାଉଥିବା କହି ସାଙ୍ଗରେ ଯିବାକୁ ଡାକିଥିଲେ। ଦୁହେଁ ନିଲେଶଙ୍କୁ ଫୁଲନଖରା ନେବା ବଦଳରେ ପ୍ରଥମେ ସିଡିଏ ସେକ୍ଟର-୧୦ ଅଞ୍ଚଳକୁ ନେଇଯାଇଥିଲେ। ସେଠାରେ ଥିବା ଏକ ଏଟିଏମ୍ କାଉଣ୍ଟରକୁ ନେଇ ନିଲେଶଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଟଙ୍କା ମଗାଇବାକୁ ଧମକାଇଥିଲେ। ନିଲେଶ ଭୟଭୀତ ହୋଇ ତାଙ୍କ ବାପାଙ୍କୁ ଫୋନ୍ କରି ଟଙ୍କା ଦେବାକୁ କହିଥିଲେ। ବାପା ଟଙ୍କା ଦେବା ପରେ ଦୁଇ ଲୁଟେରା ତାଙ୍କୁ ଧରି ସେକ୍ଟର-୧୧ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ଏଟିଏମ୍‌କୁ ଯାଇଥିଲେ। ସେଠାରେ ତାଙ୍କ ଆକାଉଣ୍ଟରୁ ସେମାନେ ୧୦ ହଜାର ଟଙ୍କା ଉଠାଇଥିଲେ। ପୁଣି ନିକଟରେ ଥିବା ଆଉ ଏକ ଏଟିଏମ୍ କାଉଣ୍ଟରକୁ ନେଇଥିଲେ। ସେଠାରେ ଥିବା ସୁରକ୍ଷାକର୍ମୀଙ୍କ ସନ୍ଦେହ ହେବା ଆଶଙ୍କା କରି ଲୁଟେରାଦ୍ୱୟ ସେଠାରୁ ପଳାଇ ଆସିଥିଲେ। ସେମାନେ ନିଲେଶଙ୍କ ନିକଟରୁ ୧୦ ହଜାର ଟଙ୍କା, ହାତଘଣ୍ଟା, ମୋବାଇଲ ଫୋନ୍ ଛଡ଼ାଇ ନେବା ପରେ ବାଇକ୍‌ରେ ଫେରାର ହୋଇଯାଇଥିଲେ। ସେଠାରୁ ନିଲେଶ ଫୁଲନଖରାସ୍ଥିତ ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ଦେଇଥିଲେ। ଏହାପରେ ସିଡିଏ ଫେଜ୍-୨ ଥାନାରେ ସେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଟିଏମ୍ କାଉଣ୍ଟର ଓ ଷ୍ଟେଶନ ବଜାର ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିବା ପରେ ପୋଲିସ ଏହି ଦୁଇ ପେସାଦାର ଲୁଟେରାଙ୍କୁ ଗିରଫ କରିଛି। ସୋହେବଙ୍କ ବିରୋଧରେ ୭ଟି ମାମଲା, ରୋହିତଙ୍କ ବିରୋଧରେ ୯ଟି ମାମଲା ଲାଲବାଗ, ମର୍କତନଗର, ଚାଉଳିଆଗଞ୍ଜ, ସିଆର୍‌ଆର୍‌ଆଇ, କ୍ୟାଣ୍ଟନମେଣ୍ଟ ଥାନାରେ ରହିଛି। ଏହି ଦୁଇ ଜଣ ଲୁଟ୍, ଚୋରି, ଛିନ୍‌ତାଇ ଭଳି ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ତଦନ୍ତବେଳେ ଜଣାପଡ଼ିଛି ବୋଲି ସିଡିଏ ଫେଜ-୨ ଥାନା ଆଇଆଇସି ପ୍ରିୟଦର୍ଶିନୀ ନନ୍ଦ କହିଛନ୍ତି।



ପୁରୀ ରଥଖଳାରେ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



ରଥରେ ହଂସପଟା ଖଞ୍ଜାଯାଉଛି।



ରଥରେ କଳସ ଏବଂ ଓଲଟଶୁଆ ଲଗାଯାଇଛି।



ରଥ ଘୋଡ଼ାଗୁଡ଼ିକୁ ରଙ୍ଗ କରାଯାଉଛି।

## ରଥଖଳାରୁ...

# ତିନିରଥକୁ ଉଠିଲା କଳସ, କପଡ଼ା ପଡ଼ିଲା



ରଥରେ କପଡ଼ା ପକାଯାଉଛି।

**ପୁରୀ, ୩।୭(ଅଜିତ କୁମାର ମହାନ୍ତି)**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ତିନିରଥର ଦୁଆରବେଢ଼ା ଚନ୍ଦ୍ରଶାଳୀରେ ଧ୍ୱଜବତା ଓ ଡମଣିବତା ଫିଟିଙ୍ଗ ହୋଇଛି। ତିନିରଥ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ରୂପକାରସେବକମାନେ ସମ୍ପୂର୍ଣ୍ଣ କରି ଚିତ୍ରକାର ସେବକମାନଙ୍କୁ ଖୋଦେଇ ରୂପରେ ରଙ୍ଗଚିତ୍ର କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି। ସେହିପରି ମୁଖ୍ୟ ମହାରଣାମାନଙ୍କ ମାର୍ଗ ଦର୍ଶନରେ ମହାରଣା ସେବକ ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇସେବକମାନଙ୍କ ସହଯୋଗରେ ତିନି ରଥକୁ କଳସ, ଓଲଟଶୁଆ ଏବଂ ଅଁଳା ଉଠି ରଥ ପୋଟଳ ଖପୁରିରେ ସ୍ଥାପନ କରାଯାଇ କଣ୍ଟା ବସିବା କାର୍ଯ୍ୟ ସରିଛି। ଏଥିସହ ତିନିରଥର ବେଦି ପାର୍ଶ୍ୱପଟା ତଳେ ହଂସପଟା ବାଡ଼ିଆ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ଘୋଡ଼ା ସେଟିଙ୍ଗ ପାଇଁ ଈଶ ଏବଂ ୟୁଆଳି ନିର୍ମାଣ ସରିବା ପରେ ଈଶରେ ପଖିଆ ବା ଗଣ୍ଠି ଫିଟିଙ୍ଗ ସରିଛି। ସେହିପରି ଚିତ୍ରକାର ସେବକମାନେ ତିନି ରଥ ପ୍ରଭାରେ ଧଳା ପ୍ରାଇମର ବୋଳା ଶେଷ କରିଛନ୍ତି। ଏହାପରେ ପ୍ରଭାରେ ରଙ୍ଗ ଚିତ୍ର ଅଙ୍କନ ହେବ। ତାଳଧ୍ୱଜ ରଥ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ ଚିତ୍ର ସହ ପ୍ରଭା ମଝି ଭାଗରେ ପଦ୍ମକଢ଼ି ଆଙ୍କିବା ସହ ପ୍ରଭା ଦୁଇପାର୍ଶ୍ୱରେ ଶିବ ଏବଂ ନାରଦଙ୍କ ଚିତ୍ର, ଦର୍ପଦଳନ ପ୍ରଭାରେ ପଦ୍ମକଢ଼ି ସହ ଦୁଇପଟେ ଗଙ୍ଗା, ଯମୁନାଙ୍କ ଚିତ୍ର ଏବଂ ନନ୍ଦିଘୋଷ ରଥ ପ୍ରଭାରେ ପଦ୍ମକଢ଼ି ସହ ଦୁଇ ପାର୍ଶ୍ୱରେ ଇନ୍ଦ୍ର ଓ ବ୍ରହ୍ମାଙ୍କ ଚିତ୍ର ଅଙ୍କନ କରିବେ। ଚିତ୍ରକାର ସେବକମାନେ ନନ୍ଦିଘୋଷ ରଥର ଚକ, ଦଣ୍ଡା, ଗୁଜ, ବାହ୍ୟ ଅଂଶ ଗୁଡ଼ିକରେ ଆବଶ୍ୟକ ରଙ୍ଗ ଶେଷ କରି ତାଳଧ୍ୱଜ ଓ ଦର୍ପଦଳନ ରଥର ବାହ୍ୟ ଅଂଶରେ ରଙ୍ଗ କାର୍ଯ୍ୟର ଶେଷ ସ୍ପର୍ଶ ଦେଉଛନ୍ତି। ଘୋଡ଼ା, ସାରଥିଙ୍କ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦରଜି ସେବକମାନେ ତିନିରଥର ୧୨ଟି ଚନ୍ଦ୍ରଶାଳୀ, ୧୨ଟି ଅଁଳାଶ୍ରୀ, କନା କାର୍ଯ୍ୟ ଶେଷ ହେବା ସହ କନକମୁଣ୍ଡି ପାଇଁ ଚାନ୍ଦୁଆ ସହ ଉଡ଼ା ଚାନ୍ଦୁଆ ସହ ସାରଥି ପୋଷାକ ତିଆରି ଚାଲିଛି। ସେହିପରି କୋଠ ସୁଆଁସିଆ ସେବକମାନେ ରାତ୍ର କାଳରେ ତିନିରଥରେ କନାପକା କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର କଳସ କଣ୍ଟା, ଶୁଆ କଣ୍ଟା ଯୋଗାଇ ପ୍ରଭା ବିଡ଼ିଆ ପାଇଁ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ସେବାୟତ

## ସାକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଆସିବେ ମୁଖ୍ୟମନ୍ତ୍ରୀ

**ସାକ୍ଷୀଗୋପାଳ,୩।୭ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁବ୍‌ଶୀଘ୍ର ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନରେ ଆସିବେ। ବୁଧବାର ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷୀଗୋପାଳ ମନ୍ଦିରର ସେବାୟତମାନେ ଭେଟି ନିମନ୍ତ୍ରଣ ଦେବା ଅବସରରେ ସେ ଏହି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବାହ୍ନରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ସହିତ ସେବାୟତ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ, ତୁଳସୀ, ଭୋଗ, ଖଣ୍ଡୁଆପାଟ ଓ ଫୁଲମାଳ ଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ। ରାଜ୍ୟ ସରକାର ବିକାଶମୁଖୀ କାର୍ଯ୍ୟକ୍ରମରେ ପୁରାତନ ସାକ୍ଷୀଗୋପାଳ ମନ୍ଦିରକୁ ଆକର୍ଷଣୀୟ କରିବା ଲାଗି ଗୁରୁତ୍ୱ ଦେବା ପାଇଁ ସେମାନେ ଅନୁରୋଧ କରିବା ସହ ଏନେଇ ଏକ ପତ୍ର ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ ପାଇଁ ସେବାୟତ ପ୍ରତିନିଧିମାନେ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ। ସାକ୍ଷୀଗୋପାଳ ମନ୍ଦିରକୁ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷୀଗୋପାଳ ମନ୍ଦିରର ସେବାୟତମାନେ ଭେଟୁଛନ୍ତି। ନିକଟରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଉପସ୍ଥିତ ଅଛନ୍ତି।

ଗମନାଗମନ ସମେତ ଶ୍ରଦ୍ଧାଳୁଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଏବଂ ସୁବ୍ୟବସ୍ଥିତ ମନ୍ଦିର ପରିଚାଳନା ନିମନ୍ତେ ସେବାୟତ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଆଲୋଚନା ଅବସରରେ ଅନେକ ଦିନ ତଳେ ସେ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିଥିବା ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ଏକ ପବିତ୍ର ଧାର୍ମିକ ସ୍ଥଳ ଭାବେ ଖୁବଶୀଘ୍ର ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନରେ ସେ ଆସିବେ ବୋଲି ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ନିମନ୍ତେ ସେବାୟତମାନେ ସତ୍ୟବାଦୀ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବିଧାୟକ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ଯୋଗାଯୋଗ କରି ସାକ୍ଷାତ ସମୟ ସ୍ଥିର କରିବା ପରେ ସେବାୟତମାନଙ୍କୁ ସାଙ୍ଗରେ ନେଇ ଭୁବନେଶ୍ୱର ଯାଇଥିଲେ। ଏହି ଆଲୋଚନା ଓ ସାକ୍ଷାତ ସମୟରେ ସତ୍ୟବାଦୀ ବିଧାୟକଙ୍କ ସମେତ ସେବାୟତ ବିଶନାଥ ମହାପାତ୍ର, ରାମଚନ୍ଦ୍ର ନନ୍ଦ, ପ୍ରତାପ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ନନ୍ଦ, ଶ୍ୟାମସୁନ୍ଦର ମହାପାତ୍ର, ରାଜକିଶୋର ମହାପାତ୍ର, ରବିନାରାୟଣ ପତ୍ରୀ, ପ୍ରଭାକର ମେକାପ, ସୂର୍ଯ୍ୟକାନ୍ତ ଖୁଣ୍ଟିଆ, ପୁରାଣ ପଣ୍ଡିତ ବାଳକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଷିତ ହେଲା ଭକ୍ତିସଙ୍ଗୀତ, ଭକ୍ତସୁଦାମା

ପୁରୀ,୩।୭(ଅଜିତ କୁମାର ମହାନ୍ତି):ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ଗୁରୁ ପ୍ରକାଶ କୁମାର ରଥ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ପାରମ୍ପରିକ ରଚନାରୁ 'ପତିତଜନଙ୍କୁ ଉଦ୍ଧାରିବା ପାଇଁ ଉଡାଉଅଛ ପତାକା', 'ଜୟ ଜଗବନ୍ଧୁ ହେ ଯଦୁନନ୍ଦନ', 'କାଳିଆ କାହ୍ନୁ ଆଉ ବିଳମ୍ବ କର କାହିଁକି', ମହାବାହୁ ଏହି କଥାରେ ମୋ ମନ ଆଦି ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ତାଙ୍କ ସହିତ ମର୍ଦ୍ଦଳରେ ଗୁରୁ ଜଗନ୍ନାଥ ମିଶ୍ର, ଭାୟୋଲିନ୍‌ରେ ଗୁରୁ ହରିଶ୍ଚନ୍ଦ୍ର ଦାସ, ସୀତାରରେ ଗୁରୁ ସତ୍ୟନାରାୟଣ ଗୁରୁ ଏବଂ ତବଲାରେ ଗୁରୁ ଶାରଦା ପ୍ରସନ୍ନ ମିଶ୍ର ସହଯୋଗ କରିଥିଲେ। ସମାଜସେବୀ ଚକ୍ରଧର ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, ପ୍ରସନ୍ନ ମିଶ୍ର, ଲକ୍ଷ୍ମୀଧର ପୂଜାପଣ୍ଡା, ରାମକୃଷ୍ଣ ମହାପାତ୍ର, ମହାବୀର ସାହୁଙ୍କ ଉପସ୍ଥିତିରେ ଗୁରୁ ପ୍ରକାଶ କୁମାର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭକ୍ତିଗୀତ ପରେ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପୁରୀ ପକ୍ଷରୁ ନାଟକ 'ଭକ୍ତ ସୁଦାମା' ପରିବେଷିତ ହୋଇଥିଲା। ବହୁ ସଂସ୍କୃତିପ୍ରେମୀ ଭକ୍ତିସଙ୍ଗୀତ ଭାବରେ ତଲ୍ଲୀନ ହେବା ସହ ନାଟକର ଆନନ୍ଦ ନେଇଥିଲେ।

# ଅଲାରନାଥ ପୀଠକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ମିଳୁ : ସୁରେନ୍ଦ୍ର ମିଶ୍ର




ଆଲୋଚନାଚକ୍ରରେ ଡ. ସୁରେନ୍ଦ୍ର ମିଶ୍ର ଏବଂ ଅନ୍ୟ ଅତିଥିମାନେ।

**ବ୍ରହ୍ମଗିରି,୩।୭ (ସ୍ୱାଧିନ ଚମ୍ପତିରାୟ)**

ଯେଉଁଠି ଶ୍ରୀ ବିରାଜମାନ କରନ୍ତି, ତାକୁ ଶ୍ରୀକ୍ଷେତ୍ର ବୋଲି କୁହାଯାଏ। ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ କରିଥିବାରୁ ସେହି କ୍ଷେତ୍ରକୁ ଶ୍ରୀକ୍ଷେତ୍ର ବୋଲି କୁହାଯାଏ। ସେହିପରି ବ୍ରହ୍ମଗିରିରେ ୧୪ ଦିନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଲାରନାଥ ରୂପେ ଦର୍ଶନ ଦେଉଛନ୍ତି । ସେଠାରେ ବିରାଜମାନ କରୁଥିବାରୁ ଏହି ପୀଠ ଆଉ ଏକ ଶ୍ରୀକ୍ଷେତ୍ର ବା ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଥାଏ। ଏଣୁ ରାଜ୍ୟ ସରକାର ଏହି ପୀଠକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଦେବାକୁ ବୁଧବାର ଅଲାରନାଥ ପୀଠରେ ବ୍ରହ୍ମଗିରି ଐତିହ୍ୟ ପରିଷଦ ତରଫରୁ ଆୟୋଜିତ 'ଅନବସର ଏବଂ ଶ୍ରୀ ଅଲାରନାଥ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ଯୋଗଦେଇ ମତ ରଖିଛନ୍ତି। ଆଲୋଚନାଚକ୍ରରେ ବ୍ରହ୍ମଗିରିକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ମାନ୍ୟତା ଦେବାକୁ ବହୁ ଐତିହ୍ୟ ଗବେଷକ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅଲାରନାଥ ମନ୍ଦିର ସେବକ ନୀଳମଣି ସୁଆର, ବିଭୂତି ପଟ୍ଟନାୟକ, ବ୍ରହ୍ମଗିରି ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ବ୍ରହ୍ମଗିରି ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଦେବଦତ୍ତ ମିଶ୍ର, କାଶୀନାଥ ନାୟକ, ପ୍ରିୟପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

# ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବ ଆମ୍ବୁଲାନ୍ସ: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

**ଗୋପ,୩।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ସନ୍ଧ୍ୟାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିଭିନ୍ନ ୱାର୍ଡ ବୁଲି ଚିକିତ୍ସାଧୀନ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ଭଲମନ୍ଦ ପଚାରି ବୁଝିଥିଲେ। ପରେ ସେ ବିଭିନ୍ନ ବିଭାଗ ବୁଲି କ'ଣ ଅସୁବିଧା ରହିଛି, ସେ ସମ୍ପର୍କରେ ମଧ୍ୟ ମତ ନେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର

**ଡାକ୍ତରଖାନା ବୁଲିଲେ, ରୋଗୀଙ୍କୁ ଭେଟି ସୁସ୍ଥ କାମନା କଲେ**

ଅଧିକାରିଣୀ ଡ. ଜସ୍ମିନ ଆଫ୍ରୋଜଙ୍କ ଅଧ୍ୟକ୍ଷତାରେ ଡ. ସରିତା ମିଶ୍ର, ଡ. ଋତୁପର୍ଣ୍ଣା ପଣ୍ଡା, ଡ. ଶୁଭ୍ରଜ୍ୟୋତି ସ୍ୱାଇଁ ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏକ ବୈଠକ କରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ଗୋଟିଏ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯିବ ଏବଂ ଅଳ୍ପ ଦିନରେ ଜଣେ ଶିଶୁରୋଗ ବିଶେଷଜ୍ଞଙ୍କୁ ଅଣାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ସୂଚନା ଦେଇଥିଲେ। ଏହି ସମୟରେ ଶୁଶାନ୍ତ ରାଉତରାୟ, ସୁରେଶ ପ୍ରଧାନ, ପ୍ରଫୁଲ୍ଲ ପଣ୍ଡା, ଶ୍ରୀକାନ୍ତ ନାୟକ, ସମ୍ପଦ ପ୍ରଧାନ, ରାଜେଶ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ସନ୍ଧ୍ୟାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ସେବା ସମ୍ପର୍କରେ ପଚାରି ବୁଝୁଛନ୍ତି।

# ଦେଶୀ ନାଁରେ ବିକ୍ରି ହେଉଛି ଅପମିଶ୍ରିତ କ୍ଷୀର, ଦହି, ଘିଅ

**ଅସ୍ତରଙ୍ଗ,୩।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଘରେ ଗାଈ ନାହିଁ, କିନ୍ତୁ ଘରକୁ ଘର ବୁଲି ଯୋଗାଇ ଦେଉଛନ୍ତି କ୍ଷୀର, ଦହି, ଘିଅ, ପନିର। କେତେକ ଦୋକାନରେ ବି ଦେଶୀ ନାଁରେ ବେଧଡକ ବେପାର ଚାଲିଛି। ଏସବୁ ଅସଲି କି ନକଲି ଜାଣିବା ସାଧାରଣଲୋକଙ୍କ ପାଇଁ ସହଜ ନୁହେଁ। ତେଣୁ ଲୋକେ ଦେଶୀ ନାଁରେ ବିଷ ହିଁ ଖାଉଛନ୍ତି। ଅସ୍ତରଙ୍ଗ ବଜାରରେ ଅସାଧୁ ଉପାୟରେ କେମିକାଲ ଓ ପାଉଡର ବ୍ୟବହାର କରି ମାଲ ମାଲ ବେପାରୀ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ବଡ଼ କଥା ହେଲା ଏହି ନକଲି ବେପାରରେ ସ୍ଥାନୀୟ ଲୋକଙ୍କ ଦବଦବା ବେଶି। ସେମାନେ ଏହାର କାଇଦା-କୌଶଳ ବ୍ୟବହାର କରି ବିନା ଗାଈରେ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତ କରି ବେପାରରେ ସକ୍ରିୟ ରହିଛନ୍ତି। ପ୍ରକୃତ ଦାମଠାରୁ ଏହି ନକଲି ସାମଗ୍ରୀର ଦାମ କମ୍ ରହିଥିବାବେଳେ ଲୋକଙ୍କ ପାଖରେ ଏସବୁ ସହଜରେ ଉପଲବ୍ଧ ହେଉଛି।



ମିଳିଥିବା ସୂଚନା ଅନୁସାରେ, ଅସ୍ତରଙ୍ଗ ବଜାରରେ ଏକାଧିକ ଅଞ୍ଚଳରେ ଏହି ଅସାଧୁ ବେପାରୀମାନେ ସକ୍ରିୟ ରହିଛନ୍ତି। କେବଳ ଖୋଲାରେ ନୁହେଁ, ପ୍ୟାକେଟ କରି ମଧ୍ୟ ଏହାକୁ ବିକ୍ରି କରୁଛନ୍ତି। ବିଶେଷକରି ଏହା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ପୋଟଳ ଛକ, ବନ୍ତିଲୋ ଛକ, ସରିପୁର ଛକ, କଣମଣ ଛକ, ନଗର, ଭିମା ଛକ, ଆଳ ସାହି, ଖଣ୍ଡାସାହି ଛକ, କେନ୍ଦ୍ରାପଟି, ଅସ୍ତରଙ୍ଗ ବଜାର ସମେତ ଅନେକ ଅଞ୍ଚଳରେ ସକ୍ରିୟ ବେପାରୀମାନେ କେମିକାଲ, ପାଉଡର ବ୍ୟବହାର କରି ନକଲି କ୍ଷୀର, ଦହି, ଘିଅ, ପନିର, ଛେନା ପ୍ରସ୍ତୁତ କରୁଛନ୍ତି। ଏପରିକି କେତେକ ନିର୍ଦ୍ଦିଷ୍ଟ ଦୋକାନକୁ ଦୁଗ୍ଧଜାତୀୟ ସାମଗ୍ରୀ ଯୋଗାଇ ଦେଉଛନ୍ତି। ବସାଦହି କେଜି ୫୦ ଟଙ୍କାରେ ମିଳୁଥିବାବେଳେ ଗୁଆ ଘିଅ ୨ ଶହରୁ ୩ ଶହ ଟଙ୍କାରେ ମିଳୁଛି, ଯାହାର ପ୍ରକୃତ ବଜାର ଦର ଢେର୍ ଅଧିକ ରହିଛି। ଏହାଛଡ଼ା ଭୁବନେଶ୍ୱରରୁ ବସ୍ ଯୋଗେ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ସିନ୍ଥେଟିକ ପନିର ମଧ୍ୟ ଅସ୍ତରଙ୍ଗ ଆସୁଛି। ଯାହାର ଯଥେଷ୍ଟ ଚାହିଦା ରହୁଛି। ମାତ୍ର ଶହେ ଟଙ୍କା କେଜିରେ ବେପାରୀ ଏହି ପନିର କିଣି ଏହାକୁ ୨ ଶହରୁ ଅଢ଼େଇ ଶହ ଟଙ୍କା କିଲୋରେ ବିକ୍ରି କରୁଛନ୍ତି। ଅସ୍ତରଙ୍ଗରେ ଏଭଳି ନକଲି ଓ ବିଷାକ୍ତ ଖାଦ୍ୟ ସାମଗ୍ରୀ ଯୋଗାଇ ଏହି ବେପାରୀମାନେ ଲୋକଙ୍କ ଜୀବନ ସହ ଖେଳୁଥିବାବେଳେ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ଏବଂ ଯୋଗାଣ ବିଭାଗ ନିଘୋଡ଼ ନିଦରେ ଶୋଇଛି। ନକଲି ସାମଗ୍ରୀ ଧରପଗଡ଼ କଥା ସତେ ଯେମିତି ଭୁଲିଯାଇଛନ୍ତି କର୍ତ୍ତୃପକ୍ଷ। ଚଢ଼ାଉ ନ ହେବାରୁ ଦିନକୁ ଦିନ ଅସ୍ତରଙ୍ଗରେ ଏଭଳି ନକଲି କାରବାର କାୟା ମେଲାଇବାରେ ଲାଗିଛି। ଖୁବ୍‌ଶୀଘ୍ର ଏହାର ଉଚ୍ଚସ୍ତରୀୟ ଚଢ଼ାଉ ସହ ଯାଞ୍ଚ ହେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସୁସ୍ଥ ହେଲେ ମହାପ୍ରଭୁ

## ଗଜପତିଙ୍କୁ ଖବର ଦେଲେ ଦଇତାପତି

- ଶ୍ରୀନଅରକୁ ରାଜପ୍ରସାଦ ବିଜେ ନୀତି ସମ୍ପନ୍ନ
- ଆଜି ଶ୍ରୀବିଗ୍ରହମାନଙ୍କୁ ଘଣାଲାଗି କରାଯିବ

ପୁରୀ, ୩।୭(ଅଜିତ୍ କୁମାର ମହାନ୍ତି)

ଆଷାଢ଼ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥି ଅବସରରେ ବୁଧବାର ମହାପ୍ରଭୁ ଜ୍ୱରରୁ ସୁସ୍ଥ ହୋଇଛନ୍ତି। ଶ୍ରୀବିଗ୍ରହମାନଙ୍କ ସୁସ୍ଥ ହେବା ଖବର ଦଇତାପତି ସେବକମାନେ ଶ୍ରୀନଅର ଯାଇ ଆଦ୍ୟ ସେବକ ଗଜପତି ମହାରାଜାଙ୍କୁ ସୂଚନା ଦେବା ସହିତ ଶ୍ରୀଅଙ୍ଗ ଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ଯାହାକୁ ରାଜପ୍ରସାଦ ବିଜେ ନୀତି ବୋଲି କୁହାଯାଇଥାଏ। ଦ୍ୱାଦଶୀ ତିଥିରେ ରାଜପ୍ରସାଦ ବିଜେ ନୀତି ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ସ୍ନାନପୂର୍ଣ୍ଣିମାରେ ସ୍ନାନବେଦିରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ଚିକିତ୍ସିତ ହେଉଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ଓ ପତିମହାପାତ୍ର ଗୁପ୍ତ ସେବା କରୁଛନ୍ତି। ଅଣସରର ପଞ୍ଚମୀ ତିଥିରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷୁଅ ତିନିଦିନ ଧରି ଲାଗିହୋଇଥିଲା। ପରେ ଦଶମ ତିଥିରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ମଙ୍ଗଳବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଶ୍ରୀବିଗ୍ରହମାନଙ୍କୁ ଖଳି, ତୁଳସୀ ଓ ଦଶମୂଳ ମୋଦକ ଲାଗି କରାଯାଇଥିଲା। ଦଶମୂଳ ଲାଗିପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି।

ପରମ୍ପରା ଅନୁଯାୟୀ, ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜପ୍ରସାଦକୁ ବିଜେ ହେବାର ପରମ୍ପରା ରହିଛି। ବୁଧବାର ଶ୍ରୀମନ୍ଦିରରେ ସକାଳଧୂପ ଓ ଭୋଗମଣ୍ଡପ ନୀତି ସରିବା ପରେ ଦଇତାପତି ଅଣସର ଘରକୁ ପ୍ରବେଶ କରିଥିଲେ। ଭଣ୍ଡାର ମେକାପ ଦେଇଥିବା ତଥା ପାଟବସ୍ତ୍ର ପଡ଼ିଥିବା ରୁପାଥାଳି ଅଣସର ଘରକୁ ନେଇ ସେ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ କରି ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଡିଆରୀ ପକାଇଥିବା ପାହାଡ଼ା ବା କପଡ଼ା ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ପରେ ଘଣ୍ଟ, ଛତା, କାହାଳି ସହ ଥାଳିଗୁଡ଼ିକୁ ଦଇତାପତି ଓ ପତିମହାପାତ୍ର ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ଏକ ପଟୁଆରରେ ଯାଇଥିଲେ। ଶ୍ରୀନଅର ରାଜବାଟୀରେ ପଡ଼ିଥିବା ଚାରିବାଡ଼ର ପାହାଡ଼ା (କପଡ଼ା) ଉପରେ ଥାଳିଗୁଡ଼ିକୁ ରଖିଥିଲେ। ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିମାନଙ୍କୁ ଶାଢ଼ି ବନ୍ଧାଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢ଼ି ବନ୍ଧାଇବା ପରେ ଦାରୁବିଗ୍ରହ ସୁସ୍ଥ ହେବା ଖବର ଗଜପତି ମହାରାଜାଙ୍କୁ ଜଣାଇଥିଲେ। ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର କାର୍ଯ୍ୟ ଏବଂ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ବିଷୟରେ ଆଲୋଚନା କରିଥିଲେ। ପରେ ଦଇତାପତି ସେବକମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ। ତ୍ରୟୋଦଶୀ ତିଥିରେ ଗୁରୁବାର ଶ୍ରୀବିଗ୍ରହମାନଙ୍କୁ ଘଣାଲାଗି କରାଯିବ।



ଶ୍ରୀବିଗ୍ରହମାନଙ୍କ ସୁସ୍ଥତା ସମ୍ପର୍କରେ ଗଜପତି ମହାରାଜାଙ୍କୁ ଦଇତାପତିମାନେ ସୂଚନା ଦେବା ସହ ରଥଯାତ୍ରା ପରିଚାଳନା ସମ୍ପର୍କରେ ଆଲୋଚନା କରୁଛନ୍ତି।




| ୩।୭।୨୦୨୪ | |
|---|---|
| ୧,୫୧, ୦୯୧ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ୬ ଜିଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)

ରାଜ୍ୟରେ ୫ଦିନ ଯାଏ ବର୍ଷା ଜାରି ରହିବ। ୬ ଓ ୭ ତାରିଖ ବେଳକୁ କେତେକ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇ କହିଛନ୍ତି, ଉତ୍ତର ବାଂଲାଦେଶ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ୫ଦିନ ବର୍ଷା ଲାଗି ରହିବ। ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ସମ୍ବଲପୁର, ଦେବଗଡ଼ ଓ କେନ୍ଦୁଝରର ଆଦି ୬ ଜିଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ରାଜ୍ୟର ଅନ୍ୟ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ବୁଧବାର ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହୋଇଥିବାବେଳେ କେନ୍ଦୁଝରରେ ସର୍ବାଧିକ ୩୩.୩ ମିମି ବର୍ଷା ହୋଇଥିବାବେଳେ ଚାନ୍ଦବାଲିରେ ୨୨.୧ ମିମି ବର୍ଷା ହୋଇଛି।

## ଘରୁ ମିଳିଲା ମହିଳାଙ୍କ ଝୁଲନ୍ତା ମୃତଦେହ

ଭୁବନେଶ୍ୱର,୩।୭ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ତଳ ସାହିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଏକ ବନ୍ଦ ଘରୁ ମିଳିଛି। ମୃତା ମହିଳା ହେଲେ ଲକ୍ଷ୍ମୀପ୍ରିୟା ବିଶ୍ୱାଳ(୨୭)। ତାଙ୍କ ଘର ନୟାଗଡ଼ରେ ହୋଇଥିବାବେଳେ ସେ ଏଠାରେ ସ୍ୱାମୀ ଶରତ ବିଶ୍ୱାଳଙ୍କ ସହ ଘର ଭଡ଼ା ନେଇ ରହୁଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଚଳାଇଛି। ଏହାସହ ଲକ୍ଷ୍ମୀଙ୍କ ପରିବାର ଲୋକେ ପହଞ୍ଚି ଥାନାରେ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୩୪୨/୨୪ ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ରାତି ହୋଇଯାଇଥିବାରୁ ଗୁରୁବାର ବ୍ୟବଚ୍ଛେଦ କରାଯିବ। ପୋଲିସ ସୂଚନାନୁସାରେ, ସ୍ୱାମୀ ଶରତ ଏକ ପ୍ରିଣ୍ଟିଂ ପ୍ରେସ୍‌ରେ କାମ କରନ୍ତି। ସେ କାମକୁ ଚାଲିଯିବା ପରେ ଏହି ଘଟଣା ଘଟିଥିଲା। ତେବେ ତାଙ୍କର ମୃତ୍ୟୁ କିଭଳି ହେଲା, ସେ ଆତ୍ମହତ୍ୟା କରିଛନ୍ତି ନାଁ ହତ୍ୟା ପରେ ଟାଙ୍ଗି ଦିଆଯାଇଛି ସେନେଇ ପୋଲିସ ସ୍ୱାମୀ ଶରତଙ୍କ ସମେତ ପରିବାର ଲୋକଙ୍କୁ ପଚରାଉଚରା କରୁଛି।




ପୁରୀର ଯୁବ ଶିଳ୍ପୀ ବିଶ୍ୱଜିତ୍ ନାୟକ ଆଇସ୍‌କ୍ରିମ୍ କାଠିରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ପ୍ରତିକୃତି ନିର୍ମାଣ କରିଛନ୍ତି। ଏହି ନିଆରା କଳାକୃତି ମାଧ୍ୟମରେ ସେ ରତ୍ନଭଣ୍ଡାରର ସୁରକ୍ଷା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କୌଳିକ ବୃତ୍ତିରେ ବାପାଙ୍କ ସହ ଉଚ୍ଚଶିକ୍ଷିତା କନ୍ୟା

## ମହାପ୍ରଭୁଙ୍କ ଅଣସର ସୌନ୍ଦର୍ଯ୍ୟସେବା



ଦରଘା ବଜାର ଚିତ୍ରକର ସାହିସ୍ଥିତ ନିଜ ଘରେ ଠାକୁରଙ୍କୁ ରଙ୍ଗ କରୁଛନ୍ତି ବାପା ରବିନାରାୟଣଙ୍କ ସହ ଶତାବ୍ଦୀ ତନୟା।

କଟକ,୩।୭ (କାର୍ତ୍ତିକ ସାହୁ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରୁ ଆରୋଗ୍ୟ ଲାଭ କରିଛନ୍ତି। ଆଉ ୨ ଦିନ ପରେ ନବଯୌବନ ଦର୍ଶନ। ଭକ୍ତମାନେ ଅତ୍ୟନ୍ତ ଆଗ୍ରହରେ ଅପେକ୍ଷା କରିଛନ୍ତି ଏହି ଦିନକୁ। ହେଲେ ଦେବସ୍ନାନ ପୂର୍ଣ୍ଣିମା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଣସର ବା ଅନବସରବେଳେ ହେଉଥିବା ଗୁପ୍ତ ସେବା ମଧ୍ୟରୁ ସୌନ୍ଦର୍ଯ୍ୟସେବା ଅନ୍ୟତମ। ଦାରୁବିଗ୍ରହଙ୍କୁ ବର୍ଷରେ ଥରେ ନୂତନ ଭାବେ ସୌନ୍ଦର୍ଯ୍ୟ ବିମଣ୍ଡିତ କରିଥାନ୍ତି ଚିତ୍ରକର ସେବକ। ଏଭଳି ଏକ ସେବାରେ ନିଜକୁ ସାମିଲ କରିଛନ୍ତି ଇତିହାସ ସ୍ନାତକୋତ୍ତରରେ ସ୍ୱର୍ଣ୍ଣପଦକପ୍ରାପ୍ତ ଶତାବ୍ଦୀ ତନୟା। ବାପା ତଥା ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ କଟକ ଦରଘା ବଜାର ଚିତ୍ରକର ସାହିର ଡକ୍ଟର ରବିନାରାୟଣ ମହାରଣାଙ୍କ ସହ କୌଳିକ ବୃତ୍ତିରେ ସେ ନିମଗ୍ନ ହୋଇଛନ୍ତି। ବଂଶାନୁକ୍ରମେ ଠାକୁରଙ୍କ ସୌନ୍ଦର୍ଯ୍ୟ ସେବାରେ ତାଙ୍କ ପରିବାର ନିୟୋଜିତ ହୋଇ ନିଜକୁ ଭାଗ୍ୟବାନ ମଣୁଛନ୍ତି।

ଡକ୍ଟର ମହାରଣା ମହାପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ମା' ସୁଭଦ୍ରାଙ୍କ ସମେତ ପ୍ରଭୁ ସୁଦର୍ଶନଙ୍କ ରଙ୍ଗ ସେବାକୁ ବାପା ସ୍ୱର୍ଗତ ନନ୍ଦ ମହାରଣାଙ୍କଠାରୁ କୌଳିକ ପରମ୍ପରା କ୍ରମରେ ଶିଖିଥିଲେ। ସମୟ କ୍ରମେ ସେ ଓଡ଼ିଆ ସାହିତ୍ୟରେ ଗବେଷଣା ପରେ କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ କଲେଜରେ ଓଡ଼ିଆ ଭାଷା ସାହିତ୍ୟରେ ଅଧ୍ୟାପନା କରିଥିଲେ। ଏଥିସହ ଜଣେ ସ୍ୱନାମଧନ୍ୟ ଲେଖକ ଭାବେ ଅଦ୍ୟାବଧି ୨୬ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ତଥାପି ସେ ନିଜର କୌଳିକ ବୃତ୍ତି ଭୁଲିନାହାନ୍ତି। କଟକ ସହରରେ ଥିବା କେତେକ ମନ୍ଦିରରେ ସେ ପାରମ୍ପରିକ ରୀତିରେ ଅଣସରବେଳେ ରଙ୍ଗସେବା କରିଆସୁଛନ୍ତି। ସେଥିମଧ୍ୟରେ ମହାନଦୀ କୂଳରେ ଥିବା ଗଡ଼ଗଡ଼େଶ୍ୱର ମନ୍ଦିର ପରିସରସ୍ଥ ଜଗନ୍ନାଥ ମନ୍ଦିର, ଡଗରପଡ଼ାସ୍ଥିତ ଜଟି ପଣ୍ଡା ଦେଉଳ, କାଠଗଡ଼ା ସାହି ପ୍ରକଟେଶ୍ୱର ମନ୍ଦିର ପରିସରସ୍ଥ ଜଗନ୍ନାଥ ମନ୍ଦିର ଓ ମଦନ ମୋହନ ମନ୍ଦିର, ବାଖରାବାଦସ୍ଥିତ ମହାବୀର ମନ୍ଦିରରେ ରହିଥିବା ଜଗନ୍ନାଥ ମନ୍ଦିର, ଭଣ୍ଡାରୀସାହିସ୍ଥିତ ଜଗନ୍ନାଥ ମନ୍ଦିର ଆଦି ଉଲ୍ଲେଖଯୋଗ୍ୟ।

ସମ୍ପ୍ରତି ତାଙ୍କ ସହ ତାଙ୍କର କନ୍ୟା ଶତାବ୍ଦୀ ତନୟା ମଧ୍ୟ କୌଳିକ ବୃତ୍ତିରେ ଶ୍ରୀଜଗନ୍ନାଥଙ୍କ ରଙ୍ଗସେବା ଆରମ୍ଭ କରିଛନ୍ତି। ଡକ୍ଟର ମହାରଣାଙ୍କ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ମଧ୍ୟରୁ କନ୍ୟାଙ୍କ ଏଭଳି ଯୋଗଦାନରେ ସେ ଅତ୍ୟନ୍ତ ଉଲ୍ଲସିତ ଓ ଏହାକୁ ଏକ ପବିତ୍ର କର୍ମ ବୋଲି ବିବେଚନା କରନ୍ତି। ଶତାବ୍ଦୀ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଇତିହାସ ବିଷୟରେ ସ୍ନାତକ ଡିଗ୍ରୀପ୍ରାପ୍ତ ହେବା ସହ ପରବର୍ତ୍ତୀ ସମୟରେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟରେ ଇତିହାସ ସ୍ନାତକୋତ୍ତର ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ପାଠପଢ଼ାରେ ପାରଦର୍ଶିତା ହାସଲ କରିଥିବା ଶତାବ୍ଦୀ ନିଜ ପରିବାରର ପାରମ୍ପରିକ କୌଳିକ ବୃତ୍ତିରେ ସିଦ୍ଧହସ୍ତ।

### ଠାକୁରଙ୍କୁ କୋଳରେ ଧରି ସଜ କରିଦିଏ

ପିଲାଦିନୁ ବାପାଙ୍କଠାରୁ ମହାପ୍ରଭୁଙ୍କ ନିମନ୍ତେ ଏହି ଦିବ୍ୟ କାର୍ଯ୍ୟ ଶିଖିଛି। ଏହି କାର୍ଯ୍ୟର ଆର୍ଥିକ ଆନନ୍ଦଠାରୁ ଢେର ପରମାର୍ଥିକ ଆନନ୍ଦ ଓ ଶାନ୍ତି ପ୍ରାପ୍ତ ହୋଇଥାଏ। ଠାକୁର ଅସୁସ୍ଥ ସମୟରେ କେହି ତାଙ୍କୁ ଦର୍ଶନ କରିପାରନ୍ତି ନାହିଁ, ସେତେବେଳେ ଆମ୍ଭର ସୌଭାଗ୍ୟ ଯେ ଠାକୁରଙ୍କୁ କୋଳରେ ଧରି ସଜ କରିଦିଏ। ଠାକୁରଙ୍କ ଏହି ରଙ୍ଗସେବା ମଧ୍ୟ ଏକ ଗୁପ୍ତସେବା ଛଡ଼ା ଅନ୍ୟକିଛି ନୁହେଁ। ସବୁବେଳେ ଠାକୁରଙ୍କୁ ପ୍ରାର୍ଥନା କରେ ମୋତେ ଜନ୍ମଜନ୍ମାନ୍ତରରେ ଚିତ୍ରକର କରି ତାଙ୍କର ସେବା କରିବାର ସୌଭାଗ୍ୟ ପ୍ରଦାନ କରୁଥାନ୍ତୁ।

**–ଡକ୍ଟର ରବିନାରାୟଣ ମହାରଣା, ଚିତ୍ରକର ସାହି, ଦରଘାବଜାର**

### ବାପାଙ୍କ କାମକୁ ଦେଖି ଶିଖିଛି

ରଥଯାତ୍ରା ଆସିଲେ ସ୍ନାନ ପୂର୍ଣ୍ଣିମାଠାରୁ ବିଜୟ ଅମାବାସ୍ୟା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ରଙ୍ଗକାମରେ ବାବା ବ୍ୟସ୍ତ ରହୁଥିବା ଲକ୍ଷ୍ୟ କରିଛି। ପିଲାଦିନୁ ସେଥିରୁ ଅନେକ ପରିମାଣରେ ଆଗ୍ରହ ପାଇଛି। ଏହି ଚିତ୍ରକଳା ପାଇଁ କାହାଠାରୁ ତାଲିମ ଗ୍ରହଣ କରିନାହିଁ। ଯାହା ଶିଖିଛି ବାପାଙ୍କ କାମକୁ ଦେଖି ଶିଖିଛି। ଆଧୁନିକ ସମୟରେ ନେଟ୍ ମାଧ୍ୟମରୁ ମଧ୍ୟ କିଛି ଦେଖିକି କରୁଛି। ପ୍ରଥମେ ବାବାଙ୍କୁ ସାହାଯ୍ୟ କରିବାକୁ ଯାଇ ମନ୍ଦିରରେ ଠାକୁରଙ୍କ ରଙ୍ଗକାମ କରିଛି। କିନ୍ତୁ ପରବର୍ତ୍ତୀ କାଳରେ ଠାକୁରଙ୍କୁ ରଙ୍ଗ କଲାବେଳେ ନିଜ ମଧ୍ୟରେ ଏକପ୍ରକାର ଅଭୂତପୂର୍ବ ଶିହରଣ ଅନୁଭବ କରିଛି।

**–ଶତାବ୍ଦୀ ତନୟା, ଚିତ୍ରକର ସାହି, ଦରଘାବଜାର**

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନନ୍ତ



@ ନିତ୍ୟାଶା



@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଅନନ୍ତ ଅମ୍ବାନୀଙ୍କ ବାହାଘରରେ ଯୋଗଦେବେ ଶ୍ରୀମନ୍ଦିର ସେବାୟତ

### ଆସିଲା ନିମନ୍ତ୍ରଣ

ପୁରୀ, ୩।୭(ଅଜିତ୍ କୁମାର ମହାନ୍ତି)

ଆଉକିଛି ଦିନ ପରେ ଦେଶର ଏକ ନମ୍ବର ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀଙ୍କ ବିବାହ ଅନୁଷ୍ଠିତ ହେବ। ତେବେ ଏହି ବିବାହରେ ଯୋଗ ଦେବାକୁ ମହାପ୍ରଭୁଙ୍କ ସେବକଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ଆସିଛି। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଦୁଇତିନି ଥର ଆସିବା ସମୟରେ ଅମ୍ବାନୀଙ୍କ ସହ ପରିଚାଳନା କମିଟି ସଦସ୍ୟ ତଥା ସିଂହାରୀ ସେବାୟତ ଜଗନ୍ନାଥ କରଙ୍କ ପରିଚୟ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ସମୟରେ ଅନନ୍ତ ଅମ୍ବାନୀ ମୌଖିକ ଭାବରେ ବାହାଘର ପାଇଁ ଡାକିଥିବା ବେଳେ ଏବେ ବିଧିବଦ୍ଧ ଭାବରେ ଜଗନ୍ନାଥ କରଙ୍କୁ ବାହାଘରରେ ଯୋଗ ଦେବାକୁ ନିମନ୍ତ୍ରଣ ପଠାଇଛନ୍ତି। ଏନେଇ ପରିଚାଳନା କମିଟିର ସଦସ୍ୟ ତଥା ସେବାୟତ ଜଗନ୍ନାଥ କର କହିଛନ୍ତି, ଅନନ୍ତ ଅମ୍ବାନୀ ମହାପ୍ରଭୁଙ୍କ ଜଣେ ବଡ଼ ଭକ୍ତ। ଶ୍ରୀମନ୍ଦିର ଗସ୍ତ ସମୟରେ ତାଙ୍କ ସହ ମିଶିବାର ସୁଯୋଗ ମିଳିଥିଲା। ଅନୁରୋଧ ରକ୍ଷା କରି ମହାପ୍ରଭୁଙ୍କ ଶ୍ରୀମନ୍ଦିର ପାଇଁ ସେ ରୁପା କବାଟ ଦାନ କରିଥିଲେ। ତେବେ ଅନନ୍ତ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ସମୟରେ ତାଙ୍କ ବାହାଘରରେ ଯୋଗଦାନ କରିବାକୁ କହିଥିଲେ। ଏପରିକି ଫୋନ ଯୋଗେ ମଧ୍ୟ ତାଙ୍କ ସହ ଯୋଗାଯୋଗ ରହିଥିଲା। ଏବେ ଅମ୍ବାନୀ ପରିବାର ପକ୍ଷରୁ ବାହାଘର ନିମନ୍ତ୍ରଣ ପତ୍ର ଆସିବା ଗର୍ବର ବିଷୟ। ତେବେ ମହାପ୍ରଭୁଙ୍କ କାମ ଆଗ। ଚଳିତ ବର୍ଷ ମହାପ୍ରଭୁଙ୍କ ଦୁର୍ଲଭ ତଥା ବିରଳ ରଥଯାତ୍ରା ପଡୁଛି। ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ। ବିରାମ ଦେଖି ବାହାଘରରେ ଯୋଗ ଦେବାକୁ ନିଶ୍ଚୟ ଚେଷ୍ଟା କରିବି। ବିବାହ ପରେ ନବବଧୂଙ୍କୁ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଅନୁରୋଧ କରିଥିଲି। ଦୁଇଜଣ ଆସି ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କର କହିଛନ୍ତି।

# ବଡ଼ଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ଯାଏ ହେବନି ସ୍ଥାୟୀ ନିର୍ମାଣ: ହାଇକୋର୍ଟ

## ପୁରୀ ପୌରସଂସ୍ଥାର ଅସ୍ଥାୟୀ ଷ୍ଟଲ୍ ଟେଣ୍ଡର ଆହ୍ୱାନ ବିରୋଧରେ ମାମଲା

କଟକ,୩।୭ (କାର୍ତ୍ତିକ ସାହୁ)

ପୁରୀ ବଡ଼ଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ଯାଏ ମୁଖ୍ୟ ରାସ୍ତା ପାର୍ଶ୍ୱରେ କୌଣସି ସ୍ଥାୟୀ ନିର୍ମାଣ ହେବ ନାହିଁ। ଏପରି କି ବ୍ୟବସାୟିକ ଉଦ୍ଦେଶ୍ୟରେ କୌଣସି ଅସ୍ଥାୟୀ ନିର୍ମାଣ ପାଇଁ ମଧ୍ୟ ଅନୁମତି ମିଳିବ ନାହିଁ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ପୁରୀ ପୌରସଂସ୍ଥାକୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ପୌରସଂସ୍ଥା ପକ୍ଷରୁ ଅସ୍ଥାୟୀ ଷ୍ଟଲ୍ ଖୋଲିବା ଲାଗି ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ରଜତ କୁମାର ସାହୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ପୁରୀକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଥିବାରୁ ଏହା ପାର୍ଶ୍ୱରେ କୌଣସି ନିର୍ମାଣ କାର୍ଯ୍ୟ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ ପଡ଼ିପାରେ। ରାଜପଥ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅସ୍ଥାୟୀ ନିର୍ମାଣ ବା ବ୍ୟବସାୟିକ ଷ୍ଟଲ ଖୋଲାଯାଇପାରିବ ନାହିଁ ବୋଲି ନିୟମ ରହିଥିବା ଆବେଦନକାରୀ ପିଟିଶନ୍‌ରେ ଦର୍ଶାଇଥିଲେ। ତେବେ ଏହି ମାମଲାରେ ପକ୍ଷ ରଖିବାକୁ ଯାଇ ପୁରୀ ପୌରସଂସ୍ଥା ପକ୍ଷରୁ ମଙ୍ଗଳବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇ କୌଣସି ପ୍ରକାର ଅସ୍ଥାୟୀ ଷ୍ଟଲ ନିର୍ମାଣ କରାଯିବ ନାହିଁ ବୋଲି ଦର୍ଶାଯାଇଥିଲା। ହାଇକୋର୍ଟ ଉକ୍ତ ସତ୍ୟପାଠକୁ ଗ୍ରହଣ କରି ଉପରୋକ୍ତ ଆଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

# ଆବାସିକ ବିଦ୍ୟାଳୟରେ ଛାତ୍ର ମୃତ୍ୟୁକୁ ନେଇ ଉତ୍ତେଜନା

- ପୋଖରୀରୁ ମିଳିଲା ମୃତଦେହ
- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଚମ୍ପୁଆ,୩।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ଜଜପଶି ପଞ୍ଚାୟତର କଙ୍କଡ଼ା ଗ୍ରାମରେ ଥିବା ଆବାସିକ ବିଦ୍ୟାଳୟ ଆଦର୍ଶ ଗୋପବନ୍ଧୁ ଶିକ୍ଷାଶ୍ରମରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁକୁ ନେଇ ମଙ୍ଗଳବାର ଉତ୍ତେଜନା ଦେଖାଦେଇଛି। ଛାତ୍ରଙ୍କ ମୃତଦେହ ଏକ ପୋଖରୀରୁ ମିଳିଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ମୃତ ଛାତ୍ର ହେଲେ କାଞ୍ଜିପାଣି ଥାନା ଅଧୀନ ଗୋନାସିକା ଗ୍ରାମର ଦୀପକ କୁମାର ମହାନ୍ତ। ତାଙ୍କ ମୃତଦେହ ବିଦ୍ୟାଳୟ ନିକଟ ଏକ ପୋଖରୀରୁ




ଆଦର୍ଶ ଗୋପବନ୍ଧୁ ଶିକ୍ଷାଶ୍ରମ ଆଗରେ ଲୋକଙ୍କ ଭିଡ଼।

ମିଳିଥିବା ବେଳେ ଦେହରେ ଗଭୀର କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ପକ୍ଷରୁ ମୃତଦେହ ପୋଖରୀରୁ ବାହାର କରାଯାଇ କ୍ୟାମ୍ପସରେ ରଖାଯାଇଥିଲା। ଦୀପକ ପୋଖରୀ ପାଖକୁ କିପରି ଓ କ'ଣ ପାଇଁ ଗଲେ, ସେନେଇ ପ୍ରଶ୍ନ ଉଠୁଥିବା ବେଳେ ସ୍କୁଲ ପକ୍ଷରୁ କାହାରି ପ୍ରତିକ୍ରିୟା ମିଳିପାରି ନାହିଁ। ଏନେଇ ଖବର ପାଇବା ପରେ ଦୀପକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ମୃତ ଦୀପକଙ୍କ ପରିବାର ପକ୍ଷରୁ ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇ ନାହିଁ। ବାରିଆ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩୩/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖବର ଲେଖାହେବା ସୁଦ୍ଧା ସ୍କୁଲ ପରିସରରୁ ମୃତଦେହ ଉଠାଯାଇ ନ ଥିଲା।

# ଦ୍ରୁତ ନ୍ୟାୟ ପାଇଁ ଜାମିନ ଅବଧିକୁ ସୀମିତ କରିବା 'ଭୁଲ୍'

## ଓଡ଼ିଶା ହାଇକୋର୍ଟଙ୍କ ୨ମାସ ଜାମିନ ପ୍ରଦାନ ପ୍ରସଙ୍ଗ

ନୂଆଦିଲ୍ଲୀ, ୩।୭(ପି.ଟି.)

ସମ୍ବିଧାନରେ ନାଗରିକମାନଙ୍କ ବଞ୍ଚିବାର ଅଧିକାର (ରାଇଟ ଟୁ ଲାଇଫ୍ ଆଣ୍ଡ ପର୍ସନାଲ ଲିବର୍ଟି) କୁ ସୁରକ୍ଷିତ କରାଯିବା ସହ ମାମଲାର ଦ୍ରୁତ ବିଚାର ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ କୌଣସି ଜାମିନ ଅବଧିକୁ ସୀମିତ ବା ସଙ୍କୁଚିତ କରିବା ଠିକ୍ ନୁହେଁ। ଏହା ଭୁଲ୍ ବା ଇନ୍‌କରେକ୍ଟ ବୋଲି ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି କରି କହିଛନ୍ତି। ନିଶା ଦ୍ରବ୍ୟ କାରବାର ମାମଲାରେ ଛନ୍ଦି ହୋଇଥିବା ଜଣେ ଅଭିଯୁକ୍ତଙ୍କୁ ଓଡ଼ିଶା ହାଇକୋର୍ଟ ୨ମାସ ଜାମିନ ପ୍ରଦାନ କରିବା ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ଏଭଳି ମନ୍ତବ୍ୟ ଦେଇଛନ୍ତି।

ସୁପ୍ରିମକୋର୍ଟ ବିଚାରପତି ଜେ.ବି. ପର୍ଡିୱାଲା ଏବଂ ଉଜ୍ଜଲ୍ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ, ଆବେଦନକାରୀ ୨୦୨୨ ମେ' ୧୧ରୁ ଜେଲରେ ଅଛନ୍ତି। ଏହି ମାମଲାରେ ଇତିମଧ୍ୟରେ ଜଣେମାତ୍ର ସାକ୍ଷୀଙ୍କୁ ପୋଲିସ ଜେରା କରିଛି। ତେଣୁ ସେ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ଉକ୍ତ ଯୁକ୍ତିକୁ ଭିତ୍ତି କରି ଗତ ମେ' ୬ତାରିଖରେ ଆବେଦନକାରୀଙ୍କୁ ମାତ୍ର ୨ମାସ ଜାମିନ ପ୍ରଦାନ କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଆମ ମତରେ ହାଇକୋର୍ଟଙ୍କ ଏଭଳି ଆଦେଶ ଠିକ୍ ନୁହେଁ। ହାଇକୋର୍ଟ ଯଦି ମାମଲାର ଦ୍ରୁତ ସାମାଧାନ ପାଇଁ ଆବେଦନକାରୀଙ୍କ ଅଧିକାର ରହିଛି ବୋଲି ଭାବୁଛନ୍ତି, ତେବେ ଆବେଦନକାରୀଙ୍କ ଜାମିନ ଅବଧିକୁ ୨ମାସ ମଧ୍ୟରେ ସୀମିତ କରିବା ଠିକ୍ ନୁହେଁ। ଏଥିସହିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ଜାମିନରେ ରହିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ପୁନରୁଦ୍ଧାର ହେବ ସମାଜ କଲ୍ୟାଣ ବୋର୍ଡ: ପ୍ରଭାତୀ

## ମହିଳା ଶିଶୁ ପ୍ରତିଷ୍ଠାନରେ ବ୍ୟାଡ୍‌ମିଣ୍ଟନ୍, ଭଲିବଲ କୋର୍ଟ, ଯୋଗ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୩।୭ (ଅସମାପିକା ସାହୁ)

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଶିଶୁ ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ପ୍ରତିଷ୍ଠାନ ପରିସରରେ ଜାମୁ ଓ ଅଁଳା ଚାରା ରୋପଣ କରି ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ 'ଏକ ପେଡ୍ ମାକେ ନାମ' ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆସନ୍ତା ୫୦ ବର୍ଷର ଭବିଷ୍ୟତକୁ ଦୃଷ୍ଟିରେ ରଖି ନିଜ ମା'ଙ୍କ ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିବାକୁ ପରିଡ଼ା ଆହ୍ୱାନ ଦେଇଛନ୍ତି। ବରଗଛର ଉପକାରିତା ସମ୍ପର୍କରେ କହିବା ସହ ସାମାଜିକ ଅନୁଷ୍ଠାନଗୁଡ଼ିକୁ ଅଧିକରୁ ଅଧିକ ବରଗଛ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି। ପରେ ଉପମୁଖ୍ୟମନ୍ତ୍ରୀ ସେଠାରେ ଆୟୋଜିତ ଅଣସରକାରୀ ସଂଗଠନ ପରାମର୍ଶଦାତା ମଣ୍ଡଳୀ ବୈଠକରେ ଅଧକ୍ଷତା କରି ରାଜ୍ୟ ସମାଜ କଲ୍ୟାଣ ବୋର୍ଡର ପୁନରୁଦ୍ଧାର ହେବ ବୋଲି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରାଜ୍ୟର ବିକାଶରେ ସମାଜ କଲ୍ୟାଣ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ସରକାର ଓ ସାମାଜିକ ସଂଗଠନର ସହଭାଗିତାରେ ହିଁ ସମାଜ କଲ୍ୟାଣ ବୋର୍ଡକୁ ସୁଦୃଢ଼ ଭାବରେ ପରିଚାଳିତ କରିହେବ। ବୋର୍ଡର ପୁନରୁଦ୍ଧାର ପାଇଁ ପରିଡ଼ା ଅଣସରକାରୀ ବା ସାମାଜିକ ସଂଗଠନଗୁଡ଼ିକର ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପ୍ରତିଷ୍ଠାନ ପରିସରରେ ବ୍ୟାଡମିଣ୍ଟନ୍ ଓ ଭଲିବଲ କୋର୍ଟ ତଥା ଯୋଗ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏପରି ପଦକ୍ଷେପ ପ୍ରତିଷ୍ଠାନରେ ତାଲିମ ନେଉଥିବା ଆଇସିଡିଏସ୍ କାର୍ଯ୍ୟକର୍ତ୍ତା, ସୁପରଭାଇଜର ତଥା ଅଙ୍ଗନୱାଡ଼ି କର୍ମୀଙ୍କ ଦକ୍ଷତା ବିକାଶରେ ସାହାଯ୍ୟ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବିଭିନ୍ନ ଜିଲାରୁ ଆସିଥିବା ସଂଗଠନ ପ୍ରତିନିଧିଙ୍କଠାରୁ ମିଳିଥିବା ମତାମତ ଓ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ସମାଜ କଲ୍ୟାଣ ବୋର୍ଡର ପୁନରୁଦ୍ଧାର ପ୍ରସଙ୍ଗ ନେଇ ଏକ କମିଟି ଦ୍ୱାରା ନିଷ୍ପତ୍ତି ନିଆଯିବ ବୋଲି ଶର୍ମା କହିଥିଲେ। କାର୍ଯ୍ୟକ୍ରମରେ ଆଇସିଡିଏସ୍ ଓ ସମାଜ କଲ୍ୟାଣ ବୋର୍ଡର ନିର୍ଦ୍ଦେଶକ ମୋନିଶା ବାନାର୍ଜୀ, ବିଭାଗର ବରିଷ୍ଠ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ପରିସରରେ ବ୍ୟାଡ୍‌ମିଣ୍ଟନ୍ ଖେଳୁଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

# ଶିଶୁ ମୃତ୍ୟୁ ଘଟଣାର ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

କୋରାପୁଟ/ ନାରାୟଣପାଟଣା, ୩।୭ (ଅମିତାଭ ବେହେରା/ ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣାରେ ଶିଶୁ ମୃତ୍ୟୁ ଘଟଣାରେ ବୁଧବାର କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ନାରାୟଣପାଟଣା ବ୍ଲକ୍‌ର ବିଭିନ୍ନ ଗ୍ରାମ ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡାକ୍ତର ଆରୁଷୀ ଘାଇଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ଡାକ୍ତର ଏମ୍. ସତ୍ୟଜିତ ସୁବୁଦ୍ଧି ଓ ଡାକ୍ତର ଆରତି ନାରେଡା ଅଛନ୍ତି। ଟିମ୍ ପୂର୍ବାହ୍ନରେ ନାରାୟଣପାଟଣାରେ ପହଞ୍ଚି ସେଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ବାବୁଲା ବାଘଙ୍କ ସହ ଶିଶୁରୋଗ ନେଇ ବର୍ତ୍ତମାନ ରହିଥିବା ସ୍ଥିତି ଉପରେ ଆଲୋଚନା କରି ଗତ ଦିନରେ ଏହି ବ୍ଲକ୍‌ରେ ମୃତ୍ୟୁ ଘଟିଥିବା ୭ ଶିଶୁଙ୍କ ମୃତ୍ୟୁର ପ୍ରକୃତ କାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଶିଶୁ ମୃତ୍ୟୁ ହୋଇଥିବା ଗୋଡିଗୁଡ଼ା, ବିକ୍ରମପୁର, ଜାମିଡିବାଲସା ଗ୍ରାମ ପରିଦର୍ଶନକରି କେନ୍ଦ୍ରୀୟ ଟିମ୍ ମୃତ ଶିଶୁଙ୍କ ପରିବାର ସଦସ୍ୟ, ଗ୍ରାମ କଲ୍ୟାଣ ସମିତି ସଦସ୍ୟ, ଗ୍ରାମବାସୀ ଓ ମେଡିକାଲ କର୍ମଚାରୀଙ୍କ ସହ ଆଲୋଚନା କରିଥିବା ଜିଲା ଏଡିପିଏଚ୍‌ଓ ଡାକ୍ତର ମୁକ୍ତିକାନ୍ତ ଖଟୁଆ କହିଛନ୍ତି।

# ବୋମା ଭିଡ଼ିବାବେଳେ ବିସ୍ଫୋରଣ, ୩ ଗୁରୁତର



ଧନେଶ୍ୱର ପାଗଡ଼



ସିଦ୍ଧେଶ୍ୱର ପାଗଡ



ଓମ୍ ପ୍ରକାଶ ଜେନା

## ବେଆଇନ ବାଣ କାରବାର

ରସୁଲପୁର,୩।୭(ରଂଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଖୋସାଲପୁର ଗ୍ରାମରେ ବୋମା ଭିଡୁଥିବାବେଳେ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ନାବାଳକଙ୍କ ସହ ମୋଟ୍ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଧନେଶ୍ୱର ପାଗଡ଼(୫୦), ସିଦ୍ଧେଶ୍ୱର ପାଗଡ(୨୫) ଓ ନାବାଳକ ଓମ୍ ପ୍ରକାଶ ଜେନା(୧୫)। ସେମାନଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୋଲିସ ଡାକ୍ତରଖାନା ଓ ବେଆଇନ ବାଣ ପ୍ରସ୍ତୁତକାରୀଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିବାହ ଋତୁକୁ ଦୃଷ୍ଟିରେ ରଖି ବିନା ଲାଇସେନ୍ସରେ ବାସସ୍ଥଳୀରେ ଏମାନେ ବେଆଇନ ବାଣ ଭିଡୁଥିବା ବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ବାଣର ବାରୁଦ ଓ ନିଆଁ ଝୁଲ ଛିଟିକି ପଡ଼ିବାରୁ ବାଣ ପ୍ରସ୍ତୁତ ଚାଲିଥିବା ଘରେ ଏକାଧିକ ବୋମା ଫୁଟିବାକୁ ଲାଗିଥିଲା। ଫଳରେ ବାଣ ଭିଡ଼ିବାରେ ନିୟୋଜିତ ଲୋକେ ହଠାତ୍ ଘରୁ ବାହାରକୁ ବାହାରିବା ସମ୍ଭବ ହୋଇ ନ ଥିଲା। ବାଣ ଫୁଟିବା ଶବ୍ଦଶୁଣି ସ୍ଥାନୀୟ ଲୋକେ ଦୌଡି ଆସି ଦେଖିବା ବେଳକୁ ଘରେ ୩ଜଣ ପଡ଼ି ଚିତ୍କାର କରୁଛନ୍ତି। ପରେ ସେମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ତଦନ୍ତ ବେଳେ ବାରୁଦ, ରଞ୍ଜକ, ବାଣି ଓ ବାଣ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ଅନ୍ୟାନ୍ୟ ସାମଗ୍ରୀ ଜବତ କରିବାରେ ବିଫଳ ହୋଇଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି।

# ଫରେଷ୍ଟର, ଗାର୍ଡ ନିଲମ୍ବିତ

ଛେଣ୍ଡିପଦା,୩।୭(ଅଜିତ ଧଳ)

ଅନୁଗୋଳ ବନଖଣ୍ଡ ଅଧୀନ ଜରପଡ଼ା ବନାଞ୍ଚଳର ପରା ସଂରକ୍ଷିତ ଜଙ୍ଗଲସ୍ଥିତ ମାଙ୍କଡ଼କନ୍ଦା ନାଳରୁ ଏକ ଦନ୍ତାହାତୀର ଗଳିତ ମୃତଦେହ ଜବତ କରାଯିବା ଘଟଣାରେ ବୁଧବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ପରା ବିଟ୍ ଦାୟିତ୍ୱରେ ଥିବା ଫରେଷ୍ଟର ଦୁଃଖବନ୍ଧୁ ନାଏକ ଏବଂ ଗାର୍ଡ ମନୋଜ କୁମାର ନାଏକଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ ହାତୀଦାନ୍ତ ଚୋରି ଅଭିଯୋଗରେ ରୋଡସିଙ୍ଗା ଗ୍ରାମର ରୋହିତ ବେହେରାଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୨ଟି ହାତୀ ଦାନ୍ତ ଜବତ କରାଯାଇଥିବା ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତିଶ କୁମାର ସୂଚନା ଦେଇଛନ୍ତି।

# ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ସ୍ଥିତି ସମୀକ୍ଷାକଲେ ମନ୍ତ୍ରୀ

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ସ୍ଥିତି ନେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରିଛନ୍ତି। ଏଥିରେ ମନ୍ତ୍ରୀ ପାତ୍ର ବିଭିନ୍ନ ଅତ୍ୟାବଶ୍ୟକ ଦ୍ରବ୍ୟ ଯଥା– ଆଳୁ, ପିଆଜ, ବିଭିନ୍ନ ପ୍ରକାର ଡାଲି ଓ ତେଲ ଆଦିର ଦର ଏବଂ ଅନ୍ୟ ରାଜ୍ୟର ସ୍ଥିତି ନେଇ ବରିଷ୍ଠ ଅଧିକାରୀମାନଙ୍କଠାରୁ ବିସ୍ତୃତ ତାଲିକା ମାଗିଥିଲେ। ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କୁ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସ୍ଥିତି ସେତେଟା ଉଦ୍‌ବେଗଜନକ ନାହିଁ । ଅନ୍ୟ ରାଜ୍ୟ ତଥା ବଡ଼ ବଡ଼ ସହର, ଏପରିକି ଜାତୀୟ ହାର ତୁଳନାରେ ଆମ ରାଜ୍ୟରେ ଆଳୁ, ପିଆଜ, ଡାଲି, ତେଲ ଆଦି ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ କମ୍ ରହିଛି । ଏହାସହ ଅତ୍ୟାବଶ୍ୟକ ଦ୍ରବ୍ୟ ନିମନ୍ତେ ଓଡ଼ିଶା ଏବେ ମଧ୍ୟ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ସେଠାରେ ଏହିସବୁ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଘଟୁଥିବାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ପଡୁଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଆନୁପାତିକ ଭାବେ ଦେଖିଲେ ଆମ ରାଜ୍ୟରେ ସ୍ଥିତି ସେତେଟା ଖରାପ ନ ଥିଲେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ କଳାବଜାର ତଥା ଅସାଧୁ ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ମନ୍ତ୍ରୀ ପାତ୍ର ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଦିତ୍ୟ ମାଢ଼ୀଙ୍କ ମରଶରୀରକୁ ଭାଜପା କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

ମାଲକାନଗିରିର ପୂର୍ବତନ ବିଧାୟକ ତଥା ରାଜ୍ୟ ରାଜନୀତିର ଜଣେ ପରିଚିତ ଚେହେରା ଆଦିତ୍ୟ ମାଢ଼ୀଙ୍କ ବିୟୋଗରେ ରାଜ୍ୟ ଭାଜପା ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ସାରା ଓଡ଼ିଶା ସମେତ ମାଲକାନଗିରିବାସୀଙ୍କ ସ୍ୱାର୍ଥ ପାଇଁ ସଦା ଚିନ୍ତିତ ଓ କାର୍ଯ୍ୟ କରୁଥିବା ସ୍ୱର୍ଗତ ମାଢ଼ୀଙ୍କ ଅକାଳ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ ଏବଂ ଭାଜପା ପରିବାର ପାଇଁ ଅପୂରଣୀୟ କ୍ଷତି। ତୃଣମୂଳସ୍ତରରେ ଦଳର ସାଙ୍ଗଠନିକ କାର୍ଯ୍ୟକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ। ସ୍ୱର୍ଗତ ମାଢ଼ୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ମନମୋହନ ସାମଲ ପ୍ରାର୍ଥନା କରିଛନ୍ତି। ସ୍ୱର୍ଗତ ମାଢ଼ୀ ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୫୧ ବର୍ଷରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମାଢ଼ୀଙ୍କ ଏମ୍ସ ହସ୍ପିଟାଲରେ ମୃତ୍ୟୁ ସମୟରେ ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟାଳୟରେ ତାଙ୍କ ପାର୍ଥିବ ଶରୀରରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦଳୀୟ ପତାକା ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, କ୍ରୀଡ଼ାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସ୍ୱର୍ଗତ ମାଢ଼ୀଙ୍କ ପାର୍ଥିବ ଶରୀରକୁ ତାଙ୍କ ଜନ୍ମସ୍ଥାନ ମାଲକାନଗିରି ଜିଲାକୁ ଅଣାଯାଇ ଶେଷକୃତ ସମ୍ପନ୍ନ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।




**OFFICE OF THE SUPERINTENDENT C.H.C. NAIKENPALI, SUBARNAPUR**

**TENDER CALL NOTICE FOR HIRING OF VEHICLE**

No. E-90: Sealed quotations are invited from Travel Agencies/ Transporters/Tour Operator/Individuals/Private Organization/NGOs situated for supply of vehicle on monthly hiring basis to be used in NAIKENPALI CHC. Last date for submitting the documents is 18.07.2024 by Regd. Post/Speed Post/Courier by 2 P.M. and the same will be opened on the same day 18.07.2024 at 4.00 P.M. For detail information and documents please visit BPMU CHC, NAIKENPALI. The authority has reserve the right to cancel the whole process without any notice.

Sd./- Superintendent C.H.C., Naikenpali, Subarnapur
OIPR-10196/11/0002/2425

**P.G. DEPARTMENT OF ENVIRONMENTAL SCIENCES SAMBALPUR UNIVERSITY, JYOTI VIHAR - 768019, SAMBALPUR, ODISHA**

Letter No. 4/ENS/SERB/24 Date. 02.07.2024

No.CAD-426: Applications are invited from qualified candidates for temporary position of "Project Associate - I" for the SERB-CRG Project funded by Department of Science and Technology, Govt. of India. The details of the advertisement can be obtained from the undersigned during office hour or may visit Sambalpur University Website (www.suniv.ac.in).

Sd./- Principal Investigator
SERB-CRG Project
OIPR-11145/11/0003/2425

**OFFICE OF THE COLLECTOR & DISTRICT MAGISTRATE**

Advt. No - Date :

**TENDER / QUOTATION CALL NOTICE FOR AWARD OF CONTRACT FOR PROVIDING VARIOUS SUPPORT SERVICES ON OUTSOURCING BASIS IN KENDRAPARA DISTRICT**

No.F-15: Sealed Tender / Quotation in prescribed format under two bid systems are invited from intending registered firms / out-sourcing agencis for providing support services on outsourcing basis in offices under the administrative control of the Collectorate, Kendrapara. The tender / quotation document containing detail information, terms & conditions etc. may be downloaded from the District website www.kendrapara.nic.in. The tender/quotation should reach in the Office of the Collector & District Magistrate (Establishment Section). At/Po/PS/Dist - Kendrapara, PIN-754211, Odisha through Speed post/Regd. post/ Courier by 15.07.2024 till 5 PM. The undersigned reserves the right to reject any or all Tender / Quotation without assigning any reason thereof.

OIPR-24040/11/0001/2425 Sd./- Collector & DM, Kendrapara

**OFFICE OF THE DIRECTOR GENERAL OF POLICE, ODISHA, CUTTACK**

DETAILS OF THE TERMS OF EMPLOYMENT, REMUNERATION, PLACE OF POSTING, APPLICATION FORM, ETC FOR ENGAGEMENT OF LEGAL ADVISORS ON CONTRACTUAL BASIS

No.D-82: Applications are invited from the Retired Districts Judges / Addl. Districts Judges / Public Prosecutors / Addl. Public prosecutors for engagement on a reemployment basis as Legal advisors, in the Office of the Director General of Police, Odisha, Cuttack on a contractual basis to render legal advice / opinion in various Court cases, service matters and other issues / matters etc. with the following stipulations with reference to Home Department letter No. 11284/D&A dt. 30.03.2024.

i. The age of the candidate should be below 65 years as on 01.08.2024.
ii. Should be able to read, write, and speak in Odia language.
iii. The engagements shall be made in a transparent manner for one year initially.
iv. The performance of the Legal Advisor is to be reviewed periodically and documented, at least once in a quarter.
v. Continuance of the system of legal Advisors after the 1st year would be considered after assessment of the impact of the new system in improving the quality of investigation.
vi. After an initial engagement of one year, the same should be renewed based on satisfactory performance.
vii. Their monthly remuneration is to be fixed on a case-to-case basis as per Finance Department Office Memorandum No. 7022/F dt.17.03.2018 and Office Memorandum No. 24533/F dt. 29.09.2022.

Candidates interested to serve at Cuttack only shall apply to the Director General of Police, Odisha, Cuttack in the given form by e-mail or registered post, which should reach the office on or before 10.08.2024 positively. The selection will be governed by the procedure and rules laid down vide Govt. of Odisha, G.A Department Resolution No. 23750/Gen. dt. 27.08.2014 and Home Department Letter No. 22228/D&A dt. 25.06.2016.

Details of the postal address of the Office of Director General of Police, email, Applicatrion Form and relevant Govt. orders cited above are available on the Odisha Police website : www.odishapolice.gov.in.

Sd./- Addl. D.G. of Police (Hdqrs.)
Odisha, Cuttack
OIPR-12029/11/0011/2425

**NANDANKANAN**

Web:www.nandankanan.org

**DEPUTY DIRECTOR NANDANKANAN ZOOLOGICAL PARK**

Po.Barang, Dist-Khurda, Pin-754005, Phone:(M) 9437022023
Email:deputydirector.kanan@gmail.com

No.MM-63: **e-PROCUREMENT NOTICE**

Bid Identification No.DD-NKN 19/PMU/NKZP-2024-25, Dt.02.07.2024

| | | | |
|---|---|---|---|
| 1 | Name of the Work | : | Tender for Construction of Hog Deer Enclosure under North East Panorama and its allied works at Nandankanan Zoological Park for the year 2024-2025 |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 02.07.2024 |
| 4 | Class of Contractor | : | 'B' Class Contractor |
| 5 | Last date for receipt of bids in the portal | : | 11.07.2024 |
| 6 | Date of Opening of Technical Bid (Cover-I) | : | 12.07.2024 |
| 7 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist-Khordha, Pin-754005 |

Further details can be seen from the e-Procurement portal https//tenderodisha.gov.in.

Sd./- Deputy Director
Nandankanan Zoological Park
OIPR-08070/11/0002/2425

**DISTRICT PROJECT OFFICE, SMAGRA SHIKSHA, MAYURBHANJ**

Murgabadi, Baripada, Mayurbhanj, Odisha, Pin-757002
No. 1327 / Dt. 02.07.2024

**TENDER CALL NOTICE**

No.n-30: sealed tenders under two bid system are invited in prescribed format from the intending registered Offset Printers / Firms having valid PAN, GST, Registration certificate & experience in printing of text books with TBPM-BBSR/DPO, Samagra Shiksha for printing & supply of Tribal Language Text Books for Samagra Shiksha, Mayurbhanj for the session 2024-25, on payment of Rs. 5000/- (Rupees five thousand) only as tender application cost. The tender paper/bid document containing details specification with term and condition in two part bidding system (application of technical bid in Part-A & application of finance bid in Part-B) which can be download in website www.osepa.odisha.gov.in & mayurbhanj.odisha.gov.in. The last date of receipt of sealed application is on 18.07.2024 up to 5:00 PM through registered/Speed post only and the same will be opened on 19.07.2024 at 4:00 PM.

The Printers/Firms who have applied tender as per this office Tender call notice No.1556, dtd.10.06.2024 are requested not to apply the same again.

Sd./- Collector-cum-Chairman
samagra Shiksha, Mayurbhanj
OIPR-27140/11/0002/2425

# କୁସୁମା ବଙ୍ଗଳାର ତଦନ୍ତ ହେବ

■ବେଆଇନ ନିର୍ମାଣ କରି ମଉଜ ମଜଲିସ ଚାଲିଥିଲା:କଂଗ୍ରେସ, ଭାଜପା

■କୁସୁମା ବିରୋଧରେ ଆରମ୍ଭରୁ ଲାଗିଥିଲେ: ବିଜେଡି



ଯାଜପୁର,୩।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସହରର କୁସୁମା ପୋଖରୀ ପରିସରରେ ୨ ମହଲା ବିଶିଷ୍ଟ ୯ଟି କଟେଜ ନିର୍ମାଣର ରହସ୍ୟକୁ ନେଇ ଚର୍ଚ୍ଚା ବଢିବାରେ ଲାଗିଛି। ବୁଧବାର ଯାଜପୁର ଜିଲାପାଳ ନିଖିଲ ପବନ କଲ୍ୟାଣ ଏହି କାର୍ଯ୍ୟର ସ୍ୱଚ୍ଛତା ଓ ବୈଧତାର ତଦନ୍ତ କରାଯିବ ବୋଲି ସୂଚନା ଦେବା ପରେ ବିବାଦ ଆରମ୍ଭ ହୋଇଛି। ପ୍ରଶାସନିକ ତଦନ୍ତରେ ସ୍ୱଚ୍ଛତା ରହିଲେ ଶିଶୁ ଉଦ୍ୟାନକୁ ଭାଙ୍ଗି କାହିଁକି ବିପୁଳ ଟଙ୍କାରେ ଆଲିସାନ୍ ବଙ୍ଗଳା ନିର୍ମାଣ ହେଲା, ଜନସାଧାରଣଙ୍କ ପାଇଁ ତାହା କାହିଁକି ବ୍ୟବହାର କରାଗଲା ନାହିଁ, ଇତିମଧ୍ୟରେ ସେଠାରେ କ'ଣ ଚାଲିଥିଲା ଆଦି ପ୍ରଶ୍ନ ଉଙ୍କି ମାରିଛି। ଏପରିକି କୌଣସି ସରକାରୀ ଅଧିକାରୀ ଏହି ଆଲିସାନ ବଙ୍ଗଳା ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେଇପାରୁନାହାନ୍ତି। ଅନ୍ୟପକ୍ଷେ ଭାଜପା ଓ କଂଗ୍ରେସ ନେତୃବର୍ଗ ସରକାରୀ ଅର୍ଥରେ ଆଲିସାନ ବଙ୍ଗଳା ନିର୍ମାଣ କରି ଏଠାରେ ମଉଜ ମଜଲିସ ଚାଲିଥିଲା ବୋଲି ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ୧୧।୮।୨୦୧୬ରେ କୁସୁମା ପୋଖରୀ ପରିସରରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ କଟକ ଜନସ୍ୱାସ୍ଥ୍ୟ ବିଭାଗର ତତ୍କାଳୀନ ଅଧୀକ୍ଷଣ ଯନ୍ତ୍ରୀ ବି.କେ. ସେନାପତି ୨୩ ଲକ୍ଷ ୧୯ ହଜାର ୫୦୦ ଟଙ୍କା ମଞ୍ଜୁର କରିଥିଲେ। ଏଥିପାଇଁ ସେ ପତ୍ରସଂଖ୍ୟା ୨୩୦୬/୧୧।୮।୨୦୧୬ରେ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ସେହିପରି ୨୩୦୫ ପତ୍ରସଂଖ୍ୟାରେ କୁସୁମା ପରିସରରେ ଏକ ପବ୍ଲିକ ଟଏଲେଟ ନିର୍ମାଣ କରିବାକୁ ୨୧ ଲକ୍ଷ ୮୫ ହଜାର ଟଙ୍କା ମଞ୍ଜୁର କରିଥିଲେ। ଏହାବାଦ ୧୨।୧।୨୦୧୭ରେ ଇଡ୍‌କୋ ପକ୍ଷରୁ ଡିଭିଜନାଲ ହେଡ ରାଜକିଶୋର ନାୟକ କୁସୁମା ପୋଖରୀ ନିକଟରେ ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ବ୍ୟୟ ଅଟକଳ ପ୍ରସ୍ତୁତ କରି ଇଡ୍‌କୋର ଚିଫ୍ ଜେନେରାଲ ମ୍ୟାନେଜରଙ୍କୁ ପତ୍ର ଲେଖିଥିଲେ। କୁସୁମା ପୋଖରୀ ନିର୍ମାଣ ଶେଷ ହେବା ପରେ ସେଠାରେ ପାଣି ଫୁଆରା ଲଗେଇବାକୁ ୬ କୋଟି ୬୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଭଳି ଭାବେ ବିଭିନ୍ନ ସମୟରେ ବିପୁଳ ଅର୍ଥ ଏଥିରେ ବିନିଯୋଗ ହୋଇଛି। ଯଦି ଏଠାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେଲା ତେବେ ଜିଲା କ୍ରୀଡା ବିଭାଗକୁ କାହିଁକି ହସ୍ତାନ୍ତର କରାଗଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କୁ ପଚାରିବାରୁ ସେ କହିଛନ୍ତି,କୁସୁମା ପୋଖରୀରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଥିବା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। ତାଙ୍କ ଅଧୀନରେ ସେଭଳି କିଛି ନାହିଁ ବୋଲି କହିଛନ୍ତି। ଜିଲା ଭାଜପା ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା କୁହନ୍ତି, କୁସୁମା ପରିସରରେ ସରକାରୀ ଅର୍ଥରେ ବେଆଇନ ନିର୍ମାଣ କରାଯାଇ ଅନୈତିକ ବ୍ୟବହାର କରାଯାଉଥିଲା। ନିଜର ବ୍ୟକ୍ତିଗତ ସୁଖ ପାଇଁ ଏଭଳି ରଙ୍ଗଶାଳା ନିର୍ମାଣ କରିବା ଅତ୍ୟନ୍ତ ନିନ୍ଦନୀୟ। ସାଧାରଣ ଲୋକ କୁସୁମା ପୋଖରୀ ପ୍ରବେଶ ପାଇଁ ଦେୟ ଦେଉଥିବାବେଳେ ବଡବଡିଆମାନେ ସେଠାରେ ମଉଜ ମଜଲିସ କରୁଥିଲେ। ପୂର୍ବତନ ଏମ୍‌ପି ତଥା କଂଗ୍ରେସ ନେତା ଅଞ୍ଚଳ ଦାସ କହିଛନ୍ତି, ଭୁବନେଶ୍ୱରରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଯେଭଳି ସରକାରୀ ଜମିରେ ମନମାନି କରିଥିଲେ ଅନୁରୂପ ଭାବେ କୁସୁମାରେ ଘଟିଛି। ଏହାର ବିଚାର ବିଭାଗୀୟ କିମ୍ବା ସିବିଆଇ ତଦନ୍ତର ଆବଶ୍ୟକତା ରହିଛି। ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର କୁହନ୍ତି, ନିର୍ମାଣର ଆରମ୍ଭରୁ କୁସୁମା ବିରୋଧରେ କେତେଜଣ ଲୋକ ଲାଗିଛନ୍ତି। ବବିଙ୍କ ଉଦ୍ୟମରେ ଯାଜପୁରର ସର୍ବାଙ୍ଗୀନ ବିକାଶ ହୋଇପାରିଛି। ଯାଜପୁର ସହରରେ କୌଣସି ଅତିଥିଶାଳା ନାହିଁ। ତେଣୁ ଏକ ଅତିଥିଶାଳା ନିର୍ମାଣ କରିବାରେ କ'ଣ ଅସୁବିଧା ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ୫ରେ ସବୁ ଏସ୍‌ପି ଅଫିସ ଘେରାଉ କରିବ କଂଗ୍ରେସ

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

**ସମସ୍ୟା ସମାଧାନ ନ ହେଲେ ଓଡ଼ିଶା ବନ୍ଦ, ଭାଜପା କାର୍ଯ୍ୟାଳୟରେ ପଶିବୁ: ୟାସିର**

ମାଷ୍ଟରକ୍ୟାଣ୍ଟିନ ଛକଠାରେ ଭାଜପା ଯୁବମୋର୍ଚ୍ଚା ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାପରେ ଏବେ ଏହି ଘଟଣା ଆହୁରି ତୀବ୍ର ହେବାକୁ ଯାଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ପରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଯୁବମୋର୍ଚ୍ଚା କର୍ମୀମାନେ ପ୍ରତିବାଦ ସହ ରାହୁଲଙ୍କ ଫଟୋଚିତ୍ରକୁ ଗୋବରମାଡ଼ କରିଥିଲେ। ଏହାପରେ ଉଭୟ ପକ୍ଷର କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷ ଥାନାରେ ପରସ୍ପର ବିରୋଧରେ ଏତଲା ମଧ୍ୟ ଦେଇଛନ୍ତି। ଛାତ୍ର ଓ ଯୁବ କଂଗ୍ରେସ ସଦସ୍ୟମାନେ ଦଳର ବରିଷ୍ଠ ନେତାମାନଙ୍କ ସହ ବୈଠକକରି ଆଗକୁ ଆନ୍ଦୋଳନକୁ ଆଗକୁ ନେବାକୁ ସ୍ଥିର କରିଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆସନ୍ତା ୫ ତାରିଖରେ ରାଜ୍ୟର ସମସ୍ତ ଏସ୍‌ପି ଅଫିସ ଘେରାଉ କରାଯିବ। ଯଦି ଏହି ଘଟଣାରେ ପୋଲିସ କର୍ଣ୍ଣପାତ ନ କରେ ତେବେ ଆଗକୁ ଓଡ଼ିଶା ବନ୍ଦ ଡାକରା ଦେବା ସହ କଂଗ୍ରେସ କର୍ମୀମାନେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପଶିବେ ବୋଲି ସେ କହିଛନ୍ତି। ୟାସିର ଆହୁରି କହିଛନ୍ତି, ରାହୁଲ ପାର୍ଲାମେଣ୍ଟରେ ଦେଇଥିବା ଭାଷଣକୁ ନେଇ ଭାଜପା ଯେପରି ପ୍ରତିବାଦ କଲା ତାହା ନିନ୍ଦନୀୟ। ତୁରନ୍ତ ସେମାନେ କ୍ଷମା ପ୍ରାର୍ଥନା ନ କଲେ ପରିସ୍ଥିତି ଆହୁରି ଜଟିଳ ହେବ। ତେବେ ବୁଧବାର କଂଗ୍ରେସ ଭବନ ଠାରେ ଆୟୋଜିତ ବୈଠକରେ ବରିଷ୍ଠ ନେତାମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ଆହୁରି ଅଭିଯୋଗ କରିଛି, ରାହୁଲଙ୍କ ପାର୍ଲାମେଣ୍ଟ ଭାଷଣକୁ ଭାଜପା ସଦସ୍ୟମାନେ କଦର୍ଥ କରିବାକୁ ଚେଷ୍ଟା କରାଯାଇଛି। ଏଥିସହ ଛାତ୍ର କଂଗ୍ରେସ କର୍ମୀଙ୍କୁ ଯେଉଁମାନେ ଆହତ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେମାନେ ଦାବି କରିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଜ୍ୟ ଅତିଥି ଭବନରେ ଓସ୍‌ୱାସ୍‌ରେ ଫାଇଲ୍ କାମ କରୁଥିବା ବେଳର ଦୃଶ୍ୟ।

# ବିଜେଡି ଅମଳରେ ଦରଦାମ୍ ଥିଲା ଆକାଶ ଛୁଆଁ: ଭାଜପା

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

ଦରଦାମ ନିୟନ୍ତ୍ରଣ କରିବା ପାଇଁ ପ୍ରଳାପ କରୁଥିବା ବିଜେଡି ଗତ ୨୫ ବର୍ଷରେ ଏଥିପାଇଁ କୌଣସି ପଦକ୍ଷେପ ନେଇ ନ ଥିଲା। ଫଳରେ କିଛିବର୍ଷ ହେବ ପରିବା ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଭାଜପା ମାତ୍ର ୨୧ ଦିନ ସରକାର ଗଠନ କରିଥିବା ବେଳେ ରାଜ୍ୟରେ ମୁଦ୍ରାସ୍ଫୀତି ଗତ ୬ ମାସ ହେବ ୭%ରୁ ଅଧିକ ରହିଛି। ବିଜେଡି ଅମଳରେ ଦରଦାମ୍ ଆକାଶ ଛୁଆଁ ଥିଲା। ଖାଲି ସେତିକି ନୁହେଁ, ତତ୍କାଳୀନ ବିଜେଡି ସରକାର କୁନି ପିଲାମାନଙ୍କ ଚାଉଳ ଓ ଡାଲି ସବୁ ଚଳୁ କରିଦେଇଛି। ମଧ୍ୟାହ୍ନଭୋଜନ ଚାଉଳ ଲୁଟ୍ କରି ନିଜର ପକେଟ ଗରମ କରିଛି। ମାତ୍ର ଅଳ୍ପଦିନ ତଳେ ଶାସନଭାର ସମ୍ଭାଳିଥିବା ଭାଜପା ସରକାର ଦରଦାମ ନିୟନ୍ତ୍ରଣ ପାଇଁ ଚେଷ୍ଟା ଚଳାଇଛି ବୋଲି ଭାଜପା ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କସ୍ତୁରୀ କହିଛନ୍ତି, ବିଜେଡି ସରକାର ସମୟରେ ଜଳସେଚନ ବ୍ୟବସ୍ଥା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏନେଇ ଚାଷୀମାନେ ଭଲ ଫସଲ ଉତ୍ପାଦନ କରିପାରୁ ନ ଥିଲେ। ଏପରିକି ଗତ ୨୫ ବର୍ଷ ମଧ୍ୟରେ ଗୋଟିଏ ହେଲେ ବି ଶୀତଳଭଣ୍ଡାର ଖୋଲିପାରିନାହିଁ। ଆଉ ଯେଉଁଠି ଶୀତଳଭଣ୍ଡାର ଥିଲା ସେଗୁଡ଼ିକ ଅଚଳ ହୋଇଯାଇଛି। ଫଳରେ ଆଳୁ, ପିଆଜ ଓ ପରିବା ଆଦି ପୂର୍ବରୁ ସଂରକ୍ଷିତ ରଖାଯାଇ ପାରୁନାହିଁ। ଏଥିପାଇଁ ଦରଦାମ ଦିନ ଦିନକୁ ବଢ଼ି ଚାଲିଛି। ଭାଜପା ସରକାର ଆସିବା ପରେ ଏହି ଅସୁବିଧାକୁ ହୃଦୟଙ୍ଗମକରି ପ୍ରତି ବ୍ଲକ୍‌ରେ ଶୀତଳଭଣ୍ଡାର ଖୋଲିବାକୁ ଯୋଜନା କରିଛି। ଅପରପକ୍ଷେ ମଣ୍ଡିରେ ଚାଷୀଙ୍କ ଧାନ କିଣିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥଲା। ଫଳରେ କଳାବଜାର ବଢ଼ିଚାଲିଥିଲା। ଏଥିଯୋଗୁ ଚାଷୀ ହତାଶ ହେଉଥିବାବେଳେ ଖାଉଟିଙ୍କ ଉପରେ ଏହାର ପ୍ରଭାବ ପଡୁଥିଲା। ଚଳିତ ବର୍ଷ ଅଧିକ ଖରା ହୋଇଥିବାରୁ ଫସଲ ଭଲ ହୋଇପାରିନାହିଁ। ଭାଜପା ସରକାର ଆସିବା ପରେ ବଜାରର ଦରଦାମ ନିୟନ୍ତ୍ରଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି। କଳାବଜାର ଉପରେ ରୋକ ଲଗାଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଗୋଦାମ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କଳାବଜାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଆଜ ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ରରେ ଭାଜପା ସରକାର ୭୧ ହଜାର ଟନ୍ କିଣି ଷ୍ଟକ୍ ରଖିଛନ୍ତି। ଏହି ପିଆଜ ଦର ଯେପରି ଅଧିକ ନ ହେବ ସେଥିପାଇଁ ନାସିକରୁ ପିଆଜ କିଣାଯାଇ ରାଜ୍ୟରେ ଅଧିକ ଷ୍ଟକ୍ ରଖିବାକୁ ବ୍ୟବସ୍ଥା କରାଯାଇଛି। କେନ୍ଦ୍ରରେ ଭାଜପା ସରକାର କୃଷି ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାର ଲାଭ ଓଡ଼ିଶାକୁ ମଧ୍ୟ ମିଳିବ ବୋଲି କସ୍ତୁରୀ କହିଛନ୍ତି।

## ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ନ ହେଲେ ବିଜେଡି ରାସ୍ତାକୁ ଓହ୍ଲାଇବ

ଭୁବନେଶ୍ୱର,୩।୭(ଅନିଲ ଦାସ)

ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିଯାଇଛି। ଡାଲି, ଚାଉଳ, ପନିପରିବା ଦର ଆକାଶଛୁଆଁ ହୋଇଛି। ହେଲେ ଦରଦାମ୍ ନିୟନ୍ତ୍ରଣ ନେଇ ଯୋଗାଣ ମନ୍ତ୍ରୀ ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି। ଦରଦାମ୍ ନିୟନ୍ତ୍ରଣରେ ସରକାର ଅସହାୟତା ପ୍ରକାଶ କରୁଛନ୍ତି। ଯଦି ସରକାର ଦର ବୃଦ୍ଧି ନିୟନ୍ତ୍ରଣ ନ କରନ୍ତି, ତେବେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବୁଧବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ରାଜ୍ୟରେ ପରିବର୍ତ୍ତନ ଓ ସୁଶାସନ ନାରା ଦେଇ ଭାଜପା ସରକାର ଦରଦାମ୍ ଆକାଶଛୁଆଁ କରିଛନ୍ତି। ସାଧାରଣ ଲୋକ ଆଶା କରୁଛନ୍ତି ଭଲ ଖାଇବେ ଓ ଶସ୍ତାରେ ପାଇବେ। ତେଣୁ ଚାଉଳ, ଡାଲି, ପନିପରିବା ଦର ବୃଦ୍ଧିକୁ ରାଜ୍ୟ ସରକାର ନିୟନ୍ତ୍ରଣ କରି ଲୋକଙ୍କୁ ନ୍ୟାୟ ଦିଅନ୍ତୁ। ମନ୍ତ୍ରୀ କହୁଛନ୍ତି ଦରଦାମ୍‌ରେ ସରକାରଙ୍କ ନିୟନ୍ତ୍ରଣ ନାହିଁ, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସାଧାରଣ ଲୋକ ଶସ୍ତାରେ କେମିତି ଜିନିଷ ପାଇବେ, ସେ ବ୍ୟବସ୍ଥା ରାଜ୍ୟ ସରକାର କରନ୍ତୁ ବୋଲି ପ୍ରମିଳା କହିଛନ୍ତି। ସେହିପରି ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଅସାଧୁ ବେପାରୀଙ୍କ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିଚାଲିଛି। ବେଆଇନ ଭାବେ ସାମଗ୍ରୀ ଗଚ୍ଛିତ ରଖୁଥିବାରୁ ଦରଦାମ୍ ବୃଦ୍ଧି ଘଟିଛି। ରାଜ୍ୟରେ ଚାଉଳ ଦର ବଢୁଛି। ଦରବୃଦ୍ଧି ପ୍ରଭାବ ପିଲାଙ୍କ ମଧ୍ୟାହ୍ନଭୋଜନ ଉପରେ ପଡୁଛି ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ଦରଦାମ ନିୟନ୍ତ୍ରଣ ପାଇଁ କି ପଦକ୍ଷେପ ନିଆଯାଇଛି ବୋଲି ବିଜେଡି ପ୍ରଶ୍ନ କରିଛ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ତେଣୁ ଛୋଟ ଇଞ୍ଜିନ ସରକାର ବଡ଼ ଇଞ୍ଜିନର ସହାୟତା ମାଗନ୍ତୁ। ଦରବୃଦ୍ଧି ନିୟନ୍ତ୍ରଣ ନ କଲେ ବିଜେଡି ଆନ୍ଦୋଳନ କରିବ ବୋଲି ଲେଖାଶ୍ରୀ କହିଛନ୍ତି।

# ଓଡ଼ିଆ ଲେଖି ଜାଣି ନ ଥିବାରୁ ସରପଞ୍ଚ ପଦ ଅସିଦ୍ଧ

ମୋହନା, ୩।୭ (ମନ୍ମଥ ମିଶ୍ର)

ଓଡ଼ିଆ ଲେଖି ଜାଣି ନ ଥିବା ଅଭିଯୋଗରେ ସରପଞ୍ଚଙ୍କୁ ଅସିଦ୍ଧ ଘୋଷଣା କରିଛନ୍ତି କୋର୍ଟ। ଗଜପତି ଜିଲା ମୋହନା ବ୍ଲକ୍ ଚାନ୍ଦିପୁଟ ସରପଞ୍ଚ କନକଲତା ପାଲ ଓଡ଼ିଆ ଲେଖି ଜାଣି ନ ଥିବା ନେଇ ତାଙ୍କଠାରୁ ପରାଜିତ ହୋଇଥିବା ପ୍ରାର୍ଥୀ ଲଳିତା ବଡ଼ରଇତ ୨୦୨୨ ମସିହାରେ ମୋହନା ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୋଗ କରିଥିଲେ। ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ବୁଧବାର ସରପଞ୍ଚ କନକଲତାଙ୍କୁ ଅସିଦ୍ଧ ଘୋଷଣା କରିବା ସହ ତାଙ୍କ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଏଥିସହ ପଞ୍ଚାୟତରେ ପୁନଃ ନିର୍ବାଚନ ପାଇଁ ଜିଲା ନିର୍ବାଚନ ଅଧିକାରୀ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



କନକଲତା ପାଲ

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି

କେନ୍ଦୁଝର,୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ବୁଧବାର ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଚାଷୀଙ୍କ ସମସ୍ୟା ଓ ସମାଧାନ ବିଷୟ ଆଲୋଚନା କରିଥିଲେ। ଏ ନେଇ ଏକ ପ୍ରେସ ବାର୍ତ୍ତାରେ ସୂଚନା ଦେଇ ସାହୁ କହିଛନ୍ତି ଯେ, ଓଡ଼ିଶାର ଚାଷୀମାନଙ୍କୁ ଆସନ୍ତା ଖରିଫ ଧାନ କିଣା ସମୟଠାରୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଓଡ଼ିଶାର କୃଷକଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ରାଜ୍ୟ ସରକାର କୃଷକ କଲ୍ୟାଣ ଯୋଜନାଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ସାହୁ ଅନୁରୋଧ କରିଥିଲେ। ଏଥିସହିତ ସମସ୍ତ ବ୍ଲକରେ ଶୀତଳଭଣ୍ଡାର ଓ ଚାଷ ଜମିକୁ ଜଳସେଚନ ସୁବିଧାକୁ ପ୍ରାଧାନ୍ୟ ଦେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶାରେ ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ଅଗ୍ରାଧିକାର ଭିତ୍ତିରେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଲୋଚନା ବେଳେ କହିଥିବା ସାହୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଳିନ ପୁହାଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ସୁଦର୍ଶନ ବିଶ୍ୱାଳ, ତାପସ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଥମୁନି ବିଜେଡି କର୍ପୋରେଟର ବିବାଦ

ଭୁବନେଶ୍ୱର, ୩।୭ (ଅନିଲ ଦାସ/ବନ୍ଦନା ସେଠୀ)

■ବିଜେଡିର ସବୁ କର୍ପୋରେଟର ଏକାଠି ଅଛନ୍ତି: ନୃପେଶ

■ଦଳ ଭିତରେ ବିଭୀଷଣ: ଅମରେଶ

ଗତ ସାଧାରଣ ନିର୍ବାଚନ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମର ୨ ବିଜେଡି କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ନାରାୟଣ ମହାସୁପକାର ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଏକାମ୍ର ବିଧାୟକ ଅଶୋକ ପଣ୍ଡାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଥିଲେ। ଉଭୟଙ୍କୁ ଟିକେଟ ନ ଦେବା ପାଇଁ ଦାବି କରୁଥିଲେ। ପରବର୍ତ୍ତୀ ସମୟରେ ଦଳ ପକ୍ଷରୁ ସେମାନଙ୍କୁ ବୁଝାଇ ଦିଆଯାଇଥିଲା। ନିର୍ବାଚନ ଶେଷ ହୋଇଯାଇଥିଲେ ମଧ୍ୟ କର୍ପୋରେଟର ଏବଂ ବିଧାୟକଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଥମି ନାହିଁ। ବୁଧବାର ବିଏମ୍‌ସି କର୍ପୋରେଟରମାନେ ଅଲଗାଅଲଗା ବୈଠକରେ ଯୋଗଦେଇ ପରସ୍ପରକୁ ପରୋକ୍ଷ ସମାଲୋଚନା କରିବା ଦଳୀୟ କନ୍ଦଳକୁ ପଦାରେ ପକାଇଥିବା ନେଇ ଚର୍ଚ୍ଚା ହେଉଛି।

ପୂର୍ବାହ୍ନରେ ବିଜେଡି ବିଧାୟକ ପ୍ରତାପ ଦେବଙ୍କ ସରକାରୀ ବାସଭବନରେ କର୍ପୋରେଟର ଅମରେଶ ଓ ବିରଞ୍ଚି ପହଞ୍ଚିଥିଲେ। ଏହାପୂର୍ବରୁ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉପସ୍ଥିତ ଥିଲେ। ବୈଠକରେ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ଦଳ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଅନ୍ୟପକ୍ଷରେ ସ୍ଥାନୀୟ ଏକ ହୋଟେଲରେ ଏକାମ୍ର ଓ ମଧ୍ୟ ନିର୍ବାଚନମଣ୍ଡଳୀର ପ୍ରାୟ ୨୫ଜଣ କର୍ପୋରେଟର ଏକାଠି ହୋଇଥିଲେ। ସମାନ୍ତରାଳ ଭାବେ ଦୁଇଟି ବୈଠକକୁ ନେଇ ବିଜେଡି ରାଜନୀତି ସରଗରମ ହୋଇଛି।

ଏନେଇ ୱାର୍ଡ ନଂ. ୫୫ର କର୍ପୋରେଟର ନୃପେଶ ନାୟକ କହିଛନ୍ତି, ବିଜେଡ଼ିର ୫୭ଜଣ କର୍ପୋରେଟର ଏକାଠି ଅଛନ୍ତି, ଆଗକୁ ମଧ୍ୟ ରହିବେ। ବିଏମ୍‌ସିରେ ସର୍ବାଧିକ ସଂଖ୍ୟା ବିଜେଡି କର୍ପୋରେଟରଙ୍କର ରହିଛି, ତେଣୁ ଚିନ୍ତାର କୌଣସି କାରଣ ନାହିଁ। ଜାହାଜ କଣାହେଲେ ମୂଷାମାନେ ଆଗ ଡେଇଁ ପଳାନ୍ତି। ସେହିପରି କିଛି ବ୍ୟକ୍ତି ଭୀତତସ୍ତ୍ର ହୋଇ ପଳାୟନ ପାଇଁ ବାଟ ଖୋଜୁଛନ୍ତ ବୋଲି ସେ କହିଛନ୍ତି। ସେହିପରି ୱାର୍ଡ ନଂ. ୫୩ର କର୍ପୋରେଟର ମହାମାୟା ସ୍ୱାଇଁ କହିଛନ୍ତି, ଅନ୍ତଃକନ୍ଦଳ ବା ଦଳ ଭାଙ୍ଗିଯିବା ଭଳି କଥା ଆମ ଭିତରୁ କାହା ମନରେ ନାହିଁ। ଯେଉଁମାନେ ଏଭଳି କଥା କହୁଛନ୍ତି, ସେମାନେ ଭାଜପାକୁ ଯିବାକୁ ବାଟ ଖୋଜୁଛନ୍ତି। ଆମେ ପ୍ରଥମରୁ ବିଜେଡି ସହିତ ରହିଛୁ ଏବଂ ଆଗକୁ ମଧ୍ୟ ରହିବୁ। ଆମ ଦଳର ସଙ୍ଗଠନ ଗୋଟିଏ ଏବଂ ଆମ ଭିତରେ କୌଣସି ଦ୍ୱନ୍ଦ୍ୱ ନାହିଁ।

ଅନ୍ୟପକ୍ଷରେ ଅମରେଶ ଜେନା କହିଛନ୍ତି, କେତେଜଣ ଦଳୀୟ ନେତା ବିଜେଡିକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଦଳ ଭିତରେ ବିଭୀଷଣ। ଅନେକ ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି। ସେହିପରି ବିଏମ୍‌ସିକୁ ଠିକ୍‌ଭାବେ ଚଳାଇ ନ ଦେବା ପାଇଁ ଗୁପ୍ତରେ ହୋଟେଲରେ ବୈଠକ ଚାଲିଥିଲା। ହଠାତ୍ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିବାରୁ ସେମାନେ ଭୟଭୀତ ହୋଇ 'ଏକାଠି ଥିବା' କଥା କହୁଛନ୍ତି। ଅମରେଶଙ୍କ ଏହି ଉକ୍ତିକୁ ନୃପେଶ କଡ଼ା ସମାଲୋଚନା କରିଛନ୍ତି। ଗଣମାଧ୍ୟମଙ୍କୁ ଡାକି ଆମେ ଖବରଦାତା ସମ୍ମିଳନୀ କରିଥିଲୁ। ଏଥିରେ ପ୍ରାୟ ପ୍ରାୟ ୪୦ଜଣ କର୍ପୋରେଟରଙ୍କୁ ନିମନ୍ତ୍ରଣ କରାଯାଇଥିଲା। ବର୍ଷା ପାଇଁ କିଛି କର୍ପୋରେଟର ଆସି ପାରି ନ ଥିଲେ। ଗତ ୧୫ଦିନ ମଧ୍ୟରେ ସମ୍ପୃକ୍ତ ଦୁଇଜଣ କର୍ପୋରେଟର ଗଣମାଧ୍ୟମରେ ଯେପରି ବକ୍ତବ୍ୟ ଦେଉଛନ୍ତି ତାହା ସମ୍ପୂର୍ଣ୍ଣ ଅବାନ୍ତର। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଦଳ ଭାଙ୍ଗିବାର ପ୍ରଶ୍ନ ଉଠୁନାହିଁ। ନିର୍ବାଚନ ହାରିବା ପରେ ଦଳକୁ କିଭଳି ସୁସଙ୍ଗଠିତ କରାଯିବ ସେ ନେଇ ଆମେ ଚେଷ୍ଟା କରୁଛୁ। ଏଭଳି ସ୍ଥିତିରେ ଦଳ ମଧ୍ୟରେ ଅଶାନ୍ତି କରିବାକୁ ସମ୍ପୃକ୍ତ କର୍ପୋରେଟର ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ରାହୁଲଙ୍କ ମନ୍ତବ୍ୟକୁ ଭାଜପାର ବିରୋଧ

ଜଟଣୀ,୩।୭ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ନଗର ଭାଜପା ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସଂସଦରେ ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ଜଟଣୀ ସହରରେ ବୁଧବାର ବିରୋଧ କରାଯାଇଛି। ଜଟଣୀ ନଗର ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସଭାପତି ନାଗ ଭୂଷଣ ରାୟଙ୍କ ନେତୃତ୍ୱରେ ସ୍ଥାନୀୟ ସୀତାରାମ ଛକଠାରେ ବିଭିନ୍ନ ସ୍ଲୋଗାନ ସହ ରାହୁଲ ଗାନ୍ଧୀଙ୍କ ଫଟୋଚିତ୍ରରେ ଅଗ୍ନି ସଂଯୋଗ କରାଯାଇଥିଲା। ଭାଜପା ନଗର ମଣ୍ଡଳ ସଭାପତି ତିରୁପତି ଶତପଥି, ପୂର୍ବତନ ସଭାପତି ପ୍ରଶାନ୍ତ ପ୍ରଧାନ, କବି ପାଇକରାୟ, ଚିତ୍ତରଞ୍ଜନ ସୁନ୍ଦରାୟ, ତପନ ବାରିକ, ମିଟୁ ମାର୍ଥା, ସୁଶାନ୍ତ ମହାପାତ୍ର, ଧନୁ ବଳିୟାରସିଂଙ୍କ ସମେତ ବହୁ ନଗର ଭାଜପା କର୍ମୀ ଉପସ୍ଥିତ ଥିଲେ। ଜିଲା ଭାଜପା ଗଣମାଧ୍ୟମ ସଂଯୋଜକ ପ୍ରଦୀପ ଜେନା ଏହାର ପରିଚାଳନା କରିଥିଲେ।




ଜଟଣୀ ନଗର ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧୀଙ୍କୁ ବିରୋଧ କରାଯାଉଛି।

# ୮୦,୦୦୦ ଛୁଇଁଲା ସେନ୍‌ସେକ୍ସ

## ୫୩,୦୦୦ ଅଙ୍କ ଟପିଲା ନିଫ୍ଟି ବ୍ୟାଙ୍କ



ନୂଆଦିଲ୍ଲୀ,୩।୭ (ଅଭୟ ଦାଶ)

ପ୍ରଥମ ଥର ପାଇଁ ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ ଏକ ଐତିହାସିକ ସଫଳତା ହାସଲ ସହ ନୂତନ ରେକର୍ଡ କରିଛି। ଏପରିକି ଘରୋଇ ଶେୟାର ବଜାର କାରବାରରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ମଧ୍ୟ ନୂଆ ମାଇଲଖୁଣ୍ଟ ସହ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ବିଶେଷ କରି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସ ଅଲ୍ ଟାଇମ ହାଇ ବା ସର୍ବୋଚ୍ଚ ସ୍ତର ୮୦,୦୭୪ ଅଙ୍କରେ ପହଞ୍ଚିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି ମଧ୍ୟ ୨୪,୩୦୦ ଅଙ୍କର ନିକଟବର୍ତ୍ତୀ ହୋଇଛି।

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାର କାରବାରରେ ଉଭୟ ଏନ୍‌ଏସ୍‌ଇ ଓ ବିଏସ୍‌ଇ ପ୍ରାରମ୍ଭରୁ ଲାଭରେ ଚାଲିଥିଲାବେଳେ ଶେଷ ବେଳକୁ କାରବାର କିଛି ପରିମାଣରେ ହ୍ରାସ ପାଇଥିଲା। ଏପରିକି ଏନ୍‌ଏସ୍‌ଇ ନିଫ୍ଟି ୫୦ର କାରବାର ପ୍ରାରମ୍ଭରେ ସର୍ବୋଚ୍ଚ ୨୪,୩୦୨ ଅଙ୍କ ଛୁଇଁଥିଲାବେଳେ ଶେଷ ବେଳକୁ ଏହା ୨୪,୨୮୬.୫୦ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ବିଏସ୍‌ଇ ସେନ୍‌ସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲା। ଏପରିକି ୮୦,୦୧୩ ଅଙ୍କରୁ କାରବାର ଆରମ୍ଭ ହୋଇଥିଲାବେଳେ ସେନ୍‌ସେକ୍ସ ଅଲ୍ ଟାଇମ ହାଇ ୮୦,୦୭୪ ଅଙ୍କରେ ପହଞ୍ଚିଥିଲା। ବୁଧବାରର ବଜାର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୭୯,୯୮୬.୮୦ ଅଙ୍କରେ ବନ୍ଦ ହୋଇଥିଲା।

ସେହିପରି ବିଏସ୍‌ଇ ସେନ୍‌ସେକ୍ସର କାରବାର ୦.୬୯ % ବୃଦ୍ଧି ଘଟିଥିବାବେଳେ ଏନ୍‌ଏସ୍‌ଇ ନିଫ୍ଟି ୫୦ର କାରବାର ମଧ୍ୟ ୦.୬୭% ବୃଦ୍ଧି ହୋଇଛି। ଏପରିକି ବିଏସ୍‌ଇ ସ୍ମଲକ୍ୟାପ ଏବଂ ବିଏସ୍‌ଇ ମିଡକ୍ୟାପ କାରବାର ସାମାନ୍ୟ ବୃଦ୍ଧି ପାଇଥିଲା। ଅପରପକ୍ଷରେ ନିଫ୍ଟି ମିଡକ୍ୟାପର କାରବାର ୪୩୮.୬୦ପଏଣ୍ଟ ବା ୦.୭୯% ବୃଦ୍ଧି ପାଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପର କାରବାର ୭୮.୬୦ପଏଣ୍ଟ ବା ୦.୯୧% ବଢିଥିଲା। ଏପରିକି ନିଫ୍ଟି ବ୍ୟାଙ୍କିଙ୍ଗ(ବ୍ୟାଙ୍କ) ର କାରବାର ସର୍ବୋଚ୍ଚ ସ୍ତର ଛୁଇଁଥିଲାବେଳେ କାରବାର ଶେଷ ସୁଦ୍ଧା ୯୨୧.୧୫ପଏଣ୍ଟ ବା ୧.୭୭% ବୃଦ୍ଧି ପାଇ ୫୩,୦୮୯.୨୫ଅଙ୍କରେ କାରବାର ବନ୍ଦ କରିଥିଲା ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୧୯୯୯ ଅକ୍ଟୋବର ୮ରେ ସେନ୍‌ସେକ୍ସ ପ୍ରଥମ ୫୦୦୦ଅଙ୍କ ହାସଲ କରିବାକୁ ୪୩୫୭ ଦିନ ସମୟ ନେଇଥିଲାବେଳେ ୨୦୨୪ ଜୁଲାଇ ୩ରେ ସେନ୍‌ସେକ୍ସ ୮୦,୦୦୦ଅଙ୍କ ପାର କରିଛି। ଏପରିକି ୮୦,୦୦୦ ପାର ପାଇଁ ୫୭ ଦିନର ଟ୍ରେଡିଂ ସମୟ ସହ ନୂତନ ରେକର୍ଡ ହାସଲ କରିଛି। ଅପରପକ୍ଷରେ ୧୬ତମ ୫୦୦୦ଅଙ୍କ ହାସଲ ପାଇଁ ତୃତୀୟ ସର୍ବାଧିକ ଦିନ ୫୭ଦିନର ସମୟ ଲାଗିଥିବାବେଳେ ୧୨ତମ ୫୦୦୦ ଅଙ୍କକୁ ସର୍ବାଧିକ ତଥା ୨୮ଦିନରେ ଏହି ସଂଖ୍ୟା ହାସଲ କରିଥିଲା। ୨୦୨୧ ସେପ୍ଟେମ୍ବର ୨୪ରେ ସେନ୍‌ସେକ୍ସ ୬୦,୦୦୦ଅଙ୍କ ୨୮ ଟ୍ରେଡିଂ ଦିନରେ ପାର କରିଥିଲା। ସେହିଭଳି ୨ୟ ସର୍ବାଧିକ ୫୦୦୦ ଅଙ୍କ ହାସଲ ପାଇଁ ୩୩ ଦିନ ସମୟ ଲାଗିଥିଲା। ସେହିପରି ୧୦ତମ ୫୦୦୦ ଅଙ୍କ ୨୦୨୧ ଜାନୁଆରୀ ୨୧ରେ (ସେନ୍‌ସେକ୍ସ ୫୦,୦୦୦ଅଙ୍କ) ପାର ପାଇଁ ୩୩ ଦିନ ଟ୍ରେଡିଂ କରାଯାଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସ ପଞ୍ଜୀକୃତ ନିବେଶକଙ୍କ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସର୍ବାଧିକ ଲାଭବାନ୍ ହୋଇଥିଲାବେଳେ ଭାରତୀ ଏୟାରଟେଲ, ଅଲ୍‌ଟ୍ରାଟେକ୍ ସିମେଣ୍ଟ, ପାୱାର ଗ୍ରୀଡ୍ କର୍ପୋରେଶନ, ଆକ୍ସିସ ବ୍ୟାଙ୍କ, ଟେକ୍‌ମହିନ୍ଦ୍ରା ଭଳି ନିବେଶକମାନେ ମଧ୍ୟ ଲାଭବାନ୍ ହୋଇଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୪୫(୫୪୫.୩୫) ପଏଣ୍ଟ ବଢି ୭୯,୯୮୭(୭୯,୯୮୬.୮୦)ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୩(୧୬୨.୬୫)ପଏଣ୍ଟ ବୃଦ୍ଧି ଘଟି ୨୪,୨୮୬(୨୪,୨୮୬.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩।୭ (ଅଭୟ ଦାଶ)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ନୂତନ ଶାଖା 'ବାରିପଦା ସିଟି ଶାଖା' ନିକଟରେ ବାରିପଦାସ୍ଥିତ ୱାର୍ଡ ନଂ.୧୫ ଅଧୀନ ବାଘଡ଼ା ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି।

ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମହାପ୍ରବନ୍ଧକ (ନେଟ୍‌ୱର୍କ-୧) ଏମ୍.ପୋନ୍ନମବଲମ,ଉପ-ମହାପ୍ରବନ୍ଧକ ବାଲେଶ୍ୱର ଅଞ୍ଚଳ ଶୈଳେଶ କୁମାର ସିହ୍ନା,କ୍ଷେତ୍ରୀୟ ପ୍ରବନ୍ଧକ ଜଗନ୍ନାଥ ଶ୍ରୀଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବାରିପଦା ଟାଉନରେ ଏସ୍‌ବିଆଇର ଏହା ୫ମ ଶାଖା ହୋଇଥିଲାବେଳେ ମୟୂରଭଞ୍ଜ ଜିଲାରେ ୩୩ ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପର୍ବତାରୋହୀ ଓ ଅବସରପ୍ରାପ୍ତ ଏସ୍‌ବିଆଇ କର୍ମଚାରୀ ପ୍ରସନ୍ନ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା

## ପ୍ରି-ସିଡ୍ ଫଣ୍ଡିଙ୍ଗ୍ ଜରିଆରେ ପାଣ୍ଠି ହାସଲ

ଭୁବନେଶ୍ୱର,୩।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଷ୍ଟାର୍ଟଅପ୍ କମ୍ପାନୀ (ଭିଜୁଆଲ ଟେଲିମ୍ୟାଟିକ୍ସ ସ୍ପେଶ କ୍ଷେତ୍ରରେ 'କୌସିଓ' ହେଉଛି ଏକ ପ୍ରମୁଖ ଷ୍ଟାର୍ଟଅପ୍) 'କୌସିଓ' ପ୍ରି-ସିଡ ଫଣ୍ଡିଙ୍ଗ୍ ଜରିଆରେ ପାଣ୍ଠି ସଂଗ୍ରହ କରିଥିବା ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ନିକଟରେ ଆଣ୍ଟଲର, ୮ଆଇ ଓ ଏୟୁ ବ୍ୟାଙ୍କ ନେତୃତ୍ୱରେ ପ୍ରାୟ ୬.୩ କୋଟି ଟଙ୍କାର ଏକ ପ୍ରି-ସିଡ ପାଣ୍ଠି ହାସଲ କରିଛି।

ଉଲ୍ଲେଖଯୋଗ୍ୟ, କୌସିଓର ପ୍ରାରମ୍ଭିକ ବିଶ୍ୱସନୀୟ ଗ୍ରାହକ ଓ ପ୍ରମୁଖ ଆଞ୍ଜେଲ ଇନ୍‌ଭେଷ୍ଟରମାନଙ୍କ ଅତିରିକ୍ତ ଅଂଶଗ୍ରହଣ ସହିତ ଇକ୍ୱିଟି ଓ ଡେବ୍‌ଟର ଏକ ମିଶ୍ରଣ ଏହି ଫଣ୍ଡିଙ୍ଗ୍‌କୁ ଆଣ୍ଟଲର, ୮ଆଇ ଭେଞ୍ଚର୍ସ ଓ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପରିଚାଳନା କରିଥିଲେ।

ଅଙ୍କିତ ଆଚାର୍ଯ୍ୟ ଏବଂ ପ୍ରାଞ୍ଜଲ ନାଧାନିଙ୍କ ଦ୍ୱାରା ସ୍ଥାପିତ କୌସିଓ ଭାରତର ଯାତାୟାତ ଓ ପରିବହନ କ୍ଷେତ୍ରର ସୁରକ୍ଷା ଚିନ୍ତାଗୁଡିକୁ ଦୂର କରିବା ପାଇଁ ଉତ୍ସର୍ଗୀକୃତ ହୋଇଛନ୍ତି। ଏ ସମ୍ପର୍କରେ କୌସିଓର ସହ-ପ୍ରତିଷ୍ଠାତା ତଥା ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, ଟେଲିମ୍ୟାଟିକ୍ସ ଦ୍ରୁତ ଗତିରେ ବିକଶିତ ହୋଇଛି। ଏପରିକି ଭାରତରେ କନେକ୍ଟିଭିଟିକୁ ଧାରଣ କରିବା ପାଇଁ ଜିପିଏସ୍,ବ୍ଲୁଟୁଥ୍ ଓ ପୋର୍ଟେବୁଲ ନାଭିଗେଶନରୁ ଆଗକୁ ବଢିଛି, ବର୍ତ୍ତମାନ ପର୍ଯ୍ୟନ୍ତ ସଡକ ସୁରକ୍ଷା ପଦକ୍ଷେପଗୁଡିକ ଉପରେ ଧ୍ୟାନ ଦିଆଯାଉଥିଲା କିନ୍ତୁ ବିଶେଷ କରି ଦେଶର ଉଚ୍ଚ ଦୁର୍ଘଟଣା ହାରକୁ ଦୃଷ୍ଟିରେ ରଖି ଏହାକୁ ବର୍ତ୍ତମାନ ସକ୍ରିୟ ବାସ୍ତବ-ସମୟ ପ୍ରତିକ୍ରିୟାଶୀଳତା ପାଇଁ ସ୍ଥାନାନ୍ତର କରାଯିବ। ଭିଡିଓ ଟେଲିମ୍ୟାଟିକ୍ସ ଓ ଡ୍ୟାଶ କ୍ୟାମ୍ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଯାହା ବାଣିଜ୍ୟିକ ଯାନ ବର୍ଗର ଚାହିଦା ଦ୍ୱାରା ପରିଚାଳିତ ହେବ। ଓଡିଶା ବିଶେଷ ଭାବେ ଆମ ପାଇଁ ଏକ ପ୍ରମୁଖ ବଜାର ଅଟେ। ଆମେ ରାଜ୍ୟର କ୍ଷମତାକୁ ଚିହ୍ନଟ କରିଛୁ ଏବଂ ଯାତାୟାତ କ୍ଷେତ୍ରରେ ସୁରକ୍ଷା ବୃଦ୍ଧି କରିବା ଏବଂ ଅଞ୍ଚଳର ଅଭିବୃଦ୍ଧିରେ ସହଯୋଗ କରିବା ପାଇଁ ଏଠାରେ ଗୁରୁତ୍ୱପୂର୍ଣ୍ଣ ନିବେଶ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

## ଟିପିସିଓଡିଏଲ୍‌ର ନୂତନ ଅଭିଯାନ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର,୩।୭ (ଅଭୟ ଦାଶ)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ବା ଟିପିସିଓଡିଏଲ୍‌ର ନୂତନ ଅଭିଯାନ 'ଗାଁ ଚାଲ'ର ସଫଳତା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ବିଭିନ୍ନ ପ୍ଲାଟ୍‌ଫର୍ମରେ ଭାବ ବିନିମୟ ସହିତ ସେବାର ଗୁଣବତ୍ତା ପାଇଁ ଉପଭୋକ୍ତାଙ୍କ ସହ ସକ୍ରିୟ ଭାବେ ଯୋଗାଯୋଗ କରୁଛି। ଅପରପକ୍ଷରେ ବ୍ୟାପକ ଗ୍ରାମୀଣ ଉପଭୋକ୍ତାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଖରେ ସିଧାସଳଖ ସେବା ଯୋଗାଇବାର ଲକ୍ଷ୍ୟରେ ଟିପିସିଓଡିଏଲ୍ ଦ୍ୱାରା ପ୍ରସ୍ତୁତ ଏକ ପ୍ରମୁଖ କାର୍ଯ୍ୟକ୍ରମ ହେଉଛି ଗାଁ ଚାଲ ଅଭିଯାନ। ଗାଁ ଏବଂ ପଞ୍ଚାୟତସ୍ତରରେ ଏହି କାର୍ଯ୍ୟକ୍ରମ ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ (ସିଆର୍‌ଇ) ଙ୍କ ନେତୃତ୍ୱରେ ଟିପିସିଓଡିଏଲ୍‌ରେ ପ୍ରଶିକ୍ଷିତ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ ମାଧ୍ୟମରେ ଆୟୋଜନ କରାଯାଉଛି।

ଗତ ୧ବର୍ଷ ମଧ୍ୟରେ ୧୦୦୦ରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି, ଯେଉଁଥିରେ ୫୨,୦୦୦ ଉପଭୋକ୍ତା ଉପକୃତ ହୋଇଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ୮,୩୦୦ ନୂତନ ସଂଯୋଗ ଦେବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ୫,୩୦୦ ଡିଜିଟାଲ ପେମେଣ୍ଟ କରାଯାଇଥିବା ବେଳେ ୧୩ ହଜାରରୁ ଅଧିକ ଅଭିଯୋଗ ଓ ପ୍ରଶ୍ନର ସମାଧାନ ହୋଇଛି। 'ଗାଁ ଚାଲ' ଅଭିଯାନ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିଛି ଏବଂ ଉପଭୋକ୍ତାଙ୍କ ସହ ଟିପିସିଓଡିଏଲ୍‌ର ସମ୍ପର୍କକୁ ସୁଦୃଢ଼ କରିବାରେ ଲାଗିଛି।



ୟୁକୋ ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭିକେ ନିଭୃତି କାମ୍ପେଲ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥି ଭବନ କାର୍ଯ୍ୟାଳୟରେ ଏକ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ୟୁକୋ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

## ଗିଫ୍ଟ ଭୁବନେଶ୍ୱରରେ ଦିନିକିଆ ଆଲୋଚନାଚକ୍ର

ଭୁବନେଶ୍ୱର,୩।୭ (ଅଭୟ ଦାଶ)




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଫର୍ ଟେକ୍ନୋଲୋଜି ବା ଗିଫ୍ଟ ଅଟୋନୋମସ୍ କଲେଜ ଭୁବନେଶ୍ୱର ପକ୍ଷରୁ ନିକଟରେ ଏକ ଦିନିକିଆ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ପ୍ରଫେସର ଡ. ସଚ୍ଚିଦାନନ୍ଦ ମହାନ୍ତି 'ହାୟର ଏଜୁକେଶନ ଇନ୍ ଇଣ୍ଡିଆ:ଚ୍ୟାଲେଞ୍ଜେସ୍ ଆଣ୍ଡ ଅପର୍ଚୁନିଟି' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ବଳିଷ୍ଠ ଅଭିଭାଷଣ ରଖିଥିଲେ। ଏହି ଆଲୋଚନାଚକ୍ରରେ ଗିଫ୍ଟର ଅଧ୍ୟକ୍ଷ ଡ. ଶରତ କୁମାର ମହାରଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ ଗିଫ୍ଟର ରେଜିଷ୍ଟ୍ରାର ସନ୍ତୋଷ କୁମାର ଉପାଧ୍ୟାୟ ଭାରତରେ ଉଚ୍ଚ ଶିକ୍ଷାର ମାନ କିପରି ବଢ଼ିପାରିବ, ତା' ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସେହିପରି ଗିଫ୍ଟର ଡିନ୍ ମ୍ୟାନେଜମେଣ୍ଟ ଡ.ହେମନ୍ତ ପଣ୍ଡା ଜାତୀୟ ଶିକ୍ଷାନୀତିର ରୂପରେଖ ଓ ତା'ର ଉପକାର ସମ୍ବନ୍ଧୀୟ ବିଷୟ ଉପରେ ବିସ୍ତୃତ ଆଲୋକପାତ କରିବା ସଙ୍ଗେ ସଙ୍ଗେ ୟୁଜିସି ଓ ଏଆଇସିଟିଇର ଯୁଗ୍ମ ଡିଗ୍ରୀ ପ୍ରାପ୍ତି ଉପରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ।

ଅପରପକ୍ଷରେ ମୁଖ୍ୟବକ୍ତା ଡ. ମହାନ୍ତି ତାଙ୍କ ଅଭିଭାଷଣରେ ବର୍ତ୍ତମାନ ପରିସ୍ଥିତିରେ ଉଚ୍ଚ ଶିକ୍ଷାର ମାନ ଓ ଜାତୀୟ ଶିକ୍ଷାନୀତି କିପରି ଉପଯୁକ୍ତ ସୁଯୋଗ ସୃଷ୍ଟି କରିପାରିବ ତା' ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଗିଫ୍ଟର ୧୦୦ରୁ ଅଧିକ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଅନ୍ୟମାନେ ଡ.ମହାନ୍ତିଙ୍କ ସହ ଭାବ ବିନିମୟ କରିଥିଲେ। ପରିଶେଷରେ ସହାୟକ ଅଙ୍କିତା ମହାନ୍ତି ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ହୋମ୍ ହେଲ୍‌ଥ କେୟାର ସର୍ଭିସ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୩।୭ (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ୱାସ୍ଥ୍ୟ ବୀମା କମ୍ପାନୀ 'ଷ୍ଟାର ହେଲ୍‌ଥ ଇନ୍‌ସ୍ୟୁରାନ୍ସ'ର (ଷ୍ଟାର୍ ହେଲ୍‌ଥ ଆଣ୍ଡ ଆଲାଇଡ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍)ର ବହୁ ପ୍ରତୀକ୍ଷିତ ଯୋଜନା 'ହୋମ୍ ହେଲ୍‌ଥ କେୟାର ସର୍ଭିସ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଭାରତର ୫୦ରୁ ଅଧିକ ସହରରେ ଏହି ନୂତନ ଯୋଜନାର ଶୁଭାରମ୍ଭ କରିଛି। ବିଶେଷକରି ଏହି ଅତ୍ୟଧିକ ବ୍ୟକ୍ତିଗତ ଗ୍ରାହକକେନ୍ଦ୍ରିକ ଉତ୍ପାଦ ବାଧାମୁକ୍ତ ଓ ତତ୍କାଳ ଦାବି ସମାଧାନ ସହିତ ଗ୍ରାହକଙ୍କ ଡୋର୍‌ଷ୍ଟେପରେ ପ୍ରଭାବୀ ସ୍ୱାସ୍ଥ୍ୟସେବା ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି କମ୍ପାନୀ ଦେଶବ୍ୟାପୀ ଇନ୍-ହୋମ୍ ମେଡିକାଲ କେୟାର ବା ଘରେ ଚିକିତ୍ସା ସୁବିଧା ପ୍ରଦାନ କରିବା ପାଇଁ କେୟାର୨୪,ପୋର୍ଟିଆ, କଲ୍ ହେଲ୍‌ଥ ଓ ଅତୁଲ୍ୟ ହୋମ୍‌କେୟାର ସମେତ ଅଗ୍ରଣୀ ପ୍ରଦାତାଙ୍କ ସହ ସହଭାଗିତା କରିଛି। ଷ୍ଟାର ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଏମ୍‌ଡି ଓ ସିଇଓ ଆନନ୍ଦ ରୟ କହିଛନ୍ତି, ଆମେ ଆମର ନୂତନ ଯୋଜନା 'ହୋମ୍ ହେଲ୍‌ଥ କେୟାର ସର୍ଭିସ୍'ର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକମାନେ ବର୍ତ୍ତମାନ ଷ୍ଟାର ହେଲ୍‌ଥ ମୋବାଇଲ ଆପ୍ ଜରିଆରେ ବାଧାହୀନ ଭାବେ ଏକ ବିସ୍ତୃତ ଶୃଙ୍ଖଳାର ସଂକ୍ରାମକ ରୋଗଗୁଡିକ ପାଇଁ ୧୦୦% କ୍ୟାଶଲେଶ ହୋମ୍ ହେଲ୍‌ଥ କେୟାର ସୁବିଧା ହାସଲ କରି ପାରିବେ।

## ୨୬୬ ଲକ୍ଷ ମେଟ୍ରିକ ଟନ୍ ରବି ଗହମ କିଣିଛି ଏଫ୍‌ସିଆଇ

ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)



ଚଳିତ ରବିଋତୁରେ ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏଫ୍‌ସିଆଇ) ୨୬୬ ଲକ୍ଷ ମେଟ୍ରିକ ଟନ୍ (ଏଲ୍‌ଏମ୍‌ଟି) ଗହମ କିଣିଛି। ୨୦୨୩-୨୪ରେ ଏହି ପରିମାଣ ୨୬୨ ଏଲ୍‌ଏମ୍‌ଟି ଥିବାବେଳେ ୨୦୨୨-୨୩ରେ ଏହି ପରିମାଣ ୧୮୮ ଏଲ୍‌ଏମ୍‌ଟି ରହିଥିଲା। ଆର୍‌ଏମ୍‌ଏସ୍ ୨୦୨୪-୨୫ରେ ଗହମ କ୍ରୟ ଦ୍ୱାରା ୨୨ ଲକ୍ଷରୁ ଅଧିକ ଭାରତୀୟ କୃଷକ ଉପକୃତ ହୋଇଥିବା କେନ୍ଦ୍ର ଖାଉଟି ବ୍ୟାପାର ଓ ଯୋଗାଣ ମନ୍ତ୍ରଣାଳୟ କହିଛି। ପ୍ରାୟ ୬୧ ଲକ୍ଷ କୋଟି ଟଙ୍କା ସର୍ବନିମ୍ନ ସହାୟତା ମୂଲ୍ୟ (ଏମ୍‌ଏସ୍‌ପି)ରେ ଗହମ କିଣିବା ପରେ ଏହି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୬୧ ଲକ୍ଷ କୋଟି ଟଙ୍କା ଜମା କରାଯାଇଥିବା ବିଭାଗ ସୂଚନା ଦେଇଛି। ଆର୍‌ଏମ୍‌ଏସ୍ ଅଧୀନରେ ଗହମ କ୍ରୟ ସାଧାରଣତଃ ପ୍ରତିବର୍ଷ ୧ ଏପ୍ରିଲରୁ ଆରମ୍ଭ ହୁଏ। ୨୦୨୩-୨୪ରେ ଉତ୍ତରପ୍ରଦେଶ ୨.୨୦ ଏଲ୍‌ଏମ୍‌ଟି ଗହମ କ୍ରୟ କରିଥିବାବେଳେ ଚଳିତବର୍ଷ ଏହି ପରିମାଣ ୯.୩୧ ଏଲ୍‌ଏମ୍‌ଟିକୁ ବୃଦ୍ଧି ପାଇଛି। ସେହିପରି ରାଜସ୍ଥାନ ଗତବର୍ଷ ୪.୩୮ ଏଲ୍‌ଏମ୍‌ଟି ଗହମ କ୍ରୟ କରିଥିବାବେଳେ ଚଳିତ ବର୍ଷ ଏହି ପରିମାଣ ୧୨.୦୬ କ୍ରୟ କରିଛି। ପର୍ଯ୍ୟାପ୍ତ ପରିମାଣରେ ଗହମ କ୍ରୟ ଏଫ୍‌ସିଆଇକୁ ପବ୍ଲିକ ବିତରଣ ସିଷ୍ଟମ (ପିଡିଏସ୍)ରେ ଖାଦ୍ୟ ଶସ୍ୟର କ୍ରମାଗତ ପ୍ରବାହ ନିଶ୍ଚିତ କରିବାରେ ସାହାଯ୍ୟ କରିଛି। ପିଏମଜିକେଏୱାଇ ସମେତ ବିଭିନ୍ନ କଲ୍ୟାଣକାରୀ ଯୋଜନା ଅଧୀନରେ ପ୍ରାୟ ୧୮୪ଏଲଏମଟି ଗହମର ବାର୍ଷିକ ଆବଶ୍ୟକତା ପୂରଣ କରିବାରେ ଏହି ସମଗ୍ର କ୍ରୟ ପ୍ରକ୍ରିୟା ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ବିଭାଗ ଦର୍ଶାଇଛି।

## ବିଜିୟୁରେ ଏମ୍‌ବିଏ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

### ଟେକ୍ନୋଲୋଜି ବିନା ସଫଳତା ସମ୍ଭବ ନୁହେଁ

ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)




ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ଏମ୍‌ବିଏ (୨୦୨୪-୨୬) ନବାଗତ ଛାତ୍ରୀଛାତ୍ରମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ସହ ଏମ୍‌ବିଏ ପାଠ୍ୟକ୍ରମ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱାରୋପକରି ସେ କହିଥିଲେ, ଆଜିର ଯୁଗରେ ଟେକ୍ନୋଲୋଜି ବିନା ସଫଳତା ସମ୍ଭବ ନୁହେଁ। ତାଙ୍କ ପରେ ରେଜିଷ୍ଟ୍ରାର ପ୍ରଫେସର ବି.କେ. ଦାସ ଠିକ୍ ମୂଲ୍ୟବୋଧ ପ୍ରତ୍ୟେକ କାର୍ଯ୍ୟରେ ସଫଳ କରାଇଥାଏ ବୋଲି କହିବା ସହ ଛାତ୍ରୀଛାତ୍ରମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ। ଆଦାନୀ ପୋର୍ଟସ ଆଣ୍ଡ ସ୍ପେଶିଆଲ ଇକୋନୋମିକ ଜୋନ୍‌ର ବିଜ୍‌ନେସ୍ ଡେଭେଲପମେଣ୍ଟ ପ୍ରେସିଡେଣ୍ଟ ସୁବ୍ରତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତ୍ରିପାଠୀ ତାଙ୍କ ଅଭିଭାଷଣରେ ଭାରତର ପ୍ରାଚୀନ ଜ୍ଞାନ ଉପରେ ଗୁରୁତ୍ୱାରୋପ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଜୀବନରେ ସଫଳ ହୋଇ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପ୍ରେରଣା ଦେଇଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦଙ୍କ ଭଳି ମହାନ୍ ବ୍ୟକ୍ତିଙ୍କ ପ୍ରେରଣା ଦାୟୀ ବାର୍ତ୍ତାର ଉଦାହରଣ ଦେଇ ପିଲାଙ୍କୁ ଆଗକୁ ବଢ଼ିବା ପାଇଁ କହିଥିଲେ। ନିରନ୍ତର ଅଧ୍ୟୟନ ଉପରେ ଗୁରୁତ୍ୱ ଦେଇ ତ୍ରିପାଠୀ କହିଥିଲେ, ଆମେମାନେ ଫୁଟ୍‌ବଲ ଖେଳିବା ସହ ଗୀତା ପଢ଼ିବା ଦ୍ୱାରା ସଫଳତା ପାଇବା ଅବଶ୍ୟମ୍ଭାବୀ। ପ୍ରତିଦିନ ପରସ୍ପରଠାରୁ ନୂଆ କଥା ଶିଖିବା ଉଚିତ ବୋଲି ସେ କହିଥିଲେ। ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଦିଗ ଉପରେ ସେ ତଥ୍ୟ ଭିତ୍ତିକ ମତାମତ ରଖିଥିଲେ। ବିଜିୟୁ କୁଳପତି ପ୍ରଫେସର ପି.ପି. ମାଥୁର କହିଥିଲେ, ଛାତ୍ରୀଛାତ୍ରମାନେ ବଦଳୁଥିବା ବ୍ୟବସ୍ଥା ମଧ୍ୟରେ ନିଜକୁ ପରିବର୍ତ୍ତନକରି ଆଗକୁ ବଢ଼ିବା ଦରକାର। ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଏମ୍‌ବିଏ ପ୍ରୋଗ୍ରାମ କୋଅର୍ଡିନେଟର ବିବେକ ମିଶ୍ର ଧନ୍ୟବାଦ ଦେଇଥିଲେ।

## ରଥଯାତ୍ରା ଉପଲକ୍ଷେ ତନେଇରାର ଗୋଲ୍ଡ କଏନ୍ ଅଫର

### ୨୦,୦୦୦ଟଙ୍କାର ଶପିଂ ଉପରେ ଗ୍ରାହକ ପାଇବେ ସୁନାମୁଦ୍ରା

ଭୁବନେଶ୍ୱର,୩।୭ (ଅଭୟ ଦାଶ)




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ (ବ୍ରାଣ୍ଡ) 'ତନେଇରା'ର ବହୁ ପ୍ରତୀକ୍ଷିତ 'ଗୋଲ୍ଡ କଏନ' (ସୁନା ମୁଦ୍ରା) ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ତନେଇରାର ଭୁବନେଶ୍ୱର ଆଉଟ୍‌ଲେଟ୍ ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ତନେଇରାର ବିଏମ୍ (ଇଷ୍ଟ) ସୁମିତ ଘୋଷ, ଏବିଏମ୍ (ଇଷ୍ଟ) ନୀତୀଶ ପରାସରୀ ଏବଂ ବିଏ ମାଣିକ ହଂସ ପ୍ରମୁଖ ଯୋଗଦେଇ ଉଭୟ ଅଫର ଓ ନୂତନ କଲେକ୍ସନ ସହିତ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ତନେଇରା ପକ୍ଷରୁ ଆକର୍ଷଣୀୟ 'ଗୋଲ୍ଡ କଏନ' ଅଫର ଆରମ୍ଭ କରାଯାଇଛି। ଏହି ଅଫର ୨୦୨୪ ଜୁଲାଇ ୪ ରୁ ୮ ପର୍ଯ୍ୟନ୍ତ ଉଭୟ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍ ଛକ ଏବଂ କଟକର ସିଡିଏ-୬ ଠାରେ ଥିବା ତନେଇରା ଷ୍ଟୋରରେ ଉପଲବ୍ଧ। ଏପରିକି ୨୦,୦୦୦ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ମୂଲ୍ୟର ଶପିଂ ଉପରେ ଗ୍ରାହକ ୦.୨ଗ୍ରାମ ଯୁକ୍ତ ତନିସ୍କ ଗୋଲ୍ଡ କଏନ୍ ପାଇପାରିବେ। ସେହିଭଳି ତନେଇରାରେ ଗ୍ରାହକ ସମ୍ବଲପୁରୀ, ଗୋପାଳପୁର ଟସର ସିଲ୍‌କ, କାଞ୍ଜିଭରମ ସମେତ ବନାରସୀଠାରୁ ଆରମ୍ଭକରି ବିଳାସପୂର୍ଣ୍ଣ ବେଙ୍ଗଲ ସିଲ୍‌କ, ମୁର୍ଶିଦାବାଦ ସିଲ୍‌କ, ସାଉଥ୍ ସିଲ୍‌କ ଏବଂ ଏମ୍ବ୍ରୋଡୋରି ସିଲ୍‌କ ଓ କଟନ ଆଦିର ସ୍ୱତନ୍ତ୍ର ଉତ୍ପାଦମାଳା ପାଇପାରିବେ। ଏପରିକି ତନେଇରାରେ ଭାରତର ୧୦୦ରୁ ଊର୍ଦ୍ଧ୍ୱ ବୟନ କ୍ଲଷ୍ଟରରୁ ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ପ୍ରସ୍ତୁତ ବ୍ୟାପକ ସମ୍ଭାର ଉପଲବ୍ଧ। ସେହିପରି ସେଲିବ୍ରେଶନ୍‌କୁ ବଢ଼ାଇବା ପାଇଁ ତନେଇରା ଭାରତର କୋଣ ଅନୁକୋଣରୁ ସର୍ବଶ୍ରେଷ୍ଠ କାରିଗରିକୁ ଗୋଟିଏ ଛାତ ତଳେ ଉପଲବ୍ଧ କରାଇଛି। ଏପରିକି ପ୍ରତ୍ୟେକ ହାତ ତିଆରି ଡ୍ରେପ୍ ସଠିକତା ଏବଂ ଆବେଗର ମିଶ୍ରଣ ହୋଇଥିଲାବେଳେ ଏହା ଭାରତର ବିବିଧ ବୟନ ଐତିହ୍ୟକୁ ପ୍ରଦର୍ଶିତ କରୁଛି। ଅପରପକ୍ଷରେ ଓଡ଼ିଶାର ସମସ୍ତ ତନେଇରା ଷ୍ଟୋରରୁ ଗ୍ରାହକ ସିଗ୍‌ନେଚର କଲେକ୍ସନ ଅନ୍ତର୍ଗତ ଆକର୍ଷଣୀୟ ଶାଢ଼ି ସହିତ ଅତି ସୁନ୍ଦର ରେଡି-ଟୁ-ୱେର୍ କୁର୍ତ୍ତା ଏବଂ କୁର୍ତ୍ତା ସେଟ୍ ପାଇପାରିବେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଏହାର ଯାତ୍ରା ପାଇଁ ପ୍ରସ୍ତୁତ ହୋଇଯାଇଥିବା ବେଳେ ଏ ସବୁ ଅଫର ଉତ୍ସବର ଆନନ୍ଦକୁ ବହୁ ଗୁଣା କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହରାରେରେ ଗିଲ୍‌ଙ୍କ ଟିମ୍ ଇଣ୍ଡିଆ

**ହରାରେ, ୩।୭ (ପି.ଟି.)**

ଭାରତ ଓ ଜିମ୍ବାୱେ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ଚଳିତ ମାସ ୬ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ବୁଧବାର ହରାରେରେ ପହଞ୍ଚିଛି। ଜାତୀୟ କ୍ରିକେଟ ଏକାଡେମୀ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ କୋଚ୍‌ଭାବେ ଦଳସହ ଯାତ୍ରା କରିଛନ୍ତି। ଭାରତୀୟ ଦଳ ସେମାନଙ୍କ ଲଗେଜ ସହ ବିମାନ ବନ୍ଦର ଛାଡୁଥିବାର ଏକ ଭିଡିଓକୁ ଜିମ୍ବାୱେ କ୍ରିକେଟ ପକ୍ଷରୁ 'ଏକ୍ସ'ରେ ପୋଷ୍ଟ କରାଯାଇଛି। ଗିଲ୍‌ଙ୍କ ବ୍ୟତୀତ ଭାରତୀୟ ଦଳର ସମସ୍ତ ସଦସ୍ୟ ଗତ ମଙ୍ଗଳବାର ମୁମ୍ବାଇରୁ ହରାରେ ଯାତ୍ରା କରିଥିଲା। ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ରିଜର୍ଭ ଖେଳାଳିଭାବେ ଭାରତୀୟ ଦଳ ସହ ଥିବା ଗିଲ୍ କିଛି ଦିନର ବ୍ରେକ୍ ପରେ ନ୍ୟୁୟର୍କରୁ ଏଠାକୁ ଆସିଛନ୍ତି। 'ଟି୨୦ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ଭାରତକୁ ଆମେ ସ୍ୱାଗତ କରୁଛୁ' ବୋଲି ଜିମ୍ବାୱେ କ୍ରିକେଟ ପକ୍ଷରୁ ମଙ୍ଗଳବାର ରାତିରେ 'ଏକ୍ସ'ରେ ପୋଷ୍ଟ କରାଯାଇଥିଲା। ଯୁବ ଭାରତୀୟ ଟପ୍ ଅର୍ଡର ବ୍ୟାଟର ରିୟାନ ପରାଗ ଏହି ସିରିଜରେ ଅନ୍ତର୍ଜାତୀୟ ଡେବ୍ୟୁ କରିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ସେ କହିଛନ୍ତି ଯେ, ଜାତୀୟ ଦଳ ସହିତ ଏପରି ଯାତ୍ରା କରିବା ତାଙ୍କର ପିଲାଦିନର ସ୍ୱପ୍ନ ଥିଲା। ''ଭାରତୀୟ ଜର୍ସି ପିନ୍ଧିବା, ଜାତୀୟ ଦଳ ସହ ଯାତ୍ରା କରିବା ଭିନ୍ନ ଅନୁଭବ। ଆସାମରୁ ଆସି ଭାରତୀୟ ଦଳ ପକ୍ଷରୁ ଖେଳିବା ସ୍ୱପ୍ନ ମୁଁ ଦେଖୁଥିଲି। ଏବେ ମୁଁ ବହୁତ ଖୁସି। ପ୍ରଥମଥର ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ଯାଉଥିବାରୁ ଜିମ୍ବାୱେ ସହିତ ମୋର ସ୍ୱତନ୍ତ୍ର ସଂଯୋଗ ରହିବ। ସେ ଗ୍ରାଉଣ୍ଡ ମଧ୍ୟ ମୋ ପାଇଁ ସ୍ମରଣୀୟ ହୋଇଯିବ'' ବୋଲି ପରାଗ ପ୍ରକାଶ କରିଛନ୍ତି।

ଅନ୍ୟ ଜଣେ ନବାଗତ ଖେଳାଳି ତୁଷାର ଦେଶପାଣ୍ଡେ କହିଛନ୍ତି ଯେ, ''ଏହା ମୋ ପାଇଁ ସ୍ୱପ୍ନ ସତ ହେବାଭଳି ଘଟଣା। ଦେଶପାଇଁ ଖେଳିବା ସବୁଠାରୁ ସ୍ୱତନ୍ତ୍ର। ଦଳସହ ଯାତ୍ରା କରିବା ଏବଂ ସମସ୍ତଙ୍କୁ ଜାଣିବା, ଟିମ୍ ପରିବେଶ ସମ୍ପର୍କରେ ଅବଗତ ହେବା ବିଶେଷକରି ଯାତ୍ରା ସମୟର ମଜାଦାର ଅନୁଭୂତି ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ''। ସେହିପରି ବିଗ୍-ହିଟିଂ ବାମହାତୀ ଅଭିଷେକ ଶର୍ମା ମଧ୍ୟ ନିଜର ମତ ରଖିଛନ୍ତି। ଖେଳ ଆରମ୍ଭ କରିବା ଦିନଠାରୁ ତାଙ୍କର ଗୋଟିଏ ସ୍ୱପ୍ନ ଥିଲା। ତାହା ହେଉଛି ଦେଶ ପକ୍ଷରୁ ଖେଳିବା। ''ମୁଁ ଜାଣିଥିଲି ଯେ, କଠିନ ପରିଶ୍ରମ କଲେ ଦିନେ ନା ଦିନେ ସୁଯୋଗ ପାଇବି। ମାତ୍ର ଭାରତ ବାହାରେ ଜିମ୍ବାୱେରେ ଆରମ୍ଭ କରିବି ବୋଲି ମୁଁ କେବେ ଭାବି ନ ଥିଲି। ମୋ ନାଁ ଦଳରେ ଘୋଷଣା ହେବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କଠାରୁ ଏକ କଲ୍ ପାଇଥିଲି। ମୋତେ ସମସ୍ତଙ୍କ ସ୍ନେହ ମିଳୁଛି, ଯାହାକି ମୋ ପାଇଁ ବହୁତ ବଡ଼କଥା'' ବୋଲି ଅଭିଷେକ କହିଛନ୍ତି। ଦଳରେ ନାଁ ଘୋଷଣା ହେବା ପରେ ମୁଁ ଯେତେବେଳେ ଘରେ ପହଞ୍ଚିଲି ଦେଖିଲି ଯେ ମୋ ପରିବାରବର୍ଗ ସାକ୍ଷାତକାର ଦେଉଛନ୍ତି। ଏହି ସମୟ ମୋ ପାଇଁ ସବୁଦିନେ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି।

ସିକନ୍ଦର ରାଜାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଜିମ୍ବାୱେରେ ଏହାର ପ୍ରଥମ ମ୍ୟାଚ ଜୁଲାଇ ୬ରେ ହରାରେ କ୍ରିକେଟ ଗ୍ରାଉଣ୍ଡରେ ଖେଳିବ। ଅବଶିଷ୍ଟ ୪ ମ୍ୟାଚ ମଧ୍ୟ ସମାନ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ସିରିଜ ଜୁଲାଇ ୧୪ରେ ଶେଷ ହେବ। ଟି୨୦ ବିଶ୍ୱକପ ପାଇଁ ଭାରତୀୟ ଦଳରେ ସାମିଲ ଥିବା ସଞ୍ଜୁ ସାମସନ, ଯଶସ୍ୱୀ ଜୟସ୍ୱାଲ ଓ ଶିବମ୍ ଦୁବେ ଜିମ୍ବାୱେ ଯାତ୍ରା କରିଥିବା ଭାରତୀୟ ଦଳ ସହ ଯୋଗଦେବେ। ବାର୍ବାଡୋସରେ ଝଡ଼ତୋଫାନ ପାଇଁ ସେମାନେ ଦଳସହ ସେଠାରେ ଅଟକି ରହିବାକୁ ବାଧ ହୋଇଥିଲେ। ଏ ତିନିଜଣଙ୍କ ସ୍ଥାନରେ ସାଇ ସୁଦର୍ଶନ, ଜିତେଶ ଶର୍ମା ଓ ହର୍ଷିତ ରାଣାଙ୍କୁ ପ୍ରଥମ ୨ଟି ମ୍ୟାଚ ପାଇଁ ଦଳରେ ସାମିଲ କରାଯାଇଥିଲା। ସାମସନ, ଜୟସ୍ୱାଲ ଓ ଦୁବେ ଭାରତୀୟ ଦଳ ସହ ଏକ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ଗୁରୁବାର ସକାଳେ ଭାରତରେ ପହଞ୍ଚିବେ। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଭାରତୀୟ ଦଳକୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ରିଜର୍ଭ ଖେଳାଳିଭାବେ ଯାତ୍ରା କରିଥିବା ପେସର ଖଲିଲ ଅହମଦ ଓ ବ୍ୟାଟର ରିଙ୍କୁ ସିଂ ମଧ୍ୟ ବାର୍ବାଡୋସରେ ରହି ଯାଇଥିଲେ। ତେବେ ଏ ଦୁହିଁଙ୍କ ବଦଳ ଖେଳାଳିଭାବେ କାହା ନାମ ଘୋଷଣା କରାଯାଇନାହିଁ।



ହରାରେରେ ବୁଧବାର ପହଞ୍ଚିବା ପରେ ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍।

**ଭାରତ-ଜିମ୍ବାୱେ ଟି୨୦ ସିରିଜ**

# ୧୮୭ ଦିନର ଅଲିମ୍ପିକ୍ସ

ଅଲିମ୍ପିକ୍ସର ଚତୁର୍ଥ ସଂସ୍କରଣ ୧୯୦୮ରେ ଲଣ୍ଡନରେ ଆୟୋଜିତ ହୋଇଥିଲା। ଲଣ୍ଡନ, ୟୁକେ ଓ ଇଂଲଣ୍ଡରେ ଏହାର ଇଭେଣ୍ଟଗୁଡିକ ଅନୁଷ୍ଠିତ ହୋଇଥିଲା। ଗେମ୍ସ ଅଫ୍ ଫୋର୍ଥ ଅଲିମ୍ପିଆଡ ବୋଲି କୁହାଯାଇଥିବା ଏହି ଇଭେଣ୍ଟରେ ଆୟୋଜକ ଦେଶ ଗ୍ରେଟ୍ ବ୍ରିଟେନ୍ ପ୍ରଥମ ସ୍ଥାନରେ ରହିଥିଲା। ଅଲିମ୍ପିକ୍ସ ଇତିହାସର ସବୁଠାରୁ ଦୀର୍ଘତମ ଅଲିମ୍ପିକ୍ସ ଭାବରେ ଏହା ୧୮୭ ଦିନ ଧରି ଚାଲିଥିଲା। ୨୭ ଏପ୍ରିଲ ୧୯୦୮ରେ ଆରମ୍ଭ ହୋଇଥିବା ଏହି କ୍ରୀଡା ମହାକୁମ୍ଭ ୩୧ ଅକ୍ଟୋବର ୧୯୦୮ ଯାଏ ଜାରି ରହିଥିଲା। ଆରମ୍ଭରୁ ଏହି ଅଲିମ୍ପିକ୍ସ ରୋମ୍‌ରେ ହେବ ବୋଲି ସ୍ଥିର ହୋଇଥିଲା। ତେବେ ୧୯୦୬ରେ ମାଉଣ୍ଟ ଭିସେଭିୟସରେ ଭୟଙ୍କର ଆଗ୍ନେୟ ଉଦ୍‌ଗିରଣ କାରଣରୁ ଏହାକୁ ସ୍ଥାନାନ୍ତର କରାଯାଇଥିଲା। ଲଣ୍ଡନ ଅଲିମ୍ପିକ୍ସରେ ୨୨ ଦେଶ ଅଂଶଗ୍ରହଣ କରିଥିଲେ। ଏହି ଅଲିମ୍ପିକ୍ସରେ ସମୁଦାୟ ୨୨ଟି କ୍ରୀଡା ଇଭେଣ୍ଟକୁ ସାମିଲ କରାଯାଇଥିଲା। ସମୁଦାୟ ଅଂଶଗ୍ରହଣକାରୀ ଆଥ୍‌ଲେଟଙ୍କ ସଂଖ୍ୟା ୨୦୦୮ ରହିଥିଲା। ଏହା ମଧ୍ୟରେ ୧୯୭୧ ଜଣ ପୁରୁଷ ଓ ୩୭ ଜଣ ମହିଳା ରହିଥିଲେ। ଗ୍ରେଟ୍ ବ୍ରିଟେନ୍ ୫୬ ସ୍ୱର୍ଣ୍ଣ, ୫୧ ରୌପ୍ୟ ଓ ୩୯ ବ୍ରୋଞ୍ଜ ପଦକ ସହ ମୋଟ ୧୪୬ ପଦକ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲା। ଆମେରିକା ୨୩ ସ୍ୱର୍ଣ୍ଣ ସହ ୧୨ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ଅଲିମ୍ପିକ୍ସ ପରେ ହିଁ ଜଜ୍ ନିଯୁକ୍ତିର ନୂତନ ଗାଇଡ୍ ଲାଇନ୍ ସ୍ଥିର କରାଯାଇଥିଲା। ପୂର୍ବରୁ ଆୟୋଜକ ଦେଶ ନିଜର ଜୁରୀ ପ୍ରସ୍ତୁତ କରୁଥିବା ବେଳେ ସ୍ଥାନୀୟ ଖେଳାଳିଙ୍କୁ ଏହାର ଫାଇଦା ମିଳୁଥିଲା। ଆମେରିକାର ଜନ୍ କାରପେଣ୍ଟର ୪୦୦ ମିଟର ଦୌଡରେ ଭାଗ ନେଉଥିଲେ। ୪୦୦ ମିଟର ଫାଇନାଲ ପୂର୍ବରୁ କାରପେଣ୍ଟରଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଫଳରେ ଏହାର ପ୍ରତିବାଦ କରି ଅନ୍ୟ ୨ ଫାଇନାଲିଷ୍ଟ ଆମେରିକୀୟ ଆଥ୍‌ଲେଟ ଓହରି ଯାଇଥିଲେ। ଫାଇନାଲରେ ଏକମାତ୍ର ବ୍ରିଟିଶ ଖେଳାଳି ହିଁ ଶେଷରେ ପଦକ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସଂସ୍କରଣ ଗୁଡିକରେ ସ୍ଥାନୀୟ ଜୁରୀ ପରିବର୍ତ୍ତେ ସମଗ୍ର ବିଶ୍ୱରୁ ନିଯୁକ୍ତ କରାଗଲା। ସୁଇଡେନ୍‌ର ଓସ୍କାର ସ୍ୱାନ ୭୨ ବର୍ଷ ୨୭୯ ଦିନରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ରନିଙ୍ଗ ଡିୟର ଶୁଟିଙ୍ଗ ଇଭେଣ୍ଟରେ ସେ ଏହି ସଫଳତା ହାସଲ କରିଥିଲେ।

**ପ୍ୟାରିସ୍ ଅଲିମ୍ପିକ୍ସ**





**ଆଉ ୨୨ ଦିନ**

# ଟି୨୦: ହାର୍ଦ୍ଦିକ୍ ୧ ନମ୍ବର

**ଦୁବାଇ, ୩।୭ (ପି.ଟି.)** ଟି୨୦ ଅଲରାଉଣ୍ଡରଙ୍କ ମଧ୍ୟରେ ୧ ନମ୍ବର ସ୍ଥାନରେ ପହଞ୍ଚି ଇତିହାସ ରଚିଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା। ଟି୨୦ ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ ସହ ହାର୍ଦ୍ଦିକ ଅଲରାଉଣ୍ଡର ର୍‍ୟାଙ୍କିଙ୍ଗରେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି। ଭାରତର ବିଶ୍ୱକପ ବିଜୟରେ ହାର୍ଦ୍ଦିକଙ୍କ ଚମତ୍କାର ଅବଦାନ ରହିଥିଲା। ଫାଇନାଲରେ ୨୦ ରନ୍ ଦେଇ ସେ ୩ ଉଇକେଟ ନେଇଥିଲେ। ଏଥିରେ ହେନରିଚ୍ କ୍ଲାସେନ୍ ଓ ଡେଭିଡ୍ ମିଲରଙ୍କ ଉଇକେଟ ରହିଥିଲା। ଶ୍ରୀଲଙ୍କା ଅଧିନାୟକ ୱାନିନ୍ଦୁ ହସରଙ୍ଗାଙ୍କୁ ପଛରେ ପକାଇ ସେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଟି୨୦ କ୍ରିକେଟ ବିଶ୍ୱକପରେ ପାଣ୍ଡ୍ୟା ୧୪୪ ରନ୍ ସ୍କୋର କରିବା ସହ ୧୧ ଉଇକେଟ ନେଇଥିଲେ।

# ଓଡ଼ିଶାରୁ ଭାଗନେବେ ୬ ଖେଳାଳି



ଆଇଟିଟିଏଫ୍ ୱାର୍ଲ୍ଡ ମାଷ୍ଟର୍ସ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶାର ୬ ଖେଳାଳି।

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

ରୋମ୍‌ରେ ଚଳିତ ମାସ ୬ରୁ ୧୪ ପର୍ଯ୍ୟନ୍ତ ଆଇଟିଟିଏଫ୍ ୱାର୍ଲ୍ଡ ମାଷ୍ଟର୍ସ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୬ ଖେଳାଳି ଦେବଦତ୍ତ ମହାନ୍ତି, ତ୍ରୈଲୋକ୍ୟ ନାଥ ରାଉତ, ସ୍ମୃତିରଞ୍ଜନ ଦାସ, ପି. କେ. ସାମନ୍ତରାୟ, ବିଜନ ଦାସ ମହାପାତ୍ର ଓ ସନ୍ଦୀପ ଚକ୍ରବର୍ତ୍ତୀ ଅଂଶଗ୍ରହଣ କରିବେ। ମାଷ୍ଟର୍ସର ବିଭିନ୍ନ ବର୍ଗରେ ଏହି ସମସ୍ତ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୬୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଭାରତରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଭାଗନେବେ। ଓଡ଼ିଶା ପ୍ରତିଯୋଗୀମାନେ ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାୟୀ ଅଛନ୍ତି।

**ଆଇଟିଟିଏଫ୍ ୱାର୍ଲଡ ମାଷ୍ଟର୍ସ ଟେବୁଲ ଟେନିସ**

# ତୁର୍କୀ ଖେଳାଳିଙ୍କ ସେଲିବ୍ରେଶନର ତଦନ୍ତ ନିର୍ଦ୍ଦେଶ

**ୟୁରୋ କପ୍**

**ଲିପ୍‌ଜିଗ୍, ୩।୭ (ପି.ଟି.)**

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲ୍‌ରେ ତୁର୍କୀର ଖେଳାଳି ମେହରିନ୍ ଡେରିମାଲଙ୍କ ଗୋଲକୁ ନେଇ ବିବାଦ ଦେଖା ଦେଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚରେ ତୁର୍କୀ ୨-୧ରେ ଅଷ୍ଟ୍ରିଆକୁ ପରାସ୍ତ କରିଥିଲା। ମେହରିନ୍ ଡେରିମାଲ(୧ଓ ୫୯) ମିନିଟରେ ତୁର୍କୀ ପକ୍ଷରୁ ଉଭୟ ଗୋଲ ସ୍କୋର କରିଥିଲେ। ତେବେ ଦ୍ୱିତୀୟ ଗୋଲ ସ୍କୋର କରିବା ପରେ ମେହରିନ୍‌ଙ୍କ ସେଲିବ୍ରେଶନକୁ ନେଇ ପ୍ରଶ୍ନଚିହ୍ନ ଉଠିଛି। ଦେଶରେ ରାଜନୈତିକ ହିଂସା ସୃଷ୍ଟି କରୁଥିବା ଉଲ୍ଫ ଓସାକ୍ଲାରି(ଗ୍ରେ ଓଲ୍ଭସ୍)ର ସ୍ଲୋଗାନକୁ ସେ ସେଲିବ୍ରେଶନରେ ସାମିଲ କରିଥିଲେ। ଏହାର ତଦନ୍ତ ଭାର ଜଣେ ଅଧିକାରୀଙ୍କୁ ଦିଆ ଯାଇଥିବା ବେଳେ ଯେ କୌଣସି ମୁହୂର୍ତ୍ତରେ ତାଙ୍କ ବିରୋଧରେ ମାମଲା ହୋଇପାରେ। ଏହି ବିଜୟ ସହ କ୍ୱାର୍ଟରରେ ପ୍ରବେଶ କରିଥିବା ତୁର୍କୀ ଏହାର ପରବର୍ତ୍ତୀ ମ୍ୟାଚ୍ ନେଦରଲାଣ୍ଡ୍ସ ସହିତ ଖେଳିବ।

ମଙ୍ଗଳବାର ଅନ୍ୟ ଏକ ମ୍ୟାଚରେ ନେଦରଲାଣ୍ଡ୍ସ ୩-୦ ଗୋଲରେ ରୋମାନିଆକୁ ପରାସ୍ତ କରିଛି। ନେଦରଲାଣ୍ଡ୍ସ ପକ୍ଷରୁ କୋଡି ଗାପ୍‌କୋ (୨୦), ଡୋନିଲ୍ ମାଲେନ୍ (୮୩, ୯୦+୩) ମିନିଟରେ ଗୋଲ ଦେଇଥିଲେ।

**କୋପା ଆମେରିକା**

# କ୍ୱାର୍ଟର ଲାଇନ୍‌ଅପ୍ ଚୂଡ଼ାନ୍ତ

**ସାଣ୍ଟା କାର୍ଲା, ୩।୭ (ପି.ଟି.):** କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡାନ୍ତ ହୋଇଛି। ବ୍ରାଜିଲ-କଲମ୍ବିଆ ଅନ୍ତିମ ଲିଗ୍ ମ୍ୟାଚ୍ ଡ୍ରରେ ଶେଷ ହେବା ପରେ ଉଭୟ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆର୍ଜେଣ୍ଟିନା-ଇକ୍ୱେଡର (ଶୁକ୍ରବାର), ଭେନେଜୁଏଲା-କାନାଡା(ଶନିବାର) ପ୍ରଥମ ଦୁଇ କ୍ୱାର୍ଟର ଫାଇନାଲ ଖେଳିବେ। ଅନ୍ୟପକ୍ଷରେ କଲମ୍ବିଆ-ପାନାମା ଓ ଉରୁଗୁଏ-ବ୍ରାଜିଲ(ଉଭୟ ରବିବାର) ଅନ୍ୟ ୨ କ୍ୱାର୍ଟର ମୁକାବିଲା ଖେଳିବେ।

ବୁଧବାର ମ୍ୟାଚ୍‌ରେ ବ୍ରାଜିଲ-କଲମ୍ବିଆ ୧-୧ରେ ଡ୍ର ରଖିଥିବା ବେଳେ କୋଷ୍ଟାରିକା ୨-୧ ଗୋଲରେ ପାରାଗୁଏକୁ ହରାଇଛି। ବ୍ରାଜିଲ ପକ୍ଷରୁ ରାଫିନା ୧୨ଶ ଓ କଲମ୍ବିଆ ପକ୍ଷରୁ ଡାନିଏଲ ମୁନୋଜ (୪୫+୨) ମିନିଟରେ ଗୋଲ କରିଥିଲେ। ସେହିପରି କୋଷ୍ଟାରିକା ପକ୍ଷରୁ ଫ୍ରାନସିସ୍କୋ କାଲଭୋ(୩) ଓ ଜୋସିମାର ଆଲକୋଏର(୭) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପାରାଗୁଏ ପକ୍ଷରୁ ରାମୋନ ସୋସା ୫୫ ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। କଲମ୍ବିଆ ଓ ବ୍ରାଜିଲ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଛନ୍ତି।


# Classified Everyday
0674-2580101, 2549949



REAL ESTATE

**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-75970

**ଭୁବନେଶ୍ୱର KEC ନିକଟ ଗୁଡ଼ିଆପୋଖରି ଛକରୁ 1.5 K.M. ମଧ୍ୟରେ 1380sqft. ଘରବାରି, Boundary, 30' road, Electricpoll ଥାଇ North facing plot ତୁରନ୍ତ ବିକ୍ରି ହେବ। Direct owner- 9078726651.** D-75968

**Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445.** D-75971

**NH side commercial plot for sale at Pipili Bypass. Area- 20445sqft. suitable for Godown, Restaurants, Hospital/ Nursing Home. Etc. Contact- 9937446498.** D-75549

1BHK ready to move in flats available in Hi-Tech Brundaban Project near Batamangala Temple, Puri Town, 8895816302, 8328857872. D-650





Newly open Jyoti SPA positively health benefits (Expert therapist). 8458067955. D-76130

Relax refreshment body massage therapy by experience lady therapist. 7008773793. D-76129

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Kerala body Massage best Therapist Bhubaneswar. 9337672475. D-614

Fully relaxed body massage trained therapist. Central SPA. 9556483961. D-75757

Monalisa massage Club: All types Body massage with hiprofile smart lady rooms service available. 9708545108. D-621

Relax, refresh your body, mind by expert therapist. Contact: 9938843929. D-76132

Newly open health benefits spa special offer @999 Bapujinagar, 8018429809. D-76131

**AFFIDAVIT**

I, Subham Mahapatra, S/o. Ajaya Chandra Mahapatra resident of AT/P.O./DIST. Nuapada, Pin- 766105, Odisha declare by this affidavit No.- IN-DL85441544388682M dtd. 28.07.2014 that now onwards I shall be known as SHUBHAM MAHAPATRA for all future purposes. D-652

By virtue of an affidavit sworn before the Executive Magistrate, Sundargarh, I, Agustina Lakra, W/o. Johan Lakra, R/o. Village/ P.O. Mashabira, Dist. Sundargarh, Odisha declare that we had adopted a girl child namely Karishma Kujur vide Regd. No.41702300087 dt.21.01.2023. After adoption we change her name as Jeniva Lakra. That in Aadhaar card No. xxxx xxxx 6456 her name has been mentioned as Karishma Kujur. Now we change her name from Karishma Kujur to Jeniva Lakra in her said Aadhaar card. D-649

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I Ashok Kumar Mishra (40), S/o – Late Sridhar Mishra, Vill.- Chhatis- Birajapur, P.O.- Chandigan, P.S.: Sabarang, Dist.: Bhadrak. That true spelling of my minor son's name is Prasanna Jeet Mishra according his Birth Certificate. But in the School record of Kendriya Vidyalaya, Bhadrak his name wrongly recorded as Prassana Jeet Mishra. By this affidavit I want to correction of my son's name has Prasanna Jeet Mishra instead of Prassana Jeet Mishra in his school record. D-654

# ମନେ ପଡ଼ନ୍ତି

**୩୪ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ**

ଆବିର୍ଭାବ: ତା.୧୨।୦୪।୧୯୪୫ରିଖ
ତିରୋଧାନ: ତା.୦୪।୦୭।୧୯୯୦ରିଖ

ଆମେ ଆଜିର ୩୪ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।

Director and Staff , "X" Security Service (P)Ltd.

ଧ-୬୪୬

**ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରମିଳା ପାତ୍ର ଶତପଥୀ (ପମି)**

ମହାଦେବନଗର, ଭୁବନେଶ୍ୱର
ତିରୋଧାନ: ତା୧।୦୭।୨୦୧୫

ଅଧାରାତି ଅଧାନିଦରେ ଚାଲିଗଲ ନୀରବେ, କହିବାକୁ ଚାହୁଁଥିଲେ ମଧ୍ୟ କହିଲନି ମନକଥା ଝୁରୁଅଛୁ ସରବେ । ଆଜିମଧ୍ୟ ସେଦିନ କାଳରାତ୍ରିର ହୃଦୟବିଦାରକ ଦୃଶ୍ୟ ଆଖିଆଗରେ ନାଚିଯାଉଛି । ତୁମ ସହିତ ବିତାଇଥିବା ସମସ୍ତ ଟିକିନିଖି ମୁହୂର୍ତ୍ତ ସବୁସମୟରେ ମନକୁ ଆନ୍ଦୋଳିତକରି ଚକ୍ଷୁ ଅଶ୍ରୁମୋଚିତ ହୋଇଯାଉଅଛି। ଫୁଟିବା ଫୁଲଟି ଝରିବାର ସମୟ ପୂର୍ବରୁ ବିଧିର କ୍ରୁର ବିଧାନ ଇସାରାରେ ଝରିଗଲା, ଆଜକୁ ଠିକ୍ ନଅ ବର୍ଷ ତଳେ।

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେସବୁ ଅକିଞ୍ଚନ ଲିନୁ, ବବି, କିଟି, ମକର ଆଦି ଆଜିର ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।

ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ ।

ଧ-୬୦୫

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



**୰ ପ୍ରଶାନ୍ତ କୁମାର ମିଶ୍ର**

ଆବିର୍ଭାବ : ୩.୩.୧୯୪୪
ତିରୋଧାନ : ୧୭.୬.୨୦୨୩

ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ପରିବାର ତରଫରୁ ଶ୍ରଦ୍ଧାଞ୍ଜଳି

ମିଶ୍ର ପରିବାର ବର୍ଗ

ଧ-୬୫୩



'ଅପରାହ୍ନର ସୂର୍ଯ୍ୟ' ଚଳଚ୍ଚିତ୍ରର ଏକ ଦୃଶ୍ୟ

### ରିଲିଜ୍ ଅପେକ୍ଷାରେ

# ଅପରାହ୍ନର ସୂର୍ଯ୍ୟ

ଦିନ ଥିଲା, ମନୋରଞ୍ଜନର ବିଭିନ୍ନ ମାଧ୍ୟମକୁ ରାଜରାସ୍ତାରେ ପ୍ରଦର୍ଶନ କରାଯାଉଥିଲା। ବାଉଁଶରାଣୀ ଖେଳ ହେଉ ଅବା ମୁଣ୍ଡପୋତା କେଳାର ଝାଳବୁହା ପରିଶ୍ରମ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆମୋଦିତ କରୁଥିଲା। ମୁଣ୍ଡପୋତା କେଳାଙ୍କର ଜୀବନୀକୁ ଆଧାର କରି ରଚିତ ହୋଇଛି ଏକ ମନଛୁଆଁ କାହାଣୀ। ଏହାକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଅପରାହ୍ନର ସୂର୍ଯ୍ୟ।' ସେମାନେ କିପରି ଗାଁ ଗାଁ ବୁଲି ଡୁ ଡୁ ଖରାରେ ଗାଁ ଦାଣ୍ଡରେ ଗାତଖୋଳି ତା' ଭିତରେ ନିଜ ମୁଣ୍ଡକୁ ଭର୍ତ୍ତିକରି ମାଟି ଘୋଡ଼ାଇ ଦିଅନ୍ତି। ଆଉ ବେଶ୍ କିଛି ସମୟ ତା' ଭିତରେ ରହିଥାଆନ୍ତି। ଏଭଳି ଦୁଃସାହସିକ ଖେଳ ଏବେ ପ୍ରାୟ ଦେଖିବାକୁ ମିଳୁନାହିଁ। ତେଣୁ ତାହାକୁ ବଡ଼ ପରଦାରେ ଚଳଚ୍ଚିତ୍ର ଆକାରରେ ପ୍ରଦର୍ଶନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ନିର୍ଦ୍ଦେଶକ ଅଜୟ କୁମାର ମହାନ୍ତି। ସେ ଏହାର କାହାଣୀ, ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଏ ନେଇ ସେ କୁହନ୍ତି, 'ଯେତେବେଳେ ଏଭଳି ଏକ ସେନ୍‌ସେସନାଲ କାହାଣୀକୁ ନେଇ ଫିଲ୍ମଟିଏ କରିବାକୁ ଚିନ୍ତାକଲି ସେତେବେଳେ ଅନେକ ପ୍ରଶ୍ନ ମୋ ମନରେ ଉଙ୍କି ମାରିଥିଲା। କିନ୍ତୁ ମୋ ସ୍ୱପ୍ନକୁ ରୂପରେଖ ଦେବାକୁ ମୁଁ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କଲି ଏବଂ ଆଗେଇଲି। ଫିଲ୍ମଟିକୁ ଚଳିତ ବର୍ଷ ଗଣେଶ ପୂଜା ଅବସରରେ ରିଲିଜ୍ କରିବାକୁ ଯୋଜନା ରଖିଛି। ଏଥିରେ ଅଭିନୟ କରିଥିବା କଳାକାରମାନେ ନିଜ ନିଜ ଭୂମିକାକୁ ଶତପ୍ରତିଶତ ଜଷ୍ଟିସ୍ ଦେବାକୁ ଚେଷ୍ଟା କରିଛନ୍ତି। ଆଶା, ଆମ ପରିଶ୍ରମର ମୂଲ୍ୟ ନିଶ୍ଚୟ ମିଳିବ।' ଏହି ଚିତ୍ରର ବିଭିନ୍ନ ଭୂମିକାରେ ଜୟାସ୍ୱାମୀ, ପ୍ରମୋଦ ରାଉତ, କଳିଙ୍ଗ ଦାଶ, ମୁନ୍‌ମୁନ୍ ଖୁଣ୍ଟିଆ, ସୁସନ୍ଧ୍ୟା ନାରାୟଣୀ ମହାନ୍ତି, ଜାନକୀ ନାଥ ମିଶ୍ର, ଅଜୟ ମହାନ୍ତି, ଶୁଭମ୍ ସାହୁ, ମାନବୀ ବେହେରା, ସୋମନାଥ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।




# ପୁଣି ଥରେ ଆକ୍ସନ ଅବତାର

ବଲିଉଡ୍‌ର ୟଙ୍ଗ୍ ସେନ୍‌ସେସନ ଟାଇଗର ଶ୍ରଫ୍। ନାମ ଯେମିତି କାମ ବି ସେମିତି। ମାତ୍ର କେତୋଟି ବର୍ଷ ଭିତରେ ସେ ନିଜକୁ ଜଣେ ଆକ୍ସନ ଷ୍ଟାର ଭାବେ ପରିଚିତ କରାଇ ସାରିଲେଣି। କେହି କେହି ତାଙ୍କୁ ଆଗାମୀ ଦିନର ସୁପରଷ୍ଟାର ଭାବରେ ସମ୍ବୋଧନ କରୁଛନ୍ତି। ସେ ପୁଣିଥରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। କଥାରେ ପରା ଅଛି-'ମଲୁ ଖୋଜୁଥିଲା ଯାହା, ବଇଦ ବତାଇଲା ତାହା।' ଦେଖୁନାହାନ୍ତି, ଯେପରି ଏକ ଆକ୍ସନ ପ୍ଲଟ୍ ସେ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଏଭଳି କାହାଣୀକୁ ନେଇ ରଚିତ ସିନେମାଟିଏର ନିର୍ଦ୍ଦେଶନା ଦେବେ ଶଶାଙ୍କ ଖୈତାନ। ଏହି ଫିଲ୍ମରେ କିଏ ଲିଡ୍ ରୋଲ୍‌ରେ ଅଭିନୟ କରିବ ସେନେଇ ଟିକେ ଚିନ୍ତାରେ ପଡ଼ିଯାଇଥିଲେ ନିର୍ଦ୍ଦେଶକ। ଠିକ୍ ସେତିକିବେଳକୁ ଟାଇଗରଙ୍କ ନାମ ତାଙ୍କ ମନକୁ ଆସିଥିଲା। ବାସ୍, ବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ଟାଇଗର ମଧ୍ୟ ଏ ନେଇ ନିଜର ସମ୍ମତି ପ୍ରଦାନ କରିସାରିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି, 'ମୁଁ ସବୁବେଳେ ଭଲ ଭଲ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଆକ୍ସନ ସିନେମାରେ ଅଭିନୟ କରିବାକୁ ପସନ୍ଦ କରିଥାଏ। ଏହି ନୂଆ ଫିଲ୍ମଟିରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ମସଲା ଭରିରହିଛି।' ଏହାର ଶୁଟିଂ ଖୁବ୍‌ଶୀଘ୍ର ପର୍ତ୍ତୁଗାଲରେ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।



ରମେଶ-ବନି ସେନଗୁପ୍ତା

# ଆଜିର ରେବତୀ

**ନୂଆ ସିନେମା**

ଓଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ରମେଶ ବାରିକ ଏକ ଦ୍ୱିଭାଷୀ ଫିଲ୍ମ (ବଙ୍ଗଳା-ଓଡ଼ିଆ) ନିର୍ମାଣ କରିବାକୁ ଯାଉଛନ୍ତି। ଏକ ନାରୀଭିତ୍ତିକ କାହାଣୀକୁ ଆଧାରକରି ସେ ପ୍ରସ୍ତୁତ କରୁଛନ୍ତି ଦ୍ୱିଭାଷୀ (ଓଡ଼ିଆ-ବଙ୍ଗଳା) ଫିଲ୍ମ 'ଆଜିର ରେବତୀ'। ଜଣେ ନାରୀ ତା' ଜୀବନ ରାସ୍ତାରେ ବାଧାବିଘ୍ନର ସମ୍ମୁଖୀନ ହେଲେ ମଧ୍ୟ କେମିତି ନିଜ ଲକ୍ଷ୍ୟପଥରେ ଆଗେଇ ଚାଲିଛି ତାହାକୁ ଆଧାରକରି ଏହାର କାହାଣୀ ଗତିଶୀଳ। ସବୁଠାରୁ ଖାସ୍‌କଥା ହେଲା, ଏହାର ନାୟକ ସାଜୁଛନ୍ତି ବଙ୍ଗଳା ଚଳଚ୍ଚିତ୍ର ଜଗତର ନାମୀ ତାରକା ବନି ସେନ୍‌ଗୁପ୍ତା। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର। ଫିଲ୍ମଟିର ନିର୍ଦ୍ଦେଶନା ଦେବେ 'ପୁଷ୍କରା' ଫେମ୍ ଶୁଭ୍ରାଂଶୁ ଦାସ। ଆର୍.ଆର୍. ଇଭେଣ୍ଟ୍ସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରମେଶ। ଏହାପୂର୍ବରୁ ବୋନି ବଙ୍ଗଳା ଫିଲ୍ମ 'ବରବାଦ', 'ପାର୍‌ବୋନା ଆମି ଛରତେ ତୋକେ', 'ଅନ୍ତର୍ଜଲ୍' ଏବଂ 'ଦାଲ୍ ବତୀ ଚୁର୍‌ମା'ରେ ଅଭିନୟ କରିସାରିଛନ୍ତି।

# ରୋମାଞ୍ଚକର ମୋଡ଼ରେ 'ସନ୍ଧ୍ୟାରାଗିଣୀ'

ଓଡ଼ିଶାର ଅନ୍ୟତମ ଦର୍ଶକାଦୃତ ଚ୍ୟାନେଲ 'ଜୀ ସାର୍ଥକ'ରେ ପ୍ରସାରିତ ହେଉଛି ବିଜୟ କାଣ୍ଡୋଇଙ୍କ ଦ୍ୱାରା ପ୍ରଯୋଜିତ ମେଗା ଧାରାବାହିକ 'ସନ୍ଧ୍ୟାରାଗିଣୀ'। କଲେଜ ଫ୍ରେଶର ଇଭେଣ୍ଟ ପାଇଁ ରାଗିଣୀ ଏବଂ ସନ୍ଧ୍ୟା ସମସ୍ତ ଅଭ୍ୟାସ ଜାରି ରଖନ୍ତି। ସନ୍ଧ୍ୟା କ୍ୟାଟ୍ ୱାକ୍‌ରେ ସମସ୍ତଙ୍କୁ ପଛରେ ପକାଇ ପ୍ରତିଯୋଗିତା ଜିତିଛି। ହେଲେ ପରେ ଜଣାପଡ଼ିଛି ଯେ ସନ୍ଧ୍ୟାର ଏହି କ୍ୟାଟ୍ ୱାକ୍ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଯାଇଛି। ଏପଟେ ରାଗିଣୀ ଉପରେ ସବୁ ଦୋଷ ଆସିଛି ।ଏହା ଭିତରେ ରଘୁରାଜ ନିଷ୍ପତ୍ତି ନେଇଛନ୍ତି ଯେ ସନ୍ଧ୍ୟା ଏବଂ ରାଗିଣୀ ପରସ୍ପରଠାରୁ ଦୂରରେ ରହିବେ ଏବଂ ବର୍ତ୍ତମାନ ସେମାନେ ଭିନ୍ନ ଭିନ୍ନ କଲେଜରେ ପାଠ ପଢ଼ିବେ। ଏପରିକି ରାଗିଣୀ ଏବଂ ସନ୍ଧ୍ୟାର ରୁମ୍ ମଧ୍ୟ ଅଲଗା ହୋଇଯାଏ। ରାଗିଣୀର କଲେଜରୁ ସନ୍ଧ୍ୟାର ନାମ କାଟିବା ପାଇଁ ରଘୁରାଜ ନିଜେ କଲେଜକୁ ଯାଆନ୍ତି। ତେବେ ଆଗକୁ କ'ଣ ହେବ ? ଏଇ ସବୁକୁ ଆଧାରକରି 'ସନ୍ଧ୍ୟାରାଗିଣୀ' ଆଗେଇଚାଲିଛି। ଏହାର ମୁଖ୍ୟ ଚରିତ୍ରରେ ଅଛନ୍ତି ନିତୁ ମିଶ୍ର, ହିତେସା, ପ୍ରିୟଙ୍କା, ଦୀପ୍ତିରେଖା, ଜ୍ୟୋତି, ଆଶୁତୋଷ, ଜୟା ଗୋସ୍ୱାମୀ, ହୃଷୀ ପଟ୍ଟନାୟକ, ପଦାରବିନ୍ଦୁ ଓ ପ୍ରିତିରାଜ । ଧାରାବାହିକଟିର ପ୍ରସାରଣ ସମୟ ରହିଛି ସୋମବାରରୁ ଶନିବାର (ସନ୍ଧ୍ୟା ୬.୩୦-୭)। ''ଜୀ ସାର୍ଥକର ସବୁ ମେଗା ଧାରାବାହିକ ପରି 'ସନ୍ଧ୍ୟାରାଗିଣୀ'କୁ ମିଳିଥିବା ଭଲପାଇବା ସହିତ ନାରୀର ସୃଜନଶୀଳତା ଓ ପରାକାଷ୍ଠା କେତେ ଏହି ଧାରାବାହିକ ମାଧ୍ୟମରେ ଆମ ଦର୍ଶକ ଉପଲବ୍ଧି କରିଛନ୍ତି ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍।''

# ଯଦି ମନା କରିଥାଆନ୍ତି..



ରଶ୍ମିକା

ରଶ୍ମିକା ମନ୍ଦାନା ଯେତେବେଳେ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭକଲେ ସେତେବେଳେ ସେ ଏହାକୁ ନେଇ ଦୋ'ଛକିରେ ପଡ଼ିଥିଲେ। ୨୦୧୮ରେ ଏକ ତେଲୁଗୁ ଫିଲ୍ମ 'ଚାଲୋ'ରେ ଅଭିନୟ କରିବାକୁ ତାଙ୍କୁ ଅଫର ମିଳିଥିଲା। ହେଲେ ସେ ହଠାତ୍ ଏ ନେଇ କିଛି ନିଷ୍ପତ୍ତି ନେଇ ନ ଥିଲେ। ଏଥିପାଇଁ ସେ ପ୍ରଯୋଜକଙ୍କୁ ଦୁଇ ସପ୍ତାହ ସମୟ ମାଗିଥିଲେ। ପୁଣି ତା' ଭିତରେ ହଁ-ନାହିଁରେ ଫସିଯାଇଥିଲେ ଏହି ଅଭିନେତ୍ରୀ। ଥରେ ସକାଳେ ସେ ଥଣ୍ଡା ମନରେ ଏ ନେଇ ଭଲଭାବେ ଚିନ୍ତା କରିବା ପରେ ଉକ୍ତ ସିନେମାରେ ଅଭିନୟ କରିବାକୁ ସମ୍ମତି ଜଣାଇଥିଲେ। ଏ ବିଷୟରେ ରଶ୍ମିକା କୁହନ୍ତି, 'ମୋ ଅଭିନୀତ ପ୍ରଥମ ତେଲୁଗୁ ଫିଲ୍ମରେ ଆକ୍ଟିଂ କରିବି କି ନାହିଁ ସେନେଇ ଦ୍ୱନ୍ଦ୍ୱରେ ଥିଲି। କିନ୍ତୁ ଶେଷରେ ମାଇଣ୍ଡ ମେକ୍‌ଅପ୍ କଲି ଯେ ଏହି ଅଫରକୁ ହାତଛଡ଼ା କରିବି ନାହିଁ। ଶେଷରେ ଫିଲ୍ମଟି ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହେଲା।' ତା'ପରେ ଆଉ ଏକ ରୋମାଣ୍ଟିକ୍ କମେଡି ଫିଲ୍ମ 'ଗୀତା ଗୋବିନ୍ଦମ୍'ରେ ସେ ଅଭିନୟ କଲେ। ଫିଲ୍ମଟି ତାଙ୍କୁ ରାତାରାତି ନାୟିକା ଦୌଡ଼ରେ ସାମିଲ କରିବାରେ ସାହାଯ୍ୟ କରିଥିଲା। ଏବେ ରଶ୍ମିକା ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ଚର୍ଚ୍ଚିତ ଫିଲ୍ମ 'ପୁଷ୍ପା-୨' ଚଳିତବର୍ଷ ଡିସେମ୍ବର ୬ରେ ରିଲିଜ୍ ହେବାକୁ ଯାଉଛି। ଏହି ବିଗ୍ ବଜେଟ ଫିଲ୍ମରେ ଆଲ୍ଲୁ ଅର୍ଜୁନ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି।

# ଫୁର୍‌ସତ ମିଳିଲେ..

ବିଶେଷଭାବରେ ଅଭିନୟ ସହ ଜଡ଼ିତ ବ୍ୟକ୍ତିବିଶେଷ ପ୍ରାୟ ଶୁଟିଂରେ ବ୍ୟସ୍ତ ଥାଆନ୍ତି। ଅବସର ମିଳିବା ମାତ୍ରେ ସେମାନେ ବିଭିନ୍ନ କାମରେ ନିଜକୁ ନିୟୋଜିତ ରଖନ୍ତି। ଆଉ ସେଥିରୁ ବା ୟାମି ଗୌତମ ବାଦ୍ ପଡ଼ନ୍ତେ କିପରି ? କଥା କ'ଣ କି, ଯେତେବେଳେ ତାଙ୍କୁ ଶୁଟିଂରୁ ଫୁର୍‌ସତ ମିଳେ ସେତେବେଳେ ସେ କ'ଣ କରନ୍ତି ଜାଣନ୍ତି ? ପ୍ରଥମେ ସେ ପରିବାର ସହ ସମୟ କାଟନ୍ତି। ଆଉ ନାମୀ ଲେଖକଙ୍କ ରଚିତ ବହି ପଢ଼ିଥାଆନ୍ତି। ସମୟ ମିଳିଲେ ନିଜ ମନପସନ୍ଦର ଖାଦ୍ୟ ମଧ୍ୟ ରୋଷେଇକରି ଖାଆନ୍ତି। ଏ ସମ୍ପର୍କରେ ୟାମି କୁହନ୍ତି, 'ପିଲାଟିଦିନରୁ ଭଲ ଭଲ ତଥା ଶିକ୍ଷାମୂଳକ ବହି ପଢ଼ିବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା। ଯାହାହେଉ ଏବେ ବି ତାହାକୁ ମୁଁ ଚାଲୁ ରଖିଛି। ଶୁଟିଂ ନ ଥିଲେ ମୁଁ ପ୍ରାୟ ଘରେ ରହେ। ଏହି ସମୟରେ ନାମୀ ଲେଖକଙ୍କ ବହି ପଢ଼େ। ଯଦି ଭଲ ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ, ତେବେ ନିଜେ ପ୍ରସ୍ତୁତ କରି ଖାଏ।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ୍ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ଼ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡ଼ିକ ହେଲା-'ଭିକି ଡୋନର', 'ଆକ୍ସନ ଜ୍ୟାକ୍‌ସନ', 'ବଦ୍‌ଲାପୁର', 'ସନମ୍ ରେ', 'ସରକାର-୩', 'ବାଲା', 'ଗିନ୍ନି ୱେଡ୍‌ସ ସନ୍ନି', 'ଭୂତ ପୋଲିସ' ଏବଂ 'ଏ ଥର୍ସ ଡେ' ଇତ୍ୟାଦି।



ୟାମି

## ଅଭିନେତ୍ରୀ ହୋଇ ନ ଥିଲେ...

ପାଠ ପଢ଼ିବା ସମୟରେ ତାଙ୍କର ଲକ୍ଷ୍ୟ ଥିଲା ଅଲଗା। ସେହି ସମୟରେ ସେ ଆଶା ରଖିଥିଲେ ଯେ ଛାତ୍ରୀ ଜୀବନ ଶେଷହେବା ପରେ କିଛି ନା କିଛି ଚାକିରି କରିବି। କିନ୍ତୁ ତାଙ୍କ ଭାଗ୍ୟରେ ଆଉ କିଛି ଲେଖାଥିଲା। ସମୟକ୍ରମେ ସେ ପାଦଥାପିଲେ ଅଭିନୟ ଜଗତରେ। ୨୦୧୪ରେ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ସୁଯୋଗ ମିଳିଥିଲା। ନିର୍ଦ୍ଦେଶକ କବିର ସଦାନନ୍ଦ 'ଫୁଗଲି' ଫିଲ୍ମରେ ତାଙ୍କୁ ନାୟିକା ସାଜିବାର ସୁଯୋଗ ଦେଇଥିଲେ। ଯେତେବେଳେ ଏହି ଅଫରଟି କିଆରାଙ୍କୁ ମିଳିଲା, ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। କମେଡିଭିତ୍ତିକ ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ବିଜନେସ୍ କରିଥିଲା ଆଉ ତା'ପରେ ସେ ପଛକୁ ଫେରି ଚାହିଁ ନ ଥିଲେ। ଏବେ ସେ ନିଜ ଅଭିନୟ କ୍ୟାରିୟରକୁ ଆଗେଇ ନେଉଛନ୍ତି। ହେଲେ ଯଦି ସେ ଅଭିନେତ୍ରୀ ହୋଇ ନ ଥାନ୍ତେ, ତେବେ କ'ଣ କରିଥାଆନ୍ତେ ଜାଣନ୍ତି ? ଏ ନେଇ କିଆରା କୁହନ୍ତି, 'ଯଦି ମୁଁ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରି ନ ଥାନ୍ତି ତେବେ ମୁଁ ଜଣେ ସାମ୍ବାଦିକା ହେବାକୁ ଆଶା ରଖିଥିଲି। କାରଣ ମୁଁ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଛି। ସେ ଯାହାହେଉ, ଏବେ ନିଜ ଆକ୍ଟିଂ କ୍ୟାରିୟର ପ୍ରତି ମୁଁ ବେଶ୍ ସଚେତନ।' ବର୍ତ୍ତମାନ ରାମଚରଣଙ୍କ ଅଭିନୀତ 'ଗେମ୍‌ଚେଞ୍ଜର'ରେ ସେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ଆସନ୍ତାବର୍ଷ ରିଲିଜ୍ ହେବାର ଯୋଜନା ରହିଛି।



କିଆରା

# ଓଡ଼ିଆ ଚଳଚ୍ଚିତ୍ରରେ ଦେଶାତ୍ମବୋଧର ଶୂନ୍ୟତା

''ଦେଶାତ୍ମବୋଧକ ଚଳଚ୍ଚିତ୍ରଟିଏ ପରଦାରେ ଦେଖିଲେ ତାହାର ମଜା ନିଆରା। ସ୍ୱାଧୀନତା ସହ ସଂଶ୍ଳିଷ୍ଟ ଶହୀଦ ରଘୁ ସର୍ଦ୍ଦାର ଟାଇଟଲରେ ଏକ ଓଡ଼ିଆ ସିନେମା ନିର୍ମିତ ହୋଇ ରିଲିଜ୍ ହୋଇସାରିଛି। ଅନ୍ୟପକ୍ଷରେ ଜୟ ସେନ୍‌ଙ୍କ ନିର୍ଦ୍ଦେଶନାରେ ଆଉ ଏକ ଦେଶାତ୍ମବୋଧକ ଫିଲ୍ମ 'ଜୟୀ ରାଜଗୁରୁ' ରିଲିଜ୍ ଅପେକ୍ଷାରେ ରହିଛି। ତେଣୁ ଏଭଳି ପ୍ରୟାସ ଯଦି ଆମ ଓଡ଼ିଆ ସିନେମାରେ ଜାରି ରହେ ତେବେ ଏପରି ଚଳଚ୍ଚିତ୍ର ନିର୍ମାଣ କରିବାକୁ ତାହା ଅନ୍ୟ ପ୍ରଯୋଜକଙ୍କ ପାଇଁ ପ୍ରେରଣାଦାୟକ ହେବ।''

ସମୟ ଥିଲା, ପ୍ରାୟ ପୌରାଣିକ କଥାବସ୍ତୁକୁ ଆଧାରକରି ଓଡ଼ିଆ ସିନେମା ନିର୍ମାଣ ହେଉଥିଲା। ଏହାବ୍ୟତୀତ ସେହି ସମୟରେ କେତେକ ଚଳଚ୍ଚିତ୍ରରେ ଦେଶାତ୍ମବୋଧର ଦୃଶ୍ୟ ଦେଖିବାକୁ ମିଳିଥିଲା। ଯଦି ଆମ ଓଡ଼ିଆ ସିନେମା ଇତିହାସକୁ ତର୍ଜମା କରାଯାଏ, ତେବେ ମାତ୍ର କେତୋଟି ଦେଶାତ୍ମବୋଧକ ଚିତ୍ର ନିର୍ମିତ ହୋଇଥିବାର ଜଣାଯାଏ। କେତେକ ଫିଲରେ ଦେଶାତ୍ମବୋଧକ ଗୀତ ମଧ୍ୟ ସଂଯୋଜିତ ହୋଇଛି। ଏ କଥା ସତ ଯେ, ଏଭଳି ସିନେମା ନିର୍ମାଣ କରିବା ବ୍ୟୟସାପେକ୍ଷ। ଯଦିଓ ଏହା ଏକ ରିସ୍କ ତଥାପି ଏପରି ଫିଲ୍ମ ଦେଖିବାକୁ ଅନେକ ଦର୍ଶକଙ୍କର ଆଗ୍ରହ ଥିବା ଏବେ ଦେଖିବାକୁ ମିଳୁଛି। କାରଣ ବଲିଉଡ୍‌ରେ ଏଭଳି ସିନେମା ନିର୍ମାଣ ଧାରା ଜାରି ରହିଛି ଏବଂ ସେଭଳି ଚିତ୍ର ବକ୍ସ ଅଫିସ୍‌ରେ ଭଲ ବିଜନେସ୍ ମଧ୍ୟ କରୁଛି।

ଦେଶାତ୍ମବୋଧକ କାହାଣୀକୁ ନେଇ ଓଡ଼ିଆ ଭାଷାରେ କେତେକ ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଟେଲି ଫିଲ୍ମ ନିର୍ମାଣ ହୋଇଛି। ବିଶେଷ ଭାବରେ ଏ କ୍ଷେତ୍ରରେ ଦୂରଦର୍ଶନର ପ୍ରୟାସକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। କାରଣ ଭଲ ଭଲ କାହାଣୀ ଚୟନକରି ଏଭଳି ଚିତ୍ର ନିର୍ମାଣ ହୋଇ ପ୍ରସାରିତ କରାଯାଇଛି। କେବଳ ସେତିକି ନୁହେଁ, ଏହି ଚ୍ୟାନେଲ ପକ୍ଷରୁ ସେଗୁଡ଼ିକୁ ସଂରକ୍ଷିତ ରଖାଯାଇଛି। ଏବେ ଅଗଷ୍ଟ ୧୫, ଜାନୁୟାରୀ ୨୬ରେ ସେଗୁଡ଼ିକୁ ପୁନଃ ପ୍ରସାରଣ କରାଯିବା ଦ୍ୱାରା ଦର୍ଶକ ତାହାର ପୁଣିଥରେ ମଜା ନେଉଛନ୍ତି। ଜାତୀୟତାବୋଧକୁ ଆହୁରି ପ୍ରଚାର ପ୍ରସାର କରିବାରେ ଏଭଳି ଟେଲି ଫିଲ୍ମ ଏବଂ ପ୍ରାମାଣିକ ଚଳଚ୍ଚିତ୍ର ବେଶ୍ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ଦେଶାତ୍ମବୋଧକ ଚଳଚ୍ଚିତ୍ରଟିଏ ପରଦାରେ ଦେଖିଲେ ତାହାର ମଜା ନିଆରା। ସ୍ୱାଧୀନତା ସହ ସଂଶ୍ଳିଷ୍ଟ 'ଶହୀଦ ରଘୁ ସର୍ଦ୍ଦାର' ଟାଇଟଲ୍‌ରେ ଏକ ଓଡ଼ିଆ ସିନେମା ନିର୍ମିତ ହୋଇ ରିଲିଜ୍ ହୋଇସାରିଛି। ଅନ୍ୟପକ୍ଷରେ ଜୟ ସେନ୍‌ଙ୍କ ନିର୍ଦ୍ଦେଶନାରେ ଆଉ ଏକ ଦେଶାତ୍ମବୋଧକ ଫିଲ୍ମ 'ଜୟୀ ରାଜଗୁରୁ' ରିଲିଜ୍ ଅପେକ୍ଷାରେ ରହିଛି। ତେଣୁ ଏଭଳି ପ୍ରୟାସ ଯଦି ଆମ ଓଡ଼ିଆ ସିନେମାରେ ଜାରି ରହେ ତେବେ ଏପରି ଚଳଚ୍ଚିତ୍ର ନିର୍ମାଣ କରିବାକୁ ତାହା ଅନ୍ୟ ପ୍ରଯୋଜକଙ୍କ ପାଇଁ ପ୍ରେରଣାଦାୟକ ହେବ। ସମ୍ପ୍ରତି ଓଡ଼ିଆରେ ଆନିମେଶନ ମାଧ୍ୟମରେ ଯଦି ଦେଶାତ୍ମବୋଧକ କିମ୍ବା ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ଫିଲ୍ମ ନିର୍ମାଣ କରାଯାଆନ୍ତା, ତେବେ ତାହା ଦର୍ଶକଙ୍କୁ ଆହୁରି ପ୍ରଭାବିତ କରିପାରନ୍ତା।

ଯଦି ବଲିଉଡ୍ କଥା ପର୍ଯ୍ୟାଲୋଚନା କରାଯାଏ, ତେବେ ଅଭିନେତା ତଥା ନିର୍ଦ୍ଦେଶକ ମନୋଜ କୁମାରଙ୍କୁ ଏ ନେଇ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ 'କ୍ରାନ୍ତି' ଏବଂ 'ଜୟହିନ୍ଦ୍' କେତେ ଦର୍ଶକାଦୃତ ହୋଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ।

ଦେଶାତ୍ମବୋଧ ବିଷୟବସ୍ତୁକୁ ନେଇ ସିନେମା ନିର୍ମାଣ କରିବା ପାଇଁ ସେଭଳି ମାନସିକତା ରହିବା ଦରକାର। କାରଣ କାହାଣୀ, କଳାକାର ଚୟନ, ସଂଳାପ, ଲୋକେଶନ ଏବଂ ଶୁଟିଂ ପ୍ରତି ଯଥେଷ୍ଟ ଧ୍ୟାନ ନ ଦେଲେ ପରିଶ୍ରମର ଅସଲ ମୂଲ୍ୟ ମିଳି ନ ଥାଏ। ତେଣୁ ଓଡ଼ିଆ ପ୍ରଯୋଜକମାନେ ଯଦି ପ୍ରତିବର୍ଷ କିଛି ପ୍ରଭାବପୂର୍ଣ୍ଣ ଦେଶାତ୍ମବୋଧକ ଚଳଚ୍ଚିତ୍ର ନିର୍ମାଣ କରନ୍ତେ, ତେବେ ତାହା ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଆହୁରି ସ୍ମରଣୀୟ ପୃଷ୍ଠା ଯୋଡ଼ିବାରେ ସକ୍ଷମ ହୁଅନ୍ତା।

**-ଦିଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୪/୨୦୨୪ Bhubaneswar, Thursday, July 4/ 2024

# ଆଜି ଭାରତୀୟ ଦଳର ବିଜୟ ପରେଡ

## ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ, ୱାଙ୍ଖେଡେରେ ସମ୍ବର୍ଦ୍ଧନା

ମୁମ୍ବାଇ,୩।୭(ପି.ଟି.)

ଟି୨୦ ବିଶ୍ୱକପ୍ ବିଜେତା ଭାରତୀୟ ଦଳ ଶେଷରେ ବାର୍ବାଡୋସ୍ ଛାଡିଛି। ବାତ୍ୟା ହରିକେନ୍ କାରଣରୁ ଭାରତୀୟ ଦଳ ହୋଟେଲରେ ଅଟକି ରହିଥିଲା। ବୁଧବାର ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନ ସହାୟତାରେ ଭାରତୀୟ ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଦେଶ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗୁରୁବାର ସକାଳ ୬.୨୦ ମିନିଟରେ ନୂଆଦିଲ୍ଲୀ ବିମାନ ବନ୍ଦରରେ ଭାରତୀୟ ଖେଳାଳିମାନେ ଅବତରଣ କରିବେ। ଏୟାର ଇଣ୍ଡିଆ ଚାମ୍ପିୟନ୍ସ ୨୪ ୱାର୍ଲ୍ଡ କପ୍ ନାମକ ଏକ ଚାର୍ଟର ବିମାନରେ ବାର୍ବାଡୋସର ଗ୍ରାଣ୍ଟଲେ ଆଡାମ୍ସ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଖେଳାଳିମାନେ ଯାତ୍ରା ଆରମ୍ଭ କରିଥିଲେ। ହରିକେନ୍ ବେରିଲ୍ କାରଣରୁ ଭାରତୀୟ ଦଳର ସମ୍ଭାବ୍ୟ ଯାତ୍ରା ବିଳମ୍ବିତ ହୋଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ବ୍ୟତୀତ କିଛି ଖେଳାଳିଙ୍କ ପରିବାର ବର୍ଗ, ଭାରତୀୟ ସାମ୍ବାଦିକ, ବିସିସିଆଇ ସଭାପତି ରୋଜର ବିନ୍ନି ଓ ସମ୍ପାଦକ ଜୟ ଶାହା ମଧ୍ୟ ଏହି ବିମାନରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଉପ ସଭାପତି ରାଜୀବ ଶୁକ୍ଲା ସୂଚନା ଦେଇଛନ୍ତି।


ବାର୍ବାଡୋସରେ ସ୍ୱତନ୍ତ୍ର ଚାର୍ଟର ବିମାନରେ ଭାରତୀୟ ଖେଳାଳି ପ୍ରବେଶ କରୁଛନ୍ତି।


ବିମାନ ମଧ୍ୟରେ ବିଶ୍ୱକପ ଟ୍ରଫି ସହ ସୂର୍ଯ୍ୟକୁମାର ଯାଦବ ଓ ଅଧିନାୟକ ରୋହିତ ଶର୍ମା।

ସକାଳୁ ବିମାନ ଅବତରଣ କରିବା ପରେ ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯାଇ ପୂର୍ବାହ୍ନ ୧୧ଟା ବେଳେ ତାଙ୍କୁ ଭେଟିବେ। ପରେ ଭାରତୀୟ ଦଳ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ, ଯେଉଁଠାରେ ବିସିସିଆଇ ପକ୍ଷରୁ ଭାରତୀୟ କ୍ରିକେଟ ଦଳକୁ ସମ୍ମାନିତ କରାଯିବ। ନରିମାନ ପଏଣ୍ଟରୁ ଏକ ଛାତଖୋଲା ବସ୍‌ରେ ଭାରତୀୟ ଖେଳାଳିମାନେ ୱାଙ୍ଖେଡେ ଅଭିମୁଖେ ଯାତ୍ରା କରିବେ। ବିସିସିଆଇ ସମ୍ପାଦକ ଜୟ ଶାହା ଏହି ଘୋଷଣା କରିବା ସହ ଭାରତୀୟ ଦଳର ବିଜୟ ପରେଡରେ ସାମିଲ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ମଧ୍ୟ ସମାନ ପୋଷ୍ଟ କରିଛନ୍ତି। ଆମେ ଏହି ଖୁସିର ମୁହୂର୍ତ୍ତ ଆପଣମାନଙ୍କ ସହ ଶେୟାର କରିବାକୁ ଚାହୁଁଛୁ। ଅପରାହ୍ନ ୫ଟାରେ ଏହା ଆରମ୍ଭ ହେବ। ଉଲ୍ଲେଖଯୋଗ୍ୟ ଯେ, ୧୭ ବର୍ଷ ତଳେ ୨୦୦୭ରେ ଭାରତ ଟି୨୦ ବିଶ୍ୱକପ୍ ଜିତିବା ପରେ ସମାନ ଭାବରେ ସେଲିବ୍ରେଶନ କରାଯାଇଥିଲା।

# ଓସିଏଲ୍ ଟି୨୦: ଓଡ଼ିଶା ଟାଇଗର୍ସ ବିଜୟୀ

ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍-ଟି୨୦)ରେ ବୁଧବାର ମାତ୍ର ଗୋଟିଏ ମ୍ୟାଚ ସମ୍ଭବ ହୋଇଛି। ଏଥିରେ ଓଡ଼ିଶା ଟାଇଗର୍ସ ୪ ଉଇକେଟରେ ଓଡ଼ିଶା ଜାଗୁଆର୍ସକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜାଗୁଆର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୪୧ ରନ କରିଥିଲା। ଅନିଲ ପରିଡ଼ା ସର୍ବାଧିକ ୫୦ ରନ କରିଥିବାବେଳେ ବିପକ୍ଷ ଦଳର ଟୁକୁନା ସାହୁ ୨ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଟାଇଗର୍ସ ୧୯.୫ ଓଭରରେ ୬ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରି ନେଇଥିଲା। ୨୭ ବଲ୍‌ରୁ ୩୧ ରନକରି ଅପରାଜିତ ରହିଥିବା ବିକ୍ରମ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଗୌରବ ଚୌଧୁରୀ ୩୫ ରନ କରିଥିଲେ। ଓସିଏ ସଦସ୍ୟ ଉପେନ୍ଦ୍ର କୁମାର ଦାସ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ପାନ୍ଥର୍ସ ଓ ଚିତାସ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିଲା।


ୱିମ୍ବଲେଡନ: ଆନକା ଟୋଡୋନିଙ୍କ ବିପକ୍ଷରେ ଫୋରହ୍ୟାଣ୍ଡ ଶଟ୍ ଖେଳୁଛନ୍ତି କୋକୋ ଗଫ୍।

# ତୃତୀୟ ରାଉଣ୍ଡରେ କୋକୋ ଗଫ୍

ୱିମ୍ବଲେଡନ୍

ୱିମ୍ବଲେଡନ୍,୩।୭(ପି.ଟି.)

ଟେନିସ୍ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ୱିମ୍ବଲେଡନ୍‌ର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଆମେରିକାର କୋକୋ ଗଫ୍। କୋର୍ଟ-୧ରେ ଖେଳା ଯାଇଥିବା ମ୍ୟାଚ୍‌ରେ ରୋମାନିଆର ଆନ୍କା ଟୋଡୋନିଙ୍କୁ ୬-୨, ୬-୧ ସେଟରେ ପରାସ୍ତ କରିଥିଲେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଗଫ୍। ମହିଳା ଖେଳାଳିଙ୍କ ମଧ୍ୟରେ ଏଲିନା ସ୍ୱିତୋଲିନା, ଡାନିଏଲ କଲିନ୍ସ, ବିଟ୍ରିଜ୍ ହଦଦ ମାଇୟା, ସୋନାୟ କାର୍ଟାଲ ବିଜୟୀ ହୋଇଛନ୍ତି। ଏଲିନା ସ୍ୱିତୋଲିନା ୭-୫, ୬-୭(୯/୧୧) ଓ ୬-୩ ସେଟରେ ବିଜୟୀ ହୋଇଥିଲେ। ପ୍ରଥମ ସେଟରେ ସ୍ୱିତୋଲିନା ସହଜ ବିଜୟ ହାସଲ କରିଥିଲେ। ତେବେ ପରବର୍ତ୍ତୀ ସେଟକୁ ଟାଇବ୍ରେକରରେ ଜିତିଥିଲେ ଲିନେଟ୍। ଅନ୍ତିମ ରାଉଣ୍ଡ ଜିତିବା ସହ ସ୍ୱିତୋଲିନା ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ୧୧ ନମ୍ବର ସିଡ୍ ଡାନିଏଲ କଲିନ୍ସ ୬-୩, ୭-୬(୭/୪) ସେଟରେ କ୍ଲାରା ଟଉସନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ବ୍ରାଜିଲର ବିଟ୍ରିଜ ହଦଦ ମାଇୟା ୭-୫, ୬-୩ର ସିଧାସଳଖ ସେଟରେ ମାଗଦାଲେନା ଫ୍ରିଚଙ୍କୁ ହରାଇ ପ୍ରଥମ ରାଉଣ୍ଡ ପାର କରିଛନ୍ତି। ସ୍ଥାନୀୟ ଖେଳାଳି ସୋନାୟ କାର୍ଟାଲ ୬-୩, ୫-୭ ଓ ୬-୩ ସେଟରେ ଫ୍ରାନ୍ସର କ୍ଲାରା ବୁରେଲଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରଷ ଖେଳାଳିଙ୍କ ମଧ୍ୟରେ ଡିଫେଣ୍ଡିଂ ଚାମ୍ପିୟନ କାର୍ଲୋସ ଅଲକାରାଜ ଗାର୍ଫିଆ ଅଷ୍ଟ୍ରେଲିଆର ଆଲେକଜାଣ୍ଡର ଭୁକିକ୍‌ଙ୍କୁ ୭-୬(୭/୫), ୬-୨, ଓ ୬-୨ ସେଟରେ ପରାସ୍ତ କରପ୍ର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଫ୍ରାନ୍ସିସ ଟିଆଫୋ ୭-୬(୭/୫), ୬-୧ ଓ ୬-୩ ସେଟରେ ବୋର୍ନା ସୋରିସ୍‌ଙ୍କୁ,୧୩ ନମ୍ବର ସିଡ୍ ଟେଲର ଫ୍ରିଟ୍ଜ ୬-୧, ୬-୨ ଓ ୬-୪ ସେଟରେ କ୍ରିଷ୍ଟୋଫର ଓ କନେଲଙ୍କୁ, ବ୍ରାଣ୍ଡନ ନାକାଶିମା ୬-୩, ୬-୨, ୬-୨ ସେଟରେ ଜୋର୍ଡାନ ଥମ୍ପସନଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଭାରତୀୟ ଖେଳାଳି ସୁମିତ ନାଗାଲ ଡବଲ୍ସ-ଦୁସାନ ଲାଜୋଭିକଙ୍କ ଯୋଡି ୬-୨, ୬-୨ ସେଟରେ ଜାଉମେ ମୁନାର-ପେଡ୍ରୋ ମାର୍ଟିନେଙ୍କ ନିକଟରୁ ହାରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ରୋହନ ବୋପାନ୍ନାଙ୍କ ମ୍ୟାଚ ବର୍ଷା କାରଣରୁ ସ୍ଥଗିତ ରହିଥିଲା।








NEXA Safety Shield
Standard Across All Variants
- SUZUKI-TECT BODY
- DUAL FRONT AIRBAGS
- ESP
- SEAT BELT PRE-TENSIONERS WITH FORCE LIMITERS
- ISOFIX CHILD SEAT ANCHORAGES
- PEDESTRIAN PROTECTION COMPLIANCE
- COMPLIANT WITH -
  - FULL FRONTAL IMPACT
  - FRONTAL OFFSET IMPACT
  - SIDE IMPACT

Features and accessories shown may not be a part of standard fitment. Black glass shade on the vehicle is due to lighting effect. Images used are for illustration purposes only.

"VISIT YOUR NEAREST NEXA DEALERSHIP TO GET EXCITING OFFERS UP TO ₹ 1 00 000*"

Know more about the Advanced Grand Vitara | Scan to chat on WhatsApp

**BHUBANESWAR: NEXA TWIN CITY** (SKY AUTOMOBILES PH: 7064400101),
**NEXA GAJAPATI NAGAR** (TUSHI MOTORS PVT. LTD. PH: 6372932426),
**NEXA RAJ BHAVAN ROAD** (NARAYANI MOTORS PH: 9583022008),
**NEXA CYBER CITY** (JYOTE MOTORS PH: 9776615032), **CUTTACK: NEXA STADIUM RD** (JYOTE MOTORS PH: 7440005202).

Contact us at **1800-200-[6392], 1800-102-[NEXA]** and visit **www.nexaexperience.com** to book online.

8 YEAR WARRANTY ON THE BATTERY^
Maruti Suzuki offers warranty of 8 years on Strong Hybrid battery.

*Terms & conditions apply. Black glass shade on the vehicle is due to the lighting effect. For details on functioning of safety features, including airbags, kindly refer to owner's manual. ‡Fuel efficiency as certified by test agency under rule 115 of CMVR 1989, with Fuel Tank capacity of 45L, range is 1258.65 km (45L x 27.97km/l) under standard test conditions. Results may differ depending on actual driving, road, and other conditions. Car model and accessories shown may vary from the actual product and car colour may vary due to printing on paper. All offers are brought to you by NEXA dealers only. Offers may vary subject to the model and variant purchased. Offers applicable for Zeta+ and Alpha+ variants of Grand Vitara only. All offers are applicable till 07th July'24 or till stocks last. Maruti Suzuki reserves the right to withdraw offers at any point in time without any advance notice. ^Maruti Suzuki offers warranty of ninety six (96) months or 1,60,000 kilometers (whichever occurs first) for Hybrid Electric Vehicle (HEV) battery from the date of invoice to the first owner.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ